ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Friday, March 3/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 99 | ମୂଲ୍ୟ ₹୭/-



**ନାଗାଲାଣ୍ଡର ପ୍ରଥମ ମହିଳା ଏମ୍‌ଏଲ୍‌ଏ ଜଖାଲୁ, କ୍ରୁସେ**

ନାଗାଲାଣ୍ଡ ବିଧାନସଭାରେ ୨ ଜଣ ମହିଳା ପ୍ରଥମ ଥର ପାଇଁ ନିର୍ବାଚିତ ହୋଇ ଇତିହାସ ରଚିଛନ୍ତି। ସେମାନେ ହେଲେ ଜଖାଲୁ ଏବଂ କ୍ରୁସେ।

୦୨

୦୪

**ଲିଙ୍ଗଗତ ଅସମାନତା ଉପରେ ଶ୍ୱେତରୂପାଙ୍କ ଅଧ୍ୟୟନ**

ପାରାଦୀପରେ ରହୁଥିବା ମେଧାବୀ ଛାତ୍ରୀ ଶ୍ୱେତରୂପା ମିଶ୍ର ଏବେ ଲଣ୍ଡନର ସୋଆସ ବିଶ୍ୱବିଦ୍ୟାଳୟରେ ପିଜି କରୁଛନ୍ତି। ସେ ଭାରତରୁ ଏକମାତ୍ର ଛାତ୍ରୀ।



**ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ପାଇବେ ସାହିତ୍ୟ ଭାରତୀ ସମ୍ମାନ**

ପୃଷ୍ଠା-୩

**ଆଜିର ମନ୍ତବ୍ୟ**

"ଭାଜପା-ଏନ୍‌ଡିପିପି ମେଣ୍ଟକୁ ନାଗାଲାଣ୍ଡବାସୀ ବିପୁଳ ସମର୍ଥନ ଦେଇଥିବାରୁ ବିଜୟ ସମ୍ଭବ ହୋଇପାରିଛି।

– ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**ଆଜିର ସମ୍ପାଦକୀୟ**

**ନୂଆ ବିଚାର ଓ ନୈତିକ ବିପ୍ଳବ**




# ତ୍ରିପୁରା, ନାଗାଲାଣ୍ଡରେ ଭାଜପା

## ମେଘାଳୟରେ ଏନ୍‌ପିପି

**ଅଗରତାଲା/ଶିଲଂ/କୋହିମା/ନୂଆଦିଲ୍ଲୀ,୨।୩**

ଉତ୍ତର-ପୂର୍ବାଞ୍ଚଳର ୩ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ବିଧାନସଭାରେ ପୁନର୍ବାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଭାରତୀୟ ଜନତା ପାର୍ଟି (ଭାଜପା)ର ଦଖଲ ରହିବ। କାରଣ ତ୍ରିପୁରାରେ ଭାଜପା ଏବଂ ଏହାର ସହଯୋଗୀ ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି)କୁ ସ୍ପଷ୍ଟ ବହୁମତ ମିଳିଛି। ଏଠାରେ ଭାଜପା ୩୨ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ସେହିପରି ନାଗାଲାଣ୍ଡରେ ଭାଜପା ଏବଂ ମୁଖ୍ୟମନ୍ତ୍ରୀ ନେଫିଉ ରିଓଙ୍କ ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି) ମିଳିତ ଭାବେ ୩୭ ଆସନ ଦଖଲ କରିଛନ୍ତି। ମେଘାଳୟ ଭୋଟର ଖଣ୍ଡିତ ଜନାଦେଶ ଦେଇ ଝୁଲା ବିଧାନସଭା ସ୍ଥିତି ଉପୁଜାଇଥିବାବେଳେ ୨୬ ଆସନ ପାଇଥିବା ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗ୍‌ମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଭାଜପା ସମେତ ଅନ୍ୟ ଦଳ ସହ ମେଣ୍ଟ ସରକାର ଗଢ଼ିବା ଏକପ୍ରକାର ନିଶ୍ଚିତ ହୋଇଛି। ଅର୍ଥାତ୍ ଏହି ୩ ରାଜ୍ୟରେ କ୍ଷମତା ପରିବର୍ତ୍ତନ ହୋଇନାହିଁ। ଶାସକ ମେଣ୍ଟ ପୂର୍ବବତ୍ ସ୍ଥିତାବସ୍ଥା ବଜାୟ ରଖିଛନ୍ତି। ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ବିଧାନସଭାରେ ୬୦ଟି ☞ପୃଷ୍ଠା-୪

**ଉତ୍ତର-ପୂର୍ବ ଜନାଦେଶ ୨୦୨୩**

| ତ୍ରିପୁରା (୬୦) | |
|---|---|
| ଭାଜପା | ୩୨ |
| ସିପିଆଇ (ଏମ୍) | ୧୧ |
| କଂଗ୍ରେସ | ୩ |
| ଆଇପିଏଫ୍‌ଟି | ୧ |
| ଟିଏମ୍‌ପି | ୧୩ |

| ନାଗାଲାଣ୍ଡ (୬୦) | |
|---|---|
| ଭାଜପା | ୧୨ |
| ସ୍ୱାଧୀନ | ୪ |
| ଜେଡିୟୁ | ୧ |
| ଏଲ୍‌ଜେପି | ୨ |
| ଏନ୍‌ପିଏଫ୍ | ୨ |
| ଏନ୍‌ପିପି | ୫ |
| ଏନ୍‌ସିପି | ୫ |
| ଏନ୍‌ଡିପିପି | ୨୫ |
| ଆର୍‌ପିଆଇ | ୨ |

| ମେଘାଳୟ (୫୯/୬୦) | |
|---|---|
| ଟିଏମ୍‌ସି | ୫ |
| ଭାଜପା | ୨ |
| ଏଚ୍‌ଏସ୍‌ପିଡିପି | ୨ |
| ସ୍ୱାଧୀନ | ୨ |
| କଂଗ୍ରେସ | ୫ |
| ଏନ୍‌ପିପି | ୨୬ |
| ଏନ୍‌ସିପି | ୫ |
| ପିଡିଏଫ୍ | ୨ |
| ୟୁଡିପି | ୧୧ |
| ଭିପିପି | ୪ |


ମାଣିକ ଶାହ


ନେଫିଉ ରିଓ


କନରାଡ୍ ସାଙ୍ଗ୍‌ମା

# ସିଇସିଙ୍କୁ ନିଯୁକ୍ତ କରିବେ ରାଷ୍ଟ୍ରପତି

## ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା, ସିଜେଆଇଙ୍କୁ ନେଇ ଗଠିତ କମିଟି ସୁପାରିସ କରିବେ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨।୩ (ପି.ଟି.)**

ଭାରତର ରାଷ୍ଟ୍ରପତି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର(ଇସି)ଙ୍କୁ ନିଯୁକ୍ତି ଦେବେ। ଏଥିପାଇଁ ପ୍ରଧାନମନ୍ତ୍ରୀ, ଲୋକ ସଭାର ବିରୋଧୀ ଦଳ ନେତା ଏବଂ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ନେଇ ଗଠିତ କମିଟି ସୁପାରିସ୍ କରିବେ ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗଣତନ୍ତ୍ର ପାଇଁ ନିର୍ବାଚନରେ ପବିତ୍ରତା ଜରୁରୀ ବୋଲି ୫ ଜଣିଆ ସାମ୍ବିଧାନିକ ପୀଠ ମତ ଦେଇଛନ୍ତି। ଜଷ୍ଟିସ୍ କେ.ଏମ୍. ଯୋଶେଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ସର୍ବସମ୍ମତ ରାୟରେ କହିଥିଲେ, ଦୀର୍ଘଦିନ ହେଲା ନିର୍ବାଚନ ପ୍ରକ୍ରିୟାକୁ ଯେଉଁଭଳି ଅସାଧୁ ଉପାୟରେ ବ୍ୟବହାର କରାଯାଉଛି, ତାହା ଗଣତନ୍ତ୍ରକୁ କବର ଦେବା ପାଇଁ ସୁନିଶ୍ଚିତ ମାର୍ଗ। ନିର୍ବାଚନରେ ପବିତ୍ରତା ରହିବା ଜରୁରୀ, ନଚେତ୍ ଏହାର ପରିଣତି ଭୟଙ୍କର ହେବ ବୋଲି ଅଦାଲତ କହିଥିଲେ।

ନିର୍ବାଚନ କମିଶନ ନିଯୁକ୍ତି ନେଇ ପାର୍ଲାମେଣ୍ଟରେ ଆଇନ ପ୍ରଣୟନ ହେବା ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସାମ୍ବିଧାନିକ ପୀଠ କହିଛନ୍ତି। ସୂଚନାଯୋଗ୍ୟ, ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ସିଇସି ଏବଂ ଇସିମାନଙ୍କୁ ନିଯୁକ୍ତି ଦେଇ ଆସୁଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଯଦି ଲୋକ ସଭାରେ ବିରୋଧୀ ଦଳ ନେତା ନ ଥା'ନ୍ତି, ତେବେ ସିଇସି ଏବଂ ଇସି ନିଯୁକ୍ତି ପାଇଁ ଗଠିତ କମିଟିରେ ଏକକ ସର୍ବବୃହତ୍ ବିରୋଧୀ ଦଳର ନେତାଙ୍କୁ ନିଆଯିବ। ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି ଲାଗି ଏକ କଲେଜିୟମ ବ୍ୟବସ୍ଥା ରଖାଯିବାକୁ ନିବେଦନ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ରାୟ ପ୍ରଦାନ କରିଥିବା ସାମ୍ବିଧାନିକ ପୀଠରେ ଜଷ୍ଟିସ୍ କେ.ଏମ୍. ଯୋଶେଫ୍‌ଙ୍କ ସମେତ ଜଷ୍ଟିସ ଅଜୟ ରାସ୍ତୋଗୀ, ଅନିରୁଦ୍ଧ ବୋଷ, ହୃଷୀକେଶ ରାୟ ଏବଂ ସି.ଟି. ରବିକୁମାର ରହିଛନ୍ତି।



**ମୁକ୍ତ ଅବାଧ ନିର୍ବାଚନ ଲାଗି ଐତିହାସିକ ରାୟ: ବିରୋଧୀ**

ସିଇସି ଏବଂ ଇସି ନିଯୁକ୍ତି ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧୀ ଦଳଗୁଡ଼ିକ ସ୍ୱାଗତ କରିଛନ୍ତି। ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ କରାଇବାରେ ଏହା ଐତିହାସିକ ରାୟ ବୋଲି ସେମାନେ ମତ ଦେଇଛନ୍ତି। ସରକାରଙ୍କ ପ୍ରଭାବ ଏବଂ ନିର୍ଭରଶୀଳତାରୁ ନିର୍ବାଚନ କମିଶନକୁ ☞ପୃଷ୍ଠା-୪

## ଫେବୃୟାରୀରେ ଓଡ଼ିଶାର ଜିଏସ୍‌ଟି ସଂଗ୍ରହରେ ୪୦% ବୃଦ୍ଧି

**ଭୁବନେଶ୍ୱର,୨।୩(ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷର ଫେବୃୟାରୀରେ ରାଜ୍ୟ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଓ ସମନ୍ୱିତ ଜିଏସ୍‌ଟି ଫଇସଲା ବାବଦକୁ ଓଡ଼ିଶା ପାଇଥିବା ଜିଏସ୍‌ଟି ରାଜସ୍ୱରେ ୪୦ ପ୍ରତିଶତ ବୃଦ୍ଧି ଘଟିଛି। ଗତବର୍ଷ ଫେବୃୟାରୀରେ ୧୨୨୩.୨୨ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିବା ବେଳେ ଚଳିତବର୍ଷ ଫେବୃୟାରୀରେ ୧୭୧୨.୪୮ କୋଟି ଟଙ୍କା ସଂଗୃହୀତ ହୋଇଛି। ସେହିପରି ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ସୁଦ୍ଧା ୧୨୭୭୯ କୋଟି ଟଙ୍କା ମୋଟ ରାଜ୍ୟ ଜିଏସ୍‌ଟି ସଂଗୃହୀତ ହୋଇଥିବା ବେଳେ ଗତବର୍ଷ ଏହି ସମୟ ମଧ୍ୟରେ ମୋଟ ରାଜ୍ୟ ଜିଏସ୍‌ଟି ସଂଗ୍ରହ ପରିମାଣ ଥିଲା ୧୧୩୯୧.୭୬ କୋଟି ଟଙ୍କା। ଏ କ୍ଷେତ୍ରରେ ୧୨.୧୮ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଫେବୃୟାରୀ ମାସର ସାମଗ୍ରିକ ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ମଧ୍ୟ ୧୦.୧୯ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଚଳିତ ବର୍ଷ ୪୫୧୯.୩୫ କୋଟି ଟଙ୍କାର ସାମଗ୍ରିକ ଜିଏସ୍‌ଟି ସଂଗୃହୀତ ହୋଇଥିବାବେଳେ ଗତବର୍ଷ ଫେବୃୟାରୀରେ ଏହି ପରିମାଣ ଥିଲା ୪୧୦୧୪.୪୯ କୋଟି ଟଙ୍କା। ☞ପୃଷ୍ଠା-୪

# ଛାତ୍ରୀଙ୍କ ଗଳା କାଟିଦେଲେ ଯୁବକ

## ଯୁକ୍ତ ୨ ପରୀକ୍ଷା ଦେଇ ଫେରୁଥିଲେ, ଏମ୍‌କେସିଜିରେ ଭର୍ତ୍ତି

**ରାମନାଗୁଡ଼ା/ପଦ୍ମପୁର/ବିଷମକଟକ,୨।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡ଼ାରୀ ଥାନା ଅନ୍ତର୍ଗତ ରାମନାଗୁଡା ବ୍ଲକ ଗୁମୁଡ଼ା ମୁଖ୍ୟ ବଜାରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଛୁରିରେ ଜଣେ କଲେଜ ଛାତ୍ରୀଙ୍କ ଗଳା କାଟି ଦେଇଛନ୍ତି। ଛାତ୍ରୀ ଜଣକ ଯୁକ୍ତ ୨ ପରୀକ୍ଷା ଦେଇ ଘରକୁ ଫେରିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ଛାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାବେଳେ ଅଭିଯୁକ୍ତ ବିଷମକଟକ ଅଞ୍ଚଳର କେ. ତିରୁମାଲା(୨୮)ଙ୍କୁ ସ୍ଥାନୀୟ ଲୋକେ କାବୁ କରି ଗୁମୁଡ଼ା ଫାଣ୍ଡି ଜିମା ଦେଇଥିଲେ। ପ୍ରେମଜନିତ କାରଣରୁ ସେ ଏପରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ପ୍ରକାଶ ଯେ, ଗୁମୁଡା ଦ୍ରୌପଦୀ ଜୁନିୟର କଲେଜରେ ଛାତ୍ରୀ ଜଣକ ଯୁକ୍ତ ୨ଦ୍ୱିତୀୟ ବର୍ଷର ପରୀକ୍ଷା ଦେଇ ଘରକୁ ଫେରିବା ଲାଗି ଗୁମୁଡ଼ା ମୁଖ୍ୟ ବଜାରରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ତିରୁମାଲା ହଠାତ୍ ସାମ୍‌ନାକୁ ଚାଲିଆସି ଛୁରିରେ ଛାତ୍ରୀଙ୍କ ବେକ କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେଉଥିବା ଦେଖି ସ୍ଥାନୀୟ ଲୋକେ ଛାତ୍ରୀଙ୍କୁ ଉଦ୍ଧାର କରି ପଦ୍ମପୁର ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ତିରୁମାଲାଙ୍କୁ ଗୁଡାରି ଥାନାକୁ ନିଆଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦୀନବନ୍ଧୁ ଶବର କହିଛନ୍ତି। ଏ ନେଇ ନଂ.୧୬/୨୩ ରେ ମାମଲା ରୁଜୁ ହୋଇଛି।


ଅଭିଯୁକ୍ତ କେ. ତିରୁମାଲା

## ଆଇଟିଆଇ ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ଉମରକୋଟ, ୨।୩(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ) ହଷ୍ଟେଲରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ରାଇଘର ବ୍ଲକ ସାଲେଭଟା ଗ୍ରାମର ନାଗେଶ୍ୱରୀ ଗଣ୍ଡ(୨୦)। ସେ ଆର୍ ଆଣ୍ଡ ସି ଟ୍ରେଡ୍‌ର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ଜଣେ ମେଧାବୀ, ମେଳାପୀ ଛାତ୍ରୀଭାବେ ନାଗେଶ୍ୱରୀ ବେଶ୍ ପରିଚିତ। କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କ୍ଷେତ୍ରରେ ମଧ୍ୟ ଜଣେ ଉତ୍ତମ ଛାତ୍ରୀ ଭାବେ ଅନୁଷ୍ଠାନରେ ଖ୍ୟାତି ଅର୍ଜନ କରିଥିଲେ।

ପୋଲିସ ସୂଚନାନୁଯାୟୀ, ସରକାରୀ ଆଇଟିଆଇ କଲେଜ ଭିତରେ ଥିବା ୨ ନମ୍ବର ରୁମ୍‌ରେ ନାଗେଶ୍ୱରୀ ଅନ୍ୟ ୨ ଛାତ୍ରୀଙ୍କ ସହ ରହୁନ୍ତି। ବୁଧବାର ରାତିରେ ୩ ଜଣ ଖାଇବାକୁ ମେସ୍‌କୁ ଆସିଥିଲେ। ତେବେ ନାଗେଶ୍ୱରୀ ପ୍ରଥମେ ଖାଇ ସାରି ହଷ୍ଟେଲ ରୁମ୍‌କୁ ଆସି ☞ପୃଷ୍ଠା-୪

# ଦମ୍ପତିଙ୍କ ଗଳାକାଟି ହତ୍ୟା ଘଟଣା, ୩ ଅଟକ

## ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀକୁକୁର ସହାୟତାରେ ତଦନ୍ତ

**ସୋର,୨।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସବିରା ପଞ୍ଚାୟତର ମୁନିସବିରା ଗ୍ରାମରେ ଦମ୍ପତିଙ୍କ ଗଳାକାଟି ହତ୍ୟା ଘଟଣାରେ ପୋଲିସ ସନ୍ଦେହରେ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏନେଇ ସୋର ଥାନାରେ ଏକ ମାମଲା (ନଂ. ୧୩୧/୨୩) ରୁଜୁ କରାଯାଇଛି। ଗୁରୁବାର ସୋର ଥାନା ଅଧିକାରିଣୀ ସୁଜାତା ଖମାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ମୁନିସବିରା ଗ୍ରାମର ରଘୁନାଥ ବେହେରା (୩୫) ଓ ତାଙ୍କ ସ୍ତ୍ରୀ ପ୍ରଭାତୀ ବେହେରା (୩୦) ଘର ଠାରୁ ଦେଢ଼କି.ମି. ଦୂରରେ ଏକ କୁକୁଡ଼ା ଫାର୍ମ, ମାଛଚାଷ ଓ ପରିବା ଚାଷ କରି ଜୀବିକା ନିର୍ବାହ କରିଥିଲେ। ଫାର୍ମରେ ଉଭୟ ଦମ୍ପତି ରକ୍ଷଣାବେକ୍ଷଣା କରି ଘରକୁ ଖାଇବାକୁ ଆସନ୍ତି। ପ୍ରତିଦିନ ରାତିରେ ଫାର୍ମରେ ଶୋଇଥାନ୍ତି। ବୁଧବାର ରାତିରେ ଏହି ଦମ୍ପତିଙ୍କୁ ହଠାତ୍ ହତ୍ୟା କରାଯିବା ଘଟଣାକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସୋର ପୋଲିସ ରଘୁନାଥଙ୍କ ମା' ସାବିତ୍ରୀ ବେହେରାଙ୍କଠାରୁ ପଚାରି ତଦନ୍ତ ଚଳାଇଛି। ମୃତଦେହ ଜବତ କରାଯାଇ ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


ମୃତ ଦମ୍ପତି। (ଫାଇଲ ଫଟୋ)

# ରୁବୀ ହେଲେ ରୁବୀ

**ପାଟନା, ୨।୩**

ପ୍ରେମ ଅନ୍ଧ। ପ୍ରେମ କରିବା ପୂର୍ବରୁ ବର୍ଣ୍ଣ, ଜାତି କିମ୍ବା ଗୁଣକୁ ଦେଖାଯାଏ ନାହିଁ। ଅଜବ ପ୍ରେମ ଘଟଣାକୁ ନେଇ ଅନେକ ସମୟରେ ଘଟଣାମାନ ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲରେ ଦେଖିବାକୁ ମିଳୁଛି। ତେବେ ସେମିତି ଏକ ଅଜବ ପ୍ରେମ କାହାଣୀ ବିହାରରୁ ସାମ୍ନାକୁ ଆସିଛି। ବିହାର ଖଗରିଆ ଜିଲାର ରୁବୀ ଦେବୀ ୨୦୦୯ ରେ ନୀରଜ କୁମାର ସିଂଙ୍କୁ ବୈଦିକ ରୀତିନୀତିରେ ବାହାହୋଇଥିଲେ। ନୀରଜଙ୍କ ଔରସରୁ ରୁବୀଙ୍କର ୪ଟି ସନ୍ତାନ ଥିଲେ। ପରବର୍ତ୍ତୀ ସମୟରେ ରୁବୀ ପାଖ ପସ୍ରହାଗ୍ରାମର ମୁକେଶ ନାମକ ଅନ୍ୟ ଜଣେ ବିବାହିତ ବ୍ୟକ୍ତିଙ୍କ ପ୍ରେମରେ ପଡ଼ିଗଲେ। ସେମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ପ୍ରେମ ସମୟକ୍ରମେ ଏତେ ମଜଭୁତ ହୋଇଯାଇଥିଲା ଯେ, ଦୁହେଁ ପରସ୍ପରକୁ ଛାଡ଼ି ରହିପାରୁ ନ ଥିଲେ। ଫଳରେ ଗୋଟିଏ ଦିନ ସେମାନେ ଘରଛାଡ଼ି ଚାଲିଯିବାକୁ ନିଷ୍ପତ୍ତି ନେଲେ। ରୁବୀ ପ୍ରେମିକଙ୍କ ସହ ଗତବର୍ଷ ଫେବୃୟାରୀ ୬ରେ ଫେରାର୍ ହୋଇଥିଲେ। ସେ ନିଜ ସହ ତାଙ୍କ ୩ ପିଲାଙ୍କୁ ନେଇ ଯାଇଥିବାବେଳେ ସେପଟେ ଘରେ ନୀରଜଙ୍କ ପାଖରେ ଛାଡ଼ିଚାଲିଯାଇଥିଲେ ତାଙ୍କ ଗୋଟିଏ ଝିଅକୁ। ବିବାହିତ ମୁକେଶଙ୍କ ସ୍ତ୍ରୀଙ୍କ ନାଁ ମଧ୍ୟ ରୁବୀ ଦେବୀ ଓ ତାଙ୍କର ୨ ପିଲା ଥିଲେ।

ନୀରଜଙ୍କ ସ୍ତ୍ରୀ ରୁବୀଙ୍କୁ ମୁକେଶ ଅପହରଣ କରି ନେଇଥିବା ଅଭିଯୋଗ କରିବା ପରେ ଗାଁରେ ପଞ୍ଚାୟତ ବସିଥିଲା। ଗାଁ ପଞ୍ଚାୟତ ପକ୍ଷରୁ ଯେଉଁ ନିଷ୍ପତ୍ତି ନିଆଗଲା ସେଥିରେ ମୁକେଶ ରାଜି ହେଲେ ନାହିଁ। ଘଟଣାକୁ କିଛିଦିନ ବିତିଯିବା ପରେ ମୁକେଶଙ୍କ ସ୍ତ୍ରୀ ରୁବୀ ଦେବୀଙ୍କ ନମ୍ବର ନୀରଜଙ୍କୁ କୌଣସି ସୂତ୍ରରୁ ମିଳିଯାଇଥିଲା। ଏହାପରେ ଦୁହେଁ ଫୋନ୍‌ରେ କଥା ହେବା ଆରମ୍ଭ କଲେ। ଘଣ୍ଟା ଘଣ୍ଟା ଫୋନ୍ ଯୋଗେ କଥା ହେଉ ହେଉ ଦୁହେଁ ପରସ୍ପର ପ୍ରେମରେ ପଡ଼ିଯାଇଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ପରିବାରର ସମ୍ମତିକ୍ରମେ ସେମାନଙ୍କର ବାହାଘର ହୋଇଥିଲା। ନୀରଜ ମୁକେଶଙ୍କ ୨ ପିଲାଙ୍କୁ ଗ୍ରହଣ କରିବାକୁ ମଧ୍ୟ ରାଜି ହୋଇଥିଲେ। ତେବେ ପ୍ରତିଶୋଧପରାୟଣ ହୋଇ ମୁକେଶଙ୍କ ସ୍ତ୍ରୀ ରୁବୀଙ୍କ ସହିତ ନୀରଜ ପ୍ରେମ ସମ୍ପର୍କ ଗଢ଼ିଥିବା ଆଲୋଚନା ହେଉଛି। ସୂଚନାଯୋଗ୍ୟ ଦୁଇ ଦମ୍ପତି ମଧ୍ୟପ୍ରଦେଶରେ ରହୁଛନ୍ତି। ନୀରଜ ଟାଟା କମ୍ପାନୀରେ କାମ କରୁଥିବାବେଳେ ମୁକେଶ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।


ନୀରଜଙ୍କ ସହ ମୁକେଶଙ୍କ ପୂର୍ବତନ ସ୍ତ୍ରୀ ରୁବୀ

# ଲକ୍ଷ୍ମଣଙ୍କୁ ୩ କି.ମି. ଭାରରେ ବୋହିଲେ ନାତି


ଦୋଳାରେ ଲକ୍ଷ୍ମଣଙ୍କୁ ବୋହି ନେଉଛନ୍ତି ନାତି ସୁରେନ୍ଦ୍ର।

**ଦଶମନ୍ତପୁର,୨।୩( ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ ପଞ୍ଚାୟତର ଥିବା ସଲପଗୁଡ଼ା ଗ୍ରାମରେ ଜଣେ ଗୁରୁତର ରୋଗୀ ଭାରରେ ବୁହାହୋଇ ଡାକ୍ତରଖାନା ଯିବା ପରି ଦୃଶ୍ୟ ଗୁରୁବାର ଦେଖିବାକୁ ମିଳିଛି। ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡିଥିବାରୁ ତାଙ୍କୁ ତାଙ୍କ ନାତି ୩ କି.ମି. ଭାରରେ ବୋହି ଡାକ୍ତରଖାନା ନେଇଥିଲେ।

ଖବରରୁ ଜଣାପଡିଛି, ଗ୍ରାମର ଲକ୍ଷ୍ମଣ ହିକକା (୬୨)ଙ୍କ ବୁଧବାରଠାରୁ ପରିସ୍ରାରେ ସମସ୍ୟା ଦେଖାଦେଇଥିଲା। ରାସ୍ତା ଅବସ୍ଥା ଏବଂ ଗ୍ରାମ ନିକଟରେ ଥିବା ପୋଡ଼ ନଦୀ ପାର ହୋଇ ସେ ଡାକ୍ତରଖାନା ଯାଇପାରୁ ନ ଥିଲେ। ତେବେ ସେ ପରିସ୍ରା ବନ୍ଦଜନିତ ସମସ୍ୟା ଯୋଗୁ ଗୁରୁବାର ଗୁରୁତର ହୋଇପଡିଥିଲେ। ଲକ୍ଷ୍ମଣଙ୍କ ଅବସ୍ଥା ଦେଖି ତାଙ୍କ ନାତି ସୁରେନ୍ଦ୍ର ହିକକା ତାଙ୍କୁ ଡାକ୍ତରଖାନା ନେବାକୁ ଏକ ଦୋଳା (ଭାର) ପ୍ରସ୍ତୁତ କରି ସେଥିରେ ଲକ୍ଷ୍ମଣଙ୍କୁ ବସାଇ ସମ୍ପର୍କୀୟ ଜହନ ହିକକାଙ୍କ ସହାୟତାରେ ବୋହି ଆଣୁଥିଲେ। ଏହି ସମୟରେ ସୂଚନା ପାଇ ଅଞ୍ଚଳର ଯୁବ ଖବରଦାତାମାନେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇ ସେଥିରେ ତାଙ୍କୁ ବାଟରୁ ଆଣି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।



ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ଧର୍ମନଗରରେ ଉତ୍ସବ ମନାଉଛନ୍ତି ଦଳୀୟ କର୍ମୀ।

# ତ୍ରିପୁରାରେ ଭାଜପାର ଚ୍ୟାଲେଞ୍ଜର ପ୍ରଦ୍ୟୋତ

## ଟିଏମ୍‌ପି ୨ ବର୍ଷରେ ଦ୍ୱିତୀୟ ବଡ଼ ଦଳ

**ଅଗରତଳା, ୨।୩:** ତ୍ରିପୁରା ରାଜପରିବାର ମୁଖ୍ୟ କିରୀଟ ପ୍ରଦ୍ୟୋତ ମାଣିକ୍ୟ ଦେବବର୍ମନ ବାହାଦୁରଙ୍କ ନେତୃତ୍ୱାଧୀନ ତିପ୍ରା ମୋଥା ପାର୍ଟି (ଟିଏମ୍‌ପି) ପ୍ରଥମ ଥର ନିର୍ବାଚନ ଲଢ଼ି ୧୩ ଆସନ ହାତେଇଛି। ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିଲେ ପ୍ରଦ୍ୟୋତ କିଙ୍ଗମେକର ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି କୁହାଯାଉଥିଲା। ଟିଏମ୍‌ପି ପ୍ରଥମ ଥର ବିଧାନସଭା ନିର୍ବାଚନ ଲଢ଼ି ଏତେ ଆସନ ଦଖଲ କରିବା ଭାଜପା ପାଇଁ ଚିନ୍ତାର କାରଣ ହୋଇପାରେ। ତିପ୍ରାଲ୍ୟାଣ୍ଡ ଗଠନ ଦାବି କରୁଥିବା ଏହି ଦଳ ଭାଜପା ସହଯୋଗୀ ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି)ର ଆଦିବାସୀ ଭୋଟବ୍ୟାଙ୍କକୁ ଛଡ଼ାଇନେଇଛନ୍ତି।



ଏଥର ପ୍ରଦ୍ୟୋତ ନିଜେ ନିର୍ବାଚନ ଲଢ଼ି ନ ଥିଲେ। କିନ୍ତୁ ତାଙ୍କ ଅଭ୍ୟୁଦୟ ଶାସକ ଭାଜପା ସମେତ କଂଗ୍ରେସ-ବାମଦଳ ମେଣ୍ଟକୁ ବିଶେଷ କ୍ଷତି ପହଞ୍ଚାଇଥିବା କୁହାଯାଉଛି। ଟିଏମ୍‌ପି ମାତ୍ର ୨ ବର୍ଷ ମଧ୍ୟରେ ଦ୍ୱିତୀୟ ବଡ଼ ଦଳ ଭାବେ ଉଭା ହୋଇଥିବାରୁ ତିପୁରାବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି ପ୍ରଦ୍ୟୋତ।

# ଇତିହାସ ରଚିଲେ ଜଖାଲୁ, କ୍ରୁସେ

## ନାଗାଲାଣ୍ଡ ବିଧାନସଭାରେ ପ୍ରଥମ ମହିଳା ଏମ୍‌ଏଲ୍‌ଏ

**କୋହିମା, ୨।୩**

୧୯୬୩ରେ ରାଜ୍ୟ ମାନ୍ୟତା ପାଇଥିବା ନାଗାଲାଣ୍ଡରେ ୧୯୬୪ ଫେବୃୟାରୀ ୧୧ରେ ବିଧାନସଭା ପ୍ରତିଷ୍ଠା କରାଯାଇଥିଲା। ସେବେଠୁ କୌଣସି ମହିଳା ବିଧାନସଭାରେ ପ୍ରତିନିଧିତ୍ୱ ସୁଯୋଗ ପାଇ ନ ଥିଲେ। ନିକଟରେ ଅନୁଷ୍ଠିତ ୬୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ମଇଦାନରେ ମୋଟ ୧୮୩ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୪ ଜଣ ମହିଳା ଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ବିଜୟୀ ହୋଇ ଇତିହାସ ରଚିଛନ୍ତି। ଆମେରିକାରେ ପାଠ ପଢ଼ିଥିବା ଆଇନଜୀବୀ ହେକାନି ଜଖାଲୁ ଏବଂ ସାମାଜିକ କର୍ମୀ ସଲହୋଉଟୁଓନୁଓ କ୍ରୁସେ ଶାସକ ଏନ୍‌ଡିପିପିରୁ ପ୍ରାର୍ଥୀ ହୋଇଥିଲେ। ଜଖାଲୁ ଦିମାପୁର ତୃତୀୟ ଆସନରେ ଲୋକ ଜନଶକ୍ତି ପାର୍ଟି (ରାମବିଲାସ) ପ୍ରାର୍ଥୀ ଅଝେଟୋ ଝିମୋମିଙ୍କୁ ୧,୫୩୬



ହେକାନି ଜଖାଲୁ ସଲହୋଉଟୁଓନୁଓ କ୍ରୁସେ

ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। କ୍ରୁସେ କୋହିମା ଜିଲାର ୱେଷ୍ଟର୍ନ ଅଙ୍ଗାମି ଆସନରେ ସ୍ୱାଧୀନ ପ୍ରାର୍ଥୀ କେନେଇଝାଖୋ ନଖ୍‌ରୋଙ୍କଠାରୁ ମାତ୍ର ୭ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ଏହି ଖ୍ରୀଷ୍ଟିଆନ ବହୁଳ ରାଜ୍ୟରୁ ୧୯୭୭ରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟିର ରାନୋ ଏମ୍. ଶାଇଜା ପ୍ରଥମ ମହିଳା ଭାବେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏହାର ୪୫ ବର୍ଷ ପରେ ଭାଜପାର ଫାଙ୍ଗନୋନ୍ କୋନ୍ୟାକ୍ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରିଥିଲେ।

# ଶାହାଙ୍କୁ ଫୋନ୍ କଲେ ସାଙ୍ଗ୍‌ମା



ମେଘାଳୟ ମୁଖ୍ୟମନ୍ତ୍ରୀ ତଥା ଏନ୍‌ପିପି ଅଧ୍ୟକ୍ଷ କନ୍‌ରାଡ୍ ସାଙ୍ଗ୍‌ମା ସାଉଥ୍ ତୁରା ଆସନରୁ ବିଜୟୀ ହେବା ପରେ ନିଜ ସମର୍ଥକମାନଙ୍କୁ ଅଭିବାଦନ ଜଣାଉଛନ୍ତି।

**ଶିଲଂ, ୨।୩**

୬୦ ଆସନ ବିଶିଷ୍ଟ ମେଘାଳୟ ବିଧାନସଭାରେ ମ୍ୟାଜିକ୍ ନମ୍ବର ହେଉଛି ୩୧। ନିକଟରେ ଅନୁଷ୍ଠିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗ୍‌ମାଙ୍କ ଦଳ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)କୁ ୨୭ ଆସନରେ ସଫଳତା ମିଳିଛି। ତେଣୁ ଲୋକ ସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ପି.ଏ. ସାଙ୍ଗ୍‌ମାଙ୍କ ପୁଅ କନ୍‌ରାଡ୍ ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଫୋନ୍ କରି ସହଯୋଗ ଲୋଡ଼ିଛନ୍ତି। ଏହି ଉତ୍ତର-ପୂର୍ବ ରାଜ୍ୟରେ ଭାଜପା ମାତ୍ର ୨ ଆସନ ପାଇଛି। ତେବେ

**ଏନ୍‌ପିପିକୁ ଆଉ ୭ ବିଧାୟକଙ୍କ ସମର୍ଥନ ଲୋଡ଼ା**

ସାଙ୍ଗ୍‌ମା ଫୋନ୍ କରି ସହାୟତା ମାଗିବା ମାତ୍ରେ ଶାହା ଅବିଳମ୍ବେ ତାଙ୍କ ଅନୁରୋଧ ରକ୍ଷା କରିଛନ୍ତି। ଏନ୍‌ପିପିକୁ ଭାଜପା ସମର୍ଥନ କରିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ତଥା ଉତ୍ତର-ପୂର୍ବାଞ୍ଚଳରେ ଏନ୍‌ଡିଏ ମ୍ୟାନେଜର ହିମନ୍ତ ବିଶ୍ୱଶର୍ମା ଘୋଷଣା କରିଛନ୍ତି। ମେଘାଳୟରେ ଝୁଲା ବିଧାନସଭା ଗଠନ ହୋଇପାରେ ବୋଲି ଏକ୍‌ଜିଟ୍ ପୋଲ୍‌ରୁ ଜଣାପଡ଼ିବା ପରେ ସାଙ୍ଗ୍‌ମା ଓ ବିଶ୍ୱଶର୍ମା ଗୁଆହାଟୀରେ ମନ୍ତ୍ରଣା କରିଥିଲେ।



ଏଆଇଏମ୍‌ଆଇଏମ୍‌ର ୬୫ତମ ପ୍ରତିଷ୍ଠା ଦିବସରେ ହାଇଦ୍ରାବାଦ ମୁଖ୍ୟାଳୟରେ ଦଳୀୟ ପତାକା ଉତ୍ତୋଳନ କରୁଛନ୍ତି ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି।

# ଉତ୍ତରପୂର୍ବରେ ବିକାଶର ଧାରା ଜାରି ରହିବ: ମୋଦି

**ନୂଆଦିଲ୍ଲୀ, ୨।୩**

ଉତ୍ତର-ପୂର୍ବର ୩ ପ୍ରମୁଖ ରାଜ୍ୟରେ ଭାଜପାର ପ୍ରଦର୍ଶନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ତ୍ରିପୁରା, ମେଘାଳୟ ଏବଂ ନାଗାଲାଣ୍ଡ ଭୋଟରମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ କେବଳ ସଂଖ୍ୟାଲଘୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜନୀତି କରୁଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହି ୩ ରାଜ୍ୟକୁ ନ୍ୟୂନ ମନେକରିଥିବାରୁ ନିର୍ବାଚନରେ ତାଙ୍କ ଦଳର ନିକୃଷ୍ଟ ପ୍ରଦର୍ଶନ ଦେଖିବାକୁ ମିଳିଛି। ଏହା ହେଉଛି, ଉତ୍ତରପୂର୍ବାଞ୍ଚଳ ପ୍ରତି କଂଗ୍ରେସର ଅପମାନ। ଏଭଳି



ମାନସିକତା ସର୍ବପୁରାତନ ଦଳକୁ ବୁଡ଼ାଇବାରେ ଲାଗିଛି। ବର୍ତ୍ତମାନ ଉତ୍ତରପୂର୍ବାଞ୍ଚଳରେ ଶାନ୍ତି, ସମୃଦ୍ଧି, ସ୍ଥିରତା ଓ ବିକାଶର ନୂଆ ଇତିହାସ ସୃଷ୍ଟିର ସମୟ ଉପନିତ। ଏହି ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ବିରୋଧୀଙ୍କ ସ୍ୱର ଚପାଇଦେବା ଲାଗି ଷଡ଼ଯନ୍ତ୍ର: ଭାଜପା

- ଆଜି ସବୁ ଥାନାରେ ଡିଜି, ପୋଲିସ କମିଶନ, ଡିସିପିଙ୍କ ବିରୋଧରେ ଏତଲା ଦେବ ଦଳ
- ୪ରେ ଏସ୍‌ପି ଅଫିସ୍ ଆଗରେ ବିକ୍ଷୋଭ
- ଏତଲା ନ ରଖିଲେ ନ୍ୟାୟାଳୟ ଦ୍ୱାରସ୍ଥ
- ଜେଲରେ ଗିରଫ କର୍ମୀଙ୍କୁ ଭେଟିଲେ ବିରୋଧୀ ଦଳ ନେତା, ବିଧାୟକ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଭାଜପା ଯୁବମୋର୍ଚ୍ଚା କର୍ମୀ ଏବଂ ପୋଲିସ ହାତାହାତି ହେବା ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପୁଣି ରାସ୍ତାକୁ ଓହ୍ଲାଇବା ସହିତ ଆନ୍ଦୋଳନ ତୀବ୍ରତର କରିବାକୁ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଘଟଣାର ପ୍ରତିବାଦରେ ଶୁକ୍ରବାର ଭାଜପା ପକ୍ଷରୁ ରାଜ୍ୟର ସବୁ ଥାନାରେ ପୋଲିସ ଡିଜି, ଭୁବନେଶ୍ୱର-କଟକ ପୋଲିସ କମିଶନର ଏବଂ ଡିସିପିଙ୍କ ବିରୋଧରେ ଏତଲା ଦିଆଯିବ। ସେହିପରି ଆସନ୍ତା ୪ରେ ରାଜ୍ୟର ପ୍ରତ୍ୟେକ ଏସ୍‌ପି ଅଫିସ ଆଗରେ ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବେ । ଏହାସତ୍ତ୍ୱେ ଏତଲା ଗ୍ରହଣ ନ କଲେ ଏଥିନେଇ ପୋଲିସକୁ ଅଦାଲତି ନିର୍ଦ୍ଦେଶ ପାଇଁ ଫଟୋ, ଭିଡିଓ ଓ ଅନ୍ୟାନ୍ୟ ପ୍ରମାଣ ସହ ଭାଜପା ନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ରାଜ୍ୟ ସରକାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ହତ୍ୟା ଲାଗି ଅପଚେଷ୍ଟା କରୁଛନ୍ତି। ଓଡ଼ିଶା ସରକାର ଅହଂକାରର ଚରମସୀମାରେ ପହଞ୍ଚିଛନ୍ତି। ବିରୋଧୀ ଦଳ କାର୍ଯ୍ୟକର୍ତ୍ତାଙ୍କ ଉପରେ ବିଜେଡି ସରକାରର ହିଂସାତ୍ମକ ଆଭିମୁଖ୍ୟ ଓ ଆଚରଣ ଗଣତନ୍ତ୍ର ପ୍ରତି ବିପଦ। ଗତ ୨୮ ତାରିଖରେ ଯୁବମୋର୍ଚ୍ଚା ଆନ୍ଦୋଳନକୁ ରାଜ୍ୟ ସରକାର ଯେଉଁଭଳି ଷଡ଼ଯନ୍ତ୍ର କରି ଆକ୍ରୋଶମୂଳକ ଭାବେ ଦମନ କରିବା ପାଇଁ ପ୍ରୟାସ କରିଛନ୍ତି ତାହା ଓଡ଼ିଶା ଇତିହାସରେ ପ୍ରଥମ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କେତେଜଣ ନିର୍ଦ୍ଦିଷ୍ଟ ପୋଲିସ ଅଧିକାରୀ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଗୋଇଠା, ବିଧା ମାରି ଗୁରୁତର ଆହତ କରିବା ସହ ତାଙ୍କ ନାଁରେ ୩୦୭ ଭଳି ସଙ୍ଗିନ ଦଫା ଲଗାଇ ଜେଲରେ ଭର୍ତ୍ତି କରିଛନ୍ତି। ଏଭଳି ଅମାନୁଷିକ ଆକ୍ରମଣରେ ସମ୍ପୃକ୍ତ ଥିବା ସମସ୍ତ ପୋଲିସ ଅଧିକାରୀ, ସାଦା ପୋଷାକରେ ଥିବା ବିଜେଡି ଗୁଣ୍ଡାଙ୍କ ବିରୋଧରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କ୍ୟାପିଟାଲ ଥାନାରେ ଦିଆଯାଇଥିବା ଏତଲାକୁ ପଞ୍ଜୀକୃତ କରା ନ ଯିବା ଦୁର୍ଭାଗ୍ୟଜନକ ଏବଂ ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ ବୋଲି ସେ କହିଛନ୍ତି। ଅନ୍ୟପଟେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଭାଜପା ବିଧାୟକମାନେ ଗୁରୁବାର ଝାରପଡ଼ା ଜେଲକୁ ଯାଇ ଗିରଫ ଯୁବମୋର୍ଚ୍ଚା କର୍ମୀ ଓ ନେତାଙ୍କୁ ଭେଟିଛନ୍ତି। ସେଠାରୁ ଫେରିବା ପରେ ଜୟନାରାୟଣ କହିଛନ୍ତି, ଯୁବମୋର୍ଚ୍ଚା କର୍ମୀଙ୍କ ବିରୋଧରେ ମିଛ ମାମଲା କରି ସେମାନଙ୍କୁ ଜେଲକୁ ପଠାଯାଇଛି। ପୋଲିସ ଓ ସରକାର ଷଡ଼ଯନ୍ତ୍ର କରି ବିରୋଧୀଙ୍କ ସ୍ୱରକୁ ଚପାଇବାର ଅପଚେଷ୍ଟା କରିଛନ୍ତି। ପୋଲିସ ଯେଉଁମାନଙ୍କୁ ଗିରଫ କରିଛି ସେମାନେ ଆନ୍ଦୋଳନରେ ନ ଥିଲେ। ରାଜ୍ୟର ଦେଢ଼ କୋଟି ଯୁବକ ଏବେ ଯୁବମୋର୍ଚ୍ଚାର ଏହି ଆନ୍ଦୋଳନ ପଛରେ ଅଛନ୍ତି। ସେମାନଙ୍କ ସ୍ୱରକୁ ସରକାର ଚପାଇପାରିବେ ନାହିଁ। ପୋଲିସ ବିଜେଡିର କର୍ମୀ ଭଳି କାମ କରୁଛି। ଶେଷ ସମୟ ଆସିଲେ ଦୀପ ହୁତୁହୁତୁ ହୋଇ ଜଳେ ବୋଲି ଜୟନାରାୟଣ କହିଛନ୍ତି।

# ନୀରବତା ଭାଙ୍ଗୁ ଓଡ଼ିଶା ଭାଜପା: ବିଜେଡି

## '୯ ବର୍ଷରେ ରନ୍ଧନ ଗ୍ୟାସ୍ ଦର ୩ ଗୁଣା ବଢ଼ିଛି'

## ସୌମ୍ୟବାବୁ ଆଉ ତାଙ୍କ ପାଖରେ ନାହାନ୍ତି: ମୋହନ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଦରଦାମ ବୃଦ୍ଧିକୁ ନେଇ ବିଜେଡି ଭାଜପାକୁ ଟାର୍ଗେଟ କରିଛି। ମା' ଭଉଣୀଙ୍କ ଆଖିରେ ଚୁଲି ଧୂଆଁ ବାଜି ଯେଭଳି ଲୁହ ନ ବାହାରିବ ସେଥିପାଇଁ କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାରେ ରିହାତି ଦରରେ ରନ୍ଧନଗ୍ୟାସ୍ ସିଲିଣ୍ଡର ଯୋଗାଣ ଯୋଜନା କରିଥିଲେ। ହେଲେ ଏଲ୍‌ପିଜି ରନ୍ଧନ ଗ୍ୟାସ୍‌ର ଦର ଦ୍ରୁତ ଗତିରେ ବୃଦ୍ଧି କେବଳ ଓଡ଼ିଶାର ମା' ଓ ଭଉଣୀଙ୍କ ଆଖିରେ ଲୁହ ଆଣିଦେଇ ନାହିଁ ବରଂ ସବୁ ପରିବାର ଆଖିରେ ଲୁହ ଆଣିଦେଇଛି। ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ବିଜେଡି ପ୍ରବକ୍ତା ଶ୍ରୀମୟୀ ମିଶ୍ର କହିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ସହିତ ଇନ୍ଧନ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ଓଡ଼ିଶାର ୪.୫ କୋଟି ଲୋକଙ୍କୁ ଯନ୍ତ୍ରଣା ଦେଉଥିବା ବେଳେ ଏଲ୍‌ପିଜି ରନ୍ଧନ ଗ୍ୟାସ୍‌ର ମୂଲ୍ୟ ହ୍ରାସ କରିବାକୁ କେନ୍ଦ୍ର ଗୁରୁତ୍ୱ ଦେଉଥିବା ମନେହେଉନାହିଁ। ମାର୍ଚ୍ଚ ୨୦୧୪ ରେ



ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଦଳର ମୁଖପାତ୍ର ଶ୍ରୀମୟୀ ମିଶ୍ର।

ଗୋଟିଏ ଘରୋଇ ଏଲ୍‌ପିଜି ସିଲିଣ୍ଡର (୧୪.୨ କିଲୋଗ୍ରାମ ସିଲିଣ୍ଡର)ର ମୂଲ୍ୟ ୪୧୦ ଟଙ୍କା ଥିଲାବେଳେ ତାହା ୨୦୨୩ ମାର୍ଚ୍ଚ ପହିଲାରୁ ୧୧୦୩ ଟଙ୍କା ହୋଇଛି। ଗତ ୯ ବର୍ଷ ମଧ୍ୟରେ ସିଲିଣ୍ଡରର ମୂଲ୍ୟ ପ୍ରାୟ ୩ ଗୁଣ ବୃଦ୍ଧି କରାଯାଇଛି। ରନ୍ଧନ ଗ୍ୟାସ୍‌ର ଏପରି ଆକାଶଛୁଆଁ ଦରବୃଦ୍ଧି ଯୋଗୁ ଲକ୍ଷ ଲକ୍ଷ ମା' ଓ ଭଉଣୀମାନେ ଏହି ଗ୍ୟାସ୍ ସିଲିଣ୍ଡର ଭରି ନ ପାରି ପୁନର୍ବାର ଜାଳେଣି କାଠ ବ୍ୟବହାର କରିବାକୁ ବାଧ ହେଉଛନ୍ତି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ପ୍ରତି ବ୍ୟକ୍ତିଙ୍କ ପାଇଁ ଦେଉଥିବା ମାସିକ ୫ କିଲୋଗ୍ରାମ ମାଗଣା ଚାଉଳକୁ ବନ୍ଦ କରିଦେଲେ। କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି କରି ସାଧାରଣ ଲୋକଙ୍କ ଉପରେ ୨ ଗୁଣା ବୋଝ ଲଦି ଦେଇଛନ୍ତି। ଓଡ଼ିଶା ଭାଜପା କାହିଁକି ଚୁପ୍ ଅଛି ବୋଲି ଏମାନେ ପ୍ରଶ୍ନ କରିଛନ୍ତି। ତୁରନ୍ତ ଗ୍ୟାସ୍ ମୂଲ୍ୟ ହ୍ରାସ କରିବା ପାଇଁ ଭାରତ ସରକାର ପଦକ୍ଷେପ ନେବାକୁ ଏହି ବିଜେଡି ନେତା ଦାବି କରିଛନ୍ତି।

ଅପରପକ୍ଷେ ଏହାର ଜବାବରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଦରଦାମ ନିୟନ୍ତ୍ରଣ ଲାଗି କେନ୍ଦ୍ର ସରକାର ଚିନ୍ତାପ୍ରକଟ କରନ୍ତି ଏବଂ ଯୋଜନା କରନ୍ତି। ଗ୍ୟାସ୍ କିମ୍ବା ପେଟ୍ରୋଲ ଦରବୃଦ୍ଧି ଅନ୍ତର୍ଜାତୀୟ ଦର ପ୍ରଭାବରୁ ହୋଇଥାଏ। ନିକଟରେ ହୋଇଥିବା ଗ୍ୟାସ୍ ଦର ବୃଦ୍ଧି ତା'ର ପ୍ରତିଫଳନ। ସୌମ୍ୟବାବୁ ଆଉ ତାଙ୍କ ପାଖରେ ନାହାନ୍ତି। ସେ ଧୀରେ ଧୀରେ ବିଜେଡି ଏବଂ ରାଜ୍ୟ ସରକାରଙ୍କଠାରୁ ଦୂରେଇ ଯାଉଛନ୍ତି। ସେଥିପାଇଁ ତାଙ୍କ ମୁହଁରେ କୁହାଉଛନ୍ତି ଦଳ ସାଙ୍ଗରେ ସେ ଅଛନ୍ତି। କିନ୍ତୁ ବାସ୍ତବରେ ସେ ତାଙ୍କ ସାଙ୍ଗରେ ନାହାନ୍ତି, ଆଉ କିଛି ଦିନ ଭିତରେ ଜଣାପଡ଼ିଯିବ ସୌମ୍ୟବାବୁ ବାସ୍ତବରେ କାହାର ବୋଲି ମୋହନ କହିଛନ୍ତି।

# ସରୋଜ କନ୍ଧମାଳ, ଜଗବନ୍ଧୁ ଗଜପତି ଜିଲା ସଭାପତି

## ବିଜେଡି ଜିଲା କମିଟି ଗଠିତ

- ଗଜପତି ପାଇଁ ୧୩ ଉପସଭାପତି, ୧୨ ସାଧାରଣ ସମ୍ପାଦକ ,୧୩ ସମ୍ପାଦକ, ୧୫ ଯୁଗ୍ମ ସମ୍ପାଦକ
- କନ୍ଧମାଳ ପାଇଁ ୭ ଉପସଭାପତି, ୧୭ ସାଧାରଣ ସମ୍ପାଦକ, ୧୯ ସମ୍ପାଦକ, ୧୫ ଯୁଗ୍ମ ସମ୍ପାଦକ ନିଯୁକ୍ତ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ବିଜେଡି କନ୍ଧମାଳ ଓ ଗଜପତି ଜିଲା କମିଟିର ପୁନର୍ଗଠନ ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଗୁରୁବାର ଏ ନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ କରାଯାଇଛି। ଗଜପତି ଜିଲାର ୨ ନେତା ପ୍ରଦୀପ ନାୟକ ଓ ବସନ୍ତ ଦାସଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ଜଗବନ୍ଧୁ ଦାସଙ୍କୁ ଗଜପତି ବିଜେଡି ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି । ଏହାଛଡା ୧୩ ଜଣଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଲକ୍ଷ୍ମୀକାନ୍ତ ପରିଚ୍ଛା, ଏସ୍. ଗଜପତି ରାଓ, ବୋରା ଲକ୍ଷ୍ମୀନାରାୟଣ, ନିର ଭୂୟାଁ, ରଘୁରାମ ସାହୁ, ୱାଇ. ରାମଚନ୍ଦ୍ର ରାୟ, ରୋକମ ସତିଶ, ଆର. ବିଜୟ କୁମାର, ଦଣ୍ଡସି ସାହୁ, ଲଜାର ମାଝି, ସୁଦାମ ଶବର ଏବଂ ଜେମ୍ସ ରାଇକା। ସେହିପରି ଜିଲା କମିଟିରେ ୧୨ ସାଧାରଣ ସମ୍ପାଦକ ,୧୩ ସମ୍ପାଦକ ଓ ୧୫ ଯୁଗ୍ମ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷଙ୍କୁ ଦାୟିତ୍ୱ ମିଳିଛି। ଜିଲାରେ ଥିବା ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ସହ କାଶୀନଗର ଏନ୍‌ଏସି ଏବଂ ୭ ବ୍ଲକର ନୂଆ ସଭାପତି ନିଯୁକ୍ତି ଦିଆଯାଇଛି। ସେହିପରି କନ୍ଧମାଳ ଜିଲା ସଭାପତି ଭାବେ ସରୋଜ କର୍ଣ୍ଣଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା କମିଟିରେ କ୍ଲେଶ ପ୍ରଧାନ, ଲାଲାନନ୍ଦ ପ୍ରଧାନ, ଭୂଷଣ ପ୍ରଧାନ, କୃଷ୍ଣ ମୋହନ ପଣ୍ଡା, ହୃଷୀକେଶ ପାଢ଼ୀ, ବୈନେତ୍ରୀ କଅଁର ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହି ଜିଲା କମିଟିରେ ୧୭ ସାଧାରଣ ସମ୍ପାଦକ, ୧୯ ସମ୍ପାଦକ ଓ ୧୫ ଯୁଗ୍ମ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷଙ୍କ ସହ ଡିଜିଟାଲ ଓ ମିଡିଆ ପାଇଁ ସାଧାରଣ ସମ୍ପାଦକ ଓ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଜିଲାର ମ୍ୟୁନିସିପାଲିଟି, ବ୍ଲକ ଓ ଏନ୍‌ଏସି ପାଇଁ ମଧ୍ୟ ନୂତନ ସଭାପତିଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି।

**ପରିତ୍ୟକ୍ତ ଖଣିରେ ବୁଡ଼ି ମହିଳା ମୃତ**

ଯୋଡ଼ା,୨।୩(ଡି.ଏନ୍.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଧା ଫାଣ୍ଡି ଅଧୀନ ଇଙ୍ଗାଣିଝରଣଠାରେ ଥିବା ଏକ ପରିତ୍ୟକ୍ତ ଖଣି ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ବସ୍ତିର ବାସନ୍ତୀ ପାତ୍ର(୫୦)।




# ସରିଲା ବ୍ରାଇଡାଲ ମେକ୍‌ଅପ୍ ପାଠ୍ୟକ୍ରମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ୪୦ କୃତୀ ମହିଳାଙ୍କୁ 'ବ୍ରାଇଡ୍ ଅଫ୍ ଓଡ଼ିଶା' ପ୍ରମାଣପତ୍ର

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ଆୟୋଜିତ ବ୍ରାଇଡାଲ ମେକ୍‌ଅପ୍ ପାଠ୍ୟକ୍ରମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ମିଶନ ଶକ୍ତି ବିଭାଗର ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଜିଲାର ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀରୁ ଆସି ପ୍ରଶିକ୍ଷଣ ନେଉଥିବା ୪୦ଜଣ କୃତୀ ମହିଳାଙ୍କୁ 'ବ୍ରାଇଡ୍ ଅଫ୍ ଓଡ଼ିଶା' ଉତ୍ତରଣ ଏବଂ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ମହିଳା ସଶକ୍ତୀକରଣ ପାଇଁ ଓଡ଼ିଶା ବ୍ରାଇଡାଲ ମେକ୍‌ଅପ୍ ପାଠ୍ୟକ୍ରମ ଏକ ନୂତନ ଉଦ୍ୟମ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ଅଭିଜ୍ଞତା ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଓ ମିଶନ ଶକ୍ତି ସଚିବଙ୍କ ନେତୃତ୍ୱରେ ଏହା ସଫଳ ହୋଇଛି। ଏହି ପ୍ରଶିକ୍ଷଣ ଦ୍ୱାରା ସେମାନେ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ ହୋଇପାରିବେ। ଏଥିସହ ନିଜ ଅଞ୍ଚଳର ଅନ୍ୟ ମହିଳାଙ୍କୁ ତାଲିମ୍ ଦେଇ ସ୍ୱାବଲମ୍ବୀ କରାଇବାରେ ସହାୟକ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଳକା ମିଶ୍ର, ଅଧ୍ୟକ୍ଷ ସଙ୍ଗରଣ ଗୋପାଳ, ଉପାଧ୍ୟକ୍ଷ ଶୁଭଙ୍ଗ କିଶୋର ଦାସଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# କଲରାପତରିଆର ମିଳୁନି ପତ୍ତା

**ସୁନ୍ଦରଗଡ଼/ବଡଗାଁ,୨।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଟିମନା ଗାଁ ନିକଟକୁ ବୁଧବାର ପଶି ଆସିଥିବା ଏକ କଲରାପତରିଆ ବାଘକୁ କାବୁ କରିବାରେ ବନ ବିଭାଗ କର୍ମଚାରୀମାନେ ଅଦ୍ୟାବଧି ସଫଳ ହୋଇନାହାନ୍ତି । ଜଙ୍ଗଲ ବିଭାଗର ବନ୍ୟପ୍ରାଣୀ ସୁରକ୍ଷା ଟିମ୍ ଜଙ୍ଗଲରେ ଜାଲ ବିଛାଇ ଜଗି ରହିଛନ୍ତି । ବାଘଟି ନିକଟସ୍ଥ ଟିମନା ଭାଲୁମୁଣ୍ଡା ସଂରକ୍ଷିତ ଜଙ୍ଗଲ ଦେଇ ୭ କିଲୋମିଟର ଦୂର ଝାଡ଼ଖଣ୍ଡ ଜଙ୍ଗଲକୁ ପଳାଇ ଯାଇଥିବା ଅନୁମାନ କରାଯାଉଛି। ବୁଧବାର ପୂର୍ବାହ୍ନରେ ଗାଁ ନିକଟ ବିଲରେ ବାଘ ବୁଲୁଥିବାର କେତେଜଣ ଗ୍ରାମବାସୀ ଦେଖି ଫରେଷ୍ଟ ରେଞ୍ଜରଙ୍କୁ ସୂଚନା ଦେଇଥିଲେ। ପରେ ବନ କର୍ମଚାରୀମାନେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିଥିଲେ । ଲୋକେ ଘେରି ଯାଇ ପାଟି କରିବାରୁ ବାଘ ଏକ ବୁଦାମୂଳେ ଲୁଚି ରହିଥିଲା । ଫଳରେ ବୁଦା ନିକଟରେ ଛେଳି ବାନ୍ଧି ଓ ଜାଲ ବିଛାଇ ବନ କର୍ମଚାରୀମାନେ ରାତି ପର୍ଯ୍ୟନ୍ତ ଜଗି ରହିଥିଲେ। ଏହି ସମୟରେ କୌଣସି କାରଣରୁ ଜଙ୍ଗଲରେ ନିଆଁ ଲାଗିଯିବାରୁ ବାଘ ଭୟରେ ଦୌଡି ପଳାଇଯିବା ବେଳେ ଜଣେ ବନ କର୍ମଚାରୀଙ୍କ ଦେହରେ ଘଷି ହୋଇ ଯାଇଥିବା କୁହାଯାଉଛି । ରାଉରକେଲା ବନ ବିଭାଗର ଟ୍ରାଙ୍କୁଲାଇଜ୍ ଟିମ୍ ଏଠାରେ ପହଞ୍ଚି ବାଘକୁ କାବୁ କରିବା ପାଇଁ ତନାଘନା ଚଳାଇଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ବାଘ ଧରା ପଡ଼ି ନ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସୂଚନାଯୋଗ୍ୟ, ପାହାଡ ପାଦଦେଶରେ ଟିମନା ଗାଁ ଅବସ୍ଥିତ ।

# ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ପାଇବେ ସାହିତ୍ୟ ଭାରତୀ ସମ୍ମାନ

## ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସମ୍ମାନ, ପୁରସ୍କାର ଘୋଷଣା

**କଟକ ଅଫିସ,୨।୩**

ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସର୍ବୋଚ୍ଚ 'ସାହିତ୍ୟ ଭାରତୀ ସମ୍ମାନ : ୨୦୨୩' ସାହିତ୍ୟିକ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ପ୍ରଦାନ କରାଯିବ। ଏହି ସମ୍ମାନ ବାବଦକୁ ତାଙ୍କୁ ୧ ଲକ୍ଷ ଟଙ୍କା ଓ କୋଣାର୍କ ସୂର୍ଯ୍ୟ ମନ୍ଦିରର ରୌପ୍ୟ ପ୍ରତିକୃତି ଦିଆଯିବ। ସେ ଜଣେ କବି ଭାବେ ଖ୍ୟାତି ଅର୍ଜନ କରିଥିଲେ ବି ଅଦ୍ୟାବଧି ୩୨୩ ଖଣ୍ଡ ପୁସ୍ତକ ରଚନା ସହିତ ଅନେକ ଅନୁବାଦ କାର୍ଯ୍ୟ କରି ସାରସ୍ୱତ ଜଗତରେ ନିଜର ସ୍ୱତନ୍ତ୍ରତାକୁ ପ୍ରତିପାଦିତ କରିଛନ୍ତି। ତାଙ୍କର ସାରସ୍ୱତ କର୍ମ ପାଇଁ ଓଡ଼ିଆ ସାହିତ୍ୟ ବିଶେଷ ଭାବରେ ଋଦ୍ଧିମନ୍ତ ହୋଇଛି। ଏତଦ୍ ବ୍ୟତୀତ ଚିତ୍ରକଳା କ୍ଷେତ୍ରରେ ମଧ ତାଙ୍କର ବେଶ୍ ସୁନାମ ରହିଛି। କଟକ ଦରଘା ବଜାରସ୍ଥିତ ଗଙ୍ଗାଧର ରଥଙ୍କ ବାସଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନ ପକ୍ଷରୁ ଚଳିତ ବର୍ଷର ଅନ୍ୟାନ୍ୟ ସମ୍ମାନ ଓ ପୁରସ୍କାର ସମ୍ପର୍କରେ ସମ୍ପାଦିକା ସୁସ୍ମିତା ରଥ ଘୋଷଣା କରିଛନ୍ତି।


ଶ୍ରୀନିବାସ ଉଦ୍‌ଗାତା

ଫାଉଣ୍ଡେଶନର ପ୍ରତିଷ୍ଠାତାଙ୍କ ନାମରେ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀଙ୍କୁ ପ୍ରଦାନ କରାଯିବ। ଏହି ସମ୍ମାନ ସହ ତାଙ୍କୁ ଏକ ରୌପ୍ୟ ଫଳକ ଓ ମାନପତ୍ର ପ୍ରଦାନ କରାଯିବ। କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ କବି ଭଗବାନ ଜୟସିଂହଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଏବଂ କଥାସାହିତ୍ୟରେ ବିଶେଷ କୃତିତ୍ୱ ନିମନ୍ତେ କଥାକାର ମାନସୀ ଦାସଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ଉଭୟଙ୍କୁ ୨୫ହଜାର ଲେଖାଏ ଟଙ୍କା ଓ ଉପଢୌକନ ଦିଆଯିବ। ସେହିପରି ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡ. ମୌସୁମୀ ପରିଡ଼ା ଓ ରବିନାରାୟଣ ଦାଶଙ୍କୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାରରେ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯିବ। ଆଗାମୀ ୧୯ ତାରିଖରେ କଳାବିକାଶ କେନ୍ଦ୍ରଠାରେ ଆୟୋଜିତ ସାରସ୍ୱତ ସମାରୋହରେ ଏହି ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯିବ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟବକ୍ତା ଭାବେ କବି ଅପର୍ଣ୍ଣା ମହାନ୍ତି ଯୋଗଦେବେ। ଫାଉଣ୍ଡେଶନର ଟ୍ରଷ୍ଟି ଡା. ଜୟନ୍ତ ରଥ, ଡ. ବିଜୟାନନ୍ଦ ସିଂହ ଓ ଆଇନଜୀବୀ ସଞ୍ଜୟ ରଥ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୯୯୬ରୁ ଏହି ସମ୍ମାନରେ ବହୁ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଆସୁଛି।








DSPL - 469

ଓଡ଼ିଶା ସରକାର

ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ ୨୦୨୨- ୨୦୨୩

ଚଳିତ ରବି ଋତୁ (ଧାନ ସଂଗ୍ରହ ବର୍ଷ 2022-23) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ଲ୍ୟାମ୍ପସ୍/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି) ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ | ରବି ଧାନ ସଂଗ୍ରହ ତା.1.5.2023 ରୁ ତା.30.6.2023 ମଧ୍ୟରେ ହେବ |

ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ

- ଗତ ରବିଋତୁରେ ପଞ୍ଜିକୃତ ଚାଷୀମାନେ ନବୀକରଣ କରି ଚଳିତ ରବିଋତୁ ପାଇଁ ପୁନଃ ପଞ୍ଜିକୃତ ହେବେ |
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. 1.3.2023 ରୁ ତା. 15.3.2023 ମଧ୍ୟରେ ଉପଲବ୍ଧ ହେବ | ସମିତି ସମ୍ପାଦକ www.foododisha.in ପୋର୍ଟାଲରେ login କରି Farmer registration link ରେ ଥିବା renewal form tab ରୁ download କରି ଏହା print କରିବେ |
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟୱାରୀ ଉଲ୍ଲିଖିତ ଥିବ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ |

ନୂତନ ଚାଷୀଙ୍କ ପଞ୍ଜିକରଣ

- ଯେଉଁ ଚାଷୀମାନେ ଗତ ରବିଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website www.foododisha.in ରେ ମଧ ଉପଲବ୍ଧ | ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ |

ଚାଷୀମାନଙ୍କର ଦାୟିତ୍ୱ

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ
- ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର/ ମୋବାଇଲ ନମ୍ବର ପ୍ରଦାନ କରିବେ । ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ ପ୍ରଦାନ କରିବେ। ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନ'ହେଲେ ଭାଗଚାଷୀ ପଞ୍ଜିକରଣ ଗ୍ରହଣ ଯୋଗ୍ୟ ହେବ ନାହିଁ |
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. 1.3.2023 ରୁ 20.3.2023 ମଧ୍ୟରେ ଦାଖଲ କରିବେ |
- ରବି ଚାଷ କରାଯାଇଥିବା ପ୍ଲଟ ୱାରୀ ଜମି ବିବରଣୀ ବାବଦରେ ସତ୍ୟ ଏବଂ ବାସ୍ତବ ତଥ୍ୟ ପ୍ରଦାନ କରିବେ। ଚାଷ ହେଉଥିବା ଜମିର ପରିମାଣ ସମ୍ବନ୍ଧରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ ନିୟମ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନକରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ |

ସମିତି କର୍ମକର୍ତ୍ତାଙ୍କ ଦାୟିତ୍ୱ

- ନବୀକରଣ ଫର୍ମ ପ୍ରିଣ୍ଟ କରି ( ପୂର୍ବରୁ ପଞ୍ଜିକୃତ) ଚାଷୀମାନଙ୍କୁ ତୁରନ୍ତ ପ୍ରଦାନ କରିବେ ।
- ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ | ଯେଉଁ ଦିନ ଫର୍ମ ହସ୍ତଗତ ହେବ,ସନ୍ନିବେଶିତ ତଥ୍ୟ ସେହି ଦିନ ବା ଅତି ବେଶୀରେ ତା' ପର ଦିନ digitize କରିବେ |
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ | ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।
- ଚାଷ ଅଯୋଗ୍ୟ ଜମି କିସମକୁ ପଞ୍ଜିକରଣ କରିବେ ନାହିଁ । କେବଳ ଜଳସେଚିତ ଜମିର ପଞ୍ଜିକରଣ କରିବେ। ମିଥ୍ୟା ତଥ୍ୟ ପଞ୍ଜିକରଣରେ ସହାୟତା କଲେ ତାହା ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ହେବ |
- ଅଯୋଗ୍ୟ / ଅନୁଚିତ ବ୍ୟକ୍ତି ବିଶେଷଙ୍କୁ ପଞ୍ଜିକରଣ କରିବେ ନାହିଁ ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମ ଏବଂ ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.1.3. 2023 ରୁ ତା.26.3.2023 ମଧ୍ୟରେ ତାଙ୍କ LOGIN ରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ |
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ ଚାଷୀ ତାଲିକା 30.4.2023 ମଧ୍ୟରେ ନିଶ୍ଚିତ ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ | ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ |

ଅଭିଯୋଗ / ପରାମର୍ଶ

- ଯଦି କୋଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ହେଲ୍ପଲାଇନ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ |

OIPR-07001/13/0014/2223

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

FoodOdisha @Food_Odisha www.foododisha.in

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଉଳ ପତର ବଉଳ ବାଆ**
**କୋଳି ଗଣ୍ଡାକର ଘର**
**ଷାଠିଏ ଟଙ୍କାର ବଳଦ ବାନ୍ଧି**
**ନାଥେ ହେଲେ ହରବର ।**

ଅଭାବରୁ ହୀନସ୍ତା । ବହୁ ମୂଲ୍ୟ ବିନିମୟରେ ବଳଦ ଆଣି ତା'ର ଉପଯୁକ୍ତ ଭାବେ ପାଳନ କରି ନ ପାରି ହରଡ଼ଘଣାରେ ପଡ଼ିଯାଇଥିବା ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅନଳ ନଳା**
**ଧଳା ବଳଦକୁ କରୁଛି କଳା ।**

ଆମ ସମାଜରେ ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କଳାକୁ ଧଳା ଓ ଧଳାକୁ କଳା କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି । ସତକୁ ମିଛ ଓ ମିଛକୁ ସତ କହି ଲୋକଙ୍କୁ ଭ୍ରମିତ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏପରି କଟୁକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୭ କୋଟିର ନକଲି ଔଷଧ ଜବତ

## ନକଲି ଔଷଧର ଉତ୍ତରପ୍ରଦେଶ ଲିଙ୍କ୍

ଭୁବନେଶ୍ୱର,୨।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସ୍ଥାନରୁ ନକଲି ଔଷଧ ଜବତ ହେଉଛି । ଏହା କେଉଁଠୁ ଆସୁଛି ତାହା ଜାଣିବା ପାଇଁ ଓଡ଼ିଶା ସରକାର ଉତ୍ତରପ୍ରଦେଶ ସରକାରଙ୍କ ସହାୟତା ଲୋଡ଼ିଥିଲେ । ଓଡ଼ିଶା ସରକାରଙ୍କ ସୂଚନା ଓ ତଥ୍ୟ ଭିତ୍ତିରେ ଉତ୍ତର ପ୍ରଦେଶ ଷ୍ଟେଟ ଟାସ୍କ ଫୋର୍ସ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭କୋଟି ଟଙ୍କାର ନକଲି ଔଷଧ ଜବତ କରିଥିବା ଜଣାପଡ଼ିଛି । ଓଡ଼ିଶାର ବରଗଡ଼ ଓ ଝାରସୁଗୁଡ଼ା ଜିଲାରୁ ମିଳିଥିବା ସମସ୍ତ ନକଲି ଔଷଧ ଉତ୍ତର ପ୍ରଦେଶରୁ ଆସିଥିବା ଜଣାପଡ଼ିଛି ।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନାନୁସାରେ, ଉତ୍ତର ପ୍ରଦେଶ ଷ୍ଟେଟ ଟାସ୍କ ଫୋର୍ସ ବୁଲନ୍ଦସହରର ସିକନ୍ଦରାବାଦ ପୋଲିସ ଷ୍ଟେଶନ ଅନ୍ତର୍ଗତ ଅଶୋକ କୁମାରଙ୍କ ଘର ଉପରେ ଚଢ଼ାଉ କରିଥିଲା । ସେଠାରୁ ବିପୁଳ ପରିମାଣର ନକଲି ଔଷଧ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା । ପରେ ଅଶୋକଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଲହତାରା ଥାନା ଅନ୍ତର୍ଗତ ଅନ୍ୟ ଏକ ଗୋଦାମ ଉପରେ ମଧ୍ୟ ଚଢ଼ାଉ କରାଯାଇଥିଲା । ସେଠାରୁ ବହୁ ପରିମାଣର ନକଲି ଔଷଧ ଓ ନଗଦ ଟଙ୍କା ମଧ୍ୟ ଜବତ ହୋଇଥିଲା । ଜବତ ହୋଇଥିବା ଔଷଧର ମୂଲ୍ୟ ପ୍ରାୟ ୭.୩୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ନଗଦ ଆକାରରେ ୪ ଲକ୍ଷ ଟଙ୍କା ଜବତ କରାଯାଇଛି । ଏହି ଚଢ଼ାଉ ପରେ ଏକ ବଡ଼ଧରଣର ନକଲି ଔଷଧ ରାକେଟର ପର୍ଦ୍ଦାଫାଶ କରିଛି । ସୂଚନାଯୋଗ୍ୟ, ଚଳିତବର୍ଷ ଫେବୃୟାରୀ ମଧ୍ୟଭାଗରେ ଆନ୍ତଃରାଜ୍ୟ ନକଲି ଔଷଧ ଅନୁସନ୍ଧାନ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଟିମ୍ ଗଠନ କରି ଉତ୍ତରପ୍ରଦେଶ ପଠାଇଥିଲେ । ଏହି ତଦନ୍ତରେ ସହାୟତା ନିମନ୍ତେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତ ଉତ୍ତରପ୍ରଦେଶ ସରକାରଙ୍କ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ । ଓଡ଼ିଶା ଟିମ୍‌ଠାରୁ ପ୍ରାପ୍ତ ସୂଚନା ଭିତ୍ତିରେ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ, ଗିରଫ ଓ ପଚରାଉଚୁରା ଜାରି ରହିଛି । ରାଜ୍ୟ ସରକାର ପଠାଇଥିବା ସ୍ୱତନ୍ତ୍ର ଟିମ୍ ତାଙ୍କର ଅନୁସନ୍ଧାନ କାର୍ଯ୍ୟ ଚଳାଇ ରଖିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଲିଙ୍ଗଗତ ଅସମାନତା ଉପରେ ଲଣ୍ଡନରେ ପିଜି କରୁଛନ୍ତି ଶ୍ୱେତରୂପା

## ଭାରତରୁ ଏକମାତ୍ର ଛାତ୍ରୀ ଭାବେ ସୁଯୋଗ ପାଇଛନ୍ତି




**ପାରାଦୀପ,୨।୩(ସ୍ୱ.ପ୍ର.):** ପାରାଦୀପ ପିପିଏଲ ଟାଉନଶିପରେ ରହୁଥିବା ମେଧାବୀ ଛାତ୍ରୀ ଶ୍ୱେତରୂପା ମିଶ୍ର ଏବେ ଲଣ୍ଡନର ସୋଆସ(ସ୍କୁଲ ଅଫ୍ ଓରିଏଣ୍ଟାଲ ଆଣ୍ଡ୍ ଆଫ୍ରିକାନ୍ ଷ୍ଟଡିଜ) ବିଶ୍ୱବିଦ୍ୟାଳୟରେ ପିଜି କରୁଛନ୍ତି । ଲିଙ୍ଗଗତ ଅସମାନତା ଉପରେ ସେ ଭାରତର ଏକମାତ୍ର ଛାତ୍ରୀ ଭାବେ ଲଣ୍ଡନର ଏହି ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ପାଇଛନ୍ତି ବୋଲି ବାପା ସତ୍ୟନାରାୟଣ ମିଶ୍ର କହିଛନ୍ତି । ଶ୍ୱେତରୂପାଙ୍କ ଏହି ସଫଳତା ସମ୍ପର୍କରେ ଇଫ୍‌କୋ କମ୍ପାନୀ ତା'ର ବାର୍ଷିକ ପତ୍ରିକାରେ ପ୍ରମୁଖ ଭାବେ ଖବର ପ୍ରକାଶ କରିଛି ।

ସୂଚନାଯୋଗ୍ୟ, ଶ୍ୱେତରୂପା ପିପିଏଲ ଡିଏଭି ସ୍କୁଲରୁ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଦିଲ୍ଲୀର ଇନ୍ଦ୍ରପ୍ରସ୍ଥ ବିଶ୍ୱ ବିଦ୍ୟାଳୟରୁ ସ୍ନାତକ କରିଥିଲେ । ଦିଲ୍ଲୀରେ ଥିବାବେଳେ ସେ ଦୁଃଖୀ ଓ ଗରିବ ଲୋକଙ୍କ ସେବାରେ ନିୟୋଜିତ ଥିଲେ । ଏଥିସହ ତୃତୀୟ ଲିଙ୍ଗ (କିନ୍ନର)ସମ୍ପର୍କରେ ସଚେତନତା ସୃଷ୍ଟି କରୁଥିଲେ । ଆମେରିକା ମେକ୍ସିକୋର ଗ୍ଲୋବାଲ ସଂସ୍ଥା ଫେଡେରିକୋ ସାଲାସ ପ୍ରତିଯୋଗିତା ୨୦୨୧ରେ ସେ ଦ୍ୱିତୀୟ ସ୍ଥାନ ପାଇଥିଲେ । ଏମିତି ଅନେକ କୃତିତ୍ୱ ହାସଲ କରିବା ପରେ ଲଣ୍ଡନର ସୋଆସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ୱେତରୂପାଙ୍କୁ ପଢ଼ିବା ପାଇଁ ସୁଯୋଗ ମିଳିଛି । ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ତାଙ୍କୁ ଚୟନ କରାଯାଇଥିବା ବେଳେ ଏଥିପାଇଁ କୌଣସି ଫି' ଦେବାକୁ ପଡୁନାହିଁ ବୋଲି ବାପା ସତ୍ୟନାରାୟଣ କୁହନ୍ତି । ବାପା ଇଫ୍‌କୋ କମ୍ପାନୀର ପ୍ରଶାସନିକ ଅଧିକାରୀ ଥିବାବେଳେ ମା' ରୀନା ମହାପାତ୍ର ପିପିଏଲ୍ ଡିଏଭି ସ୍କୁଲର ବିଜ୍ଞାନ ବିଭାଗର ଅଧ୍ୟାପିକା । ତାଙ୍କ ପୈତୃକ ଗ୍ରାମ ଅନୁଗୋଳର ସଟରାଙ୍ଗ । ଆଗକୁ ଶ୍ୱେତରୂପା ମୂକ, ବଧିର ଭଳି ଭିନ୍ନକ୍ଷମ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରିବେ ବୋଲି କହିଛନ୍ତି ।

# ସିଲ୍ ହେଲା ସନ୍‌ରାଇଜ୍ ହସ୍ପିଟାଲ

**ରୋଗୀଙ୍କ ସ୍ୱାସ୍ଥ୍ୟକାର୍ଡ ବନ୍ଧକ ଘଟଣା**

## ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଅନୁବନ୍ଧିତ ନ ଥିଲା

କେନ୍ଦୁଝର,୨।୩(ସ୍ୱ.ପ୍ର.)

କେନ୍ଦୁଝର ସହର ବଣିଆପାଟ କଲେଜ ରୋଡ୍‌ରେ ଦୀର୍ଘ ବର୍ଷ ହେଲା ଚାଲିଆସୁଥିବା ସନ୍‌ରାଇଜ୍ ହସ୍ପିଟାଲକୁ ଗୁରୁବାର ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସିଲ୍ କରିଦିଆଯାଇଛି । ଅନୁମତି ନ ଥାଇ ଏହି ହସ୍ପିଟାଲ ରୋଗୀମାନଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ରଖି ଚିକିତ୍ସା କରୁଥିଲା । ଏନେଇ ଜଣେ ରୋଗୀ ଜନ ଅଭିଯୋଗ ଶୁଣାଣିରେ ଜଣାଇଥିଲେ । ପରେ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇ ଏହାର ପଞ୍ଜୀକରଣ ବାତିଲ କରାଯିବା ସହ ସିଲ୍ କରାଯାଇବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ପ୍ରକାଶ ଯେ, ଯୋଡ଼ା ବ୍ଲକ୍ ଉଡୁଆଁ ଗ୍ରାମର କାଳୀଚରଣ ବାରିକ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ଚିକିତ୍ସା ପରେ ତାଙ୍କର ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ହସ୍ପିଟାଲ କର୍ତ୍ତୃପକ୍ଷ ରଖି ଦେଇଥିଲେ । ଗତ ସୋମବାର ଯୋଡ଼ାଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉକ୍ତ ରୋଗୀ ସହାୟତା ପାଇଁ ନିବେଦନ କରିଥିଲେ । ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ମାଗଣାରେ ଚିକିତ୍ସା ସୁବିଧା ମିଳୁଥିବା ସତ୍ତ୍ୱେ କିଭଳି ଖର୍ଚ୍ଚାନ୍ତ ହେଲେ ବୋଲି ପଚାରିବାରୁ ଘଟଣା ଜଣାପଡ଼ିଥିଲା । କାର୍ଡଟି ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ନ ଫେରାଇ ହଇରାଣ କରୁଥିବା ଜଣାଇଥିଲେ । ଘଟଣାକୁ ଗୁରୁତ୍ୱ ଦେଇ ଜିଲାପାଳ ଆଶିଷ ଠାକ୍‌ରେ ଏହାର ଯାଞ୍ଚ କରି ରିପୋର୍ଟ ଦେବାକୁ ଉପଜିଲାପାଳ କେନ୍ଦୁଝରଙ୍କୁ ଆଦେଶ କରିଥିଲେ । ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସଦର ତହସିଲଦାର, ନିର୍ବାହୀ ଅଧିକାରୀ ଓ କେନ୍ଦୁଝରଗଡ଼ ପୌରପାଳିକା ତଦନ୍ତ କରି ହସ୍ପିଟାଲରୁ ବହୁ ସଂଖ୍ୟାରେ କାର୍ଡ ଜବତ କରିବା ସହ ରିପୋର୍ଟ ପ୍ରଦାନ କରିଥିଲେ । ରିପୋର୍ଟ ପରେ ଜିଲାପାଳ ଉକ୍ତ ହସ୍ପିଟାଲ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଅନୁବନ୍ଧିତ ନ ଥିବା ଜାଣିବା ପରେ ଏହାର ପଞ୍ଜୀକରଣ ବାତିଲ ପାଇଁ ସିଡିଏମ୍‌ଓ କେନ୍ଦୁଝରଙ୍କୁ ଆଦେଶ କରିଥିଲେ । ବୁଧବାର ଏହାର ପଞ୍ଜୀକରଣ ବାତିଲ କରିବା ପରେ ହସ୍ପିଟାଲକୁ ସିଲ୍ କରିଦିଆଯାଇଛି । ଏନେଇ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, ଯାଞ୍ଚ ପରେ ଏହାର ଅନିୟମିତତା ଧରାପଡ଼ିଲା । ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅନ୍ୟପକ୍ଷରେ କେନ୍ଦୁଝର ସହରରେ ବହୁ ସଂଖ୍ୟାରେ ହସ୍ପିଟାଲ ଓ ନର୍ସିଂହୋମ ରୋଗୀଙ୍କୁ ଶୋଷଣ କରି ଆସୁଥିଲେ ହେଁ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ସାମାଜିକ କର୍ମୀ ଦିଲ୍ଲୀପ ସାହୁ କହିଛନ୍ତି । ଏଭଳି ଭିତ୍ତିଭୂମି ନ ଥାଇ ବହୁ ହସ୍ପିଟାଲ ଚାଲିଥିବାରୁ ଯାଞ୍ଚ କରିବାକୁ ଦାବି ହେଉଛି ।

# ଦୋଷୀଙ୍କୁ ୧୦ ବର୍ଷ ଜେଲ

## ନାବାଳିକାଙ୍କୁ ବଳାତ୍କାର ମାମଲା

କେନ୍ଦୁଝର,୨।୩ (ସ୍ୱ.ପ୍ର.)

କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର (ପୋକ୍‌ସୋ) କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି ହୋଇଛି । ବିଚାରପତି ଶୁଭଶ୍ରୀ ତ୍ରିପାଠୀ ମାମଲାର ଶୁଣାଣି କରି ହରିଚନ୍ଦନପୁର ବ୍ଲକ୍‌ର ଲିଟନ ମହାନ୍ତ (୨୭)ଙ୍କୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ଜେଲ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି । ୨୦୧୭ ନଭେମ୍ବର ୧୧ ତାରିଖ ସନ୍ଧ୍ୟାରେ ବ୍ଲକ୍ ଅଞ୍ଚଳର ଜଣେ ୧୩ ବର୍ଷର ନାବାଳିକା ଶୌଚ ପାଇଁ ଯାଇଥିବା ବେଳେ ଲିଟନ ଜୋରଜବରଦସ୍ତ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ । ରାତିରେ ପୀଡ଼ିତା ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ପରେ ଗ୍ରାମରେ ବୈଠକ ବସିଥିଲା । ସମାଧାନ ନ ହେବାରୁ ୧୮ ତାରିଖ ପରିବାର ଲୋକେ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ (ନଂ. ୧୧୧/୧୭)ମାମଲା ରୁଜୁ କରି ଲିଟନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା । ୧୦ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି କୋର୍ଟ ବିଚାରପତି ଉକ୍ତ ଶୁଣାଣି କରିଛନ୍ତି । ପୀଡ଼ିତାଙ୍କୁ କ୍ଷତିପୂରଣ ଆଇନ ଅନୁଯାୟୀ ୬ ଲକ୍ଷ ଟଙ୍କା ଦେବାକୁ ଆଦେଶ କରିଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପୋକ୍ସୋ) ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି ।

**ଆନନ୍ଦପୁର ପୌରପରିଷଦ**

# ଉନ୍ନୟନମୂଳକ କାର୍ଯ୍ୟର ଫାଇଲ୍ ଗାଏବ

ଆନନ୍ଦପୁର,୨।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ କାର୍ଯ୍ୟର ଫାଇଲ୍ ଗାଏବ ହୋଇଯାଇଛି । ଏଥିରେ ବିଭିନ୍ନ ପ୍ରକଳ୍ପର କାଗଜପତ୍ର ଓ ମାଷ୍ଟର ପ୍ଲାନ ଥିଲା । ଫାଇଲ ଗାଏବକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ସିସିଟିଭିରେ ଚୋରିର କୌଣସି ଦୃଶ୍ୟ କଏଦ ନ ହେବା ସମସ୍ତଙ୍କୁ ଚକିତ କରିଛି ।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୨ଟାରେ ପୌରାଧ୍ୟକ୍ଷାଙ୍କ ନିକଟକୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଯାଇଥିଲା । ଗୁରୁବାର ଖୋଜିବା ବେଳକୁ ତାହା ମିଳି ନ ଥିଲା । ଫାଇଲରେ ପୌରପରିଷଦରେ ହେବାକୁ ଥିବା ୪ଟି ଗେଟ୍ ସମ୍ପର୍କିତ କାଗଜପତ୍ର, ଡ୍ରେନେଜ୍ ବ୍ୟବସ୍ଥାର ମାଷ୍ଟର ପ୍ଲାନ୍, ବ୍ରଜବନ୍ଧୁ ବିଦ୍ୟାଳୟର ୫-ଟି କାର୍ଯ୍ୟର କାଗଜପତ୍ର, ୭ ନଂ. ୱାର୍ଡର ମୁକ୍ତା ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପର କାଗଜପତ୍ର ଅନ୍ତର୍ଭୁକ୍ତ ଥିଲା । ତେବେ ମାର୍ଚ୍ଚ ମାସ ଉନ୍ନୟନମୂଳକ କାର୍ଯ୍ୟର ବିଲ୍ କରିବାଠାରୁ ଆରମ୍ଭ କରି ନୂତନ କାର୍ଯ୍ୟ ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଫାଇଲର ଗୁରୁତ୍ୱ ଅନେକ ଥିବା ଖୋଦ ପୌର ଅଧିକାରୀ ପ୍ରକାଶ କରିଛନ୍ତି । ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ କହିଛନ୍ତି, ବୁଧବାର ଫାଇଲକୁ ଦେଖି ଟେବୁଲ ଉପରେ ରଖିଥିଲି । ହେଲେ ଗୁରୁବାର ଏହାକୁ ପାଉନାହିଁ । ଫାଇଲ୍ ହଜିବା ଘଟଣା ଜାଣିବା ପରେ ପୌର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ସନତ୍ କର, ସୁରେନ୍ଦ୍ର ଦାସ, ରଶ୍ମିତା ବାରିକଙ୍କ ସହିତ ଅନ୍ୟ କାଉନ୍‌ସିଲରମାନେ ପୌର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ମଧ୍ୟ ପୌର ଅଧିକାରୀ କିମ୍ବା ପାରିଷଦବର୍ଗ ଫାଇଲ୍ ଗାଏବ ସମ୍ପର୍କରେ କୌଣସି ତଥ୍ୟ ହାସଲ କରିପାରୁ ନ ଥିବା ଦେଖାଯାଇଥିଲା । ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହିତ ପୌର ଉପାଧ୍ୟକ୍ଷ, କାଉନ୍‌ସିଲରମାନେ ଥାନାରେ ଅଭିଯୋଗ କରିବାକୁ ପୌର ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି । ପୌର ଅଧିକାରୀ ଅଶୋକ ରାଉତ ମଧ୍ୟ ଘଟଣାର ଗୁରୁତ୍ୱକୁ ଅନୁଭବ କରି ଅଭିଯୋଗ କରିବାକୁ ସହମତି ପ୍ରକାଶ କରିଛନ୍ତି । ତେବେ ଖବର ଲେଖାହେବାବେଳକୁ ଥାନାରେ ମାମଲା ହୋଇ ନ ଥିବା ଜଣାପଡ଼ିଛି ।

ପ୍ରଥମ ପୃଷ୍ଠାରୁ...

## ତ୍ରିପୁରା, ନାଗାଲାଣ୍ଡରେ...

ଲେଖାଏ ଆସନ ରହିଛି । ଏହି ୩ ରାଜ୍ୟରେ ଫେବୃୟାରୀ ୧୬ରୁ ୨୭ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନାଗାଲାଣ୍ଡ ବିଧାନସଭାର ଅକୁଲୁଟୋ ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଥିବାରୁ ଅନ୍ୟ ୫୯ ଆସନରେ ଭୋଟ ଗ୍ରହଣ କରାଯାଇଥିଲା । ମେଘାଳୟରେ ମଧ୍ୟ ଗୋଟିଏ ଆସନରେ ନିର୍ବାଚନ ହୋଇନାହିଁ । ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶନାମା ଅନୁସାରେ ସକାଳ ୮ଟାରେ ମୋଟ ୧୭୮ ଆସନରେ ଭୋଟ ଗଣତି ଆରମ୍ଭ ହୋଇଥିଲା । ତ୍ରିପୁରାରେ ଶାସକ ଭାଜପାକୁ ୩୨ ଏବଂ ସହଯୋଗୀ ଆଇପିଏଫ୍‌ଟିକୁ ଗୋଟିଏ ଆସନରେ ସଫଳତା ମିଳିଛି । କଂଗ୍ରେସ ୩ ଆସନରେ ସୀମିତ ରହିଥିବାବେଳେ ଏହାର ମେଣ୍ଟ ସହଯୋଗୀ ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ୧୧ ଆସନ ଦଖଲ କରିଛି । ରାଜପରିବାରର ସଦସ୍ୟ ପ୍ରଦ୍ୟୋତ ମାଣିକ୍ୟ ଦେବବର୍ମନଙ୍କ ନେତୃତ୍ୱାଧୀନ ଟିପ୍ରା ମୋଥା ପାର୍ଟି (ଟିଏମ୍‌ପି) ପ୍ରଥମ ଥର ନିର୍ବାଚନ ଲଢ଼ି ୧୩ ଆସନ ହାତେଇଛି । ଫଳରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ପଥ ସୁଗମ ହୋଇଛି ।

ନାଗାଲାଣ୍ଡରେ ଭାଜପା ଏବଂ ଏନ୍‌ଡିପିପି ମେଣ୍ଟ ପୁନର୍ବାର କ୍ଷମତାକୁ ଫେରିଛି । ଏନ୍‌ଡିପିପି ୨୫ ଆସନ ଦଖଲ କରିଥିବାବେଳେ ଭାଜପାକୁ ୧୨ ଆସନରେ ସଫଳତା ମିଳିଛି । ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୭, ନ୍ୟାଶନାଲ ପିପୁଲ୍ସ ପାର୍ଟି ୫, ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆଠୱଲେ) ୨, ନାଗା ପିପୁଲ୍ସ ଫ୍ରଣ୍ଟ ୨, ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ୨, ସଂଯୁକ୍ତ ଜନତା ଦଳ ୧ ଆସନରେ ବିଜୟୀ ହୋଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୪ ଆସନ ହାତେଇଛନ୍ତି । ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ସହ ଶାସକ ମେଣ୍ଟ ପୁଣି ଥରେ ସରକାର ଗଠନ ପାଇଁ ସଜବାଜ ହେଲାଣି । ନାଗାଲାଣ୍ଡ ଷ୍ଟାଲ୍‌ୱାର୍ଟ ତଥା ରାଜ୍ୟରେ ସର୍ବାଧିକ ସମୟ ଶାସନ କରିଥିବା ନେଫିଉ ରିଓ ଲଗାତର ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ନାଗାଲାଣ୍ଡରେ ପୂର୍ବରୁ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଏସ୍.ସି. ଜମିରଙ୍କ ରେକର୍ଡକୁ ନେଫିଉ ଭାଙ୍ଗିଛନ୍ତି । ସେ ନର୍ଦ୍ଦର୍ନ ଅଙ୍ଗାମି ୨ୟ ଆସନରେ କଂଗ୍ରେସର ସେୟିଏଭେଲିଏ ସଚୁଙ୍କୁ ହରାଇଛନ୍ତି । ନାଗାଲାଣ୍ଡ ବିଧାନସଭା ନିର୍ବାଚନ ମଇଦାନରେ ମୋଟ ୧୮୩ ପ୍ରାର୍ଥୀଙ୍କ ମଧ୍ୟରେ ୪ ଜଣ ମହିଳା ଥିଲେ । ସେମାନଙ୍କ ମଧ୍ୟରୁ ୨ ଜଣ ବିଜୟୀ ହୋଇ ଇତିହାସ ରଚିଛନ୍ତି । ଆମେରିକାରେ ପାଠ ପଢ଼ିଥିବା ଆଇନଜୀବୀ ହେକାନି ଜଖାଲୁ ଏବଂ ସାମାଜିକ ସଲହୋଉତୁଓନୁଓ କ୍ରୁସେ ଏନ୍‌ଡିପିପିରୁ ପ୍ରାର୍ଥୀ ହୋଇଥିଲେ । ଦୀର୍ଘ ୬ ଦଶନ୍ଧି ପରେ ଦୁହେଁ ବିଧାୟିକା ନିର୍ବାଚିତ ହୋଇଥିବାରୁ ଉଭୟଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

ତେବେ ମେଘାଳୟରେ ତ୍ରିପୁରା ଓ ନାଗାଲାଣ୍ଡ ଭଳି କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନାହିଁ । ତେଣୁ ଏଠାରେ ଝୁଲା ସ୍ଥିତି ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମାଙ୍କ ଏନ୍‌ପିପି ୨୪ ଆସନ ଜିତି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି । ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି ୧୧, କଂଗ୍ରେସ ୫, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୫, ଭଏସ୍ ଅଫ୍ ଦି ପିପୁଲ ପାର୍ଟି ୪, ଭାଜପା ୨, ହିଲ୍ ଷ୍ଟେଟ୍ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ୨, ପିପୁଲ୍ସ ଡେମୋକ୍ରାଟିକ୍ ଫ୍ରଣ୍ଟ ୨ ଆସନରେ ସଫଳତା ପାଇଛି । ୨ ଜଣ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ଜିତିଛନ୍ତି । ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ସାଙ୍ଗମା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଫୋନ୍ କରି ଭାଜପାର ସମର୍ଥନ ଲୋଡ଼ିଛନ୍ତି । ସରକାର ଗଠନ ପାଇଁ ସେ ଅନ୍ୟ ଦଳଗୁଡ଼ିକ ସହ ମଧ୍ୟ ଆଲୋଚନା ଜାରି ରଖିଥିବା ସୂଚନା ଦେଇଛନ୍ତି ।

## ସିଇସିଙ୍କୁ ନିଯୁକ୍ତି...

ସୁରକ୍ଷିତ କରିବା ଦ୍ୱାରା ନିର୍ବାଚନ ପ୍ରକ୍ରିୟାରେ ସାଧୁତା ସୁନିଶ୍ଚିତ ହୋଇପାରିବ । ବାସ୍ତବରେ ଏକ ନିରପେକ୍ଷ ନିର୍ବାଚନ କମିଶନ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାର ସାମ୍ବିଧାନିକ ଦାୟିତ୍ୱକୁ ପୂରଣ କରିପାରିବ ବୋଲି କଂଗ୍ରେସ ନେତା ଆନନ୍ଦ ଶର୍ମା ଟୁଇଟ୍ କରିଛନ୍ତି । ସୁପ୍ରିମକୋର୍ଟଙ୍କ ରାୟ ଗଣତନ୍ତ୍ରର ବିଜୟ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି । ସର୍ବୋଚ୍ଚ ଅଦାଲତଙ୍କ ରାୟ ସାଲିସଯୁକ୍ତ ନିର୍ବାଚନ କମିଶନକୁ ଅତ୍ୟନ୍ତ ସକ୍ଷମ ନିର୍ବାଚନ କମିଶନରେ ପରିଣତ କରିବ ବୋଲି ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରିଏନ ମତ ଦେଇଛନ୍ତି । କିଏ ନିର୍ବାଚନ କମିଶନରେ ରହିବେ, ତାହା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ସିଜେଆଇ ନିଷ୍ପତ୍ତି ନେବେ । ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ରାଲି, ଯୋଜନା ଘୋଷଣା ଉପରେ ଧ୍ୟାନ ଦେଇ ଇସି ନିର୍ବାଚନ ତାରିଖ ଧାର୍ଯ୍ୟ କରୁଥିବାରୁ ଏହାର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିଥିଲା । ସୁପ୍ରିମକୋର୍ଟଙ୍କ ରାୟ ଗଣତନ୍ତ୍ରକୁ ସୁଦୃଢ଼ କରିବ ବୋଲି ଏଏପି ନେତା ସଞ୍ଜୟ ସିଂ କହିଛନ୍ତି । ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଶିବସେନା ନେତା ପ୍ରିୟଙ୍କା ଚତୁର୍ବେଦୀ ଐତିହାସିକ ବୋଲି କହିଛନ୍ତି ।

ତେବେ ରାୟକୁ ନେଇ ବିଶେଷଜ୍ଞଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି । କେତେଜଣ ରାୟକୁ ସ୍ୱାଗତ କରିଥିବାବେଳେ କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା କାର୍ଯ୍ୟ ପରିସରରେ ସର୍ବୋଚ୍ଚ ଅଦାଲତ ପ୍ରବେଶ କରିବା ଉଚିତ ନୁହେଁ ବୋଲି ଅନ୍ୟମାନେ ମତ ଦେଇଛନ୍ତି । ୨୦୨୪ ଲୋକ ସଭା ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଫେବୃୟାରୀ ୧୪ରେ ନିର୍ବାଚନ କମିଶନ ଅନୁପ ଚନ୍ଦ୍ର ପାଣ୍ଡେ ଅବସର ନେବାକୁ ଥିବାରୁ ଗୋଟିଏ ପଦବୀ ଖାଲି ପଡ଼ିବ । ପୂର୍ବ ଦୁଇଟି ଲୋକ ସଭା ନିର୍ବାଚନ ପାଇଁ ମାର୍ଚ୍ଚରେ ତାରିଖ ଘୋଷଣା ହୋଇଥିଲା । ସିଇସି ଏବଂ ଇସି ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ପୂର୍ବତନ ସିଇସି ଏସ୍.ୱାଇ. କୁରେଶୀ ଉତ୍କୃଷ୍ଟ ରାୟ ବୋଲି କହିଛନ୍ତି । ୨୦ ବର୍ଷ ହେଲା ନିର୍ବାଚନ କମିଶନ ଏଥିପାଇଁ ଦାବି କରିଆସୁଥିଲେ । କଲେଜିୟମ ବ୍ୟବସ୍ଥାରେ ସିଇସି ଏବଂ ଇସି ନିଯୁକ୍ତି ଲାଗି ବିଦାୟୀ ସିଇସିମାନେ ଏକାଧିକ ଥର ଲେଖିଥିଲେ ବୋଲି କୁରେଶୀ କହିଛନ୍ତି । ଅନ୍ୟପକ୍ଷରେ ପୂର୍ବତନ କେନ୍ଦ୍ର ଆଇନ ସଚିବ ପି.କେ. ମାଲହୋତ୍ରା କହିଛନ୍ତି, ଏହି ରାୟ ଜରିଆରେ ସର୍ବୋଚ୍ଚ ଅଦାଲତ ଆଇନ ପ୍ରଣୟନ କଲା ଭଳି ଅନୁଭବ ହେଉଛି । ଆଇନ ପ୍ରଣୟନ କରିବା ପାର୍ଲାମେଣ୍ଟର କାମ ବୋଲି ସେ କହିଛନ୍ତି । ଲୋକ ସଭାର ପୂର୍ବତନ ମହାସଚିବ ତଥା ସମ୍ବିଧାନ ବିଶାରଦ ପି.ଡି.ଟି. ଆଚାରୀ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି । ଏପର୍ଯ୍ୟନ୍ତ ଅନ୍ୟମାନଙ୍କ ବିନା ପରାମର୍ଶରେ କେନ୍ଦ୍ର ସରକାର ନିର୍ବାଚନ କମିଶନ ସଦସ୍ୟମାନଙ୍କୁ ନିଯୁକ୍ତି ଦେଇ ଆସୁଥିଲେ । ଏବେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବ୍ୟବସ୍ଥାପିକା ଏବଂ ନ୍ୟାୟପାଳିକା ସାମିଲ ହୋଇପାରିବେ, ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।

## ଫେବୃୟାରୀରେ ଓଡ଼ିଶାର...

ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଫେବୃୟାରୀରେ ହୋଇଥିବା ଜିଏସ୍‌ଟି ସଂଗ୍ରହ ହେଉଛି ଦ୍ୱିତୀୟ ସର୍ବାଧିକ ସର୍ବକାଳୀନ ସଂଗ୍ରହ । ପେଟ୍ରୋଲ ଓ ମଦରୁ ସଂଗ୍ରହ କରାଯାଉଥିବା ଭାଟ୍ ରାଜସ୍ୱ କ୍ଷେତ୍ରରେ ମଧ୍ୟ ୨୬.୩୦ ପ୍ରତିଶତ ଅଭିବୃଦ୍ଧି ଘଟିଛି । ୨୦୨୨ ଫେବୃୟାରୀରେ ପେଟ୍ରୋଲ ଓ ମଦରୁ ୮୩୫.୫୨ କୋଟି ଟଙ୍କା ଭାଟ୍ ରାଜସ୍ୱ ଆଦାୟ ହୋଇଥିବାବେଳେ ଚଳିତ ବର୍ଷ ଫେବୃୟାରୀରେ ୧୦୫୫.୨୭ କୋଟି ଟଙ୍କା ମିଳିଛି । ଅଧିକରୁ ଅଧିକ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ଜିଏସ୍‌ଟି କମିଶନରେଟ୍ ତରଫରୁ ପ୍ରୟାସ ଜାରି ରହିଛି । ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ସୁଦ୍ଧା ୪୬୦୯୦ ଜଣ ଟିକସଦାତା ଜିଏସ୍‌ଟି ପରିସରଭୁକ୍ତ ହୋଇଛନ୍ତି । ଏହି ସମୟ ମଧ୍ୟରେ ଇ-ୱେବିଲ୍ ନିର୍ଗମନ କ୍ଷେତ୍ରରେ ମଧ୍ୟ ୨୦.୭୨ ପ୍ରତିଶତ ଅଭିବୃଦ୍ଧି ଘଟିଛି ।

## ଆଇଟିଆଇ ହଷ୍ଟେଲରୁ...

ଭିତରୁ କବାଟ ଦେଇ ଦେଇଥିଲେ । ସାଙ୍ଗ ୨ଜଣ ଆସି କବାଟ ବାଡ଼େଇବା ପରେ ମଧ୍ୟ ସେ ନ ଖୋଲିବାରୁ ନାଗେଶ୍ୱରୀ ଶୋଇ ପଡ଼ିଥିବେ ଭାବି ସେମାନେ ଅନ୍ୟ ରୁମ୍‌ରେ ଯାଇ ଶୋଇପଡ଼ିଥିଲେ । ଖବରପାଇ ସକାଳୁ ହଷ୍ଟେଲ ମାଟ୍ରନ ଧନେଶ୍ୱରୀ ହାଲବା ଓ ହଷ୍ଟେଲ ଇନ୍‌ଚାର୍ଜ ଦୀପ୍ତିମୟୀ ସିହ୍ନାରୀ ଆସି କବାଟ ବାଡ଼େଇବା ପରେ ନାଗେଶ୍ୱରୀ ଖୋଲି ନ ଥିଲେ । ସେମାନେ ଝରକାରୁ ରୁମ୍ ଭିତରକୁ ଅନେଇବାରୁ ଫ୍ୟାନ୍‌ରେ ନାଗେଶ୍ୱରୀଙ୍କ ଝୁଲନ୍ତା ମୃତଦେହ ଦେଖି କଲେଜ ଅଧ୍ୟକ୍ଷ ରବୀନ୍ଦ୍ର କୁମାର କରଙ୍କୁ ଖବର ଦେଇଥିଲେ । ଅଧ୍ୟକ୍ଷ ଏ ନେଇ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାଧିକାରୀ, ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉକ୍ତ ରୁମ୍ କବାଟ ଭାଙ୍ଗି ଭିତରେ ପଶି ନାଗେଶ୍ୱରୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲେ । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ନାଗେଶ୍ୱରୀଙ୍କ ରୁମ୍‌ମେଟ୍ ଓ କେତେଜଣ ହଷ୍ଟେଲ କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି । ନାଗେଶ୍ୱରୀ ଦୀର୍ଘ ୨୦ ଦିନ ଘରେ ରହି ସୋମବାର ହଷ୍ଟେଲକୁ ଫେରିଥିଲେ । ଆତ୍ମହତ୍ୟାର କାରଣ ବର୍ତ୍ତମାନ ଅସ୍ପଷ୍ଟ । ମୋବାଇଲ ସିଡିଆର୍, ମୃତ୍ୟୁ ପୂର୍ବରୁ କିଛି ପତ୍ର ଲେଖା ଅଛିକି ଏହିଭଳି ଅନେକ ଦିଗକୁ ନେଇ ଶୁକ୍ରବାର ତଦନ୍ତ କରାଯିବ । ବର୍ତ୍ତମାନ ହଷ୍ଟେଲକୁ ସିଲ୍ କରିଦିଆଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଡା କହିଛନ୍ତି । ପୋଲିସ ୧୫/୨୩ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅନ୍ୟ କାହାର କଥା ଶୁଣି ଅଯଥା ବ୍ୟସ୍ତବିବ୍ରତ ହୁଅନ୍ତୁ ନାହିଁ । ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ପାଇଁ ମନ ଛଟପଟ ହୋଇପାରେ । ସତର୍କତା ଅଭାବରୁ ହାତମୁଠାରୁ ସୁଯୋଗ ଖସିଯିବାର ଆଶଙ୍କା ରହିଛି । କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ ।

**ବୃଷ**
ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି । କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ । ଚେଷ୍ଟା କରୁଥିବା କାର୍ଯ୍ୟହାନି କାରଣରୁ ମନରେ ସରସତା ରହିବ ନାହିଁ । ସ୍ନାୟବିକ ଦୁର୍ବଳତା ଅନୁଭବ କାରଣରୁ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟ ହାସଲ କରିବେ ।

**ମିଥୁନ**
କାର୍ଯ୍ୟ ହାସଲ ସକାଶେ ପର ଉପରେ ନିର୍ଭର କରି ଚିନ୍ତାଶୀଳ ହେବେ । ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି । କାର୍ଯ୍ୟବ୍ୟସ୍ତତା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି ।

**କର୍କଟ**
ଆଶା ଅପୂରଣ ରହିବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ । ଭୁଲ୍ ବୁଝାମଣାବଶତଃ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ । ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରନ୍ତି । ବନ୍ଧୁମାନଙ୍କ ଉପରେ ଭରସାକରି ଆଜି କୌଣସି କାମ କରିପାରିବେ ନାହିଁ ।

**ସିଂହ**
ଅଯଥା ଚିନ୍ତା ନ କରି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରିବା ଭଲ ହେବ । କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ । କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି । ସାମାଜିକ ସ୍ତରରେ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ ।

**କନ୍ୟା**
ଆଜି ବନ୍ଧୁମାନଙ୍କ ସହ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମତାନ୍ତର କାରଣରୁ ପାରିବାରିକ ସ୍ତରରେ ଦୁର୍ଭାବନା ବଢି ବଢି ଚାଲିବ । ଏଣେ ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ । ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ ।

**ତୁଳା**
ଯୁକ୍ତିତର୍କଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ । ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ । ଅପରାହ୍ନରେ ମୁଖଦନ୍ତ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ । ଆବଶ୍ୟକତା ଭରଣା କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ ।

**ବିଛା**
କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ । ସ୍ୱାର୍ଥସାଧନ ନୈରାଶ୍ୟରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ । ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ । ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ ।

**ଧନୁ**
ବନ୍ଧୁମିଳନରେ ଅପ୍ରିୟ ସତ୍ୟ ଭାଷଣଜନିତ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବେ । କୌଣସି ଆଗନ୍ତୁକଙ୍କ ସହ ତର୍କଜନିତ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ । ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ଚିଡା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ । ସହକର୍ମୀ ଲଘୁକ୍ରୋଧ ପ୍ରକାଶ କଲେ ମଧ୍ୟ ପରିଶେଷରେ ମଧ୍ୟ କାମଟି କରିଦେବେ ।

**ମକର**
ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ । କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ । ବ୍ୟସ୍ତତା ମଧ୍ୟରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ । ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଜନହିତକର କାର୍ଯ୍ୟରେ ସହଯୋଗ କରିପାରନ୍ତି ।

**କୁମ୍ଭ**
ଅତୀତକୁ ଧରିବସିଲେ ଏହି ସମୟର ସୁବିଧା, ସୁଯୋଗକୁ ହରାଇବାକୁ ପଡିବ । କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ । କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଖୁସି ଅନୁଭବ କରିପାରନ୍ତି ।

**ମୀନ**
ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି । ଆଜିର ପରିବାରର ଖର୍ଚ୍ଚ ପରିମାଣ ଦୁଇଗୁଣା ହୋଇପାରେ ।

ଆଜି ଫାଲଗୁନ ଶୁକ୍ଳପକ୍ଷର ସର୍ବସମ୍ମତ ଆମଳକୀ ଏକାଦଶୀ, ଶୁକ୍ରବାର, ମାର୍ଚ୍ଚ-୩ ତାରିଖ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ ଦେବତାଗଠନ ପାଇଁ ଶୁଭଦିନ । ରାଶି ନକ୍ଷତ୍ର-ଦିବା ଘ.୦୮।୫୮ମି. ଗତେ, ପୁନର୍ବସୁ /କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ମି ଗତେ ଘ.୦୬।୫୫ମି. ମଧ୍ୟେ, ଘ.୦୭।୪୨ମି. ଗତେ ଘ.୦୯।୦୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୩୮ମି. ଗତେ, ଘ.୧୧।୫୫ମି. ମଧ୍ୟେ ରାହୁକାଳ ।

# ‘ଗୁଣାତ୍ମକ ସେବାକୁ ଗୁରୁତ୍ୱାରୋପ’



ମନୀଷ ଅଗ୍ରୱାଲ

**ମ୍ୟାନେଜ୍‌ମେଣ୍ଟ ପାଠପଢ଼ା ସାରି ବାପା ସୁରେଶ ଚନ୍ଦ୍ର ଅଗ୍ରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ୟବସାୟକୁ ସମ୍ଭାଳିବା ସହ ଉକ୍ତ ବ୍ୟବସାୟକୁ ଠିକ୍‌ଭାବେ ଚଳାଇ ଅନେକ ସଫଳତା ହାସଲ କରିଛନ୍ତି। ବିଶେଷକରି ରାଜ୍ୟର ପ୍ରମୁଖ ଆଉଟ୍‌ଡୋର ବିଜ୍ଞାପନ ସଂସ୍ଥା ‘ଅଜନ୍ତା ଆଡ୍‌ଭର୍ଟାଇଜର୍ସ’କୁ ଲୋକାଭିମୁଖୀ କରିବାରେ ତାଙ୍କର ଭୂମିକା ଅତୁଳନୀୟ। ଏପରିକି ବହୁ ଘାତ ପ୍ରତିଘାତ ପରେ ମଧ୍ୟ ସେ ବ୍ୟବସାୟକୁ ଏକ ଶିଖରରେ ପହଞ୍ଚାଇ ପାରିଛନ୍ତି। ସେହି ସଫଳ ବ୍ୟବସାୟୀ ତଥା ଅଜନ୍ତା ଆଡ୍‌ଭର୍ଟାଇଜର୍ସର ମନୀଷ ଅଗ୍ରୱାଲଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା .....**

**ପ୍ର-୧: ଅଜନ୍ତା ଆଡ୍‌ଭର୍ଟାଇଜର୍ସର ଯାତ୍ରା କିଭଳି ରହିଛି?**

ଉ- ଅଜନ୍ତା ଆଡ୍‌ଭର୍ଟାଇଜର୍ସର ଯାତ୍ରାରେ ଅନେକ ସ୍ମୃତି ଅବିସ୍ମରଣୀୟ। କାରଣ ମୋ ବାପା ସ୍ୱର୍ଗତ ସୁରେଶ ଚନ୍ଦ୍ର ଅଗ୍ରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରତିଷ୍ଠାନ ଦୀର୍ଘ ୪୦ବର୍ଷରୁ ଅଧିକ ସମୟ ହେବ ସାରା ରାଜ୍ୟରେ ଗୁଣାତ୍ମକ ସେବା ଯୋଗାଇ ଆସୁଛି। ସମୟକ୍ରମେ ବିଂଶ ଶତାବ୍ଦୀରେ ମୁଁ ମୋ ବାପାଙ୍କ କାନ୍ଧରେ କାନ୍ଧ ମିଳାଇ ସଂସ୍ଥାର ଉନ୍ନତି ପାଇଁ କଠିନ ପରିଶ୍ରମ ଓ ଉତ୍ତମ ସେବା ଦେଇଆସୁଛି। ଫଳରେ ସଂସ୍ଥା ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ଲୋକପ୍ରିୟତା ହାସଲ କରିପାରିଛି।

**ପ୍ର-୨ : ବର୍ତ୍ତମାନ ସମୟରେ ଆଉଟ୍‌ଡୋର ବିଜ୍ଞାପନର ଚାହିଦା କିଭଳି ରହିଛି ?**

ଉ- ଆଉଟ୍‌ଡୋର ବିଜ୍ଞାପନର ଚାହିଦା ସବୁବେଳେ ଭଲ ରହିଛି। ସଂସ୍ଥାର କାର୍ଯ୍ୟଶୈଳୀ ଓ ସେବାକୁ ନେଇ ଗ୍ରାହକଙ୍କ ଚାହିଦା ମଧ୍ୟ ସେହି ଅନୁସାରେ ବଢ଼ିଛି। ଏପରିକି ଆଉଟ୍‌ଡୋର ବିଜ୍ଞାପନ ସେବା ବେଶ୍ ଆଖିଦୃଶିଆ ଓ ପ୍ରଭାବୀ ହୋଇପାରିଛି। ସେଥିପାଇଁ ସବୁ ବର୍ଗର ଗ୍ରାହକ ଆଉଟ୍‌ଡୋର ବିଜ୍ଞାପନକୁ ଅଧିକ ପସନ୍ଦ କରିଥାଆନ୍ତି।

**ପ୍ର-୩: ପ୍ରତିଯୋଗିତାମୂଳକ ବ୍ୟବସାୟରେ ପ୍ରତିପକ୍ଷଙ୍କୁ କିଭଳି ସାମ୍ନା କରିଥାଆନ୍ତି?**

ଉ- ପ୍ରତିଟି ବ୍ୟବସାୟରେ ପ୍ରତିଯୋଗିତା ଥାଏ, ସେହିଭଳି ଆମ ବ୍ୟବସାୟରେ ମଧ୍ୟ ରହିଛି। ବିଶେଷକରି ଆମେ ଗ୍ରାହକଙ୍କୁ ନୂତନ ପ୍ରକାର ଆଡ୍‌ଭର୍ଟାଇଜିଂ ବୋର୍ଡ ସହ ଉତ୍ତମ ସେବା ଯୋଗାଇ ଦେଇଥାଉ। ସେହିଭଳି ଗ୍ରାହକଙ୍କୁ ଗୁଣାତ୍ମକ ସେବା ଯୋଗାଇବା ସହ ସ୍ୱଚ୍ଛତା ଏବଂ ସମୟାନୁବର୍ତ୍ତିତାକୁ ବେଶ୍ ଗୁରୁତ୍ୱ ଦେଇ କାର୍ଯ୍ୟ କରିଥାଉ। ଫଳରେ ଗ୍ରାହକକୈନ୍ଦ୍ରିକ ସେବା ପାଇଁ ସଂସ୍ଥା ସବୁସ୍ତରରେ ସୁନାମ ଅର୍ଜନ କରିପାରୁଛି।

**ପ୍ର-୪: ବ୍ୟବସାୟ ସମ୍ପ୍ରସାରଣର ଯୋଜନା ରହିଛି କି ?**

ଉ- ଚଳିତବର୍ଷ ବ୍ୟବସାୟ ସମ୍ପ୍ରସାରଣର ଯୋଜନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ନ ଥିଲେ ମଧ୍ୟ ଆମେ ଆଉଟ୍‌ଡୋର ବ୍ୟବସାୟ ସହ ଡିଜିଟାଲ ପ୍ଲାଟ୍‌ଫର୍ମରେ ମଧ୍ୟ ପାଦଦେବାକୁ ଯାଉଛୁ।

**ପ୍ର-୫: ଆଉଟ୍‌ଡୋର ବିଜ୍ଞାପନ ଗ୍ରାହକଙ୍କୁ କିଭଳି ଆକୃଷ୍ଟ କରିଥାଏ?**

ଉ- ବିଜ୍ଞାପନ ବିଶେଷକରି ବ୍ୟବସାୟ କିମ୍ବା ସୂଚନାର ପ୍ରଚାରପ୍ରସାର କରିବାକୁ ବିଭିନ୍ନ ବିଜ୍ଞାପନଭିତ୍ତିକ ସଂସ୍ଥାକୁ ଦିଆଯାଇଥାଏ। ଆଉଟ୍‌ଡୋର ବିଜ୍ଞାପନ ଗ୍ରାହକଙ୍କର ଆବଶ୍ୟକତା ଅଧିକ ମାତ୍ରାରେ ପୂରଣ କରିଥାଏ। କାରଣ ଆଉଟ୍‌ଡୋର ବିଜ୍ଞାପନ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ମଧ୍ୟରେ ସୀମିତ ଥାଇ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିପାରେ। କାରଣ ବିଜ୍ଞାପନଦାତାଙ୍କ କ୍ଷେତ୍ର ମଧ୍ୟରେ ଉକ୍ତ ବିଜ୍ଞାପନ ପ୍ରଚାର ପ୍ରସାର ସହ ଗ୍ରାହକଙ୍କ ନଜରରେ ଅନେକଥର ପଡ଼ିଥାଏ। ଫଳରେ ଆଗ୍ରହୀ ଗ୍ରାହକ ଉକ୍ତ ବ୍ୟବସାୟ ସହ ଜଡ଼ିତ ହୋଇପାରିଥା’ନ୍ତି।

**ପ୍ର-୬: ଜଣେ ସଫଳ ବ୍ୟବସାୟୀ ଭାବେ ଯୁବବର୍ଗଙ୍କ ପାଇଁ କ’ଣ କହିବେ?**

ଉ- ବ୍ୟବସାୟ ପାଇଁ ଶିକ୍ଷା ଯେତିକି ଆବଶ୍ୟକ, ସେହି ପରିମାଣର ସାଧୁତା, ପ୍ରତିଶ୍ରୁତିବଦ୍ଧତା, ଧୈର୍ଯ୍ୟ ଏବଂ ପରିଶ୍ରମର ଆବଶ୍ୟକତା ରହିଛି। ଏପରିକି ପରିଶ୍ରମ କଲେ ସଫଳତା ସାଙ୍ଗକୁ ପରିଚୟ ମିଳିଥାଏ। ସେଥିପାଇଁ ବର୍ତ୍ତମାନର ଯୁବସମାଜ ନିଜ ଦକ୍ଷତାର ବିକାଶ ପାଇଁ ଠିକ୍ ଦିଗ ନିର୍ଣ୍ଣୟକରି ଶିଖିବା ଆବଶ୍ୟକ। ବିଶେଷକରି ଦିଗ ନିର୍ଣ୍ଣୟ କରିପାରିଲେ କ୍ଷେତ୍ର ମଧ୍ୟ ଆପେ ଆପେ ପ୍ରସ୍ତୁତ ହୋଇଯିବ। କାରଣ ବ୍ୟବସାୟ ପାଇଁ ସରକାର, ଅର୍ଥ ଯୋଗାଣକାରୀ ସଂସ୍ଥା ଏବଂ ବ୍ୟାଙ୍କ ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି।

**ପ୍ର-୭ : ଅବସର ସମୟରେ କ’ଣ କରିବାକୁ ଭଲପାଆନ୍ତି?**

ଉ- ବ୍ୟବସାୟ ସାଙ୍ଗକୁ ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଅବସର ପାଇଁ ସମୟ ମିଳି ନ ଥାଏ। ହେଲେ ତାହାରି ମଧ୍ୟରୁ ଯେଉଁ କିଛି ସମୟ ମିଳେ, ସେହି ସମୟ ପରିବାର ସହ କାଟିବା ଏବଂ ବନ୍ଧୁ ପରିଜନଙ୍କ ସହ ବିଭିନ୍ନ ବିଷୟରେ ଚର୍ଚ୍ଚା ଓ ଆଲୋଚନାରେ ବିତିଯାଇଥାଏ। ବିଶେଷ ସମୟରେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଭଲ ଲାଗେ

**ପ୍ର-୮ : ବ୍ୟବସାୟରେ ଆଦର୍ଶ ବୋଲି କାହାକୁ ମାନିଥାନ୍ତି?**

ଉ- ମୁଁ ମୋ ବାପା ମାଆଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ପାରିବାରିକ ବ୍ୟବସାୟରେ ପ୍ରବେଶ କରିଥିଲି। ବାପାଙ୍କ ନୀତିନିୟମ ଓ ବ୍ୟବସାୟର କଳାକୌଶଳ ଗ୍ରହଣକରି ଆଗକୁ ବଢ଼ୁଛି। ବିଶେଷକରି ଭଗବାନଙ୍କ ଆଶୀର୍ବାଦ ବାପାମାଆଙ୍କ ଆଦର୍ଶ ଓ ପ୍ରେରଣା ଏବଂ ପରିବାର ସଦସ୍ୟଙ୍କ ସହଯୋଗରୁ ଆଜି ମୁଁ ଜଣେ ଜଣାଶୁଣା ବ୍ୟବସାୟୀ ଭାବେ ପରିଚିତ ହୋଇପାରିଛି।

ଧରିତ୍ରୀ | OrissaPOST BUSINESS EMINENCE AWARDS

# ରହସ୍ୟରେ ଭିସୁଟ୍ ପୁରାତନ ଛାତ୍ରୀ ମୃତ୍ୟୁ ଘଟଣା

■ ବାପାଙ୍କ ଜିମାରେ ପ୍ରତିମାନ, ଅଧିକ ତଦନ୍ତ ଜାରି

■ ଭୁବନେଶ୍ୱର ଯିବ ପୋଲିସ ଟିମ୍

ସମ୍ବଲପୁର,୨।୩(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଥାନା ପିସି ବ୍ରିଜ୍ ପାୱାର ଚ୍ୟାନେଲରୁ ଉଦ୍ଧାର ହୋଇଥିବା ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ମୃତ୍ୟୁ ଘଟଣା ଏବେ ରହସ୍ୟଘେରକୁ ଠେଲି ହୋଇଯାଇଛି। ଗୁରୁବାର ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। ତଦନ୍ତ ପାଇଁ ଦୁଇଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ଭୁବନେଶ୍ୱର ଯାଇ ତଦନ୍ତ କରିବେ ବୋଲି ପୋଲିସ ପକ୍ଷରୁ ଜଣାପଡିଛି। ଅନ୍ୟପଟେ ପାଣିରେ ବୁଡ଼ିଯିବାରୁ ଚିନ୍ମୟୀଙ୍କ ମୃତ୍ୟୁ ହୋଇଥିବା ପୋଲିସ କହୁଛି। ଏହା ଯଦି ସତ୍ୟ, ତା’ହେଲେ ଚିନ୍ମୟୀ ରାତି ପ୍ରାୟ ସାଢେ ୯ଟାରେ ପିସି ବ୍ରିଜ୍‌କୁ କାହା ସାଥିରେ ଓ କ’ଣ ପାଇଁ ଯାଇଥିଲେ। ତାଙ୍କ ସହିତ ଝିଅ ସାଙ୍ଗ ରହିଥିଲେ ନା କେବଳ ପୁରୁଷବନ୍ଧୁ ପ୍ରତିମାନ ଦେ ଥିଲେ। ଚିନ୍ମୟୀ ପାୱାର ଚ୍ୟାନେଲକୁ ନିଜ ଇଚ୍ଛାରେ ଡେଇଁଥିଲେ ନା ଅଚେତ ଅବସ୍ଥାରେ କିଏ ପାଣିକୁ ଫିଙ୍ଗି ଦେଇଥିଲା। ଏଭଳି ଅନେକ ପ୍ରଶ୍ନ ଏବେ ଜନସାଧାରଣଙ୍କ ମନରେ ଉଙ୍କି ମାରୁଛି।

ଚିନ୍ମୟୀଙ୍କ ମାଆ ଲବଙ୍ଗ ସାହୁ ପୁଣି ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ଯେ, ଚିନ୍ମୟୀର ଦୃଢ ମନୋବଳ ଥିଲା। ସେ ଆତ୍ମହତ୍ୟା କରିନାହିଁ। ପୋଲିସ ତଦନ୍ତ ଉପରେ ସନ୍ଦେହ ହେଉଛି। କାରଣ ପ୍ରତିମାନଙ୍କ ବାପା ପ୍ରଣବ ଦେ ଗୃହ ବିଭାଗର ଯୁଗ୍ମ ସଚିବ ଅଛନ୍ତି। ସେ ବ୍ୟବଚ୍ଛେଦ କେନ୍ଦ୍ରକୁ ମଧ୍ୟ ଯାଇଥିଲେ। ତେଣୁ ବ୍ୟବଚ୍ଛେଦ ରିପୋର୍ଟରେ ବ୍ୟତିକ୍ରମ ଦେଖାଦେବା ସମ୍ଭାବନା ରହିଛି। ଚିନ୍ମୟୀଙ୍କ ବାପା ଜଣେ ଡାକ୍ତର। ବ୍ୟବଚ୍ଛେଦ ଉପରେ ତାଙ୍କର ଅଭିଜ୍ଞତା ରହିଛି। ମୋ ଝିଅ ବଲାଙ୍ଗୀର ଘରକୁ ଆସିବାକୁ କହିଥିଲା। ହେଲେ ସନ୍ଧ୍ୟା ୬ଟାରେ ତା’ ସହ କ’ଣ ଘଟିଲା ଯେ ସେ ଘରକୁ ଆସିବାକୁ ମନା କରିଦେଇଥିଲା। ମୋ ଝିଅକୁ ଷଡଯନ୍ତ୍ର କରି ହତ୍ୟା କରିଦେଲେ। ଆମ ପରିବାରକୁ ନ୍ୟାୟ ଦରକାର ବୋଲି ସେ କହିଛନ୍ତି। ଅନ୍ୟପଟେ ଘଟଣା ସମ୍ପର୍କରେ ପୋଲିସ ସୂଚନା ଦେଇ କହିଛି, ତଦନ୍ତ ଚାଲିଛି। ଅଟକ ଥିବା ପୁରୁଷବନ୍ଧୁ ପ୍ରତିମାନଙ୍କୁ ତାଙ୍କ ବାପାଙ୍କ ଜିମା ଦିଆଯାଇଛି। ସବୁ ତଥ୍ୟ ପ୍ରମାଣ ସଂଗ୍ରହ କରିବାକୁ ପୋଲିସ ଟିମ୍ ଲାଗିପଡିଛନ୍ତି। ତଦନ୍ତ ସରିବା ପରେ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସ କହିଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଉଛି। ସମସ୍ତ ତଥ୍ୟ ପ୍ରମାଣକୁ ଆଧାର କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ବୁର୍ଲା ଥାନା ପିସି ବ୍ରିଜ ଉପରୁ ଡେଇଁ ନିଖୋଜ ଥିବା ଭିସୁଟ୍ ଆଇଟି ବିଭାଗ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀଙ୍କ ମୃତଦେହ ଅଗ୍ନିଶମ ବିଭାଗ ବୁଧବାର ସକାଳେ ପାୱାର ଚ୍ୟାନେଲ ଭିତରୁ ଉଦ୍ଧାର କରିଥିଲା। ଚିନ୍ମୟୀଙ୍କ ମାଆ ଲବଙ୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସି ଦଫା ୩୦୨, ୨୦୧, ୩୪ରେ ହତ୍ୟା ମାମଲା (ନଂ. ୯୬/୨୩) ରୁଜୁ କରିଛି। ଘଟଣାରେ ପୁରୁଷବନ୍ଧୁ ପ୍ରତିମାନ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା।



ଚିନ୍ମୟୀ ପ୍ରିୟଦର୍ଶିନୀଙ୍କ ଫାଇଲ ଫଟୋ

# ଓଡ଼ିଶା କୋହିନୁର ପ୍ରେସ୍ ପଞ୍ଜିକାର ସ୍ୱତନ୍ତ୍ର ସଂସ୍କରଣ ଲୋକାର୍ପିତ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଓଡ଼ିଶା କୋହିନୁର ପ୍ରେସ୍ ପଞ୍ଜିକାର ସ୍ୱତନ୍ତ୍ର ୮୮ତମ ସଂସ୍କରଣର ଲୋକାର୍ପଣ ତଥା ପ୍ରାକ୍ ଦଶନ୍ଧି ଶତାବ୍ଦୀ ମହୋତ୍ସବର ଉଦ୍‌ଘାଟନ ଗୁରୁବାର ରାଜ୍ୟପାଳଙ୍କ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ରାଜଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ ପୃଥିବୀ ଏକ କଣିକା ସଦୃଶ। ଏଥିରେ ବସବାସ କରୁଥିବା ସମସ୍ତ ସୃଷ୍ଟି ଯଥା ଜୀବଜଗତଠାରୁ ଆରମ୍ଭ କରି ଜଡ଼ଜଗତ ଓ ଭୌଗୋଳିକ ସୃଷ୍ଟି ସବୁକୁ ମାନବ ଦ୍ରୁତ ଗତିରେ ଧ୍ୱଂସ ଆଡ଼କୁ ନେଇ ଯାଉଛି। ଏହାକୁ ରକ୍ଷା କରିବାର ଗୁରୁଦାୟିତ୍ୱ ବର୍ତ୍ତମାନର ମାନବସମାଜ ଉପରେ ରହିଥିବାବେଳେ ପଞ୍ଜିକା ଏ ଦିଗରେ ସେମାନଙ୍କୁ ସଚେତନ କରାଇଥାଏ ବୋଲି ରାଜ୍ୟପାଳ କହିଥିଲେ। ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ମହାସଚିବ ତଥା ଅଭ୍ୟର୍ଥନା କମିଟିର ସମ୍ପାଦକ ସୁରେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପଞ୍ଜିକାର ସମ୍ପାଦକ ଡ. ଶେଖ ଜହରୁଲ ଇସଲାମ, ଶଶିଭୂଷଣ ବେହେରା, ସହଦେବ ସାହୁ, ପଣ୍ଡିତ କୃଷ୍ଣପ୍ରସାଦ ମହାପାତ୍ର ଖଡିରତ୍ନ, କୀର୍ତ୍ତି ପ୍ରସାଦ ଖଡିରତ୍ନ ଶ୍ରୀ ସତ୍ୟବ୍ରତ ମହାନ୍ତି, ପଣ୍ଡିତ ହିମାଂଶୁ ଶେଖର ଆଚାର୍ଯ୍ୟ, ଡ. ପ୍ରଦୀପ କୁମାର ଚୌଧୁରୀ, କବି ରକ୍ଷକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଆଇଟିଆଇ ଉନ୍ମୋଚନ କରିବ ୧୦ ଫୁଟ ବିଜୁ ସ୍କ୍ରାପ ପ୍ରତିମୂର୍ତ୍ତି

ବ୍ରହ୍ମପୁର ଅଫିସ,୨।୩

ନଷ୍ଟରୁ ଶ୍ରେଷ୍ଠ ପାରଦର୍ଶିତାକୁ ନେଇ ଗଞ୍ଜାମ ଜିଲା ବ୍ରହ୍ମପୁର ଆଇଟିଆଇ ଜାତୀୟସ୍ତରରେ ସୁନାମ ଅର୍ଜନ କରିଛି, ଯାହାକି ଅନୁଷ୍ଠାନର ସ୍କ୍ରାପ୍ ପାର୍କରେ ଥିବା ପ୍ରତିମୂର୍ତ୍ତିକୁ ଦେଖିଲେ ଯିଏ କେହି ବି ଏହା ଅନୁମାନ କରିପାରିବ। ତେବେ ଆଇଟିଆଇ ବର୍ତ୍ତମାନ ପୁଣି ଥରେ ଏକ ଶ୍ରେଷ୍ଠ କାର୍ଯ୍ୟ କରିବାକୁ ଯାଉଛି। ଆସନ୍ତା ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ସ୍କ୍ରାପ୍‌ରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହି ପ୍ରତିମୂର୍ତ୍ତିଟି ୨ ଚକିଆ ଯାନର ଚେନ୍ ସ୍ପକେଟ, ଫ୍ୟାନ ବେରିଂ ଓ ନଟ୍ସ ମାଧ୍ୟମରେ ନିର୍ମିତ ହୋଇଛି। ଏହାର ଉଚ୍ଚତା ୧୦ ଫୁଟ ରହିଥିବା ବେଳେ ଓଜନ ପ୍ରାୟ ୨୦୦ କି.ଗ୍ରା.ହେବ ବୋଲି ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ପ୍ରତିମୂର୍ତ୍ତିକୁ ଅନୁଷ୍ଠାନର ଫିଟର ଓ ପେଣ୍ଟର ଛାତ୍ରମାନେ ତିଆରି କରିଛନ୍ତି।



ଆଇଟିଆଇ ନିର୍ମାଣ କରିଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି।

# ୨ ଦଶନ୍ଧି ମଧ୍ୟରେ ସ୍ୱାସ୍ଥ୍ୟସେବାରେ ମିଳିଛି ଅଭୂତପୂର୍ବ ସଫଳତା

## ସ୍ୱାସ୍ଥ୍ୟ ବଜେଟ ସମ୍ପର୍କିତ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

ଭୁବନେଶ୍ୱର, ୨।୩(ବ୍ୟୁରୋ):

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୁରୁବାର ୨୦୨୩-୨୪ ବର୍ଷର ସ୍ୱାସ୍ଥ୍ୟ ବଜେଟ ସମ୍ପର୍କରେ ସୂଚନା ଦେଇଛନ୍ତି। ଗତ ୨ଦଶନ୍ଧି ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭୂତପୂର୍ବ ସଫଳତା ପରିଲିକ୍ଷିତ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ୨୦୦୦ ମସିହାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟର ବିଭିନ୍ନ ସୂଚକାଙ୍କ ବହୁ ନିମ୍ନରେ ଥିବା ସ୍ଥଳେ ସମ୍ପ୍ରତି ଦେଶରେ ସଫଳ ରାଜ୍ୟ ଭାବେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସର୍ଭେ ରିପୋର୍ଟ ଅନୁସାରେ ୨୦୦୫ରୁ ୨୦୨୦ ମଧ୍ୟରେ ଓଡ଼ିଶାର ଶିଶୁ ମୃତ୍ୟୁହାର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ହ୍ରାସ ଘଟିଥିବାବେଳେ ୨୦୧୫-୧୭ ଠାରୁ ୨୦୧୮-୨୦ ମଧ୍ୟରେ ମାତୃ ମୃତ୍ୟୁହାର କମାଇବାରେ ଓଡ଼ିଶା ୨ୟ ସ୍ଥାନରେ ଅଛି। ସେହିପରି ୫ମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଦେଶରେ ସର୍ବକାଳୀନ ଟିକାଦାନ କାର୍ଯ୍ୟକ୍ରମ ୯୦.୫% ଲକ୍ଷ୍ୟ ହାସଲ କରି ଓଡ଼ିଶା ସର୍ବୋଚ୍ଚ ସ୍ଥାନରେ ରହିଛି। ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ରୋଗୀ ସଂଖ୍ୟା ୯୪% କମାଇ ଆମେ ଦେଶରେ ୧ମ ସ୍ଥାନରେ ଥିବାବେଳେ ଯକ୍ଷ୍ମା ନିୟନ୍ତ୍ରଣରେ ୨ୟ ସ୍ଥାନ ହାସଲ କରିଛୁ। ୯୨.୨% ଗର୍ଭବତୀ ମହିଳାଙ୍କ ପ୍ରସବ ଡାକ୍ତରଖାନାରେ କରାଯାଇପାରିଛି। କୋଭିଡ୍ ନିୟନ୍ତ୍ରଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ମୂଳମନ୍ତ୍ର ‘ପ୍ରତିଟି ଜୀବନ ମୂଲ୍ୟବାନ’କୁ କାର୍ଯ୍ୟ କ୍ଷେତ୍ରରେ ରୂପାୟିତ କରି ଓଡ଼ିଶା ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଶ୍ରୀରାମ ଚନ୍ଦ୍ର ମେଡିକାଲ କଲେଜକୁ ଏମ୍‌ସ ପ୍ଲସ୍‌ରେ ରୂପାନ୍ତରିତ କରିବାଠାରୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ ଓ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଆଦି ବିଭିନ୍ନ ଅଭିନବ ଜନହିତକାରୀ ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ସ୍ୱାସ୍ଥ୍ୟସେବା ନିମନ୍ତେ ରଖାଯାଇଥିବା ୧୬ ହଜାର କୋଟି ଟଙ୍କାର ପ୍ରସ୍ତାବିତ ବଜେଟ ଗତବର୍ଷ ତୁଳନାରେ ୨୭% ଅଧିକ ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ଥିବା ଅର୍ଥର ପ୍ରାୟ ୩ ଗୁଣ । ରାଜ୍ୟର ସାମଗ୍ରିକ ବଜେଟର ଏହା ହେଉଛି ୭ ପ୍ରତିଶତ। ଗତ ୬ ବର୍ଷରେ ବାଲେଶ୍ୱର, ବାରିପଦା, ବଲାଙ୍ଗିର, କୋରାପୁଟ, ପୁରୀ, କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ୭ଟି ନୂଆ ମେଡିକାଲ କଲେଜ ଏବଂ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ ଓ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟରୋଗ ପ୍ରତିଷ୍ଠାନଠାରେ ୨ଟି ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଛି।

# ଅଦରକାରୀ ଲୁହାରେ ବିଜୁବାବୁଙ୍କ ଡାକୋଟା



ଛତ୍ରପୁର ଆଇଟିଆଇର ଛାତ୍ରୀଛାତ୍ରମାନେ ଅଦରକାରୀ ଲୁହାରେ ଡାକୋଟା ବିମାନ ତିଆରି କରିଛନ୍ତି।

## ଆଇଟିଆଇ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତି, ୫ରେ ଉଦ୍‌ଘାଟନ

ଛତ୍ରପୁର,୨।୩(ଡି.ଏନ୍.ଏ)

ଗଞ୍ଜାମ ଜିଲା ଛତ୍ରପୁର ଆଇଟିଆଇର ଛାତ୍ରୀଛାତ୍ର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଓ ତାଙ୍କ ପ୍ରିୟ ବିମାନ ଡାକୋଟାକୁ ବିଭିନ୍ନ ଅଦରକାରୀ ଲୁହା ସାମଗ୍ରୀରେ ନିର୍ମାଣ କରିଛନ୍ତି। ଦୀର୍ଘଦିନ ହେଲା ଏହି ଦୁଇଟି କଳାକୃତିରେ ଲାଗି ପଡିଛନ୍ତି ଛାତ୍ରୀଛାତ୍ର। ବିଜୁ ପଟ୍ଟନାୟକଙ୍କ କଳାକୃତି ୬ ଫୁଟ ୫ ଇଞ୍ଚ ହୋଇଥିବା ବେଳେ ଡାକୋଟା ବିମାନର ଲମ୍ବ ରହିଛି ୨୦ ଫୁଟ ଓ ଉଚ୍ଚତା ୭ ଫୁଟ୍। ଏହି ଦୁଇଟି କଳାକୃତିକୁ ଆସନ୍ତା ୫ ତାରିଖରେ ଉନ୍ମୋଚନ କରାଯିବ। ଏହାକୁ ଆଇଟିଆଇ ପରିସର ମଧ୍ୟରେ ସ୍ଥାପନ କରାଯିବ। ଏହି ଦୁଇଟି କଳାକୃତି ନିର୍ମାଣ କରି ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶକୁ ସମ୍ମାନ ଜଣାଇବା ସହ ତାଙ୍କର ସ୍ମୃତିଚାରଣରେ ମଧ୍ୟ ଏହା ସହାୟକ ହୋଇପାରିବ ବୋଲି ଆଇଟିଆଇର ଛାତ୍ରୀଛାତ୍ର କହିଛନ୍ତି।

# ତଥ୍ୟ ଦେଇ ନ ପାରିବାରୁ ମନ୍ତ୍ରୀଙ୍କ ଉଦ୍‌ବେଗ

■ ରେଙ୍ଗାଳି କଲୋନିରେ ରହିବେ ବୀରାଶାଳ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀର ଅଧିକାରୀ, କର୍ମଚାରୀ

କାମାକ୍ଷାନଗର, ୨।୩(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ବୀରାଶାଳସ୍ଥିତ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀକୁ ବିଶ୍ୱସ୍ତରୀୟ ପାଇଲଟ୍ ଟ୍ରେନିଂ ସେଣ୍ଟରରେ ପରିଣତ କରାଯିବ। ଏଠାରେ ବାର୍ଷିକ ୫୦୦ ପାଇଲଟଙ୍କୁ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦିଆଯିବ। ଏଥିଲାଗି ବଜେଟରେ ୨୭୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କାମାକ୍ଷାନଗର ଜିରିଡାମାଲି ରେଙ୍ଗାଳି କଲୋନିରେ ପାଇଲଟ୍ ଟ୍ରେନିଂ ସେଣ୍ଟରର ଅଧିକାରୀ ଓ କର୍ମଚାରୀମାନେ ରହିବେ। ଏହାକୁ ସୁବ୍ୟବସ୍ଥିତ କରିବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ତେବେ କଲୋନିରେ ଥିବା ଗୃହ ସମ୍ପର୍କରେ ଠିକ୍ ତଥ୍ୟ ଦେଇ ନ ପାରିବାରୁ ରେଙ୍ଗାଳି ଡିଭିଜନ ଅଧିକାରୀଙ୍କ ଉପରେ ବର୍ଷିଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଜିଲାପାଳ ସରୋଜ କୁମାର ସେଠୀ।

ଅଧିକାରୀ ଓ କର୍ମଚାରୀଙ୍କ ରହିବା ଲାଗି ପ୍ରସ୍ତାବିତ ଜିରିଡ଼ାମାଲିସ୍ଥିତ ରେଙ୍ଗାଳି କଲୋନିକୁ ଗୁରୁବାର ମନ୍ତ୍ରୀ, ଜିଲାପାଳ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଏବଂ ଗଭର୍ନମେଣ୍ଟ ଏଭିଏଶନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଜିଏଟିଆଇ)ର ଅଧିକାରୀମାନେ ପରିଦର୍ଶନରେ ଯାଇଥିଲେ। ବୀରାଶାଳସ୍ଥିତ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀ ବିଶ୍ୱସ୍ତରୀୟ ପାଇଲଟ ଟ୍ରେନିଂ ସେଣ୍ଟରରେ ପରିଣତ ହେଲେ ଏଠାକୁ ରାଜ୍ୟ ବାହାରର ବହୁ ପ୍ରଶିକ୍ଷାର୍ଥୀ ପାଇଲଟ ପ୍ରଶିକ୍ଷଣ ପାଇଁ ଆସିବେ। ସେମାନଙ୍କ ରହିବା ଲାଗି ରେଙ୍ଗାଳି କଲୋନିରେ ଘର ଯୋଗାଇ ଦିଆଯିବ। ଏ ସମ୍ପର୍କରେ ମନ୍ତ୍ରୀ ଅଧିକାରୀଙ୍କଠାରୁ ସବିଶେଷ ତଥ୍ୟ ଲୋଡ଼ିଥିଲେ। ହେଲେ ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ପଟ୍ଟନାୟକ ଏ ବାବଦରେ ସ୍ପଷ୍ଟ ତଥ୍ୟ ଦେଇପାରି ନ ଥିଲେ, ଯାହାକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ମନ୍ତ୍ରୀ।

ନିଜ ପ୍ରତିକ୍ରିୟାରେ ଅଧିକାରୀ ପଟ୍ଟନାୟକ କହିଲେ, କଲୋନିରେ ଅଧାରୁ ଅଧିକ ଘରେ କର୍ମଚାରୀମାନେ ରହୁଛନ୍ତି। ଅବଶିଷ୍ଟ ଘରଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ତଥାପି କିପରି ଘର ବ୍ୟବସ୍ଥା କରାଯାଇପାରିବ, ସେ ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



ମନ୍ତ୍ରୀ, ଜିଲାପାଳ ରେଙ୍ଗାଳି କଲୋନି ପରିଦର୍ଶନ କରୁଛନ୍ତି।

ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। -ଶ୍ରୀମା





# ନୂଆ ବିଚାର ଓ ନୈତିକ ବିପ୍ଳବ

କୋରିନ୍ ପିଲୁଚୋନ୍

ବୈଜ୍ଞାନିକ ତର୍କବାଦ ଏବଂ ପ୍ରଯୁକ୍ତିଗତ ପ୍ରାଧାନ୍ୟର ବିଚାର ବା ସିଦ୍ଧାନ୍ତଗୁଡ଼ିକ ଆମକୁ ରସାତଳଗାମୀ କରିଦେଇଛି। ତେବେ ମାନବୀୟ ଖୁସି ପାଇଁ ପରିସଂସ୍ଥାକୁ ମୁଖ୍ୟ ଭାବେ ଗ୍ରହଣ କରୁଥିବା ଏବକାର ନୂଆ ବିଚାରକୁ ଆମେ ଯଦି ଗ୍ରହଣ ନ କରୁ, ସେହି ଅତଳଗର୍ଭରୁ ଆଉ ଫେରିବାର ବାଟ ପାଇବା ନାହିଁ। ଅଷ୍ଟାଦଶ ଶତାବ୍ଦୀର ୟୁରୋପରେ ଯେଉଁ ବିଚାର ପ୍ରତିଷ୍ଠିତ ହୋଇଥିଲା ତାହା ପୁରୁଣା ନୀତିକୁ ରଦ୍ଦ କରିବା ସହ ଏକ ଅସୀମ ଭବିଷ୍ୟତର ପ୍ରତିଶ୍ରୁତି ଉପରେ ତିଷ୍ଠି ରହିଥିଲା। ଲୋକେ ବିଶ୍ୱାସ କରିବାକୁ ଲାଗିଲେ ଯେ, ସେମାନଙ୍କ ଭାଗ୍ୟର ଦାୟିତ୍ୱ ନେବାକୁ ସେମାନେ ପୂରା ସ୍ୱାଧୀନ ଏବଂ ଧର୍ମ, ପରମ୍ପରା ଓ ପ୍ରକୃତିର ବନ୍ଧନରୁ ମୁକ୍ତ। ଧର୍ମୀୟ ବିଶ୍ୱାସ ବଦଳରେ ତର୍କବାଦର ଜ୍ଞାନ ସେମାନଙ୍କୁ କ୍ଷତି ଓ ଅଭାବରୁ ମୁକ୍ତ କରିପାରିବ। ଏହା ବ୍ୟତୀତ ପର୍ଯ୍ୟାପ୍ତ ଶାନ୍ତି, ସମାନତା ଏବଂ ବୈଶ୍ୱିକ ମାନବ ଅଧିକାର ପରିପୂର୍ଣ୍ଣ ଏକ ନୂଆ ପୃଥିବୀରେ ପହଞ୍ଚାଇଦେବ। ତେବେ ଅଷ୍ଟାଦଶ ଶତାବ୍ଦୀର ସେହି ବିଚାରକୁ ଦେଖିଲେ ବିଂଶ ଶତାବ୍ଦୀର ଅଭିଜ୍ଞତା କିଛି ଭିନ୍ନ ପ୍ରକାଶ କରେ। ସେହି ଦୃଷ୍ଟିକୋଣ ଅନେକ କ୍ଷେତ୍ରରେ ପ୍ରଶଂସାଯୋଗ୍ୟ ହେଲେ ବି ତ୍ରୁଟିପୂର୍ଣ୍ଣ ଥିଲା। ଏହା ମଧ୍ୟ ପରିବେଶଗତ କ୍ଷତି ଓ ନାଜି ଗଣହତ୍ୟା ଘଟଣା ପାଇଁ ଦାୟୀ। ମଣିଷ ଏବଂ ପ୍ରକୃତିର ତ୍ରୁଟିପୂର୍ଣ୍ଣ ଦ୍ୱନ୍ଦ୍ୱର ଧ୍ୱଂସକାରୀ ତର୍କ ଲଗାତର ଭାବେ ଆମ ସଭ୍ୟତା ପ୍ରତି ବିପଦ ସୃଷ୍ଟି କରିଆସୁଛି। ତେବେ ନୂଆ ବିଚାରଗତ ସିଦ୍ଧାନ୍ତ ଏହି ଦ୍ୱନ୍ଦ୍ୱାତ୍ମକ ଦୃଷ୍ଟିକୋଣକୁ ନିୟନ୍ତ୍ରଣ କରିପାରିବ। ପ୍ରାଣୀ ଓ ଭବିଷ୍ୟତ ପିଢ଼ି ପ୍ରତି ଆମ ନୈତିକ କର୍ତ୍ତବ୍ୟ ସମ୍ପର୍କରେ ଏବଂ ପୃଥିବୀକୁ ବାସୋପଯୋଗୀ କରି କିଭଳି ଆମେ ବଞ୍ଚିବା ସେ ସମ୍ପର୍କରେ ଗଭୀର ପୁନର୍ବିଚାର କରିବା ଦ୍ୱାରା ଏହା ହୋଇପାରିବ। ଆମେ ପ୍ରକୃତିରୁ ଅଲଗା ବୋଲି ନ ଭାବି ସ୍ୱୀକାର କରିବାକୁ ହେବ ଯେ, ଆମେ ତା' ଭିତରେ ହିଁ ରହିଛୁ। ଏପରି କି ଆମର ଅଧିକାଂଶ ସାଂସାରିକ କାର୍ଯ୍ୟକଳାପର ଦୀର୍ଘମିଆଦୀ ପରିଣାମ ଅଛି ବୋଲି ଗ୍ରହଣ କରିବାକୁ ପଡ଼ିବ।

ଆମେ ଯାହା ଖାଉଛୁ, ଆମେ ଯେଉଁଠି ରହୁଛୁ ଓ ଯାହା କିଛି କରୁଛୁ ସେସବୁ ପରିସଂସ୍ଥା ଓ ଅନ୍ୟ ଜୀବଙ୍କ ଉପରେ ନିର୍ଭର କରେ। ଏକ ନୂଆ ବିଚାର ତଥା ନୂଆ ବୁଝାମଣା ନୂଆ ସାମାଜିକ ସମ୍ପର୍କ ସୃଷ୍ଟି କରିବ। ଏହା ପ୍ରକୃତି ଉପରେ ଆମ ନିର୍ଭରଶୀଳତାକୁ ପ୍ରକାଶ କରିବ। ଜୈବମଣ୍ଡଳର ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ସବୁ ଲୋକ ଓ ପ୍ରାଣୀଙ୍କୁ ପରିବେଶଗତ ନ୍ୟାୟ ଯୋଗାଇଦେଲେ ସାମାଜିକ ସମ୍ପର୍କ ସୃଷ୍ଟି କରାଯାଇପାରିବ। ତେବେ ଅନ୍ୟ ଜୀବ ଓ ପ୍ରକୃତି ସହ ନିବିଡ଼ ଭାବେ ବାନ୍ଧି ହୋଇ ରହିବାରେ ଆମ ସାଂସାରିକ ସ୍ଥିତି ଦୁର୍ବଳତା ପ୍ରକାଶ କରିଆସିଛି, ଯାହାକୁ ନୂଆ ବିଚାରରେ ଗୁରୁତ୍ୱର ସହ ନିଆଯିବା ଉଚିତ। କେବଳ ମାନବୀୟ ସ୍ୱାଧୀନତାକୁ ଦୋଷ ଦେବା ଉଚିତ ନୁହେଁ। ବରଂ ଏହା ବଦଳରେ ଆମେ ମାନବ ସ୍ଥିତି ନିରୂପଣ କରିବାରେ ଭୂମିକା ନେଉଥିବା ଭୌତିକତା, ସହନଶୀଳତା ଏବଂ ପରସ୍ପର ନିର୍ଭରଶୀଳତାକୁ ସ୍ୱୀକାର କରିବା ଉଚିତ। ଏଣୁ ଆମ ନୂଆ ବିଚାର ପରିସଂସ୍ଥା ଆଧାରିତ ହେବା ଦରକାର। ଗ୍ରୀକ୍ ଇତିହାସ ଅନୁଯାୟୀ, ପରିସଂସ୍ଥା ଆମ ପାର୍ଥିବ ଜୀବଙ୍କ ବିବେକ ବା ଚେତନତ୍ୱକୁ ଧାରଣ କରିଛି ; ଯାହା ସବୁବେଳେ ଅନ୍ୟମାନଙ୍କ ସହ ଏକ ସହାବସ୍ଥାନ ଭାବେ ରହି ଆସିଛି। ସେଥିପାଇଁ ପରିସଂସ୍ଥାକୁ କେବେହେଲେ ନ୍ୟୂନ କରାଯାଇ ପରିବେଶଗତ ବିଚାର ଯଥା ଜଳବାୟୁ ପରିବର୍ତ୍ତନ, ଜୈବବିବିଧତା କିମ୍ବା ପ୍ରଦୂଷଣ ମଧ୍ୟରେ ସୀମିତ କରାଯାଇପାରିବ ନାହିଁ। ଏହାର ବି ଏକ ସାମାଜିକ ଦିଗ ରହିଛି, ଯାହା ସଂସାଧନ ଯୋଗାଣରେ ସ୍ୱଚ୍ଛତା ଏବଂ ଉତ୍ପାଦନ ଧାରାରେ କିଛି ପରିବର୍ତ୍ତନ ଦାବି କରେ। ଏହାର ମଧ୍ୟ ଏକ ଅସ୍ତିତ୍ୱ ଦିଗ ଅଛି, ଯାହା ଆମ ନିଜର ଓ ପ୍ରକୃତିରେ ଆମର ସ୍ଥାନ ସମ୍ପର୍କରେ ଏକ ଗଭୀର ବୁଝାମଣା ଚାହେଁ।



ପ୍ରାକୃତିକ ପୃଥିବୀ ପ୍ରତି ଆମର ଅନିୟନ୍ତ୍ରିତ ଶୋଷଣ ଏବଂ ଦୁର୍ବଳତା ଓ ସୀମିତତାକୁ ସ୍ୱୀକାର କରିବାରେ ଆମେ ବିଫଳ। ଏହାଯୋଗୁ ପରିସଂସ୍ଥା ତିଷ୍ଠି ପାରୁନାହିଁ। ତର୍କସଙ୍ଗତର ପ୍ରଭାବ, ମରଣଶୀଳତା ଓ ବିପଜ୍ଜନକ ସ୍ଥିତିକୁ ଅସ୍ୱୀକାର ସହ ପ୍ରକୃତିକୁ ନିୟନ୍ତ୍ରଣ କରିବା ମାନସିକତା ଆମ ସାଧାରଣ କାର୍ଯ୍ୟଶୈଳୀ, ବଂଶବୃଦ୍ଧି ଓ ଶାସକୀୟ କାର୍ଯ୍ୟକଳାପକୁ ବଦଳାଇଦେଇ ପ୍ରକୃତି ସହ ଯୁଦ୍ଧ କରିବା ମନୋଭାବ ସୃଷ୍ଟି କରୁଛି। ଆମେ ସୀମିତତାକୁ ଜାଣି ନ ପାରିଲେ ଆମ ଅଧିକାରକୁ ରୋକିବା ଅସମ୍ଭବ ହୋଇଯିବ। ମନେରଖିବାକୁ ହେବ ଯେ, ସେହିସବୁ ଅଧିକାର ଆମକୁ ଖୁସି କରିବାକୁ ଯାହା ନାହିଁ ତାହା କରିବା ଲାଗି ଏକ ଲାଇସେନ୍ସ ନୁହେଁ। ବସ୍ତୁତଃ, ପରିବେଶଗତ ନୂଆ ବିଚାର ବା ସିଦ୍ଧାନ୍ତ ଆମକୁ କୃଷି ଏବଂ ଏକ ଅଧିକ ଯତ୍ନଶୀଳ ସମାଜ ସୃଷ୍ଟି କରିବାରେ କାର୍ଯ୍ୟକରୁଥିବା ସାଧାରଣ ଶ୍ରମିକମାନଙ୍କ ଭୂମିକା ଉପରେ ପୁନର୍ବିଚାର କରିବା ଲାଗି ବାଟ କଢ଼ାଇନେବା ଦରକାର। କିନ୍ତୁ ନୂଆ ବିଚାର ପ୍ରକାଶ ପାଇବା ପରଠାରୁ ପ୍ରଯୁକ୍ତିଗତ ନୂତନତ୍ୱ ଏବଂ ସହରୀକରଣ ଯୋଗୁ ମାନବୀୟ ପ୍ରଗତି କମି ଚାଲିଛି। ପୁରାତନ ଗ୍ରୀକ୍ ଦାର୍ଶନିକମାନେ ବିଶ୍ୱାସ କରୁଥିଲେ ଯେ, ରାଜନୈତିକ ବ୍ୟବସ୍ଥା ସହରରୁ ଆରମ୍ଭ ହୋଇଥିଲା। କାର୍ଲ ମାକ୍ସ ତାଙ୍କ କମ୍ୟୁନିଷ୍ଟ ମାନିଫେଷ୍ଟୋରେ ଗ୍ରାମୀଣ ଜୀବନକୁ ଉପେକ୍ଷାକରି ତାଙ୍କ ଅଜ୍ଞତାର ପରିଚୟ ଦେଇଥିଲେ। ଏହିଭଳି ଅନ୍ୟ ଜ୍ଞାନଦୀପ୍ତ ଦାର୍ଶନିକମାନଙ୍କ ପାଇଁ ମଧ୍ୟ କୃଷି ଶ୍ରମିକମାନେ ପଛୁଆ ବର୍ଗ ହୋଇ ରହିଯାଇଥିଲେ।

ସମ୍ପ୍ରତି ଆମକୁ ଶେଷରେ ଗାଁ ଓ କ୍ଷେତରେ ନୈତିକ ବିପ୍ଳବ ଆରମ୍ଭ କରିବାକୁ ହେବ। ଅନେକ ଆଧୁନିକ କୃଷକ ରଣ, ଅଧିକ ସମୟ କାମକରିବା ବୋଝ ଏବଂ ପରିବେଶ ଅନୁପଯୋଗୀ କାର୍ଯ୍ୟକଳାପର ପ୍ରଭାବରେ ଥିବାବେଳେ, ଅନ୍ୟମାନେ ଏହି ସ୍ଥିତକୁ ଅଣଦେଖା କରି ନୂଆ ପରମ୍ପରା ଆପଣାଉଛନ୍ତି। ଉଦାହରଣ ସ୍ୱରୂପ, ଏକକ ଫସଲ ଉତ୍ପାଦନ ବଦଳରେ ବିବିଧ କୃଷି କରାଯାଉଛି ଏବଂ ସଘନ ପଶୁଧନ ଉତ୍ପାଦନରୁ ମୁହଁ ଫେରାଇ ଫାର୍ମ ମଡେଲ ମୁହାଁ ହେଉଛନ୍ତି। ସେମାନେ ଆଞ୍ଚଳିକ ସ୍ତରରେ ନିଜକୁ ସଂଗଠିତ କରୁଛନ୍ତି, ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ବିକ୍ରି କରୁଛନ୍ତି ଏବଂ ମାର୍କେଟର ସହଯୋଗଭିତ୍ତିକ ବିଚାରଗୁଡ଼ିକ ଆଣୁଛନ୍ତି। ସେମାନଙ୍କ ପ୍ରୟାସ ଅବହେଳିତ ତଥା ପଛୁଆ ଅଞ୍ଚଳଗୁଡ଼ିକୁ ସଶକ୍ତ କରିବାରେ ସାହାଯ୍ୟ କରୁଛି। ହେଲେ ପ୍ରକୃତ ସମସ୍ୟାକୁ ଏଡାଇ ଯାଉଛନ୍ତି।

ପ୍ରକୃତିର ଯତ୍ନ କହିଲେ ବିଶ୍ୱକୁ ଉତ୍ପାଦନକ୍ଷମ କରିବା ସହ ପ୍ରତ୍ୟେକଟି କାର୍ଯ୍ୟର ସୁସଞ୍ଚାଳନକୁ ବୁଝାଏ। ଏହା ସହ ଗ୍ରାମାଞ୍ଚଳ ଓ ତା' ପାଖାପାଖି ଅଞ୍ଚଳକୁ ପରିବର୍ତ୍ତନ କରିବା ସମସ୍ତ କାର୍ଯ୍ୟକଳାପ ମଧ୍ୟ ଏହାର ଅନ୍ତର୍ଭୁକ୍ତ। ଏଣୁ ଆମେ ଏଥିରେ ଉନ୍ନତି ଆଣିପାରିବା। ପ୍ରକୃତି ଓ ଅନ୍ୟମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଯତ୍ନ ପ୍ରଦର୍ଶନ ପୂର୍ବକ ଯେଉଁମାନେ ପରିବେଶ ଉପଯୋଗୀ କୃଷି କରି ମୂଲ୍ୟବୋଧତାର ପରିଚୟ ଦେଉଛନ୍ତି ତାହାକୁ ଆମ ନୂଆ ବିଚାରରେ ଗୁରୁତ୍ୱ ଦେବା ଉଚିତ। ସବୁ ଦେଶର ସରକାର ଏବଂ ୟୁରୋପୀୟ ସଂଘ ଇଣ୍ଡଷ୍ଟ୍ରିଆଲ ଫାର୍ମଗୁଡ଼ିକୁ ଅତ୍ୟଧିକ ସବ୍‌ସିଡ଼ି ଦେବା ବଦଳରେ ସେମାନଙ୍କୁ ସହଯୋଗ କରିବା ଆବଶ୍ୟକ। ଏହି କୃଷକମାନେ ଏବଂ ଯେଉଁମାନେ ଏକ ଯତ୍ନଶୀଳ ପୃଥିବୀ ପାଇଁ ଆଶା ରଖିଛନ୍ତି ସେମାନେ ଶାନ୍ତ ଶ୍ରମିକ ଏବଂ ନୂଆ ବିଚାରରେ ଅଣଦେଖା ଗୋଷ୍ଠୀ ହୋଇ ରହିଛନ୍ତି। ଜଳବାୟୁ ପରିବର୍ତ୍ତନ, ଯୁଦ୍ଧ, ଋଣ ଖିଲାପ ଏବଂ ଅନ୍ୟାନ୍ୟ ସଙ୍କଟରୁ ବଞ୍ଚିବାକୁ ହେଲେ ଆମକୁ ସେମାନଙ୍କ ସୃଜନଶୀଳତା ଆବଶ୍ୟକତା। ଊନବିଂଶ ଶତାବ୍ଦୀରେ ଭଲରେ ବଞ୍ଚିବାକୁ ହେଲେ ଆମକୁ ସେମାନଙ୍କଠାରୁ ବହୁତ କିଛି ଶିଖିବାର ଅଛି।

**ପ୍ରାଧ୍ୟାପକ, ଦର୍ଶନଶାସ୍ତ୍ର,**
**ଗୁସ୍ତାଭେ ଇଫେଲ ବିଶ୍ୱବିଦ୍ୟାଳୟ**

## ଏଇ ଭାରତରେ

ବୟସ ୯୨, କିନ୍ତୁ ଏବେ ବି ଚଳଚଞ୍ଚଳ ମୁମ୍ବାଇର ନବୀନ ଚନ୍ଦ୍ରା। ସେ ତାଙ୍କ ହାଉସିଂ ସୋସାଇଟିରୁ ଜଳ ଓ ଶକ୍ତି ସଙ୍କଟ ଟାଳିବାରେ ସଫଳ ହୋଇଛନ୍ତି। ନୂତନତ୍ୱ ଓ ପରିବେଶ ଉପଯୋଗୀ ପଦ୍ଧତିରେ ସେ ଏହି କାର୍ଯ୍ୟ କରି ୨ ଲକ୍ଷ ଲିଟର ପାଣି ବଞ୍ଚାଇବା ସହ ବିଦ୍ୟୁତ୍ ବିଲ୍ ଅଧାକୁ କମାଇ ପାରିଛନ୍ତି। ମୁମ୍ବାଇରେ ପ୍ରାୟ ସମସ୍ତ ହାଉସିଂ ସୋସାଇଟି ଜଳ ଓ ବିଦ୍ୟୁତ୍ ସଙ୍କଟର ସାମ୍ନା କରୁଥିବା ବେଳେ ନବୀନ ତାଙ୍କ ସୋସାଇଟିକୁ ଏଥିରୁ ମୁକ୍ତ କରି ଅନ୍ୟମାନଙ୍କୁ ବାଟ ଦେଖାଇଛନ୍ତି। ନବୀନ ରହୁଥିବା ସିଲାଇନ ହାଉସିଂ ସୋସାଇଟିର ଅଧ୍ୟକ୍ଷ ଅଛନ୍ତି। ସୋସାଇଟିର ଲୋକେ ୱାଟର ଟ୍ୟାଙ୍କର କିଣିବା ଦେଖିବା ପରେ ଏହାର ସମାଧାନ କରିବା ଲାଗି ସେ ନିଷ୍ପତ୍ତି ନେଇଥିଲେ। ପରେ ବର୍ଷାଜଳ ସଂରକ୍ଷଣ କରିବା ପାଇଁ ସେ ଲୋକମାନଙ୍କୁ ପ୍ରେରିତ କରିବା ସହ ସୋଲାର ପ୍ୟାନେଲ ଲଗାଇବା ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟ ସେ ୨୦୧୨ରେ ଆରମ୍ଭ କରିଥିଲେ। କେବଳ ଏତିକି ନୁହେଁ, ବର୍ଜ୍ୟରୁ ଖତ ପ୍ରସ୍ତୁତ କରିବାରେ ବି ନବୀନ ପ୍ରମୁଖ ଭୂମିକା ନେଉଛନ୍ତି। ତାଙ୍କ ସୋସାଇଟିର ଅନ୍ୟ ସଦସ୍ୟମାନଙ୍କ ସହ ବୃକ୍ଷରୋପଣ ବି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ମାର୍ଚ୍ଚ ୧୯୯୮

- ୟୁରୋପିଆନ ଇନଡୋର ଚାମ୍ପିୟନଶିପ୍‌ରେ ୟୁକ୍ରେନର ୨୫ ବର୍ଷ ବୟସ୍କା ପୋଲଭଲ୍ଟର ଆଞ୍ଜେଲା ବାଲକୋନୋଭାଙ୍କ ବିଶ୍ୱ ରେକର୍ଡ।
- ଭିଏତନାମରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ହ୍ରଦ ଭିତରେ ଖସିପଡ଼ିବା ଫଳରେ ୫୦ ଯାତ୍ରୀ ମୃତ।
- ଜୈନ ହାୱାଲା ମାମଲାରେ ବିଜେପି ସଭାପତି ଲାଲକୃଷ୍ଣ ଆଡଭାନୀ ଓ କଂଗ୍ରେ ନେତା ବିଦ୍ୟାଚରଣ ଶୁକ୍ଳାଙ୍କୁ ଦୋଷମୁକ୍ତ କରି ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟ ସୁପ୍ରିମ୍‌କୋର୍ଟରେ କାଏମ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | | 1 | 5 | | | 8 |
| | | | | | | | | 6 |
| 6 | | | 8 | | 3 | 1 | | 7 |
| | | | | | | | | |
| | 9 | 1 | 7 | 2 | | | | |
| | | 6 | | | 8 | | 3 | |
| 5 | | | | | | | | |
| | 2 | 3 | 9 | | 4 | | | |
| | | | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 5 | 4 | 2 | 3 | 9 | 7 | 8 |
| 4 | 8 | 7 | 5 | 1 | 9 | 6 | 2 | 3 |
| 2 | 3 | 9 | 6 | 7 | 8 | 5 | 4 | 1 |
| 8 | 7 | 6 | 2 | 4 | 5 | 3 | 1 | 9 |
| 3 | 5 | 4 | 9 | 6 | 1 | 2 | 8 | 7 |
| 1 | 9 | 2 | 3 | 8 | 7 | 4 | 6 | 5 |
| 9 | 2 | 8 | 1 | 5 | 4 | 7 | 3 | 6 |
| 7 | 6 | 3 | 8 | 9 | 2 | 1 | 5 | 4 |
| 5 | 4 | 1 | 7 | 3 | 6 | 8 | 9 | 2 |

ଗତକାଲିର ଉତ୍ତର



# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

ଅଲେଖ ଚନ୍ଦ୍ର ସାମଲ

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ଡିସେମ୍ବର ୨୦ରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ଏହାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ। ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ କରାଯିବା ପ୍ରାସଙ୍ଗିକ ମନେହୁଏ। ୨୦୨୦ର ତଥ୍ୟ ଅନୁଯାୟୀ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ପ୍ରତିଶତ। ତନ୍ମଧ୍ୟରୁ ୨୫୯୦ବର୍ଗକିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ। ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮, ୬୬୧ବର୍ଗକିଲୋମିଟରରୁ ୧୦୧ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୨୭ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃଛ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ। ଏହା ସତ୍ୟ ଯେ, ଜଙ୍ଗଲ ମୁଲକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ। ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି। ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି। ଦରପୋଡ଼ା



ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି। ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଲ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝଡ଼ିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି। ଏହାଦ୍ୱାରା ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ। ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ। ଅନେକ ଜୀବଜନ୍ତୁଙ୍କର ପ୍ରାଣହାନି କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ। ଜଙ୍ଗଲ ସମ୍ପଦ ହ୍ରାସଯୋଗୁ ବର୍ଷାର ପରିମାଣ କମି ଯାଏ। ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ-ମଣିଷ ବିବାଦ ବୃଦ୍ଧି ପାଏ।

ଓଡ଼ିଶାରେ ୧୯୮୮ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋକ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ାକଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି। ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ବିଶେଷ ଭାବେ ପ୍ରସ୍ତୁତ ହୋଇଛି। ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି। ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚିତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି , ଓଡ଼ିଶାରେ ୨୦୦୫ରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ।

ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି। ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସ୍‌ର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି। ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ।

**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ପଲାଇ,**
**ବାଲିଚନ୍ଦ୍ରପୁର, ଯାଜପୁର**
**ମୋ: ୯୪୩୭୨୫୭୧୨୩**

# ଠକଙ୍କୁ ଆଣିବା ବାଟକୁ



ଶୁଭନାରାୟଣ ଶତପଥୀ

ସରକାରୀ ହେଉ ବା ବେସରକାରୀ ସଂସ୍ଥା, ସବୁଠି ନିଯୁକ୍ତ କର୍ମଚାରୀମାନଙ୍କ ମଧ୍ୟରେ ବଡ଼ରୁ ସାନ କ୍ରମରେ ପଦବୀ ଥାଏ। ଏହି ପଦବୀ ଅନ୍ତର୍ଗତ ଦାୟିତ୍ୱ ଓ ସର୍ତ୍ତାବଳୀକୁ ନେଇ କାମ କରିବାକୁ ପଡ଼େ। ତେବେ ଏକଥା ନିଶ୍ଚିତ ଯେ ଜଣେ ସ୍ୱେଚ୍ଛାସେବୀ, କର୍ମଚାରୀ ବା କର୍ମକର୍ତ୍ତା ଗୋଟିଏ କାର୍ଯ୍ୟ ସମ୍ପାଦନ କରିବାକୁ ହେଲେ ନିଜର ଦକ୍ଷତା, କାର୍ଯ୍ୟ କରିବାର ଆଗ୍ରହ ଓ ସକାରାତ୍ମକ ମନୋଭାବ, ସେବାପ୍ରଦାନରେ ତ୍ୟାଗ, ଜ୍ଞାନ ଓ ଅଭିଜ୍ଞତା, ଶିକ୍ଷାଲାଭ କରିବାର ଉତ୍କଣ୍ଠା, ସମନ୍ୱୟ, ସହଯୋଗ, ଭିତ୍ତିରେ କାର୍ଯ୍ୟଶୈଳୀକୁ ଆପଣାଇଥାଏ। ଉତ୍ତମ ସଂଯୋଜନା, ଦଳଗତ କାର୍ଯ୍ୟ, ସମୟ ଅବଧି ମଧ୍ୟରେ ଗୁଣାତ୍ମକ ସେବା ଯୋଗାଣ ହିଁ ଜଣେ ଉତ୍ତମ କର୍ମଚାରୀଙ୍କ ସୁଲକ୍ଷଣ। ତେବେ ମନଭିତରେ ଈର୍ଷା, ଦ୍ୱେଷ, ଅହଂକାର, ଗର୍ବରଖି ନିଜ ହାତରେ କ୍ଷମତା କେନ୍ଦ୍ରୀଭୂତ କରି ଗୋଟିଏ ଶିଙ୍ଗରେ ମାଟି ତାଡିଲା ଭଳି କାର୍ଯ୍ୟ କରିବାକୁ ଉକ୍ତ କର୍ମଚାରୀଙ୍କ ସଫଳତା ବୋଲି ଧରାଯାଏ ନାହିଁ। ଏସବୁ ବଦଗୁଣ ଧାରଣ କରୁଥିବା ଜଣେ କର୍ମଚାରୀ, ଅଧିକାରୀ ସେ କାର୍ଯ୍ୟ କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ପ୍ରତ୍ୟେକ କାର୍ଯ୍ୟର ସୁଗମ ପ୍ରଗତି ପାଇଁ ବାଧକ। ବାସ୍ତବରେ ଏପରି ମନୋଭାବ ରଖୁଥିବା ବ୍ୟକ୍ତି ସେବା ବା କର୍ମକ୍ଷେତ୍ର ପାଇଁ ପ୍ରତିବନ୍ଧକ ବା ବିପଦ। ଏପ୍ରକାର କର୍ମଚାରୀ ସଂଯୋଜନା, ସହମତି, ଦଳଗତ କାର୍ଯ୍ୟଠାରୁ ବେଶ୍ ଦୂରରେ ରହିଥାନ୍ତି। ତେବେ ଅଧିକାଂଶ କାର୍ଯ୍ୟ କ୍ଷେତ୍ରରେ ଏପରି ବ୍ୟକ୍ତି ନାହାନ୍ତି ବୋଲି କହିହେବ ନାହିଁ। ତେବେ ଏସବୁ ବ୍ୟକ୍ତିମାନଙ୍କୁ ସହ୍ୟକରି ବା ତାଙ୍କ ସହ ଖାପଖୁଆଇ ବା ନିଜର ଦକ୍ଷତା ବଳରେ ସେମାନଙ୍କ ସହଯୋଗ ଓ ଉତ୍ତମ ବୁଝାମଣାଭିତ୍ତିରେ ଜନସାଧାରଣଙ୍କୁ ସେବା ପ୍ରଦାନ କରୁଥିବା ଓ କର୍ମକ୍ଷେତ୍ର ନିମନ୍ତେ ସଫଳତା ସୃଷ୍ଟିକରୁଥିବା ବ୍ୟକ୍ତିବିଶେଷ ହିଁ ପ୍ରକୃତ ସଫଳ କର୍ମଚାରୀ। ବାସ୍ତବରେ କର୍ମକ୍ଷେତ୍ରରେ ଏପରି ବ୍ୟକ୍ତି ଖୁବ୍ କମ୍ ସଂଖ୍ୟାରେ ଦେଖିବାକୁ ମିଳନ୍ତି। ଏମାନଙ୍କ ସଂଖ୍ୟା କମ୍ ହେବାର ଅନେକ କାରଣ ରହିଛି। ସେଥିମଧ୍ୟରୁ ସେମାନଙ୍କୁ ଉତ୍ସାହ, ପ୍ରୋତ୍ସାହନର ଅଭାବ ଅନ୍ୟତମ। କୌଶଳସହ କାମକୁ ଠକି ଖସିଯିବାର ବ୍ୟକ୍ତି ଅନେକ ଥିଲେ ହେଁ ଆଜିକାଲି ଏମାନେ ନିଜକୁ ବୁଦ୍ଧିମାନ ବୋଲି ଭାବିଥାନ୍ତି। ତେବେ ସରଳ, ନିଷ୍କପଟ, ଜନସାଧାରଣଙ୍କ ସ୍ୱାର୍ଥ ସାଧନରେ ବ୍ରତୀଥିବା କର୍ମଚାରୀଙ୍କୁ ନିର୍ବୋଧ ଭାବିବା ମଧ୍ୟ ଏକ ନିର୍ବୋଧତା। ତେବେ ଏ ପ୍ରକାର ପ୍ରବୃତ୍ତି ସମ୍ପ୍ରତି ଦୃଷ୍ଟିଗୋଚର ହେଉଛି। ଏହା ସେହି କର୍ମଯୋଗୀମାନଙ୍କ ନିମନ୍ତେ ନିରୁତ୍ସାହଜନକ କାର୍ଯ୍ୟ। ଏପରି ଅବିରତ ଧାରା ହିଁ ବିଫଳତା ଓ କର୍ମକ୍ଷେତ୍ରରେ ଠକଙ୍କୁ ଜନ୍ମ ଦିଏ। ଲାଞ୍ଚ, ଅର୍ଥ ଆତ୍ମସାତ, ତୋଷାମଦ, ସୁପାରିସର ପାରିବାପଣିଆରେ ଛନ୍ଦି ହେବାରେ ଲାଗିଛି କର୍ମଜଗତ ଓ କର୍ମଚାରୀଙ୍କ ଦକ୍ଷତା। ବାସ୍ତବରେ ଏହି ବ୍ୟକ୍ତିତ୍ୱମାନେ ସଫଳତା, ଉତ୍କର୍ଷତା ବଦଳରେ ନିଜର ରୋଜଗାର, କର୍ମ, ଚାକିରି ବଞ୍ଚାଇବାରେ ଲାଗିପଡ଼ନ୍ତି। ଫଳରେ ନିଜ ଜୀବିକା ସିନା ସୁରକ୍ଷିତ ରୁହେ କିନ୍ତୁ ଯେଉଁ କାମ ପାଇଁ ସେମାନେ ନିୟୋଜିତ ହୋଇଥାନ୍ତି ତାହା ଫଳବତୀ ହୁଏନାହିଁ।

ଏକ ତଥ୍ୟରୁ ଜଣାଯାଏ ସାରା ବିଶ୍ୱରେ ପ୍ରାୟ ୩.୩୨ବିଲିୟନ ବ୍ୟକ୍ତି ବିଭିନ୍ନ କାର୍ଯ୍ୟାଳୟ, ଅନୁଷ୍ଠାନ, ସଂସ୍ଥାରେ ନିୟୋଜିତ। ଆମେ ଜାଣୁ ଯେ ଜଣେ ଚାରିତ୍ରିକ ଭାବରେ ଖରାପ ବା ଦୁର୍ନୀତିଗ୍ରସ୍ତ କର୍ମଚାରୀ ପୂରା ବ୍ୟବସ୍ଥାକୁ କଳଙ୍କିତ କରିଦେଇପାରେ। ତେବେ ୧୮୦ଟି ଦେଶକୁ ନେଇ ଟ୍ରାନ୍ସପରେନ୍ସି ଇଣ୍ଟର୍ନ୍ୟାଶନାଲ ଦ୍ୱାରା ୨୦୧୨ରେ ହୋଇଥିବା ଭ୍ରଷ୍ଟାଚାର ଧାରଣ ସୂଚକାଙ୍କ ବିଶ୍ଳେଷଣ ଅନୁସାର ଡେନମାର୍କ, ନ୍ୟୁଜିଲାଣ୍ଡ, ଫିନ୍‌ଲାଣ୍ଡ ଦେଶସମୂହ ସବୁଠାରୁ କମ୍ ଭ୍ରଷ୍ଟାଚାରପ୍ରବଣ ଅର୍ଥାତ୍ ୧ନମ୍ବର ସ୍ଥାନରେ ରହିଥିବାବେଳେ ଭାରତ ୮୫ ତମ ସ୍ଥାନରେ ରହିଛି। ଆଜିକାଲି ସଫଳ, ଦକ୍ଷ, ପାରଦର୍ଶୀ କର୍ମଚାରୀ ବା କର୍ମୀଟିଏ ମିଳିବା ଯେତିକି କଷ୍ଟକର ସେମାନେ ବର୍ତ୍ତମାନର କର୍ମକ୍ଷେତ୍ରରେ ଖାପଖୁଆଇ ଉପଯୁକ୍ତ ମାର୍ଗରେ ସେବା ପ୍ରଦାନ ସେତିକି ଦୁରୂହ ବ୍ୟାପାର। ସେମାନଙ୍କ ନିମନ୍ତେ ପ୍ରେରଣାସ୍ୱରୂପ ଜନ୍ମଦିନ ପାଳନ, ବିସ୍ମୟକର ଉପହାର ପ୍ରଦାନ, ପଦୋନ୍ନତି, ପ୍ରଶଂସାପତ୍ର, ସମ୍ମାନ, ଉତ୍ସବରେ ସମ୍ବର୍ଦ୍ଧନା, ସାମାଜିକ ଗଣମାଧ୍ୟମରେ ସ୍ୱୀକୃତି ପ୍ରଦାନ, ସ୍ଥାୟୀ ପଦବୀ ଅର୍ପଣ, ଭ୍ରମଣ ବା ମନୋରଞ୍ଜନ ପାଇଁ ଛୁଟି ପ୍ରଦାନ ସହିତ କର୍ମଚାରୀ ପ୍ରଶଂସା ଦିବସ ପାଳନ କଲେ କେବଳ ଏହି କର୍ମଠ, ସଚ୍ଚୋଟ କର୍ମକର୍ତ୍ତା ଉତ୍ସାହିତ ହେବେ ତାହା ନୁହେଁ ବରଂ ସେମାନଙ୍କୁ ହତୋତ୍ସାହିତ କରୁଥିବା କର୍ମୀ ନିରୁତ୍ସାହିତ ହେବେ ଓ ଅନୁକରଣ କରୁଥିବା କର୍ମକର୍ତ୍ତା ଉତ୍ସାହିତ ହେବେ। ତା'ଛଡା ଠକଙ୍କୁ ବାଟକୁ ଆଣିବାର ପ୍ରୟାସ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ-୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ନକଲିବାବାଙ୍କୁ ଉଚିତ ଶିକ୍ଷା ଦିଆଯାଉ

ମହାଶୟ,

ସହର କିମ୍ବା ଗ୍ରାମାଞ୍ଚଳ, ଏକାଧିକ ସ୍ଥାନ ରେ ଆଜି ନୂଆ ନୂଆ ଭଣ୍ଡ ପ୍ରତାରକ ବାବାମାନେ ରାତାରାତି ବିରାଟ ସପ୍ତରଙ୍ଗରେ ଉଭା ହୋଇପଡୁଛନ୍ତି। ନିରୀହ ସରଳ ବିଶ୍ୱାସୀ ଜନସାଧାରଣ ସେମାନଙ୍କ ଛଦ୍ମବେଶ ସ୍ୱାର୍ଥ ଲିପ୍ସୁ, ଅର୍ଥପିପାସୁ ଗୁଣ ବିଷୟରେ ଅବଗତ ହେବା ପୂର୍ବରୁ ଭକ୍ତ ପାଲଟିଯାଉଛନ୍ତି। ଅତୀତରେ ଏମିତି ବହୁ ଭଣ୍ଡବାବା ଧରାପଡ଼ିଛନ୍ତି, ଯେଉଁମାନେ ସମାଜରେ ବିଶୃଙ୍ଖଳା, କୁସଂସ୍କାର ତଥା ଦେଶ ବିରୋଧରେ ଲିପ୍ତ ରହିଥିଲେ। ସମୟ ଆସିଛି ଜନସାଧାରଣଙ୍କ ଭ୍ରାନ୍ତଧାରଣା ଦୂର ପାଇଁ ପ୍ରଶାସନ ଓ ଗୋଇନ୍ଦା ବିଭାଗ, ପୋଲିସ ଏ ଦିଗରେ ସତର୍କତାର ସହ ଆଗେଇ ଚାଲନ୍ତୁ। ନଚେତ୍ ଏ ଭଣ୍ଡବାବାମାନେ ଦେଶକୁ ଚଳୁ କରିଦେବେ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ପଲକହୀନ ନୟନ ତା'ର
ଅବଶ ହେଲା ପରାଣ-ଦ୍ୱାର
ସେ କେଉଁ ଦେଶେ ରହିଲା ଚାହିଁ
ସେ କେଉଁ ପରପାରେ!
ମୁଗ୍ଧ କବି ମୁରୁଛି ନାହିଁ ପାରେ।
-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩/୨୦୨୩ Bhubaneswar, Friday, March 3/ 2023

# ମନେ ରହିବେ ଗଉରା..




ଏ ଗଉରା ଆଜିକାଲି କ'ଣ ଖାଉଛୁ...। ୨୦୦୩ର ଏହି ଲୋକପ୍ରିୟ ଗୀତ ଶୁଣିଲେ ଆଖି ଆଗକୁ ଆସିଯାଏ ଅଭିନେତା ପିଣ୍ଟୁ ନନ୍ଦଙ୍କ ଚେହେରା। ତାଙ୍କ ସହ ଅଭିନେତ୍ରୀ ମିଠି ଏହି ଭିଡିଓରେ ଅଭିନୟ କରିଥିଲେ। ଗୀତଟି ପିଣ୍ଟୁଙ୍କୁ ବେଶ୍ ଲୋକପ୍ରିୟତା ଆଣି ଦେଇଥିଲା। ଗଉରା ଚରିତ୍ରରେ ସେ ଘରେ ଘରେ ପରିଚିତ ହୋଇଯାଇଥିଲେ। ଏହାପରେ ବିଭିନ୍ନ ଧାରାବାହିକ ଓ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ। କେତେବେଳେ ସେ ମଜାଳିଆ ଢଙ୍ଗରେ ଦର୍ଶକଙ୍କୁ ମନୋରଞ୍ଜନ ଦେବା ସହ ବେଦମ୍ ହସାଉଥିଲେ ତ ପୁଣି କେତେବେଳେ ଛାତିଥରା ସଂଳାପରେ ଖଳନାୟକ ଭୂମିକାକୁ ଜୀବନ୍ତ କରୁଥିଲେ। କେବଳ ଅଭିନୟ ନୁହେଁ, ବ୍ୟକ୍ତିଗତ ଜୀବନରେ ଲୋକଙ୍କ ନିକଟତର ହେବାର କଳା ତାଙ୍କୁ ବେଶ୍ ଜଣାଥିଲା। ଯେଉଁ ଚରିତ୍ର ଦେଲେ ବି ତାକୁ ଚମତ୍କାର ଢଙ୍ଗରେ ଦର୍ଶକଙ୍କୁ ପରଷୁଥିଲେ ପିଣ୍ଟୁ। ହାସ୍ୟ ଅଭିନେତା ଭାବେ କଳାକାର ଜୀବନ ଆରମ୍ଭ କରିଥିବା ପିଣ୍ଟୁ ପରେ ପରେ ସହ କଳାକାର, ଅଭିନେତା, ଖଳ ନାୟକ ଚରିତ୍ରକୁ ବି ନିଆରା ଭାବେ ନିଭାଇଥିଲେ। ହେଲେ ଆଜି ପିଣ୍ଟୁଙ୍କ ପରଲୋକ ସମସ୍ତଙ୍କୁ ଦୁଃଖ ଦେଇଥିଲେ ମଧ 'ଗଉରା' ଭାବେ ସେ ସବୁବେଳେ ମନେ ରହିବେ। କଳାକାର, ଦର୍ଶକ, ଶୁଭେଚ୍ଛୁ - ସବୁରି ମୁହଁରେ ଆଜି ସେହି ଗୋଟିଏ କଥା ହସାଉଥିବା ଲୋକଟା ଆଜି ଆମ ଆଖିରେ ଲୁହ ଦେଇ ଛାଡ଼ି ଚାଲିଗଲା...।

## ଅନ୍ତୁ କୁଆଡ଼େ ଗଲୁ ରେ....

ଦୂରଦର୍ଶନରେ ପ୍ରସାରିତ ଫକୀର ମୋହନ ସେନାପତିଙ୍କ ଗଳ୍ପ 'ରାଣ୍ଡି ପୁଅ ଅନନ୍ତା'ରେ ଅନନ୍ତ ଚରିତ୍ରରେ ସେ ଏକ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଯିଏ ନିଜ ମା' କଥା କେବେ ନ ଶୁଣି ଗାଁ ଲୋକଙ୍କ କଥାରେ ମାତିଯାଏ, ସେହି ଚରିତ୍ରକୁ ସେ ଏମିତି ଭାବରେ ଉପସ୍ଥାପନ କରିଥିଲେ ଯେ ହଜାର ହଜାର ଦର୍ଶକଙ୍କ ଭଲପାଇବାରେ ବାନ୍ଧି ହୋଇଯାଇଥିଲେ। ତାଙ୍କର ସେ ମଜାଳିଆ ପ୍ରତିଟି ସିନ୍‌କୁ ଦର୍ଶକ ଖୁବ୍ ଉପଭୋଗ କରିଥିଲେ। ଶେଷ ଭାଗକୁ ଗାଁର ବନ୍ୟାଜଳ ରୋକିବାକୁ ଉଦ୍ୟମ ସମୟରେ ମାଟି ଭିତରେ ପୋତି ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ଛବି ଥିଲା ଅତ୍ୟନ୍ତ ହୃଦୟ ବିଦାରକ। ବର୍ଷା ଘଡ଼ଘଡ଼ିରେ ଅନନ୍ତାର ମା' 'ଅନ୍ତୁ କୁଆଡ଼େ ଗଲୁ ରେ...' ବୋଲି ଚିତ୍କାର କରି ତାଙ୍କୁ ଖୋଜଥିଲେ ମଧ୍ୟ ସେ କିନ୍ତୁ ସବୁଦିନ ପାଇଁ ସମସ୍ତଙ୍କୁ ଛାଡ଼ି ଚାଲିଯାଇଥିଲେ। ଆଜି ଠିକ୍ ସେମିତି ସମସ୍ତଙ୍କୁ ହସର ଖୋରାକ ଯୋଗାଉଥିବା ପିଣ୍ଟୁ ସମସ୍ତଙ୍କୁ ଦୁଃଖର ସୁଅରେ ଭସାଇ ଚାଲିଯାଇଛନ୍ତି।



## ମୋତେ ଆଶୀର୍ବାଦ ଦିଅ, ମୁଁ ନିଶ୍ଚୟ ଫେରିବି

'ସମସ୍ତଙ୍କ ଅଜସ୍ର ପ୍ରାର୍ଥନା, ଦାନ ମୋତେ ସାହସ ଦେଲା ଦିଲ୍ଲୀ ଯିବା ପାଇଁ। ବୁନ୍ଦା ବୁନ୍ଦା ଜଳରେ ସମୁଦ୍ର ଯେମିତି ବନେ, ସେମିତି ମୋ ଚିକିତ୍ସା ପାଇଁ ଟଙ୍କା ଯୋଗାଡ଼ ମଧ ଚାଲିଛି। ସମସ୍ତ ଦର୍ଶକଙ୍କ ଭଲ ପାଇବାକୁ ସାଉଣ୍ଟି ମୁଁ ଦିଲ୍ଲୀ ଯାଉଛି। ମୋତେ ଆଶୀର୍ବାଦ ଦିଅ ମୁଁ ନିଶ୍ଚେ ଫେରିବି...। ଏଭଳି କିଛି ଶେଷ କଥା ଦର୍ଶକଙ୍କୁ ଭେଟି ଦେଇଥିଲେ ପିଣ୍ଟୁ। ଯକୃତ ପ୍ରତିରୋପଣ ପାଇଁ ଦିଲ୍ଲୀ ଯିବା ପୂର୍ବରୁ ପିଣ୍ଟୁ ନନ୍ଦ ମନରେ ଦମ୍ଭ ରଖି ପୁଣି ଫେରିବି ବୋଲି କହି ଯାଇଥିଲେ। କିନ୍ତୁ ... !

## ୧୯୯୬ରେ ଚଳଚ୍ଚିତ୍ରରେ ପ୍ରବେଶ

୧୯୯୬ରେ 'କୋଇଲି' ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା ପିଣ୍ଟୁଙ୍କ ସିନେମା ଯାତ୍ରା। ଏଥିସହ ଦୂରଦର୍ଶନ ଜରିଆରେ ସେ ଅଭିନୟ ଆରମ୍ଭ କରିଥିଲେ। ଗୋଟିଏ ପରେ ଗୋଟିଏ ଫିଲ୍ମ, ଆଲ୍‌ବମ୍‌ରେ ସେ ଦମ୍‌ଦାର ଅଭିନୟ କରି ଦର୍ଶକଙ୍କ ପାଖରୁ ପ୍ରଶଂସା ସାଉଁଟି ଚାଲିଥିଲେ। ଦୂରଦର୍ଶନରେ ପ୍ରସାରିତ 'ରାଣ୍ଡି ପୁଅ ଅନନ୍ତା'ରେ ସେ ଦର୍ଶକଙ୍କୁ ବେଶ୍ ହସାଇଥିଲେ। ପରେ ରଙ୍ଗ ନମ୍ବର, ବାହୁଡ଼ିବେ ମୋ ଜଗାବଳିଆ, ପ୍ରେମ ରୋଗୀ, ତୋ ଆଖି ମୋ ଆଇନା, ରାମ ଲକ୍ଷ୍ମଣ, ନନ୍ଦିନୀ ଆଇ ଲଭ୍ ୟୁ, ପ୍ରେମରତୁ ଆସିଲାରେ, ଦୋସ୍ତି, ହାତ ଧରି ଚାଲୁଥା, ରୁମ୍‌କୁ ଝୁମାନା, କଥା ଦେଲି ମଥା ଛୁଇଁ, ମେଣ୍ଟାଲ ଟୋକା ଭଳି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ବହୁଭାଷା ଚଳଚ୍ଚିତ୍ର 'ଜୟ ଜଗନ୍ନାଥ'ରେ ତାଙ୍କ ଚରିତ୍ର ବେଶ୍ ମନଛୁଆଁ ଥିଲା। 'ଏ ଗଉରା ଆଜିକାଲି କ'ଣ ଖାଉଛୁ' ଆଲବମ୍ ତାଙ୍କୁ ଲୋକପ୍ରିୟ କରିଥିବାବେଳେ ଚଳଚ୍ଚିତ୍ର 'ରଙ୍ଗ ନମ୍ବର' ପାଇଁ ସେ ଶ୍ରେଷ୍ଠ ହାସ୍ୟାଭିନେତା ଭାବେ ରାଜ୍ୟ ପୁରସ୍କାର ମଧ ହାସଲ କରିଛନ୍ତି।

### 'ସରକାର ଚାହିଁଥିଲେ ସେ ବଞ୍ଚି ଯାଇଥାନ୍ତେ'

ଏତେ ଶୀଘ୍ର ଛାଡ଼ି ଚାଲିଯିବ କେବେ ଭାବି ନ ଥିଲି। ବହୁ ସିନେମାରେ ସାଙ୍ଗ ହୋଇ ଅଭିନୟ କରିଛୁ। ପାଖାପାଖି ୨୫ବର୍ଷ ଧରି ତା' ସହ ମୋର ସମ୍ପର୍କ। ସେ ସୁଟିଂ ସେଟ୍‌ରେ ଥିବେ ମାନେ ଏକ ଅଲଗା ପରିବେଶ। ମଜାମସ୍ତି ହୋହଲ୍ଲା ଭିତରେ ସମସ୍ତେ ମାତି ଯାଆନ୍ତି। ଚିକିତ୍ସା ପାଇଁ ଅର୍ଥ ବାଧକ ଥିଲା। ରାଜ୍ୟ ସରକାରଙ୍କ ନଜରରେ କଳାକାର ନାହାନ୍ତି। ବାହାରୁ କଳାକାର ଡାକି ହକି ସମୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା। କିନ୍ତୁ ପିଣ୍ଟୁଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇଲେ ନାହିଁ। ସରକାର କାମ ବେଳେ କଳାକାରଙ୍କୁ ନେଇ କାମରେ ନିୟୋଜିତ କରାଉଛନ୍ତି, ଅସୁବିଧା ସମୟରେ ଛିଡ଼ା ହେଉ ନାହାନ୍ତି। ସରକାର ଚାହିଁଥିଲେ ସେ ଭଲ ହୋଇ ପାରିଥାନ୍ତା, ବଞ୍ଚିଯାଇଥାନ୍ତା।

- ଶ୍ରୀତମ୍ ଦାସ, ଅଭିନେତା ତଥା ସିନେ କଳାକାର ଆସୋସିଏଶନ ସମ୍ପାଦକ

# ପିଣ୍ଟୁଙ୍କୁ ଝୁରୁଛି ସାରା ଓଡ଼ିଶା

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଲୋକପ୍ରିୟ ଅଭିନେତା ପିଣ୍ଟୁ ନନ୍ଦଙ୍କୁ ଏବେ ଝୁରୁଛି ସାରା ଓଡ଼ିଶା। ଓଡ଼ିଶା ସିନେ କଳାକାର ଆସୋସିଏଶନ ଓ ଶୁଭେଚ୍ଛୁଙ୍କ ବହୁ ଉଦ୍ୟମ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହେଲା ନାହିଁ। ଲିଭର ସିରୋସିସ୍ ରୋଗରେ ପୀଡିତ ଥିବା ପିଣ୍ଟୁ ଶେଷରେ ଲିଭର ପ୍ରତିରୋପଣ ପୂର୍ବରୁ ବୁଧବାର ରାତି ୧୧ଟା ୨୫ରେ ହାଇଦ୍ରାବାଦର ଯଶୋଦା ହସ୍ପିଟାଲରେ ମାତ୍ର ୪୬ବର୍ଷ ବୟସରେ ଆଖି ବୁଜିଛନ୍ତି। ତାଙ୍କ ବିୟୋଗରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦୁଃଖ ପ୍ରକାଶ କରିବା ସହ ନିଖୁଣ ଅଭିନୟ ଦ୍ୱାରା ଘରେ ଘରେ ପରିଚିତ ପିଣ୍ଟୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମଧ ଏହି ଖବର ଶୁଣି ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି କହିଛନ୍ତି, ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ପିଣ୍ଟୁ ନନ୍ଦଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଚଳଚ୍ଚିତ୍ର ଓ ଧାରାବାହିକରେ ଛାଡ଼ିଯାଇଥିବା ଛାପ ତାଙ୍କୁ ଦର୍ଶକଙ୍କ ହୃଦୟରେ ସର୍ବଦା ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ଓଡ଼ିଶା ସିନେ ଜଗତର ଲୋକପ୍ରିୟ ଅଭିନେତା ପିଣ୍ଟୁ ନନ୍ଦଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ବିଶେଷ ଭାବରେ ଓଡ଼ିଆ ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ଥିଲା ଅନନ୍ୟ ଓ ନିଖୁଣ। ତାଙ୍କର ଅକାଳ ବିୟୋଗରେ ଓଡ଼ିଶା ଜଣେ ଭଲ କଳାକାରଙ୍କୁ ହରାଇଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ।

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ପିଣ୍ଟୁଙ୍କୁ ଯକୃତ ପ୍ରତିରୋପଣ ଲାଗି ପ୍ରଥମେ ଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲିଭର ଆଣ୍ଡ୍ ବିଲିୟାରି ସାଇନ୍ସ (ଆଇଏଲ୍‌ବିଏସ୍) ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଯକୃତ ଦେବାକୁ ଥିବା ପରିବାର ସଦସ୍ୟଙ୍କ ନମୁନା ମ୍ୟାଚ୍ କରି ନ ଥିଲା। ଏପରିକି ଉକ୍ତ ହସ୍ପିଟାଲରେ ବାହାର ଲୋକଙ୍କ ଯକୃତ ପ୍ରତିରୋପଣର ଚିକିତ୍ସା ସୁବିଧା ନ ଥିବାରୁ ପିଣ୍ଟୁଙ୍କୁ ଫେବୃୟାରୀ ୨୫ରେ ହାଇଦ୍ରାବାଦର ଯଶୋଦା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବଡ଼ ସମସ୍ୟା ଥିଲା ଡୋନର ଓ ଅର୍ଥ ସଂଗ୍ରହ। ଏହା ଭିତରେ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିବାବେଳେ ପ୍ରତିରୋପଣ ପାଇଁ ଏବେ ଆଉ ୩୫ ଲକ୍ଷ ଟଙ୍କା ଦରକାର ଥିବା ନେଇ ପରିବାର ସଦସ୍ୟ, କଳାକାର ଓ ଶୁଭେଚ୍ଛୁମାନେ ସମସ୍ତଙ୍କ ସହାୟତା ଲୋଡ଼ିଥିଲେ। ତେବେ ବୁଧବାର ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

ପିଣ୍ଟୁ ଜଗତ୍‌ସିଂହପୁର ଜିଲାରେ ୧୯୭୭ ଜୁଲାଇ ୭ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଅଶୋକ କୁମାର ନନ୍ଦ ଓ ମାତାଙ୍କ ନାମ କାନ୍ତିଲତା। ସେମାନେ ୨ଭାଇ ଓ ଗୋଟିଏ ଭଉଣୀ। ସେ ଜଗତ୍‌ସିଂହପୁର ଏସ୍.କେ. ଏକାଡେମୀରୁ ବିଦ୍ୟାଳୟ ଶିକ୍ଷା ଶେଷ କରିବା ପରେ ଦିଲ୍ଲୀରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ତାଙ୍କ ବଡ଼ ଭାଇ ଅଭିରାମ ନନ୍ଦ ଜଣେ ବଂଶୀବାଦକ। ତାଙ୍କ ବିୟୋଗରେ ଓଡ଼ିଶାବାସୀଙ୍କ ସମେତ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି।

### ଦାଦା ଦାଦା ଡାକି ମୋ ପାଖେ ପହଞ୍ଚିଯାଏ

'ରାଣ୍ଡି ପୁଅ ଅନନ୍ତା'ରେ ତା' ଅଭିନୟ ବେଶ୍ ଚମତ୍କାର। ତା'ଭଳି ଅଭିନୟ ଓଡ଼ିଶାରେ କେହି କରିପାରିବେ ନାହିଁ। ଜଣେ ଭଲ କଳାକାର ଥିଲା ପିଣ୍ଟୁ। ସେ ଆହୁରି ୨୦ବର୍ଷ ବଞ୍ଚିକି ରହିଥାନ୍ତା। କେତେ ଚରିତ୍ରରେ ନଜରକୁ ଆସିଥାନ୍ତା। ଯେଉଁ ଚରିତ୍ର ଦେଲେ ସେ ତାକୁ ଅତି ସୁନ୍ଦର ଭାବେ ଦର୍ଶକଙ୍କ ପାଖେ ଉପସ୍ଥାପନ କରୁଥିଲା। ମୁଁ ବଞ୍ଚି ଥାଉ ଥାଉ ସେ ଚାଲିଗଲା ମୋତେ ଭାରି କଷ୍ଟ ଲାଗୁଛି। ପୁଣି ଏତେ କମ୍ ବୟସରେ। ଦାଦା ଦାଦା କହି ମୋ ପାଖକୁ ଆସି ସ୍ନେହ ଅଜାଡ଼ିଦିଏ। ତା'ସହ ମୋର ଶେଷ ଚଳଚ୍ଚିତ୍ର 'ରୁଦ୍ରାଣୀ' ଥିଲା। ଆଜିଠୁ ତା' କଥା ମନେ ପଡ଼ିବା ଆରମ୍ଭ ହେଲା।

- ଇଲୁ ବାନାର୍ଜୀ, ଅଭିନେତା

### ଭାଇ ତମେ ଠକିଦେଲ...

କୌଣସି ଅସୁବିଧାରେ ପଡ଼ିଲେ ଭାଇ ଆସି ଆଗ ପହଞ୍ଚି ଯାଆନ୍ତି। ଥରେ ରାତିରେ କିଛି ପିଲା ଫଲୋ କରିବା ସମୟରେ ରାତି ଅଧରେ ତାଙ୍କୁ ଫୋନ୍ କଲି, ସେ ଆସି ସାଙ୍ଗେ ସାଙ୍ଗେ ପହଞ୍ଚିଥିଲେ। ତାଙ୍କୁ ଦେଖି ସେମାନେ ପଳେଇଲେ। ଭଲ ହୋଇ ଫେରିବେ ବୋଲି କହିଥିଲେ, କିନ୍ତୁ ସେ ମୋତେ ଠକି ଦେଇ ଚାଲିଗଲେ।

- ରାଣୀ ପ୍ରିୟଦର୍ଶନୀ, ଅଭିନେତ୍ରୀ

### ଆଖି ସାମ୍ନାରେ ଚାଲିଯିବାଟା ବେଶ୍ କଷ୍ଟଦାୟକ

ଯେଉଁ ପ୍ରକ୍ରିୟା ଦେଇ ତା'ର ଚିକିତ୍ସା ଚାଲିଥିଲା ତାହା ବହୁତ କଷ୍ଟଦାୟକ ଥିଲା। ପିଣ୍ଟୁ ସାନ ଭାଇଟା ମୋର। ସେ ଆଖି ସାମ୍ନାରେ ଚାଲିଯିବାଟା ବେଶ୍ କଷ୍ଟ ଦାୟକ। ଦୁଷ୍ଟାମି କରେ, ଚଗଲାମି କରେ, ସେଟ୍‌ରେ ସମସ୍ତଙ୍କୁ ମନୋରଞ୍ଜନ କରାଏ। ଲାଗୁଛି ସେ ଏଇ ଆଖି ସାମ୍ନାରେ ଥିଲା, ଆଉ ଚାଲିଗଲା। ତା'ର ଅଭିନୟ ଶୈଳୀ ଅଦ୍ଭୁତ ଥିଲା। ସେଥିପାଇଁ ସେ ଦର୍ଶକଙ୍କ ପାଖେ ଲୋକପ୍ରିୟ ହୋଇପାରିଥିଲା।

- କୁନା ତ୍ରିପାଠୀ, ଅଭିନେତା ତଥା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧକ୍ଷ

### ଖୁବ୍ ଜୀବନ୍ତ ଅଭିନୟ କରୁଥିଲା

ଓଡ଼ିଆ ଦର୍ଶକ, କଳାକାର ସମସ୍ତେ ପିଣ୍ଟୁର ଆରୋଗ୍ୟ କାମନା କରୁଥିଲେ। ସେ ଜଣେ ଭଲ କଳାକାର ଥିଲା। ସେ ମୋ ସହ ପ୍ରାୟ ୬୦ରୁ ଅଧିକ ଚଳଚ୍ଚିତ୍ର ଓ ଧାରାବାହିକରେ ଅଭିନୟ କରିଛି। ତା' ଅଭିନୟ ଖୁବ୍ ଜୀବନ୍ତ ଥିଲା। ସେ ଯେଉଁ ମାହୋଲରେ ରୁହେ, ତାହାକୁ ହସ ଖୁସିରେ ଭରିଦିଏ। ସବୁ ପ୍ରଯୋଜକ, ନିର୍ଦ୍ଦେଶକଙ୍କର ପ୍ରଥମ ପସନ୍ଦ ଥିଲା ପିଣ୍ଟୁ। ହାସ୍ୟ ଅଭିନେତାଠୁ ନେଇ ଖଳନାୟକ ଯାଏ, ସବୁ ଚରିତ୍ରରେ ସେ ନିଜର ଏକ ଛାପ ଛାଡ଼ିଯାଇଛି।

- ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତା




# ବନ୍ୟପ୍ରାଣୀଙ୍କ ଗତିବିଧି ନେଇ ଦିଆଯିବ ଆଗୁଆ ସୂଚନା



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ।

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଜନବସତି ମଧ୍ୟରେ ବନ୍ୟପ୍ରାଣୀଙ୍କ ଉପଦ୍ରବ ରୋକିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟଭେଦୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଜନଜୀବନ ରକ୍ଷା ସହ ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ବ୍ୟାପକ ପଦକ୍ଷେପ ନିଆଯିବ। ଏ ନେଇ ଗୁରୁବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜଙ୍ଗଲ, ଶକ୍ତି ଏବଂ ସମ୍ପୃକ୍ତ ଅନ୍ୟାନ୍ୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସଚେତନତା ବୃଦ୍ଧି, ସୁରକ୍ଷା କରିଡର ସୁଦୃଢ଼ କରିବା ରେଡିଓ କଲାର ମାଧ୍ୟମରେ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା, ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି, କ୍ଷୟକ୍ଷତିର ତୁରନ୍ତ ଆକଳନ, ଉପଦ୍ରବ ଅଞ୍ଚଳରେ ବିଦ୍ୟୁତ ଚୋରାଚାଲାଣ ରୋକିବାକୁ ପାଟ୍ରୋଲିଂ କଡାକଡି ଏବଂ ସମ୍ପୃକ୍ତ ଅପରାଧୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଲୋଚନା ହୋଇଥିଲା। ସେହିପରି ବନ୍ୟପ୍ରାଣୀଙ୍କ ଗତିବିଧି ନେଇ ସ୍ଥାନୀୟ ଅଞ୍ଚଳରେ ସେହି ସମୟରେ ଉପଲବ୍ଧ ମୋବାଇଲ ନମ୍ବରକୁ ଆଗୁଆ ଏସ୍.ଏମ୍.ଏସ୍. ପ୍ରଦାନ ଉପରେ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ହାନୀ ଏବଂ ଧନଜୀବନ କ୍ଷତିଗ୍ରସ୍ତ ହେବା ନେଇ ତୁରନ୍ତ ଠିକ ଆକଳନ ସହ ସହାୟତା ରାଶି ବୃଦ୍ଧି ଉପରେ ମିଳିତ ଭାବେ ବିଚାର ବିମର୍ଶ କରି ପଦକ୍ଷେପ ନେବାକୁ ସେ ସମ୍ପୃକ୍ତ ବିଭାଗୀୟ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ଶାସନ ସଚିବ ମୋନା ଶର୍ମା, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଟିପିସିଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ସେନବାଗନ, ସ୍ନେହା ବେସରକାରୀ ସଂସ୍ଥାର ରାମାସ୍ୱାମୀ କ୍ରିଷ୍ଣନ ପ୍ରମୁଖ ଉପସ୍ଥିତ ଥିଲେ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Friday, March 3/2023 | Page 16 | ₹ 7.00 | SAMBALPUR



**ଗୁକେଶ ପ୍ଲେୟର ଅଫ୍ ଦି ଇୟର**

ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଏସିଆନ ଚେସ୍ ଫେଡେରେଶନ ଦ୍ୱାରା ପ୍ଲେୟର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

୦୮

୦୫

**ପୋଲିସ ହେବେ ରାକ୍ଷୀ**

ବି-ଟାଉନର ଡ୍ରାମାକୁଇନ ରାକ୍ଷୀ ସାୱନ୍ତ ତାଙ୍କ ଜୀବନକୁ ନେଇ ଏକ ଚଳଚ୍ଚିତ୍ର କରିବାକୁ ଯାଉଛନ୍ତି। ସେଥିରେ ସେ ପୋଲିସ ଭୂମିକାରେ ନଜର ଆସିବେ।



# ମିଶନ ଶକ୍ତି ସହଭାଗୀଙ୍କୁ ସାଇକେଲ

## କମ୍ୟୁନିଟି ପାର୍ଟନରଙ୍କ ଭାଗୀଦାରି ମିଶନ ଶକ୍ତିକୁ ୧ ନମ୍ବର କରିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ସହରାଞ୍ଚଳରେ କାମ କରୁଥିବା ୮ ହଜାର ମିଶନଶକ୍ତି ଗୋଷ୍ଠୀ ସହଭାଗୀ (କମ୍ୟୁନିଟି ପାର୍ଟନର)ଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଇକେଲ ବଣ୍ଟନ କରିଛନ୍ତି। ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ଆହାର କର୍ମୀ, ଜଳସାଥୀ ଏବଂ ସୁପରଭାଇଜର ଭଳି ଗୋଷ୍ଠୀ ସହାୟକମାନେ ସାଇକେଲ ପାଇଛନ୍ତି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ମିଶନଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ଲୋକସେବା ଭବନସ୍ଥିତ କନ୍‌ଭେନଶନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, କମ୍ୟୁନିଟି ପାର୍ଟନରଙ୍କ ଭାଗୀଦାରି ମିଶନ ଶକ୍ତିକୁ ସଫଳ କାର୍ଯ୍ୟକ୍ରମରେ ପରିଣତ କରିଛି । ମା'ମାନଙ୍କର ସଫଳତା, ଆତ୍ମବିଶ୍ୱାସ, ଉତ୍ସାହ ମିଶନଶକ୍ତିକୁ ଏକ ନମ୍ବର ସଫଳ କାର୍ଯ୍ୟକ୍ରମରେ ପରିଣତ କରିଛି। ବିଭିନ୍ନ ସହରରେ ମିଶନଶକ୍ତି ସଦସ୍ୟମାନେ ଗୋଷ୍ଠୀ ଭାଗୀଦାରି (କମ୍ୟୁନିଟି ପାର୍ଟିସିପେଶନ) କାର୍ଯ୍ୟକ୍ରମରେ ଅନେକ ଦାୟିତ୍ୱ ହାତକୁ ନେଇଛନ୍ତି। ଆହାର, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଦି ଅନେକ କାମ ଜଳସାଥୀ, ସ୍ୱଚ୍ଛସାଥୀ କରୁଛନ୍ତି। ଆପଣମାନଙ୍କ କାମରେ ସମସ୍ତେ ଖୁସି। ଆପଣମାନେ ଯେପରି ସୁବିଧାରେ ନିଜ ନିଜର ଦାୟିତ୍ୱ ପାଳନ କରିପାରିବେ, ସେଥିପାଇଁ ରାଜ୍ୟ ସରକାର ଏହି ସାଇକେଲ ଦେଉଛନ୍ତି। ଏଥିଲାଗି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମିଶନଶକ୍ତି ଗୋଷ୍ଠୀକୁ ୧୦୦ କୋଟି ଟଙ୍କାର ପ୍ରୋତ୍ସାହନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଛନ୍ତି। ଓଡ଼ିଶାର ମିଶନ ଶକ୍ତି ☞ପୃଷ୍ଠା-୫



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ଗୋଷ୍ଠୀ ସହଭାଗୀଙ୍କୁ ସାଇକେଲ ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ବିମାନର ଜରୁରୀ ଅବତରଣ, ପକ୍ଷୀ ମାଡ଼ ସନ୍ଦେହ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣେ ଉଡ଼ାଣ କରିବାର କିଛି ସମୟ ପରେ ଏୟାର ଏସିଆର ଏକ ବିମାନ ପୁଣି ଅବତରଣ କରିଥିଲା। ଏଥିରେ ପକ୍ଷୀ ମାଡ଼ ହୋଇଥିବା ସନ୍ଦେହରେ ବିମାନକୁ ଅବତରଣ କରାଯାଇଥିଲା। ସୂଚନାନୁସାରେ, ଅପରାହ୍ନ ୩ଟାରେ ବିମାନଟି ଭୁବନେଶ୍ୱରରୁ ଉଡାଣ ଭରିଥିଲା। ୩ଟା ୭ରେ ପକ୍ଷୀ ମାଡ଼ ହୋଇଥିବା ସନ୍ଦେହ କରାଯାଇଥିଲା। କାରଣ ପାଇଲଟ୍ ସେଭଳି କିଛି ସୂଚନା ପାଇବା ପରେ ତୁରନ୍ତ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରିଥିଲେ। ତେଣୁ ବିମାନଟିକୁ ୩ଟା ୨୪ରେ ଅବତରଣ କରାଯିବା ପରେ ସଙ୍ଗେ ସଙ୍ଗେ ଯାଞ୍ଚ କରାଯାଇଥିଲା। ହେଲେ ପକ୍ଷୀ ମାଡ଼ର କୌଣସି ସୁରାକ ମିଳି ନ ଥିଲା। ତେଣୁ କିଛି ସମୟ ପରେ ବିମାନଟି ପୁଣେ ଅଭିମୁଖେ ପୁଣି ଉଡାଣ କରିଥିଲା। ଏ ନେଇ ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି, ସେମିତି କିଛି ଘଟଣା ଘଟିନାହିଁ। ପକ୍ଷୀ ମାଡ଼ ହୋଇଥିବା ଆମେ ସନ୍ଦେହ କରିଥିଲୁ। ସେପଟେ ବିମାନ ଚଳାଚଳ ବିଳମ୍ବ ହେବାରୁ ଯାତ୍ରୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଯଥାଶୀଘ୍ର ବିମାନ ଚଳାଚଳ କରିବାକୁ ଯାତ୍ରୀମାନେ ଦାବି କରିଥିଲେ।

# ହସ୍ପିଟାଲରେ ଲାଗିବ ବାୟୋମେଟ୍ରିକ ମେସିନ



**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏବେ ହସ୍ପିଟାଲରେ ବାୟୋମେଟ୍ରିକ ଆଟେଣ୍ଡାନ୍ସ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରୁ ଏହା ଲାଗୁ ହୋଇଯିବ ବୋଲି ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରମୁଖ ଶାସନ ସଚିବ ଡା. ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡାକ୍ତର, ନର୍ସ ଏବଂ ଅନ୍ୟ କର୍ମଚାରୀଙ୍କ ଦୈନନ୍ଦିନ ଉପସ୍ଥିତି(ଆଟେଣ୍ଡାନ୍ସ) ଜାଣିବା ପାଇଁ ବାୟୋମେଟ୍ରିକ ସିଷ୍ଟମ ଲାଗୁ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏହା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜରେ ସ୍ଥାପନ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସ୍ଥାପନ କରାଯିବ ବୋଲି ଶାଳିନୀ ପଣ୍ଡିତ କହିଛନ୍ତି।

# କଟକରେ ଏନ୍‌କାଉଣ୍ଟର

## ଶଙ୍କର ଆହତ: ବନ୍ଧୁକ, ଗୁଳି ଜବତ

**କଟକ ଅଫିସ,୨।୩**

କଟକ ଜିଲା ବିଡ଼ାନାସୀ ଥାନା ଅଧୀନ ଭୁଆସୁଣି ପଡ଼ିଆରେ ଗୁରୁବାର ରାତି ପ୍ରାୟ ସାଢେ ୮ଟାରେ ପୋଲିସ-ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ପୋଲିସ ଏନ୍‌କାଉଣ୍ଟରରେ ରାଣୀହାଟ ଗୋପାଳସାହିର ଶଙ୍କର ଓରଫ ଦୀପକ ନାୟକ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କଠାରୁ ଗୋଟିଏ ବନ୍ଧୁକ ଓ ଗୁଳି ଜବତ କରାଯାଇଛି। ସେ ଜଣେ ପେଶାଦାର ଅପରାଧୀ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଶଙ୍କରଙ୍କ ଦ୍ୱାରା ବେଆଇନ ବନ୍ଧୁକ, ଗୁଳି ଚାଲାଣ ☞ପୃଷ୍ଠା-୫



**ଅଜୟ ବଙ୍ଗାଙ୍କ ନିଯୁକ୍ତିକୁ ଭାରତର ସମର୍ଥନ**

ଭାରତୀୟ ବଂଶୋଦ୍ଭବ ଅଜୟ ବଙ୍ଗାଙ୍କ ନାମକୁ ୱାର୍ଲ୍ଡ ବ୍ୟାଙ୍କ ସଭାପତି ଭାବେ ମନୋନିତ କରାଯିବା ପରେ ଭାରତ ଏହାକୁ ସମର୍ଥନ କରିଛି। ଏ ନେଇ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏକ ଟୁଇଟ୍ ପୋଷ୍ଟ କରାଯାଇଛି, ଯେଉଁଥିରେ ଭାରତ ପକ୍ଷରୁ ଅଜୟଙ୍କୁ ଶୁଭେଚ୍ଛା ଜଣାଯାଇଛି। ଗତମାସରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବିଶ୍ୱ ବ୍ୟାଙ୍କ ସଭାପତି ପଦ ପାଇଁ ଅଜୟଙ୍କ ନାମ ଚୟନ କରିଥିଲେ।



କୋଲକାତାର ଗଙ୍ଗାନଦୀ କୂଳରେ 'ଗଙ୍ଗା ପୂଜା' ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତିଳକ ଲଗାଉଛନ୍ତି ଜଣେ ପୂଜକ।



ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ଜାତୀୟତାବାଦୀ ମେଣ୍ଟ ସରକାର ବିରୋଧରେ ବିକ୍ଷୋଭରତ ଜଣେ ମହିଳାଙ୍କୁ ଜେରୁଜେଲମ୍ ପୋଲିସ ଉଠାଇନେଉଛି।

## ସଂକ୍ଷେପରେ

### ହାଥରସ୍ ଗଣବଳାତ୍କାର, ହତ୍ୟା ମାମଲା: ଜଣେ ଦୋଷୀ, ୩ ଖଲାସ

**ଲକ୍ଷ୍ନୌ, ୨।୩:** ଉତ୍ତର ପ୍ରଦେଶ ହାଥରସ୍‌ରେ ଦଳିତ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲାର ଶୁଣାଣି ଗୁରୁବାର ୟୁପିର ଜିଲା ଏସ୍‌ସି/ଏସ୍‌ଟି କୋର୍ଟରେ ହୋଇଥିଲା। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଅଭିଯୁକ୍ତ ରବି, ଲବ କୁଶ ଏବଂ ରାମଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ସନ୍ଦୀପଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟଙ୍କ ରାୟରେ ପୀଡ଼ିତାଙ୍କ ପରିବାର ଲୋକ ସନ୍ତୁଷ୍ଟ ନାହାନ୍ତି। ନ୍ୟାୟ ପାଇଁ ସେମାନେ ହାଇକୋର୍ଟରେ ଅପିଲ୍ କରିବେ ବୋଲି କହିଛନ୍ତି। ୨୦୨୦ ସେପ୍ଟେମ୍ବର ୧୪ରେ ହାଥରସ୍‌ର ଦଳିତ ନାବାଳିକଙ୍କୁ କେତେଜଣ ଉଚ୍ଚଜାତିର ଯୁବକ ଗଣବଳାତ୍କାର କରିଥିଲେ। ପରେ ସଫଦରଗଞ୍ଜ ହସ୍ପିଟାଲରେ ଚିକିତ୍ସରଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା।

### ପୂର୍ବତନ ସିଜେଆଇ ଏ.ଏମ୍. ଅହମଦିଙ୍କ ପରଲୋକ

**ନୂଆଦିଲ୍ଲୀ, ୨।୩ (ପି.ଟି.):** ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଅଜିଜ୍ ମୁଶାବର ଅହମଦିଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ହୋଇଥିଲା।



ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଦକ୍ଷିଣ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଥିବା ଆଇନଜୀବୀ ମେହମୁଦ୍ ପ୍ରାଚା କହିଛନ୍ତି। ୧୯୮୮ ଡିସେମ୍ବରରେ ଅହମଦି ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ସେ ୧୯୯୪ ଅକ୍ଟୋବର ୨୫ରେ ପ୍ରଧାନ ବିଚାରପତି ହୋଇ ୧୯୯୭ ମାର୍ଚ୍ଚ ୨୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସେ ସୁପ୍ରିମକୋର୍ଟ ଆଇନ ସହାୟତା କମିଟିର ଅଧ୍ୟକ୍ଷ ଏବଂ ଭାରତରେ ଆଇନ ସହାୟତା ଯୋଜନା କାର୍ଯ୍ୟକାରୀ ପାଇଁ ଗଠିତ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ରହିଥିଲେ। ଏହା ବ୍ୟତୀତ ସେ ଦୁଇଥର ଆଲିଗଡ ମୁସ୍‌ଲିମ ୟୁନିଭର୍ସିଟିର କୁଳାଧିପତି ହୋଇଥିଲେ।

### ଆତିକଙ୍କ ଆଉ ଜଣେ ସହଯୋଗୀଙ୍କ ଘର ଭଙ୍ଗାଗଲା

**ଉମେଶ ପାଲ୍ ହତ୍ୟା ମାମଲା**



**ପ୍ରୟାଗରାଜ, ୨।୩ (ପି.ଟି.):** ବିଏସ୍‌ପି ବିଧାୟକ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶ ପାଲ୍ ହତ୍ୟା ଘଟଣାରେ ସମ୍ପୃକ୍ତ ଆତିକ ଅହମଦଙ୍କର ଅନ୍ୟ ଜଣେ ସହଯୋଗୀ ସଫଦର ଅଲିଙ୍କ ଘରକୁ ଗୁରୁବାର ପ୍ରଶାସନ ଭାଙ୍ଗିଦେଇଛି। ଦୁଇ ଦିନ ମଧ୍ୟରେ ପ୍ରଶାସନର ଏହା ଦ୍ୱିତୀୟ କାର୍ଯ୍ୟାନୁଷ୍ଠାନ। ଅସ୍ତ୍ର ବ୍ୟବସାୟୀ ସଫଦରଙ୍କ ଦୁଇ ମହଲା ବିଲ୍ଡିଂକୁ ଭାଙ୍ଗିବା ପାଇଁ ୩ଟି ବୁଲ୍‌ଡୋଜରକୁ ନିୟୋଜିତ କରାଯାଇଥିଲା। ଧୁମାନଗଞ୍ଜ ଥାନା ଅଞ୍ଚଳରେ ଉକ୍ତ ବିଲ୍ଡିଂ ବେଆଇନ ଭାବେ ନିର୍ମାଣ କରାଯାଇଥିଲା ବୋଲି ପ୍ରୟାଗରାଜ ଉନ୍ନୟନ କର୍ତ୍ତୃପକ୍ଷ ଅଧିକାରୀ କହିଛନ୍ତି। ବୁଧବାର ଆତିକଙ୍କ ଅନ୍ୟତମ ସହଯୋଗୀ ଜାଫର ଅହମଦଙ୍କ ଘରକୁ ପ୍ରଶାସନ ଭାଙ୍ଗିଥିଲା। ଏହି ସମୟରେ ଜାଫରଙ୍କ ଘରୁ ଏୟାରଗନ୍ ମିଳିଥିଲା।

### ବିଦେଶିନୀଙ୍କୁ ଦୁର୍ବ୍ୟବହାର: ଆର୍‌ପିଏଫ୍ କନ୍‌ଷ୍ଟେବଲ ଗିରଫ

**କାନପୁର, ୨।୩:** ଦିଲ୍ଲୀରୁ ଲକ୍ଷ୍ନୌ ଯାଉଥିବା ତେଜସ ଏକ୍ସପ୍ରେସ୍‌ରେ ଜଣେ ବିଦେଶିନୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଆର୍‌ପିଏଫ୍ କନ୍‌ଷ୍ଟେବଲ୍ ଜିତେନ୍ଦ୍ର ସିଂଙ୍କୁ ଗିରଫ କରାଯାଇଛି। ଦେଢ଼ ବର୍ଷ ହେବ ଫିରୋଜାବାଦର ଜିତେନ୍ଦ୍ର ସେଣ୍ଟ୍ରାଲ ଷ୍ଟେଶନ୍‌ରେ ପୋଷ୍ଟିଂ ହୋଇଥିଲେ। ତେଜସ ଏକ୍ସପ୍ରେସ୍‌ରେ ସୁରକ୍ଷା ଡ୍ୟୁଟିରେ ମୁତୟନ ଥିବା ଜିତେନ୍ଦ୍ର କୋଚ୍ ଭିତରେ ମହିଳାଙ୍କ ସହ ଅସଦାଚରଣ କରିଥିବା ସେ ଜିଆର୍‌ପି ନିକଟରେ ଅଭିଯୋଗ କରିଥିଲେ। ଜିତେନ୍ଦ୍ରଙ୍କୁ ସ୍ୱାସ୍ଥ୍ୟଗତ ଯାଞ୍ଚ ପରେ କୋର୍ଟରେ ହାଜର କରାଯିବ ବୋଲି ଜିଆର୍‌ପି ଷ୍ଟେଶନ୍ ଇନ୍‌ଚାର୍ଜ ଆର୍.କେ. ଦ୍ୱିବେଦୀ କହିଛନ୍ତି।

**ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ**

# ଜାଲିଆତିର ତଦନ୍ତ କରିବ ସେବି

**ନୂଆଦିଲ୍ଲୀ, ୨।୩ (ପି.ଟି.)**

ଆଦାନୀ ଗ୍ରୁପ୍ ଦ୍ୱାରା କରାଯାଇଥିବା ଷ୍ଟକ୍ ମୂଲ୍ୟ ଜାଲିଆତି ଏବଂ ଷ୍ଟକ୍ ଏକ୍ସଚେଞ୍ଜ ଭିତିରି ତଥ୍ୟ ପ୍ରକାଶ ପାଇବା ଜନିତ ତ୍ରୁଟି ଅଭିଯୋଗର ତଦନ୍ତ ଦୁଇ ମାସ ମଧ୍ୟରେ ଶେଷ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ସେବି (ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ)କୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକାର ଶର୍ଟ ସେଲର ସଂସ୍ଥା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ ପାଇବା ପରେ ଗୌତମ ଆଦାନୀଙ୍କ ଗ୍ରୁପ୍ ଅଫ୍ କମ୍ପାନୀର ବଜାର ମୂଲ୍ୟ ୧୪୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ହ୍ରାସ ପାଇଥିଲା। ଏହା ପ୍ରଭାବରୁ ଭାରତୀୟ ନିବେଶକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଭବିଷ୍ୟତରେ ଏଭଳି ପ୍ରଭାବରୁ ଭାରତୀୟ ନିବେଶକମାନଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ, ତାହା ଜଣାଇବା ଲାଗି କମିଟି ଗଠନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏ.ଏମ୍. ସାପ୍ରେଙ୍କ ଅଧ୍ୟକ୍ଷତାରେ ଗଠିତ ୬ ଜଣିଆ ବିଶେଷଜ୍ଞ କମିଟି ଗଢ଼ାଯିବ। ଉକ୍ତ କମିଟି ବର୍ତ୍ତମାନର ନିୟାମକ ଢାଞ୍ଚାକୁ ଅନୁଧ୍ୟାନ କରିବା ସହ ପ୍ରକ୍ରିୟା କିପରି ସୁଦୃଢ଼ ହୋଇପାରିବ, ସେନେଇ ସୁପାରିସ କରିବ। ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ନିଯୁକ୍ତ ସାପ୍ରେ କମିଟିକୁ କେନ୍ଦ୍ର ସରକାରଙ୍କ ସମେତ ସେବି ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ବୈଧାନିକ ସଂସ୍ଥାଗୁଡ଼ିକ ଆବଶ୍ୟକ ସହାୟତା ଯୋଗାଇଦେବେ। କମିଟି ଦୁଇମାସ ମଧ୍ୟରେ ଏହାର ରିପୋର୍ଟ ଜଉମୁଦା ଲଫାପାରେ ଦାଖଲ କରିବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ରିପୋର୍ଟ ପ୍ରଦାନ କରିବା ସହ କମିଟି ସୁପ୍ରିମକୋର୍ଟଙ୍କୁ କେତେକ ସୁପାରିସ କରିବାକୁ କୁହାଯାଇଛି। ନିବେଶକମାନଙ୍କୁ ଅଧିକ ସଚେତନ କରାଇବା ଦିଗରେ କ'ଣ ପଦକ୍ଷେପ ନିଆଯାଇପାରିବ ସେନେଇ କମିଟି ପ୍ରସ୍ତାବ ଦେବ। ଏହା ବ୍ୟତୀତ ଆଦାନୀ ଗ୍ରୁପ୍ କିମ୍ବା ଅନ୍ୟ କମ୍ପାନୀଗୁଡ଼ିକର ଷ୍ଟକ୍ ମାର୍କେଟ ଡିଲ୍‌ରେ ଆଇନ ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଏଥିରେ ନିୟାମକର ବିଫଳତା ସମ୍ପର୍କରେ ମଧ କମିଟି ତଦନ୍ତ କରିବ। ସେହିପରି ସେବି ତଦନ୍ତ ସମ୍ପର୍କରେ ଖଣ୍ଡପୀଠ କହିଛନ୍ତି, ସିକ୍ୟୁରିଟିଜ୍ କଣ୍ଟ୍ରାକ୍ଟସ୍ (ରେଗୁଲେଶନ) ରୁଲ୍‌ସ ୧୯୫୭ରେ ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଅନ୍ୟାନ୍ୟ ଅଭିଯୋଗକୁ ତଦନ୍ତରେ ସାମିଲ କରାଯାଇପାରିବ। ସମ୍ପୃକ୍ତ ପାର୍ଟିଙ୍କ କାରବାର ସମ୍ପର୍କିତ ସୂଚନା ଏବଂ ଅନ୍ୟ ଆନୁଷଙ୍ଗିକ ତଥ୍ୟ ପ୍ରଘଟ ହୋଇଛି କି ନାହିଁ, ଆଇନର ଉଲ୍ଲଂଘନ କରାଯାଇ ଷ୍ଟକ୍ ମୂଲ୍ୟରେ ଜାଲିଆତି କରାଯାଇଛି କି ନାହିଁ, ସେବି ତଦନ୍ତ କରିବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ସ୍ୱାଗତ କରିଛନ୍ତି। ଏହା ଧାର୍ଯ୍ୟ ସମୟ ମଧ୍ୟରେ ଚୂଡ଼ାନ୍ତ ତଥ୍ୟ ଆଣିପାରିବ। ଖୁବ୍‌ଶୀଘ୍ର ସତ୍ୟ ପଦାକୁ ଆସିବ ବୋଲି ଆଦାନୀ କହିଛନ୍ତି।

**ନିବେଶକଙ୍କ ସୁରକ୍ଷା ଅନୁଧ୍ୟାନ ପାଇଁ କମିଟି ଗଠନ କଲେ ସୁପ୍ରିମକୋର୍ଟ**



### ଜେପିସି ତଦନ୍ତ ହିଁ ସତ୍ୟ ପଦାକୁ ଆଣିବ: କଂଗ୍ରେସ

ଆଦାନୀ ବିବାଦ ଏବଂ ଶିଳ୍ପପତି ଗୌତମ ଆଦାନୀଙ୍କର ପ୍ରଧାନମନ୍ତ୍ରୀଙ୍କ ସହ ସମ୍ପର୍କକୁ ନେଇ ସତ୍ୟତା କେବଳ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ପଦାକୁ ଆଣିପାରିବ ବୋଲି ଗୁରୁବାର କଂଗ୍ରେସ କହିଛି। ମାର୍ଚ୍ଚ ୧୩ରୁ ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଥିବାବେଳେ କଂଗ୍ରେସ ଜେପିସି ତଦନ୍ତ ଦାବି ଉଠାଇବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି କେବଳ ସେବି ନିୟମ ଉଲ୍ଲଂଘନର ତଦନ୍ତ କରିବ। କିନ୍ତୁ ଆଦାନୀ ପ୍ରସଙ୍ଗରେ ସତ୍ୟ ପଦାକୁ ଆଣିବାରେ ଏହା ସମର୍ଥ ହେବ ନାହିଁ ବୋଲି ଜୟରାମ ପୂର୍ବରୁ କହିଥିଲେ। ଯଦି ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟୀ କରା ନ ଯାଏ, ତେବେ ଜେପିସି ଭିନ୍ନ ଅନ୍ୟ କୌଣସି କମିଟି ଗଠନ କେବଳ ବୈଧ କରାଇବା ଏବଂ ଦୋଷାରୋପରୁ ମୁକ୍ତ କରିବା ଉଦ୍ୟମ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଜୟରାମ ଖବରଦାତାମାନଙ୍କୁ କହିଛନ୍ତି। ସୁପ୍ରିମକୋର୍ଟ ନିଯୁକ୍ତ କମିଟି କେବଳ ସେବି ଆଇନ ଓ ନିୟମାବଳୀ ଉଲ୍ଲଂଘନର ତଦନ୍ତ କରିବ। ଏହା ଦ୍ୱାରା ଆଦାନୀ ଏବଂ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ରହିଥିବା ସମ୍ପର୍କର ସତ୍ୟତା ପଦାକୁ ଆସିବ ନାହିଁ ବୋଲି ସେ କହିଛନ୍ତି।

## ଭୋ ଭାନ୍ ଥୋଙ୍ଗ ଭିଏଟ୍‌ନାମ ରାଷ୍ଟ୍ରପତି



**ହାନୋଇ, ୨।୩**

ଭୋ ଭାନ୍ ଥୋଙ୍ଗ୍ ଗୁରୁବାର ଭିଏଟ୍‌ନାମର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। କମ୍ୟୁନିଷ୍ଟ ପାର୍ଟି ଅଫ୍ ଭିଏଟନାମ (ସିପିଭି)ର ପୋଲିଟବ୍ୟୁରୋ ସଦସ୍ୟ ଥୋଙ୍ଗଙ୍କୁ ରାଷ୍ଟ୍ରପତି ପଦ ପାଇଁ ୯୮.୩୮% ଭୋଟ ମିଳିଥିଲା। ରାଷ୍ଟ୍ରପତି ଏବଂ ସୋସିଆଲିଷ୍ଟ ରିପବ୍ଲିକ୍ ଅଫ୍ ଭିଏତନାମର ଲୋକମାନଙ୍କ ପାଇଁ କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟ କରିବେ ବୋଲି ଥୋଙ୍ଗ ଶପଥ ଗ୍ରହଣ ବେଳେ କହିଛନ୍ତି। ୨୦୨୬ ପର୍ଯ୍ୟନ୍ତ ଥୋଙ୍ଗ ରାଷ୍ଟ୍ରପତି ଦାୟିତ୍ୱରେ ରହିବେ। ୧୯୭୦ ଡିସେମ୍ବରରେ ଜନ୍ମଗ୍ରହଣ କରିଥିବା ଥୋଙ୍ଗ ସିପିଭିରେ ସବୁଠାରୁ କମ୍ ବୟସର ପଲିଟ୍‌ବ୍ୟୁରୋ।

## ଅଲ୍ ଉମର ମୁଜାହିଦ୍ଦିନ ମୁଖ୍ୟଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଏନ୍‌ଆଇଏ

**ଶ୍ରୀନଗର, ୨।୩ (ପି.ଟି.)**

ଅଲ୍ ଉମର ମୁଜାହିଦ୍ଦିନ୍ ମୁଖ୍ୟ ମୁସ୍ତାକ୍ ଜର୍ଗାରଙ୍କ ସମ୍ପତ୍ତିକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବାଜ୍ୟାପ୍ତ କରିଛି। ୧୯୯୯ରେ ଇଣ୍ଡିଆନ୍ ଏୟାରଲାଇନ୍ସ ବିମାନ ଅପହରଣ ଘଟଣାରେ ଯାତ୍ରୀମାନଙ୍କ ମୁଣ୍ଡ ଜାମିନ ବଦଳରେ ଜର୍ଗାର ଏବଂ ଅନ୍ୟ ଦୁଇଜଣ ଆତଙ୍କବାଦୀଙ୍କୁ ମୁକୁଳାଇ ଦିଆଯାଇଥିଲା। ଜର୍ଗାର ଓରଫ ଲଟରାମ ୧୯୮୯ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ମୁଫ୍‌ତି ମହମ୍ମଦ ସୟିଦଙ୍କ ଝିଅ ଅପହରଣ ସମେତ ବହୁ ଆତଙ୍କବାଦ ମାମଲାରେ ସମ୍ପୃକ୍ତ। ବିମାନ ଅପହରଣ ମାମଲା ପାକିସ୍ତାନ ମାଟିରୁ ଆତଙ୍କବାଦୀଙ୍କ ସବୁଠୁ ବଡ଼ ଅପରାଧ ବୋଲି ଏନ୍‌ଆଇଏ ମୁଖପାତ୍ର କହିବା ସହ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ (ୟୁଏପିଏ) ବଳରେ ଜର୍ଗାରଙ୍କର ଶ୍ରୀନଗର ଗନାଇ ମୋହଲ୍ଲାରେ ୫୪୪ ବର୍ଗଫୁଟ ଜମିରେ ଥିବା ଘରକୁ ବାଜ୍ୟାପ୍ତ କରାଯାଇଛି। ଏନ୍‌ଆଇଏ ଟିମ୍ ସହ ଜିଲା ପ୍ରଶାସନ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ଗୁରୁବାର ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେ ମୁକ୍ତ ହେବା ପରଠାରୁ ପାକିସ୍ତାନରେ ଥାଇ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟ ପରିଚାଳନା କରିବା ସହ କଶ୍ମୀର ଉପତ୍ୟକାରେ ଏହି କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଇ ଆସୁଥିଲେ।

## ଏସ୍‌ସିବିଏ ଅଧ୍ୟକ୍ଷଙ୍କୁ କୋର୍ଟରୁ ବାହାରିଯିବାକୁ କହିଲେ ସିଜେଆଇ

**ନୂଆଦିଲ୍ଲୀ, ୨।୩ (ପି.ଟି.)**

ଆଇନଜୀବୀଙ୍କ ନିମନ୍ତେ ଚାମ୍ବର ନିର୍ମାଣ ପାଇଁ ଜମି ମଞ୍ଜୁର କରିବାକୁ ନେଇ ଗୁରୁବାର ସୁପ୍ରିମକୋର୍ଟରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ (ଏସ୍‌ସିବିଏ) ଅଧ୍ୟକ୍ଷ ବିକାଶ ସିଂଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ହୋହଲ୍ଲା ନ କରି କୋର୍ଟରୁମ୍ ଛାଡ଼ି ଚାଲିଯିବାକୁ ସିଜେଆଇ ଏସ୍‌ସିବିଏ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆପ୍ପୁ ଘର ଜମି ପିଟିଶନ ଶୁଣାଣି ପାଇଁ ଗତ ୬ ମାସ ହେଲା ଉଦ୍ୟମ ଚଳାଇ ଆସୁଥିବାବେଳେ ତାଙ୍କୁ ଜଣେ ସାଧାରଣ ବାଦୀ ଭଳି ବ୍ୟବହାର କରାଯାଉଥିବା ଏସ୍‌ସିବିଏ ଅଧ୍ୟକ୍ଷ ସିଜେଆଇଙ୍କ ଅଧ୍ୟକ୍ଷତାରେ ଖଣ୍ଡପୀଠକୁ କହିଥିଲେ। ବାର୍‌କୁ ଏଥିପାଇଁ ମାତ୍ର ଗୋଟିଏ ବ୍ଲକ୍ ମିଳିଛି। ପୂର୍ବତନ ସିଜେଆଇ ଏନ୍.ଭି. ରମନାଙ୍କ ସମୟରେ ଉକ୍ତ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏଭଳି ଭାବେ ଜମି ପାଇଁ ଆପଣ ଦାବି କରିପାରିବେ ନାହିଁ ବୋଲି ସିଜେଆଇ କହିଥିଲେ। ଯଦି ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରା ନ ଯାଏ, ତେବେ ସେ ସିଜେଆଇଙ୍କ ବାସଭବନରେ ଏହା ଉଠାଇବେ ବୋଲି ବିକାଶ ସିଂ କହିବାରୁ ଜଷ୍ଟିସ୍ ଚନ୍ଦ୍ରଚୂଡ଼ କ୍ଷୁବ୍ଧ ହୋଇଥିଲେ। ପ୍ରଧାନ ବିଚାରପତିଙ୍କୁ ଧମକ ଦିଅନ୍ତୁ ନାହିଁ। ଏଭଳି ଭାବେ ପିଟିଶନକୁ ତାଲିକାଭୁକ୍ତ କରାଯିବନି। ଆପଣ ମୋ କୋର୍ଟରୁ ବାହାରିଯାଆନ୍ତୁ ବୋଲି ସିଜେଆଇ ବିକାଶଙ୍କୁ କହିଥିଲେ।



ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

## ଗୌରୀ ଖାନ୍‌ଙ୍କ ନାଁରେ ଏତଲା

**ଲକ୍ଷ୍ନୌ, ୨।୩:** ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ସ୍ତ୍ରୀ ଗୌରୀ ଖାନ୍‌ଙ୍କ ନାଁରେ ଉତ୍ତର ପ୍ରଦେଶ ଲକ୍ଷ୍ନୌର ତୁଲସୀଆନି ଗୋଲ୍ଫ ଥାନାରେ ଅଭିଯୋଗ ହୋଇଛି। ମୁମ୍ବାଇ କିରତ ଜସୱାଲ ଶାହ ଏହି ଅଭିଯୋଗ କରିଥିବା ଜଣାପଡ଼ିଛି। ତୁଲସିୟାନି କନ୍‌ଷ୍ଟ୍ରକ୍ସନ୍ ଡେଭଲପମେଣ୍ଟ ଲିମିଟେଡ୍‌ରୁ କିରତ ଫ୍ଲାଟ କିଣିବା ବାବଦକୁ ୮୬ ଲକ୍ଷ ଟଙ୍କା ଦେଇସାରିଥିଲେ ସୁଦ୍ଧା ତାଙ୍କୁ ଫ୍ଲାଟ ମିଳିନ ଥିବା ସେ ତାଙ୍କ ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଛନ୍ତି। ଗୌରୀ ଖାନ୍ ଉକ୍ତ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଥିବାବେଳେ କମ୍ପାନୀର ନିର୍ଦ୍ଦେଶକ ଅନୀଲ କୁମାର ତୁଲସିୟାନି ଏବଂ ମହେଶ ତୁଲସିୟାନିଙ୍କ ନାମ ମଧ ଏଫ୍‌ଆଇରେ ରହିଛି।





## ସୁସ୍ମିତାଙ୍କୁ ହୃଦ୍‌ଘାତ

**ମୁମ୍ବାଇ, ୨।୩:** ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍ ହୃଦ୍‌ଘାତରେ ଆକ୍ରାନ୍ତ ହୋଇଥିବା ଗୁରୁବାର ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି। ଦୁଇଦିନ ପୂର୍ବରୁ ସୁସ୍ମିତାଙ୍କୁ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ଏନ୍‌ଜିଓପ୍ଲାଷ୍ଟି କରାଯାଇଥିବା ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏଥିସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଠିକ୍ ଥିବା ସେ କହିଛନ୍ତି। ଇଣ୍ଟରନ୍ୟାଶନାଲ ଏମି ଆୱାର୍ଡ ପାଇଁ ମନୋନିତହୋଥିବା ୱେବ୍ ସିରିଜ୍ ଆର୍ୟାର ତୃତୀୟ ସିଜନ୍ ପାଇଁ ସୁସ୍ମିତା କାମ ଆରମ୍ଭ କରିଛନ୍ତି।

## ଚାଇନା ଲିଙ୍କ୍ ଲୋନ୍ ଆପ୍‌ର ଯାଞ୍ଚ ଆବଶ୍ୟକ: କେରଳ ହାଇକୋର୍ଟ

**ଥିରୁଭନନ୍ତପୁରମ୍, ୨।୩**

ଚାଇନା ଲିଙ୍କ ଲୋନ୍ ଆପ୍‌ର ଯାଞ୍ଚ ହେବା ଜରୁରୀ ବୋଲି କେରଳ ହାଇକୋର୍ଟ ଏକ ମାମଲାର ଶୁଣାଣିବେଳେ କହିଛନ୍ତି। କେରଳର ଲୋନ୍ ଆପ୍ କମ୍ପାନୀ ଇଣ୍ଡିଟ୍ରେଡ୍ ଫିନକୋର୍ପ ଏଲ୍‌ଟିଡି ଚାଇନା ଲିଙ୍କ ଅଭିଯୋଗ ହେବା ପରେ କମ୍ପାନୀ ବିରୋଧରେ ଜାରି କାରଣ ଦର୍ଶାଅ ନୋଟିସ୍ ଏବଂ ଆକାଉଣ୍ଟ ଅଚଳ କରିବା ଲାଗି ନୋଟିସ ଜାରି ହୋଇଥିଲା। ଏହାକୁ ବିରୋଧ କରି କମ୍ପାନୀ ପକ୍ଷରୁ କୋର୍ଟରେ ପିଟିଶନ୍ ଦାଏର କରାଯାଇଥିଲା। ତେବେ ଜଷ୍ଟିସ୍ ଏମ୍. ନାଗାପ୍ରସନ୍ନ ଉକ୍ତ ପିଟିଶନ୍‌କୁ ଖାରଜ କରିଛନ୍ତି। ମାମଲାର ଶୁଣାଣି କରି ଜଷ୍ଟିସ୍ ନାଗାପ୍ରସନ୍ନ କହିଛନ୍ତି, ଲୋନ୍ ନେଇଥିବା କେତେଜଣ ଚାଇନା ପ୍ରତିନିଧୀଙ୍କ ଆକ୍ରୋଶର ଶିକାର ହୋଇ ଆତ୍ମହତ୍ୟା କରିଛନ୍ତି, ଯାହାର ଯାଞ୍ଚ ହେବା ଆବଶ୍ୟକ। ଅନ୍ୟପକ୍ଷେ ଲୋନ୍ ଆପ୍‌ଗୁଡ଼ିକ କିଏ ପରିଚାଳନା କରୁଛି ଏବଂ ଟଙ୍କା କାରବାର କିପରି କରାଯାଉଛି ସେ ବିଷୟରେ ଜଣିବା ଆବଶ୍ୟକ ବୋଲି ଜଷ୍ଟିସ୍ ନାଗାପ୍ରସନ୍ନ କହିଛନ୍ତି। ମନିଲଣ୍ଡରିଂ ନିବାରଣ ଆକ୍ଟ ଅଧୀନରେ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକଙ୍କ ତରଫରୁ ଗତବର୍ଷ ସେପ୍ଟେମ୍ବର ୨ରେ ଅର୍ଡର ପାସ୍ ହୋଇଥିଲା।




## ଉପନିର୍ବାଚନ: ୩ ଆସନରେ କଂଗ୍ରେସ ବିଜୟୀ

**ନୂଆଦିଲ୍ଲୀ, ୨।୩**

ମହାରାଷ୍ଟ୍ରର ୨ ବିଧାନସଭା ଆସନ ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ତାମିଲନାଡୁର ଗୋଟିଏ ଲେଖାଏ ଆସନରେ ହୋଇଥିବା ଉପନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। କଂଗ୍ରେସକୁ ୩ଟି ଆସନ ମିଳିଥିବାବେଳେ ଗୋଟିଏରେ ଭାଜପା ଏବଂ ଅନ୍ୟ ଆସନରେ ଏଜେଏସ୍‌ୟୁ-ପି ବିଜୟୀ ହୋଇଛି। ସାଗରଦିଘି ଆସନରେ କଂଗ୍ରେସ ବିଜୟୀ ହେବା ସହ ପଶ୍ଚିମବଙ୍ଗ ବିଧାନସଭାରେ ଖାତା ଖୋଲିଛି। ଏହି ଆସନ ଲାଗି ହୋଇଥିବା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିରୋନ୍ ବିଶ୍ୱାସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଟିଏମ୍‌ସି ପ୍ରାର୍ଥୀ ଦେବାଶିଷ ବାନାର୍ଜୀଙ୍କୁ ୨୨,୯୮୬ ଭୋଟରେ ପରାସ୍ତ କରିଛନ୍ତି। ୧୬ ରାଉଣ୍ଡ ଶେଷ ସୁଦ୍ଧା ବିଶ୍ୱାସ ୮୭,୬୬୭ ଖଣ୍ଡ ଭୋଟ ପାଇଥିବାବେଳେ ଦେବାଶିଷଙ୍କୁ ୬୪,୬୮୧ ଭୋଟ ମିଳିଥିଲା। ସେହିପରି ମହାରାଷ୍ଟ୍ରର କସ୍‌ବା ଆସନ କଂଗ୍ରେସକୁ ଯାଇଥିବାବେଳେ ଚିଞ୍ଚୱାଡ୍‌ରେ ଭାଜପା ବିଜୟୀ ହୋଇଛି। ଚିଞ୍ଚୱାଡ୍‌ରେ ଭାଜପା ପ୍ରାର୍ଥୀ ଅଶ୍ୱିନ ଜଗତପ ଏନ୍‌ସିପି ପ୍ରାର୍ଥୀ ନାନା କାଟେଙ୍କୁ ୩୬ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। କସ୍‌ବା ଆସନରେ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ଧଙ୍ଗେକର ଭାଜପାର ହେମନ୍ତ ରାସାନେଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ତାମିଲନାଡୁର ଏରୋଡେ ଇଷ୍ଟ ଆସନ ଶାସକ ଡିଏମ୍‌କେ ନେତୃତ୍ୱାଧୀନ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ ବଜାୟ ରଖିଛି। ଉକ୍ତ ଆସନରୁ ପ୍ରାର୍ଥୀ ହୋଇଥିବା କଂଗ୍ରେସର ଇଭିକେଏସ୍ ଏଲାନଗୋଭାନ ଏଆଇଏଡିଏମ୍‌କେ ପ୍ରାର୍ଥୀ କେ.ଏସ୍. ଥେନ୍ନାରାସୁଙ୍କୁ ପ୍ରାୟ ୬୬,୦୦୦ ଭୋଟରେ ପରାସ୍ତ କରିଛନ୍ତି। ଏଲାନଗୋଭାନଙ୍କୁ ୧.୧୦ ଲକ୍ଷରୁ ଅଧିକ ଭୋଟ ମିଳିଛି। ଅନ୍ୟପକ୍ଷରେ ଝାଡ଼ଖଣ୍ଡର ରାମଗଡ ଆସନରେ ହୋଇଥିବା ଉପନିର୍ବାଚନରେ ଏଜେଏସ୍‌ୟୁ-ପି ପ୍ରାର୍ଥୀ ସୁନିତା ଚୌଧରୀ ବିଜୟୀ ହୋଇଛନ୍ତି। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବଜରଙ୍ଗ ମାହତୋଙ୍କୁ ୨୧,୬୪୪ ଭୋଟରେ ପରାଜିତ କରିଛନ୍ତି।



ବିରୋନ୍ ବିଶ୍ୱାସ



ଇଭିକେଏସ୍ ଏଲାନଗୋଭାନ



ରବୀନ୍ଦ୍ର ଧଙ୍ଗେକର

## ଆଇନ ସଚେତନା ସପ୍ତାହ କାର୍ଯ୍ୟକ୍ରମ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ତାଲୁକ ଆଇନ ସେବା ଓ ଜାତୀୟ ମହିଳା କମିଶନ ଦ୍ୱାରା ନେହେନା ପଞ୍ଚାୟତ ହଲରେ ମହିଳା ଆଇନ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ସେବା ଚେୟାରମ୍ୟାନ ତଥା ସବଜଜ୍ ଚିନ୍ମୟୀ ଜେନା, ପ୍ରଥମ ଶ୍ରେଣୀ ବିଚାରପତି ରୀତି ତ୍ରିପାଠୀ, ରି ସୋର୍ଷ ପରସନ ଡଃ ରାମ ଚନ୍ଦ୍ର ମିଶ୍ର, ସରପଞ୍ଚ ଅଶୋକା ଦଣ୍ଡସେନା ପ୍ରମୁଖ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ, ସମାଜରେ ମହିଳାଙ୍କ ଭୂମିକା ଓ ମହିଳା ସ୍ୱୟଂ ଶକ୍ତି ଦଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆଇନ ସେବା ଦାୟିତ୍ୱରେ ଥିବା ସୂର୍ଯ୍ୟ ମେହେର ସହଯୋଗ ସହ ଧୀରେନ୍ଦ୍ର କୁମାର ଦଣ୍ଡସେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ସଂକ୍ଷେପରେ

## ବିବାହ ଉତ୍ସବରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

କୋକସରା,୨।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା କାଶିବାହାଲ ପଞ୍ଚାୟତ ସାରଙ୍ଗପଡା ଗାଁରେ ବିବାହ ଉତ୍ସବରେ ଅଘଟଣ ଘଟିଛି। ବିବାହରେ ଲାଗିଥିବା ଟେଣ୍ଟର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାରଙ୍ଗପଡା ଗାଁର ଇନ୍ଦ୍ର ରାଉତ (୪୫)। ବୁଧବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସେ ଦୀର୍ଘବର୍ଷ ହେବ ଜୟପାଟଣାରେ ରହୁଥିବା ବେଳେ ବିବାହରେ ଯୋଗଦେବାକୁ ବୁଧବାର ଜଳତାମୁଣ୍ଡା ଆସିଥିଲେ। ଟେଣ୍ଟରେ ଲଗାଯାଇଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସମ୍ପର୍କୀୟମାନେ ୧୦୮ ଆମ୍ବୁଲାନ୍ସରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମୋଟେର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୪/୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ନବନିର୍ମିତ ତ୍ରିନାଥ ମନ୍ଦିରର ରତ୍ନମୁଦ, ଅଷ୍ଟପ୍ରହର ନାମଯଜ୍ଞ



କୋକସରା,୨।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ଼କେନ୍ଦୁଗୁଡ଼ାଠାରେ ଫାଲଗୁନ ଶୁକ୍ଳପକ୍ଷ ଫଗୁ ଦଶମୀ ତିଥିରେ ତ୍ରିନାଥ ମହାପ୍ରଭୁଙ୍କ ୧୫୬ତମ ମେଳା ଓ ନବନିର୍ମିତ ତ୍ରିନାଥ ମନ୍ଦିରର ରତ୍ନମୁଦ ମହୋତ୍ସବ ଉପଲକ୍ଷେ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଆୟୋଜିତ ହୋଇଯାଇଛି। ବୁଧବାର ନବନିର୍ମିତ ମନ୍ଦିର ରତ୍ନମୁଦ ମହୋତ୍ସବ ସହ ନାମାରମ୍ଭ ହୋଇଥିବା ବେଳେ ଗୁରୁବାର ପୂର୍ଣ୍ଣାହୁତି ହୋଇଥିଲା। ମନ୍ଦିର ରତ୍ନମୁଦ ପୂଜା କର୍ତ୍ତା ଭାବେ ସୁବ୍ରହ୍ମ ପଣ୍ଡା ଓ ସସ୍ମିତା ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଅଷ୍ଟପ୍ରହର ନାମଯଜ୍ଞରେ ପୂଜାକର୍ତ୍ତା ଭାବେ ଆଦିତ୍ୟ ପଣ୍ଡା ଓ ଶ୍ୱେତପଦ୍ମା ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଦିଲୀପ ଯୋଷୀ, ପ୍ରତାପ କିଶୋର ପଣ୍ଡା, ବିଜୟ କୁମାର ପଣ୍ଡା ଯୋଗଦେଇଥିଲେ। ରତ୍ନମୁଦ ପରିଚାଳନା କମିଟି ସଭାପତି ରଣଜିତ ଖମାରୀ, ସମ୍ପାଦକ ଲଛମନ ଭାଟି, କୋଷାଧକ୍ଷ ଉଦୟ ପଣ୍ଡା, ଲକ୍ଷ୍ମୀ ନାରାୟଣ ପଣ୍ଡା, ବିଜୟ କୁମାର ପଣ୍ଡା, ସୁରେଶ ହଂସ, ବିକାଶ ପଣ୍ଡା ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୨।୩(ଡି.ଏନ.ଏ.): ଓଡ଼ିଶାର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଖଡ଼ିଆଳ ସାହିତ୍ୟ ସମିତି ୧୪୦ତମ ବାର୍ଷିକ ଉତ୍ସବ ପାଳନ ପାଇଁ ସମିତି ସଭାପତି ରାଜା ସାହେବ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ ଡକ୍ଟର ଜିତାମିତ୍ର ପ୍ରସାଦ ସିଂଦେବଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମିତି ସମ୍ପାଦକ ଗୌରାଙ୍ଗ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଉତ୍ସବର ରୂପରେଖା ସମ୍ପର୍କରେ ଆଲୋଚନା କରିଥିଲେ। ମାର୍ଚ୍ଚ ୫ତାରିଖରେ ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଦାଶରଥି ଆଚାର୍ଯ୍ୟଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ ନୀଳଲୋହିତ ସିଂହଦେବ ଗ୍ରନ୍ଥାବଳୀ ଦ୍ୱିତୀୟ ଭାଗ, କବୟିତ୍ରୀ ପ୍ରତିଭା ବେହେରାଙ୍କ ପୁସ୍ତକ ଭକ୍ତି ପୁଷ୍ପାଞ୍ଜଳି ଓ ଡକ୍ଟର ହରିଶ୍ଚନ୍ଦ୍ର ବେହେରାଙ୍କ ନାଟକ ପୁସ୍ତକ ସ୍ୱଭାବ କବି ଗଙ୍ଗାଧର ମେହେରର ଲୋକାର୍ପଣ ସହିତ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ବିଶିଷ୍ଟ ସଙ୍ଗୀତଜ୍ଞ ନନ୍ଦଲାଲ ବାରିକଙ୍କୁ ସଙ୍ଗୀତ ସୌରଭ ଉପାଧି ପ୍ରଦାନ କରାଯିବା ସହିତ ସାରସତ ସାଧକ ବିଜୟ କୁମାର ବାରିକ, ଡକ୍ଟର ଦାଶରଥି ଆଚାର୍ଯ୍ୟ ଓ କବୟିତ୍ରୀ ମଞ୍ଜୁଶ୍ରୀ ରାଜଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ବୈଠକରେ ପଞ୍ଚାୟତ ତଥା ବିଶିଷ୍ଟ କବି ନୀଳଲୋହିତ ସିଂହ ଦେବ, ଯୁଗ୍ମସମ୍ପାଦକ ଆଦିତ୍ୟ ନାରାୟଣ ପଣ୍ଡା, ସଦସ୍ୟ ଚତୁର୍ଭୁଜ ସିଂଦେଓ, କୈଳାସ ବାଗ, କ୍ଷେମ ସାଗର ସାହୁ, ଆକାଶ କୁମାର ସାହୁ, ରୋଶନ ପଣ୍ଡା, ଗୋବର୍ଦ୍ଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମଥର ପାଇଁ ୧୦୦ ଛାତ୍ରୀଛାତ୍ର ନାମ ଲେଖାଇବେ

## କଳାହାଣ୍ଡି ମେଡିକାଲ କଲେଜ

■ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି କାର୍ଯ୍ୟ

■ସାଧାରଣରେ ଉତ୍ସୁକତା ପ୍ରକାଶ



ଭବାନୀପାଟଣା,୨।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ନିକଟ ଭଙ୍ଗାବାରୀରେ ନିର୍ମାଣାଧୀନ ସରକାରୀ ମେଡିକାଲ କଲେଜରେ ଚଳିତ ବର୍ଷରୁ ନାମଲେଖା ଆରମ୍ଭ ହେବ। ଏହା ଜଣାପଡ଼ିବା ପରେ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ଗତ ଫେବୃୟାରୀ ୧୪ରେ ଏନଏମସିଟିର ୩ ଜଣିଆ ଟିମ ମେଡିକାଲ କଲେଜ ପରିଦର୍ଶନ କରିଥିଲେ। ଏହି ଟିମ କଲେଜ ପାଇଁ ଲାଇବ୍ରେରି, ଟିଚିଂ ହସ୍ପିଟାଲ ସମେତ ବିଭିନ୍ନ ଆବଶ୍ୟକତା ପୂରଣ ନିମନ୍ତେ ରିପୋର୍ଟ ଦେଇଛନ୍ତି। ଅନ୍ୟପକ୍ଷରେ ମେଡିକାଲ କଲେଜ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। ସରକାରୀ ମେଡିକାଲ କଲେଜର ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଟାଟା ପକ୍ଷରୁ ପ୍ରାୟ ୨ ଶହ କୋଟି ବ୍ୟୟ ଅଟକଳରେ ମେଡିକାଲ କଲେଜ କ୍ୟାମ୍ପସ, ଏକାଡେମୀ ବିଲ୍ଡିଂ, ହଷ୍ଟେଲ, ଷ୍ଟାଫ କ୍ୱାର୍ଟସ ନିର୍ମାଣ ହୋଇଛି। ସେହିଭଳି ପ୍ରାୟ ୨୦୬ କୋଟି ବ୍ୟୟରେ ଟିଚିଂ ହସ୍ପିଟାଲ ନିର୍ମାଣାଧୀନ କଲେଜ କ୍ୟାମ୍ପସରେ ତିଆରି କରାଯାଉଛି। ଏହି ଟିଚିଂ ହସ୍ପିଟାଲ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନା ପରିସରରେ ଅସ୍ଥାୟୀ ଭାବେ ଟିଚିଂ ହସ୍ପିଟାଲ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ଏହି ମେଡିକାଲ କଲେଜରେ ଚଳିତବର୍ଷ ୧୦୦ଜଣ ଛାତ୍ରୀଛାତ୍ର ନାମ ଲେଖାଇବେ। କିନ୍ତୁ ସବୁଠାରୁ ବିଡ଼ମ୍ବନାର ବିଷୟ ସମସ୍ତ ଷ୍ଟାଫ କ୍ୱାର୍ଟସ ନିର୍ମାଣ ଶେଷ ହୋଇଥିବା ବେଳେ ମେଡିକାଲ କଲେଜ ଅଧକ୍ଷ ତଥା ଡିନ ଏବଂ ଅଧୀକ୍ଷକଙ୍କ କ୍ୱାର୍ଟର ନିମନ୍ତେ କୌଣସି ବ୍ୟୟବରାଦ ହୋଇନାହିଁ। ସେହିଭଳି ବର୍ତ୍ତମାନ ସିଡିଏମଓ କାର୍ଯ୍ୟାଳୟ ପରିସରରେ ଏଡିଏମଓ ଅଫିସରେ ମେଡିକାଲ କଲେଜ ଅଧକ୍ଷ ଓ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଚାଲିଛି। ଏ ପର୍ଯ୍ୟନ୍ତ ୭୦ଜଣ ଆସିଷ୍ଟାଣ୍ଟ ପ୍ରଫେସର ଓ ପ୍ରଫେସର ପଦବି ମଧ୍ୟରୁ ପ୍ରାୟ ୩୫ଜଣ କାର୍ଯ୍ୟରେ ଯୋଗଦେଇଛନ୍ତି। ସେଣ୍ଟ୍ରାଲ ଲାଇବ୍ରେରି ପାଇଁ ବହି ଯୋଗାଡ଼ କରାଯିବା ସହ ୨୦ଟି କମ୍ପ୍ୟୁଟର ଲଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କମ୍ପ୍ୟୁଟର କିଣାରେ ବିଳମ୍ବ ହେଉଥିବା ଯୋଗୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାର ପ୍ରାୟ ୨୦ଟି କମ୍ପ୍ୟୁଟର ମେଡିକାଲ କଲେଜରେ ଲଗାଯିବାକୁ ପଦକ୍ଷେପ ନିଆଯାଇଛି। ସେହିଭଳି ଟିଚିଂ ହସ୍ପିଟାଲ ନିମନ୍ତେ ପ୍ରାୟ ୭ କୋଟି ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ୩୩୦ ବେଡ ହସ୍ପିଟାଲ ନିମନ୍ତେ ବର୍ତ୍ତମାନ ଆଇସିୟୁର ପୁନର୍ବିନ୍ୟାସ ଚାଲିଛି। କଳାହାଣ୍ଡି ସରକାରୀ ମେଡିକାଲ କଲେଜରେ ଅଧକ୍ଷ ଓ ଡିନ ଭାବେ ଡାକ୍ତର ବସନ୍ତ ପ୍ରଧାନ ଯୋଗଦେଇଥିବା ବେଳେ ଅଧୀକ୍ଷକ ଭାବେ ଡାକ୍ତର ହରେକୃଷ୍ଣ ଦଳେଇ ଯୋଗଦେଇଛନ୍ତି। ଚଳିତବର୍ଷ ଅଗଷ୍ଟ–ସେପ୍ଟେମ୍ବର ନାମ ଲେଖା ଆରମ୍ଭ ହେବ। ଏଥି ନିମନ୍ତେ ଲ୍ୟାବଠାରୁ ଆରମ୍ଭ କରି ସିକ୍ୟୁରିଟି, ସଫେଇ ସମେତ ଅନ୍ୟାନ୍ୟ ବ୍ୟବସ୍ଥା କିଭଳି ହେବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ମେଡିକାଲ କଲେଜ ପରିସରରେ ବିଭିନ୍ନ ସଫେଇ, ସୌନ୍ଦର୍ଯ୍ୟକରଣ ଭଳି ସାମାନ୍ୟ କାମ ବାକି ରହିଛି। ଖୁବ୍‌ଶୀଘ୍ର ଟାଟା କମ୍ପାନୀ ସାସ୍ଥ୍ୟ ବିଭାଗକୁ ମେଡିକାଲ କଲେଜ ହସ୍ତାନ୍ତର କରିବ ବୋଲି ସୂଚନା ମିଳିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ସୁମନ




@ ମାଧବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର ହେଲେ ଶୁଚିସ୍ମିତା

## ବିଇଓ ଅଫିସ ଆକାଉଣ୍ଟାଣ୍ଟ ଟଙ୍କା ହଡ଼ପ ଘଟଣା

■ରିମାଣ୍ଡରେ ନେବା ପାଇଁ ଭିଜିଲାନ୍ସ ବିଭାଗର ଆବେଦନ

ଭବାନୀପାଟଣା,୨।୩(ସ୍ୱ.ପ୍ର.)



ଶୁଚିସ୍ମିତା ସୁଆର।

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଭବାନୀପାଟଣା ବିଇଓ କାର୍ଯ୍ୟାଳୟର ପୂର୍ବତନ ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆରଙ୍କୁ ହାଜର କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଶ୍ରୀକାନ୍ତ ମିଶ୍ର ଜାମିନ ଆବେଦନର ଶୁଣାଣି କରି ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଜେଲ ହାଜତକୁ ପଠାଇ ଦେଇଛନ୍ତି। ଭିଜିଲାନ୍ସ ପକ୍ଷରୁ ରିମାଣ୍ଡରେ ନେଇ ଆସନ୍ତା ମାର୍ଚ୍ଚ ୧୩ ତାରିଖ ମଧ୍ୟରେ ଜେରା କରିବା ପାଇଁ ଆବେଦନ କରାଯାଇଛି। ପୂର୍ବରୁ ଭବାନୀପାଟଣା ଟାଉନ ଥାନା ପକ୍ଷରୁ ଗୋଟିଏ ଦିନ ପାଇଁ ରିମାଣ୍ଡରେ ଅଣାଯାଇ ମାରାଥନ ଜେରା କରାଯାଇ ପୁଣି ତାଙ୍କୁ ଜେଲକୁ ପଠାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ରିମାଣ୍ଡକୁ ଅପେକ୍ଷା କରାଯାଇଛି। ପୂର୍ବରୁ ଭିଜିଲାନ୍ସ ପକ୍ଷରୁ ସମସ୍ତ ବ୍ୟାଙ୍କ ତଥ୍ୟ, ଜମି ପଟ୍ଟା ଯାଞ୍ଚ ଓ ଆର୍ଥିକ ଅନିୟମିତତା ନେଇ ଯାଞ୍ଚ ହୋଇଥିଲା। ଉଭୟ ପୋଲିସ ଓ ଭିଜିଲାନ୍ସ ପକ୍ଷରୁ ପୃଥକ ଭାବେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଭିଜିଲାନ୍ସ ପକ୍ଷରୁ ଏସ୍‌ଡିଜେଏମ କୋର୍ଟକୁ ଏହି ମାମଲାରେ ସଂଯୁକ୍ତ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏଥିଯୋଗୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶୁଚିସ୍ମିତାଙ୍କୁ ହାଜର କରାଯାଇଥିଲା।

## ଧର୍ମଗଡ଼ ଜିଲା ଗଠନ କ୍ରିୟାନୁଷ୍ଠାନ କୋର କମିଟି ବୈଠକ

କୋକସରା,୨।୩(ଡି.ଏନ.ଏ.)

ଧର୍ମଗଡ ଜିଲା ଗଠନ କ୍ରିୟାନୁଷ୍ଠାନ କମିଟି ଆବାହକ ତୁଷାର ରଞ୍ଜନ ପଟ୍ଟଯୋଷୀଙ୍କ ଅଧକ୍ଷତାରେ କୋର କମିଟି ଏକ ଜରୁରୀ ବୈଠକ ଗୁରୁବାର କୋକସରା ବ୍ଲକ ସଦର ମହକୁମାଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ବରିଷ୍ଠ ସଦସ୍ୟ ଲକ୍ଷ୍ମୀକାନ୍ତ ବାଗ ବୈଠକର ଆଭିମୁଖ୍ୟ ସ୍ପଷ୍ଟ କରିଥିବା ବେଳେ ଧର୍ମଗଡ ଜିଲା ଗଠନ ପାଇଁ ପ୍ରତି ଦୃଷ୍ଟି କୋଣରୁ ଆବଶ୍ୟକ ଭିତ୍ତିଭୂମି ରହିଛି। ସମସ୍ତଙ୍କ ପ୍ରୟାସ ଓ ସହଯୋଗ ହେଲେ ଆମେ ନିଶ୍ଚିତ ଆମର ଲକ୍ଷ୍ୟପଥ ହାସଲ କରିବାରେ ସଫଳ ହେବୁ ବୋଲି କୋର କମିଟି ଆବାହକ ମତ ଦେଇଥିଲେ। ବୈଠକରେ ବରିଷ୍ଠ ରାଜନୈତିକ ନେତା ପୁରୁଷୋତ୍ତମ ଗୁପ୍ତା, ପର୍ଶୁରାମ ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସିଟିଜେନ ଫୋରମ ସଦସ୍ୟ ମିନିକେତନ ପ୍ରଧାନି, ନିମାଇ ଚରଣ ଧ. ମାଝି, ଶ୍ରୀନିବାସ ପ୍ରଧାନୀ, ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, କେଶବ ଚନ୍ଦ୍ର ନାଏକ, ତ୍ରିଭୁବନ ନାଏକ, ନବୀନ ନାଏକ ବିଜୟ କୁମାର ସାହୁ, ପଙ୍କଜ ପୋଡ଼, ରଞ୍ଜିତ ପୋଡ଼, ଉଗ୍ରେସନ ବାଗ ପ୍ରମୁଖ ସଚେତନ ନାଗରିକ ଦଳମତ ନିର୍ବିଶେଷରେ ସମସ୍ତ ବୁଦ୍ଧିଜୀବୀ ଜିଲା ଗଠନ ଦାବିକୁ ସମର୍ଥନ ଜଣାଇଥିଲେ। ନୂତନ ଜିଲା ଗଠନ ନେଇ ରାଜ୍ୟ ସରକାରଙ୍କ ସକରାତ୍ମକତା ଦୃଷ୍ଟି କୋଣରୁ ଧର୍ମଗଡ ଉପଖଣ୍ଡକୁ ଜିଲା ମାନ୍ୟତା ପ୍ରଦାନ ଆଶା ଦୃଢୀଭୂତ ହୋଇଛି। ଏହି କମିଟି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ଧର୍ମଗଡରେ ଭବ୍ୟ ସ୍ୱାଗତ ସହ ଜିଲା ଗଠନ ପାଇଁ ନିବେଦନ ରଖିବା ପାଇଁ ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଥିଲା ।

# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

ଖଡ଼ିଆଳ,୨।୩(ଡି.ଏନ.ଏ.)



ନୂଆପଡା ଜିଲା ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ ପ୍ରଦର୍ଶନ କରାଯାଇଛି। ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ କିପର ଗ୍ୟାସ ବ୍ୟବହାର କରାଯିବ ସେ ନେଇ ତାଲିମ ପ୍ରଦାନ କରାଯାଇଛି। କିପରି ଗ୍ୟାସ ଜଳାଇବା, ଯଦି ଜଳନ୍ତା ଗ୍ୟାସ ଟାଙ୍କିରେ ନିଆଁ ଲାଗିଲା ତାକୁ କିପରି ଆୟତ କରିହେବ ସେ ନେଇ ବୁଝାଇଥିଲେ। କାଠ ଚୁଲାରେ ରାନ୍ଧିବା ଦ୍ୱାରା ପରିବେଶ ଦୂଷିତ ହେବା ସହିତ ଜଙ୍ଗଲ ନଷ୍ଟ ହେବାରୁ ବଞ୍ଚିତ ହେବ। କିପରି ଗ୍ୟାସ ଜଳିବା ଯଦି ଜଳନ୍ତା ଗ୍ୟାସ ଟାଙ୍କିରେ ନିଆଁ ଲାଗିଯାଏ କିପରି ଆୟତ କରାଯିବ ସେ ନେଇ ମକଡ୍ରିଲ କରିଥିଲେ। ଏହି ମକଡ୍ରିଲରେ ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ଭାଗ ନେଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଓଆଇସି ଗୌତମ କିଷାନ, ଫିଆର ମେନ ସଞ୍ଜୀବ ମହାନ୍ତି, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ହରିଅର ବରୀହା, ସୁରେନ୍ଦ୍ର ଭୋଇ, ରମେଶ ସେଠି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ସଦର ଏନ୍‌ଏସି ପକ୍ଷରୁ ସାଇକେଲ ବଣ୍ଟନ



ମନ୍ତ୍ରୀ ସାଇକେଲ ପ୍ରଦାନ କରୁଛନ୍ତି।

ନୂଆପଡ଼ା ଅଫିସ,୨।୩

ନୂଆପଡା ଜିଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗୁରୁବାର ସ୍ଥାନୀୟ ବିଜ୍ଞାପିତ ପରିଷଦର ୩୩ଜଣ କର୍ମଚାରୀଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଏହି ସାଇକେଲ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହି କ୍ରମରେ ରାଜ୍ୟର ପ୍ରାୟ ୧୧୪ଟି ବିଜ୍ଞାପିତ ପରିଷଦ ଓ ମ୍ୟୁନିସିପାଲଟିରେ ୮ ହଜାର କର୍ମଚାରୀଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ନୂଆପଡାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ନୂଆପଡା ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ସଦର ବିଜ୍ଞାପିତ ଅଞ୍ଚଳ ପରିଷଦର ଆହାର କେନ୍ଦ୍ରରେ କାର୍ଯ୍ୟରତ ୬ଜଣ ସାଥୀ,୨ ଜଣଜଳ ସାଥୀ, ୫ଜଣ ଏମସିସି, ୫ ଜଣ ଏମଆରଏଫ,୭ ଜଣ ସ୍ୱଚ୍ଛସାଥୀ, ୩ଜଣ ସୁପରଭାଇଜର, ୫ଜଣ ଏଫଏସଟିପି ଏହିପରି ମୋଟ ୩୩ଜଣଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ଏହି ସମୟରେ ସିଟି ଅର୍ଗାନାଇଜର ଦୀପିକା ଦ୍ୱିବେଦୀ, ସିଏମଏମୟୁ ପ୍ୟାରି ମୋହନ ମଣ୍ଡଳ, ଗିରିଶ ଜାଲ ପ୍ରମୁଖ ସହଯୋଗ କରିଥିଲେ।

# ମାଣ୍ଡୋସିଲକୁ ହରାଇ ବିଜେପୁର ଚାମ୍ପିୟନ

## ମା' ଛୋଟିବୁଡ଼ି କ୍ରିକେଟ ଟୁର୍ନାମେଣ୍ଟ



ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ସିନାପାଲି,୨।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତ ବରପଦରଠାରେ ୧୪ତମ ମା' ଛୋଟିବୁଡି ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମାଣ୍ଡୋସିଲକୁ ହରାଇ ବିଜେପୁର ଦଳ ଚାମ୍ପିୟନ ହୋଇଛି। ବିଜେପୁର ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୯୬ରନ ସଂଗ୍ରହ କରିଥିଲା। ମାଣ୍ଡୋସିଲ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଉଦ୍‌ଯାପନୀ ମ୍ୟାଚରେ ସୁଶାନ୍ତ ସିଂ ଦଣ୍ଡସେନା ଓ ସୁନୀଲ ତାଣ୍ଡି ଅମ୍ପୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଉଦଘୋଷକ ଭାବେ ପ୍ରକାଶ ପାତ୍ର, ଭୀମରାଜ ତାଣ୍ଡି, ବିଜୟ ସେଠୀ, କୁନାଲ ଅଗସ୍ତି ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ସ୍କୋରର ଭାବେ ଦେବାଶିଷ ତାଣ୍ଡି ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ ଦଣ୍ଡସେନା, ଯଦୁମଣି ନିଆଲ, ଦିଲୀପ ବାଗ, ଯୁଧିଷ୍ଠିର ତାଣ୍ଡି, ମହେଶ ଦୀପ ପ୍ରମୁଖ ସହଯୋଗ କରିଥିଲେ। ଚାମ୍ପିୟନ ବିଜେପୁର ଓ ଉପବିଜେତା ମାଣ୍ଡୋସିଲ ଦଳକୁ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବରେ ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ଖଡ଼ିଆଳ ବିଧାୟକ ପ୍ରାର୍ଥୀ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଭାବେ ସିନାପାଲି ଜିଲା ପରିଷଦ ସଦସ୍ୟା ଆଶା ଜୈନ, ଭରୁଆମୁଣ୍ଡା ସରପଞ୍ଚ ବିରଞ୍ଚି ଜଗତ, ଶିକ୍ଷାବିତ ରମେଶ କୁମାର ଦୁବେ, ଜିଆରଏସ ଗଜାନନ ମେହେର, ଆନନ୍ଦ କୁମାର ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଧନୁ ବାଗ, ଶରତ ଚିନାଗୁନ, ନରେନ୍ଦ୍ର ବାଗ, ଜକ୍ତାନନ୍ଦ କାଣ୍ଡ, ଦୁର୍ମନ ଛତ୍ରିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ପୁସ୍ତମ ଛତ୍ରିଆ, ଉପସଭାପତି ଭୁଜବଳ ଜଗତ, ସମ୍ପାଦକ ଭୁବନେ ବେମାଲ, ଯୁଗ୍ମସମ୍ପାଦକ ହରିସିଂ ଛତ୍ରିଆ, କୋଷାଧକ୍ଷ ରୂପସିଙ୍ଗ କାଣ୍ଡ, ସଦସ୍ୟ ସଦାନନ୍ଦ ଜଗତ, ନରସିଂହ ଛତ୍ରୀଆ, ଧନିରାମ ଛତ୍ରିଆ, ତ୍ରିଲୋଚନ ଛତ୍ରିଆ, ପୀତାମ୍ବର ଛତ୍ରୀଆ, ବୈଦ୍ୟନାଥ ଜଗତ ପ୍ରମୁଖ ସହଯୋଗ କରିଥିଲେ।



**ସୋନପୁରରେ ଭାଜପାର ବିକ୍ଷୋଭ**

ସୋନପୁର,(ନି.ପ୍ର.): ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ନବ ଦାସ ହତ୍ୟାକାଣ୍ଡ ଘଟଣାକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରରେ ଆନ୍ଦୋଳନ କରାଯାଇଥିଲା। ଏହି ଘଟଣାରେ ପୋଲିସ ଏକତରଫା ଭାବେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସହ ୨୨ ଜଣଙ୍କୁ ଗିରଫ କରିଛି। ପ୍ରତିବାଦରେ ଗୁରୁବାର ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ଛକରେ ଭାଜପା କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାର ଓ ପୋଲିସ ବିରୋଧୀ ନାରା ସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର, ବରିଷ୍ଠ ନେତା ତ୍ରିଲୋଚନ ତରିଆ, କାଉନସିଲର ଗଙ୍ଗାଧର ତରିଆ ପ୍ରମୁଖ ସାମିଲ ଥିଲେ ।

## ସଂକ୍ଷେପରେ

### ଉଲୁଣ୍ଡା କପ: ସେମିରେ ବଲାଙ୍ଗୀର ନବକିଶୋର ଦଳ



**ଉଲୁଣ୍ଡା,୨।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆୟୋଜିତ ୨୯ତମ ସର୍ବ ଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଖେଳରେ ବଲାଙ୍ଗୀର ନବକିଶୋର ଦଳ ପାଟଣାଗଡ଼କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ପାଟଣାଗଡ଼ ୨୦ ଓଭରରେ ୧୨୫ ରନ କରିଥିଲା। ଦଳର ତ୍ରିଲୋଚନ ସିନ୍ଧିଆ ୪୧ ରନ କରିଥିଲେ। ବଲାଙ୍ଗୀରର କିସନ ନାୟକ ୪ଟିଉଇକେଟ ଅକ୍ତିଆର କରିଥିଲା। ଏହାର ଜବାବରେ ବଲାଙ୍ଗୀର ଦଳ ୧୭.୨ ଓଭରରେ ୭ ଉଇକେଟ ହରାଇ ୧୨୬ ରନ କରି ବିଜୟୀ ହୋଇଥିଲା। ଦଳର ରାହୁଲ ସାହୁ ୩୦ ଓ କିଶନ ନାୟକ ୨୩ ରନ କରିଥିଲେ। ଖେଳକୁ ରଘୁବୀର ମିଶ୍ର ଓ ସୁରେଶ ବିଶି ପରିଚାଳନା କରିଥିଲେ। ବଲାଙ୍ଗୀରର କିଶନ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା।

### ପୁଅକୁ ସାତ ବର୍ଷ କାରାଦଣ୍ଡାଦେଶ

**ଟଙ୍କା ପାଇଁ ବାପାଙ୍କୁ ଟାଙ୍ଗିଆରେ ଆକ୍ରମଣ ମାମଲା**

■ନାତୁଣୀ ଜ୍ୱାଇଁ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨।୩(ସ୍ୱ.ପ୍ର.):** ବୌଦ୍ଧ ଜିଲା ସିଜେଏମ ( ମୁଖ୍ୟ ଦଣ୍ଡାଧୀଶ) ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ଗୁରୁବାର ଟଙ୍କା ପାଇଁ ବାପାଙ୍କୁ ଆକ୍ରମଣ ମାମଲାର ବିଚାର କରି ଅଭିଯୁକ୍ତ ପୁଅକୁ ୭ ବର୍ଷ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନାଦେଶ ପ୍ରଦାନ କରିଛନ୍ତି । ଏହି ଘଟଣାରେ ଅଭିଯୁକ୍ତ ନାତୁଣୀ ଜ୍ୱାଇଁଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଦେଇଛନ୍ତି । ଗତ ୧୬।୯।୨୧ ତାରିଖରେ ମନମୁଣ୍ଡା ଥାନା ଅଧୀନ ଲୁଣପଙ୍ଗାର ଯୋଗିନ୍ଦ୍ର କର୍ଣ୍ଣ ନିଜ ବିଲରୁ ଘରକୁ ଫେରୁଥିଲେ। ରାସ୍ତାରେ ପୁଅ ଗୁରୁପ୍ରସାଦ ଓ ଗୁରୁପ୍ରସାଦଙ୍କ ଜ୍ୱାଇଁ ଗୁଡିଆଳ ଗ୍ରାମର ସାନନ୍ଦ ପ୍ରଧାନ ଅଟକାଇ ଆମ କହିବା ମୁତାବକ ଟଙ୍କା କାହିଁକି ଦେଲନାହିଁ କହିଥିଲେ । ପରେ ଏହାକୁ ନେଇ ବଚସା ହୋଇଥିଲା । ଏହି ସମୟରେ ଗୁରୁପ୍ରସାଦ ଏକ ଟାଙ୍ଗିଆରେ ବାପା ଯୋଗିନ୍ଦ୍ରଙ୍କ ମୁଣ୍ଡକୁ ଚୋଟ ମାରିଥିଲେ । ସେ ଚିତ୍କାର କରି ତଳେ ପଡିଯାଇଥିଲେ । ସାନନ୍ଦ ତାଙ୍କୁ ଗାଳି ଗୁଲଜ କରି ଟେକା ପଥର ମାଡ କରିଥିବା ନେଇ ଅଭିଯୋଗ ହୋଇଥିଲା। ପରିବାର ଲୋକ ଗୁରୁତର ଯୋଗିନ୍ଦ୍ରଙ୍କୁ ଉଦ୍ଧାର କରି ପ୍ରଥମେ ମନମୁଣ୍ଡା ଓ ପରେ ବୁର୍ଲା ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ଏନେଇ ମା'ସୌଦାମିନୀ କର୍ଣ୍ଣ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏକ ମାମଲା(୧୨୪/୨୧) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଉକ୍ତ ମାମଲା ବୌଦ୍ଧ ସିଜେଏମଙ୍କ ଅଦାଲତରେ ବିଚାର ହୋଇଥିଲା । ସରକାରଙ୍କ ପକ୍ଷରୁ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସିଜେଏମ ରାୟ ଗୁରୁବାର ଏହି ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବରଞ୍ଜନ ବିଶି ପରିଚାଳନା କରୁଥିଲେ ।

### କଂଗ୍ରେସର ଆନ୍ଦୋଳନ ଚେତାବନୀ

**ରାସ୍ତାକାମ ନିମ୍ନମାନର ଅଭିଯୋଗ**

**ଭେଡେନ,୨।୩(ଡି.ଏନ.ଏ.):** ବରଗଡ ଜିଲା ଭେଡେନ ବ୍ଲକ ଏସ୍‌ଏଚ୍‌-୫୪ର ମହୁଲପାଲି ଛକରୁ ଭେଡେନ ଦେଇ ରେମଣ୍ଡା ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାମ ନିମ୍ନମାନର କରାଯାଉଛି। ପିସିସି ସଭ୍ୟ ତଥା ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା ଭେଡେନ ମୁଖ୍ୟ ଛକରେ ନିର୍ମାଣ ହେଉଥିବା ରାସ୍ତାକୁ ତଦାରଖ କରି ନିମ୍ନମାନର ବୋଲି ଅଭିଯୋଗ କରିଛନ୍ତି। ରାସ୍ତାରେ ଠିକ୍ ଭାବେ ମେଟାଲିଂ ନ କରି ପିଚୁ ଦିଆଯାଉଛି। ସେହିପରି ରାସ୍ତା ସମ୍ପ୍ରସାରଣକୁ ନେଇ ମଧ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ରାସ୍ତା ସଂକୀର୍ଣ୍ଣ ଥିବାରୁ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ତେଣୁ ମୁଖ୍ୟ ବଜାର ଦେଇ ଯାଇଥିବା ରାସ୍ତାକୁ ପ୍ରଶସ୍ତ କରିବା ସହ ନିର୍ମାଣର ଭିଜିଲାନ୍ସ ତଦନ୍ତ ଦାବି କରିଛି କଂଗ୍ରେସ। ନଚେତ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବ୍ଲକ କଂଗ୍ରେସ ସଭାପତି ପଣ୍ଡାଙ୍କ ସମେତ କୃଷ୍ଣଚନ୍ଦ୍ର ବେହେରା, ମାଧବ ସାହୁ, ରାଜ ମେହେର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ପଲିଥିନ ବ୍ୟବହାରରେ ଅଙ୍କୁଶ ନାହିଁ

**ବୀରମହାରାଜପୁରରେ ପଲିଥିନ ନିଷିଦ୍ଧ ପ୍ରହସନ**

■ବ୍ୟବହୃତ ପଲିଥିନ ଯୋଗୁ ହେଉଛି ପରିବେଶ ପ୍ରଦୂଷଣ

ଅମରପାଲି,୨।୩(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ପଲିଥିନ ନିଷିଦ୍ଧ ପ୍ରହସନ ପାଲଟିଛି। ୨୦୧୯ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶା ସରକାର ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଛନ୍ତି। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ପ୍ରହସନ ପାଲଟିଛି। ବିଭିନ୍ନ ଦୋକାନ, ବଜାରରେ ପଲିଥନ ଖୁଲମଖୁଲା ବିକ୍ରି ଚାଲିଛି।

ରାଜ୍ୟରେ ପଲିଥିନ ବିକ୍ରି ଉପରେ କଟକଣା ଲଗାଇବା ପରେ ବୀରମହାରାଜପୁରରେ ମଧ ଉପଜିଲାପାଳଙ୍କ ନେତୃତ୍ୱରେ ଲୋକଙ୍କୁ ସଚେତନତ କରାଯାଇଥିଲା। ଅଞ୍ଚଳରେ ପଲିଥିନ ବ୍ୟବହାର ନିଷିଦ୍ଧ ସହ ପ୍ଲାଷ୍ଟିକ ଥାଳି, ଚାମଚ, ଗିନା, କପ, ପ୍ଲେଟ, ଗ୍ଲାସ ଆଦି ମଧ ବ୍ୟବହାର ହୋଇପାରିବନାହିଁ ବୋଲି କଟକଣା ଲାଗିଲା। ଯେଉଁ ପଲିନର ସ୍ଥୂଳତା ୫୦ ମାଇକ୍ରନ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ। କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବାକୁ ଉପଯୁକ୍ତମାନର ପଲିଥନ ବ୍ୟବହାର କରାଯାଇପାରେ। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ



ଅଞ୍ଚଳରେ ପଡି ରହିଛି ବ୍ୟବହୃତ ପଲିଥିନ।

କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲେ ସୁଦ୍ଧା ବୀରମହାରାଜପୁର ଅଞ୍ଚଳରେ ଏହା ପାଳନ କରାଯାଉନାହିଁ। ମୁଖ୍ୟାଳୟ ସମେତ ଗାଁ ଗହଳିରେ ପଲିଥିନର ବହୁଳ ବ୍ୟବହାର ହେଉଥିଲେ ମଧ ଆଦୌ ଚଢାଉ କରାଯାଉନାହିଁ। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେଉଁ ପଲିଥନଗୁଡିକ ଠିକ ଭାବେ ନଷ୍ଟ ଅର୍ଥାତ୍ ମାଟିରେ ମିଶିପାରୁଛି ସେଗୁଡିକ ବ୍ୟବହାର ଉପଯୋଗୀ । ଅବଶିଷ୍ଟ ବ୍ୟବହାର ଅନୁପଯୋଗୀ ବୋଲି କୁହାଯାଇଛି। ତେଣୁ ସେହି ପ୍ରକାର ପଲିଥିନ ଉତ୍ପାଦନ ମଧ ହୋଇପାରିବ ନାହିଁ। ଏହି ରକମର ପଲିଥିନ ଉପରେ କଟକଣା ଲଗାଯାଇଥିଲା। ମାତ୍ର ସରକାରଙ୍କ ଉକ୍ତ ନିୟମ ମାନୁଛି କିଏ ବୋଲି ପ୍ରଶ୍ନ କରିଛନ୍ତି ସ୍ୱେଚ୍ଛାସେବୀ ଦିଲୀପ ପ୍ରଧାନ। ପାନ ଦୋକାନଠାରୁ, ରାଶନ, ଷ୍ଟେଶନାରୀ ଓ ଜଳଖିଆ ଆଦି ପ୍ରାୟ ଦୋକାନରେ ପଲିଥନ ଖୋଲା ଖୋଲି କାରବାର ଚାଲିଛି। ବୀରମହାରାଜପୁର ଅଞ୍ଚଳରେ ପଲିଥନ ଉତ୍ପାଦନ ହେଉନାହିଁ। ତଥାପି ଏତେ ମାତ୍ରାରେ ପଲିଥିନ ବାହାରୁ ଆସୁଥିଲେ ମଧ ପ୍ରଶାସନ ସବୁଜାଣି ଚୁପ ରହିଛି। ପଲିଥିନ ବ୍ୟବହାରରେ ରୋକ ଲଗାଇବାରେ ପ୍ରଶାସନ ବିଫଳ ହେଉଥିବା ପରିବେଶପ୍ରେମୀ ପ୍ରେମାନନ୍ଦ ନାଏକ ପ୍ରକାଶ କରିଛନ୍ତି। ପଲିଥନ ବନ୍ଦ ପାଇଁ ଏନଫୋର୍ସମେଣ୍ଟ କମିଟି ଗଠନ କରାଯାଇଥିଲା। କିନ୍ତୁ କମିଟି ଆଶାନୁରୂପ ଚଢାଉ କରାଯାଉ ନ ଥିବାରୁ ପଲିଥିନ ପୂର୍ବପରି ବ୍ୟବହୃତ ହେଉଛି। ପଲିଥିନ ବ୍ୟବହାର ଉପରେ କଟକଣା ଲଗାଇବାକୁ ସାଧାରଣରେ ଦାବି ହେଉଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com




@ ସୁମନ




@ ମାଧବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସେବା, ବନ୍ଧୁତା ଭାବ ବୃଦ୍ଧି କର




ଅତିଥି ବୃନ୍ଦ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

**ସୁବର୍ଣ୍ଣପୁରରେ ଜୁନିୟର ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ**

ସୋନପୁର,୨।୩(ନି.ପ୍ର.)

ସୁବର୍ଣ୍ଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୧୬ତମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ପଠନ ଓ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜୁନିୟର ରେଡକ୍ରସ ସହ ସାମିଲ ଥିବା ପ୍ରାକ୍ତନ ଜୁନିୟର ରେଡକ୍ରସ ଅଫିସର ଧରମ ସିଂ ପତାକା ଉତ୍ତୋଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜୁନିୟର ରେଡକ୍ରସର ଛାତ୍ରୀଛାତ୍ରଙ୍କୁ ସେବା ମନୋଭାବ ପୋଷଣ କରିବାକୁ ପରାମର୍ଶ ଦେଇଥିଲେ। ଧରମ ସିଂ ମୁଖ୍ୟବକ୍ତାଭାବେ ଯୋଗଦେଇ ଶିବିରରୁ ପାଇବାକୁ ଥିବା ଶିକ୍ଷାକୁ ଜୀବନରେ ଉପଯୋଗ କରିବାକୁ କହିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଓ ମଞ୍ଜୁଲତା ଭୋଇ ସେବା ଓ ବନ୍ଧୁତା ଭାବକୁ ଆଗକୁ ବଢାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଜୁନିୟର ରେଡକ୍ରସ ମୁଖପତ୍ର ଉତ୍ସର୍ଗ ଉନ୍ମୋଚିତ ହୋଇଥିଲା। ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଣ୍ଡାୟତ ବିବରଣୀ ପଠନ କରିଥିବା ବେଳେ ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଗ ମଞ୍ଚ ପରିଚାଳନା କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କିଡ୍‌ସ ଇଂରାଜୀ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ଦାଶ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଶିବିରରେ ସୁବର୍ଣ୍ଣପୁର ଜିଲାର ୧୧୪ଟି ବିଦ୍ୟାଳୟରୁ ୧୧୪ଜଣ କାଉନସେଲର, ୧୭୯ଜଣ ବାଳିକା ଜୁନିୟର ଓ ୧୩୦ଜଣ ବାଳକ ଜୁନିୟର ଯୋଗଦାନ କରିଛନ୍ତି। ଏହି ଶିବିର ତିନି ଦିନ ଧରି ଚାଲିବ।

# ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ

**ଅଭିଯୁକ୍ତ ଅଟକ**

କନ୍ଧମାଳ,୨।୩(ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଧୁଙ୍ଗିଆପଦର ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ମିଳିଥିବା ସୂଚନା ମୁତାବକ, ବୁଧବାର ରାତି ପ୍ରାୟ ୯ ଟା ସମୟରେ ଧୁଙ୍ଗିଆପଦର ଗ୍ରାମର ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ଉକ୍ତ ଗ୍ରାମର ସାଧବ ମହାକୁଡ (୫୫)ଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ । ସାଧବଙ୍କ ସ୍ତ୍ରୀ ବିନୋଦିନୀ, ପୁତ୍ରବଧୂ ସୁଷମା ଓ ଅନ୍ୟ ଜଣେ ମହିଳା ବିରୋଧ କରିବାରୁ ସେମାନଙ୍କୁ ମଧ ଗାଳିଗୁଲଜ କରି ମାଡ ମାରିଥିଲେ । ଏହି ଯୁବକମାନଙ୍କ ମଧ୍ୟରୁ ଜଣେ ସାଧବଙ୍କୁ ଟେକିନେଇ ତଳେ କଚାଡି ଦେଇଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ସାଧବଙ୍କୁ ସୋନପୁର ମେଡିକାଲ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଏନେଇ ପରିବାର ଲୋକ ଗତ ଗୁରୁବାର ଦିନ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ନଂ ୭୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ୨୮ ଜଣ ସହଭାଗିତାଙ୍କୁ ସାଇକେଲ ବଣ୍ଟନ



ସାଇକେଲ ପାଇଥିବା ସହଭାଗୀ ମହିଳା ସଦସ୍ୟ।

ବିନିକା,୨।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସିଠାରେ ଗୁରୁବାର ସହାଭାଗୀ ମହିଳା ସଦସ୍ୟମାନଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ବିଧାୟକ ପଦ୍ମନାଭ ବେହେରା ଜଳସାଥୀ, ଆହାର କର୍ମୀ, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ଏହିପରି ୨୮ ଜଣ ସହଭାଗୀଙ୍କୁ ସାଇକେଲ ବଣ୍ଟନ କରିଥିଲେ। ଏନଏସି କର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ, ଉପାଧକ୍ଷା ତପସିନୀ ମେହେର, ସମସ୍ତ କାଉନସିଲର, ସିଏମଏମ ଉମାକାନ୍ତ ସିଂ, ସାନିଟେରୀ ଏକ୍ସପୋର୍ଟ ସାଗରିକା ପାତ୍ରୋ, ସୁପରଭାଇଜର ସନ୍ତୋଷ କୁମାର ବନଛୁର, ପିଏ ସରୋଜ ମେହେ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଉଦ୍ୟୋଗୀ ସପ୍ତାହ ପାଳନ ଅବସରରେ ଶିଳ୍ପ ପ୍ରଦର୍ଶନୀ




ଖବରଦାତା ସମ୍ମିଳନୀରେ ଉଦ୍ୟୋଗୀ ସପ୍ତାହ ପାଳନ ସମ୍ପର୍କରେ ସୂଚନା ଦିଆଯାଉଛି।

**ଲକ୍ଷ୍ୟ ନୂତନ ଉଦ୍ୟୋଗୀ ସୃଷ୍ଟି**

ସୋନପୁର,୨।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଉଦ୍ୟୋଗୀ ସପ୍ତାହ ପାଳନ କରାଯିବ। ଆସନ୍ତା ୫ ରୁ ୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରୟାଲ ପଡିଆରେ ସପ୍ତାହ ପାଳନ କରାଯିବା କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଡିଆରଡିଏ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ଗୁରୁବାର ସୂଚନା ଦେଇଛନ୍ତି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର। ରୟାଲ ପଡିଆରେ ଏହି ଅବସରରେ ଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହେବ। ଏଥିରେ ୪୫ଟି ଷ୍ଟଲ ରହିବ। ଜିଲାର ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଅଂଶଗ୍ରହଣ କରିବା ସହ ନିଜର ଉତ୍ପାଦକୁ ବିକ୍ରି କରିବେ। ବିଭିନ୍ନ ଦିବସରେ ଜିଲାର ୬ ଗୋଟି ବ୍ଲକର ଉଦ୍ୟୋଗୀ ଓ ଉଦ୍ୟୋଗ କରିବାକୁ ଆଗ୍ରହୀ ବ୍ୟକ୍ତିଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯିବ । ଉତ୍ପାଦର ମାର୍କେଟିଂ ଓ ବ୍ୟାଙ୍କ ଋଣ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ। ଏହା ଜିଲାରେ ନୂତନ ଉଦ୍ୟୋଗୀ ସୃଷ୍ଟି କରିବ ବୋଲି କହଁର କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ ରଚନା ଲିଖନ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାୟକ କହିଛନ୍ତି। ସମ୍ମିଳନୀରେ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ଶିଳ୍ପ କେନ୍ଦ୍ରର ଦେବାଶିଷ ମିଶ୍ର, ସୁରେଶ ସାହୁ, ଜଗନ୍ନାଥ ଧରୁଆ ଓ ସୁଶିଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।




## ଆଇନ ସଚେତନତା ସପ୍ତାହ କାର୍ଯ୍ୟକ୍ରମ

**ଖଡ଼ିଆଳ,(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ତାଲୁକ ଆଇନ ସେବା ଓ ଜାତୀୟ ମହିଳା କମିଶନ ଦ୍ୱାରା ନେହେନା ପଞ୍ଚାୟତ ହଲରେ ମହିଳା ଆଇନ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ସେବା ଚେୟାରମ୍ୟାନ ତଥା ସବଜଜ୍ ଚିନ୍ମୟୀ ଜେନା, ପ୍ରଥମ ଶ୍ରେଣୀ ବିଚାରପତି ରାତି ତ୍ରିପାଠୀ, ରି ସୋର୍ଷ ପରସନ ଡଃ ରାମ ଚନ୍ଦ୍ର ମିଶ୍ର, ସରପଞ୍ଚ ଅଶୋକା ଦଣ୍ଡସେନା ପ୍ରମୁଖ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ, ସମାଜରେ ମହିଳାଙ୍କ ଭୂମିକା ଓ ମହିଳା ସ୍ୱୟଂ ଶକ୍ତି ଦଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆଇନ ସେବା ଦାୟିତ୍ୱରେ ଥିବା ସୂର୍ଯ୍ୟ ମେହେର ସହଯୋଗ ସହ ଧାରେନ୍ଦ୍ର କୁମାର ଦଣ୍ଡସେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝିଙ୍କ ସୁନ୍ଦରଗଡ଼ ଗସ୍ତ**

**ସୁନ୍ଦରଗଡ/ସବଡେଗା, ୨।୩(ଡିଏନଏ ):** ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ ଦୁଇଦିନିଆ ସୁନ୍ଦରଗଡ ଜିଲା ଗସ୍ତରେ ଆସି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଡ.ମାଝୀ ଆଦିବାସୀ ନେତା ଓ ହିତାଧିକାରୀଙ୍କ ସହ ଭାବ ବିନିମୟ କରିଥିଲେ। ସବଡେଗା ବ୍ଲକର ଫଗୁଆପଡାଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରେ ନିର୍ମିତ କୀର୍ତ୍ତନ ମଣ୍ଡପ ବୁଲି ଦେଖିଥିଲେ।। ଏହି ଅବସରରେ ଗ୍ରାମବାସୀଙ୍କ ସହ କୀର୍ତ୍ତନମଣ୍ଡପରେ ବସି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ, ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ ଉପସ୍ଥିତ ଥିଲେ। ଏହାଛଡା ଦଳୀୟ କର୍ମୀ ଧବଳେଶ୍ୱର ନେଗୀ, ଇଶ୍ୱର କାକ, ସମୀର ନାଏକ, ଉମେଶ ବାଗ,ବେଣୁଧର ପଟେଲ, ଅନନ୍ତ ପଟେଲ, ଶ୍ରୀକାନ୍ତ ପଟେଲଙ୍କ ସମେତ ଗ୍ରାମର ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ ।

### ଲାଖ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଲହୁଣୀପଡ଼ା,୨।୩(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଫୁଲଝର ପଞ୍ଚାୟତ ବଡଜଲ ଗ୍ରାମରେ ଗତ ୧୦ ଦିନ ଧରି ଚାଲିଥିବା ଲାଖ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ କୁଳିପୋଷ ରେଞ୍ଜର ମୁକ୍ତିକାନ୍ତ ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଇବାରି ମୁଣ୍ଡା, କଲିକତାରୁ ଆସିଥିବା ପ୍ରଶିକ୍ଷକ ଦେବାଶିଷ ଜାନା, ଏସିଏସଟି ଆରଟିଆଇ ଭୁବନେଶ୍ୱର କାର୍ଯ୍ୟକ୍ରମ ଅଧିକାରୀ ଦେବାଶିଷ ପ୍ରଧାନ, ନାଏବ ସରପଞ୍ଚ ଯୁଗଳ ମୁଣ୍ଡାରୀ, ସମିତି ସଭ୍ୟ ଏତୁଆରି ମୁଣ୍ଡାରୀ, ଅଙ୍ଗନବାଡି କର୍ମୀ ଜୁଲାନି ମୁଣ୍ଡା, ହାବିଲ ସାମାଦ ଯୋଗ ଦେଇଥିଲେ। ଜିଲା ସଂଯୋଜକ ମହେଶ୍ୱର ସାହୁ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଗ୍ରାମର ଯୁବତୀ, ମହିଳାମାନେ ପାରମ୍ପରିକ ଆଦିବାସୀ ବାଦ୍ୟନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ପାଛୋଟି ଆଣିବା ସହିତ ସ୍ୱାଗତ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଗ୍ରାମର ୫୦ ଜଣ ମହିଳା ଓ ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସାନଜଲ ଗ୍ରାମର ଦୁଇଜଣ ପ୍ରଶିକ୍ଷିକା କୁମୁଦିନୀ ହରୋ ଓ ହୀରା ମୁଣ୍ଡା ଉପସ୍ଥିତ ରହି ଲାଖରେ କେମିତି ବିଭିନ୍ନ ପ୍ରକାର ସାମଗ୍ରୀ କରି ସ୍ୱାବଲମ୍ବୀ ହୋଇ ପାରିବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଲାଖରେ ତିଆରି ମୋବାଇଲ ଷ୍ଟାଣ୍ଡ, ଫୁଲଦାନୀ, ବିଭିନ୍ନ ଷ୍ଟାଣ୍ଡ ଓ ଖେଳନା ସାମଗ୍ରୀ ଆଦି ଦେଖିବା ପାଇଁ ଭିଡ ଜମିଥିଲା ।

### ୫ରୁ ସୁନ୍ଦରଗଡ଼ରେ ଉଦ୍ୟୋଗୀ ସପ୍ତାହ

**ସୁନ୍ଦରଗଡ,୨।୩(ଡି.ଏନ.ଏ.):** ସୁନ୍ଦରଗଡରେ ଅୟୋଜିତ ହେବାକୁ ଯାଉଛି ଉଦ୍ୟୋଗୀ ସପ୍ତାହ । ଏଥିନିମନ୍ତେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉଦ୍ୟୋଗିକ ଭାବନାକୁ ସମ୍ମାନ ଜଣାଇବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୫ ତାରିଖରୁ ୯ ତାରିଖ ଉଦ୍ୟୋଗୀ ସପ୍ତାହ ପାଳିତ ହୋଇଥାଏ। ଚଳିତବର୍ଷ ପ୍ରତ୍ୟେକ ଜିଲାରେ ଏହି ଉଦ୍ୟୋଗୀ ସପ୍ତାହ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଉଦ୍ୟୋଗୀ ସପ୍ତାହ ସ୍ଥାନୀୟ ଶଙ୍କରାସ୍ଥିତ ରିଜର୍ଭ ପୋଲିସ ପଡ଼ିଆଠାରେ ଆସନ୍ତା ୫ରୁ ୯ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଏଠାରେ ମୋଟ ୮୫ଟି ଷ୍ଟଲ କରାଯିବାର ଯୋଜନା ରହିଛି । ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପରିଷଦ,ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ସାଧାରଣ ପରିଚାଳକ, ଜିଲା ଶିଳ୍ପ କେନ୍ଦ୍ର, ସୁନ୍ଦରଗଡ଼ ଓ ରାଉରକେଲା, ଉପ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ, ଜିଲା ନିବେଶ ପ୍ରୋତ୍ସାହନ ଏଜେନ୍ସିର ଅଧିକାରୀ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଏସ୍‌ଡିସି ରାଜ୍ୟ ଉପଦେଷ୍ଟାଙ୍କ ସ୍କୁଲ ଓ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

**ବଡ଼ଗାଁ,୨।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲାକୁ ଦୁଇଦିନିଆ ଗସ୍ତରେ ଆସିଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝି ଗୁରୁବାର ବଡ଼ଗାଁ ବ୍ଲକର ଦେଓକରଣପୁରଠାରେ ଥିବା ମଙ୍ଗଳ ବିଭାଗର ଆବାସିକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଜାମବାହାଲ ଗ୍ରାମରେ ନିର୍ମିତ ଗେରୋଟ ବୁଲି ଦେଖିଛନ୍ତି। ଦେଓକରଣପୁର ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ସ୍ୱାଗତ ଜଣାଇଥିଲେ । ଏହାପରେ ଏସଡିସି ରାଜ୍ୟ ଉପଦେଷ୍ଟା ମାଝୀ କ୍ଲାସ ରୁମଗୁଡିକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବିଷୟରେ ପଚରି ବୁଝିଥିଲେ । ସେ ଶିକ୍ଷକମାନଙ୍କୁ ପାଠପଢ଼ା, ସ୍କୁଲ ଓ ହଷ୍ଟେଲର ବ୍ୟବସ୍ଥା ଉପରେ



ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝିଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

ପଚାରି ବୁଝିଥିଲେ । ସେଠାରୁ ବଡ଼ଗାଁ ଦୁର୍ଗା ମଣ୍ଡପଠାରେ ବ୍ଲକ ବିଜେଡି କର୍ମୀମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶୋଭାଯାତ୍ରାରେ ଡ଼ାକବଙ୍ଗଳାକୁ ଆସିଥିଲେ । ଡାକବଙ୍ଗଳାଠାରେ କର୍ମୀମାନଙ୍କୁ ନେଇ ସଭା ହୋଇଥିଲା । ବିଜୁ ଜନତା ଦଳ ବ୍ଲକ ସଭାପତି ଦେବାଶିଷ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ମାଝୀ ରାଜ୍ୟ ସରକାରଙ୍କ ଦ୍ୱାରା ୯ ଟି ଜିଲାରେ ଆଦିବାସୀମାନଙ୍କ ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, କଳା ସଂସ୍କୃତିର ବିକାଶ ପାଇଁ ହେଉଥିବା କାର୍ଯ୍ୟ ସମ୍ପର୍କରେ କର୍ମୀମାନଙ୍କୁ ବୁଝାଇଥିଲେ । ଜିଲା ବିଜେଡି ସାଧାରଣ ସମ୍ପାଦକ ଅରୁଣ କୁମାର ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲେ । ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ଉନ୍ନୟନ ପରିଷଦ ର ଅଧକ୍ଷ ବିନୟ ଟପୋ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ସୋନାଲି ହେସ, ରାଜେନ୍ଦ୍ର ମହାନ୍ତି, ପ୍ରିୟଦର୍ଶିନୀ ଭୋଇ, ବସନ୍ତ ସାହୁ, ଦେବାଶିଷ ପୁରୋହିତ, ସାରିକା କେରକେଟା, ପାର୍ବତୀ ଟପୋଙ୍କ ସମେତ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସୁମନ




@ ମାଧବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ

# ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ

**କୃଷିଜାତ ବର୍ଜ୍ୟବସ୍ତୁରୁ ଉନ୍ନତ କମ୍ପୋଷ୍ଟ ପ୍ରସ୍ତୁତି ତାଲିମ ଶିବିର**

**ସୁନ୍ଦରଗଡ,୨।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କୃଷିଜାତ ବର୍ଜ୍ୟବସ୍ତୁରୁ ଉନ୍ନତ କମ୍ପୋଷ୍ଟ ପ୍ରସ୍ତୁତି ତାଲିମ ଶିବର ବୁଧବାର ଅନୁଷ୍ଠିତ ହୋଇଥିଲା । ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ବିଭାଗର କର୍ମଚାରୀଙ୍କ ନିମନ୍ତେ ଆୟୋଜିତ ଏହି ଶିବିରରେ ଜିଲାରେ ଥିବା ବିଭିନ୍ନ ବର୍ଜ୍ୟବସ୍ତୁ ପରିଚାଳନା ଭିତ୍ତିଭୂମିଗୁଡିକର ସୁପରିଚାଳନା ଓ ଉନ୍ନତମାନର କମ୍ପୋଷ୍ଟ ଉତ୍ପାଦନ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଜିଲାର ବିଭିନ୍ନ ବ୍ଲକରୁ ଯୋଗ ଦେଇଥିବା ୩୩ ଜଣ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏହି ତାଲିମ ଶିବିର ଆୟୋଜନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ମୁଖ୍ୟ ପ୍ରଶିକ୍ଷକ ଭାବେ ବିଭିନ୍ନ କମ୍ପୋଷ୍ଟ ପ୍ରସ୍ତୁତି ପ୍ରଣାଳୀ ତଥା ଜିଆ ଖତ ଉପରେ ସବିଶେଷ ତାଲିମ ପ୍ରଦାନ କରିଥିଲେ ଓ ପ୍ରାକ୍ଟିକାଲ ମାଧମରେ ବିଭିନ୍ନ ଜ୍ଞାନ କୌଶଳ ସମ୍ପର୍କରେ ବୁଝାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ ଜେମସ ବାଗେ କେନ୍ଦ୍ରର ଆଭିମୁଖ୍ୟ ଓ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଜିଲାରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରିବା ସହିତ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ତାଲିମ ଶିବିରରେ କେନ୍ଦ୍ରର ବିଷୟବସ୍ତୁ ବିଶେଷଜ୍ଞ ଡ. ଦ୍ୱିବେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର ସେଠୀ ଓ ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ପୁର୍କାପାଲି ଉଚ୍ଚ ବିଦ୍ୟାଳୟରେ ପୁରସ୍କାର ବିତରଣୀ ଉତ୍ସବ

**ପ୍ରଧାନଶିକ୍ଷକଙ୍କୁ ଦିଆଗଲା ଅବସରକାଳୀନ ସମ୍ବର୍ଦ୍ଧନା**

**କୁତ୍ରା,୨।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାଛଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ଦୀର୍ଘ ୩୪ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକତା କରିବା ସହ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ତଥା ଗ୍ରାମବାସୀଙ୍କ ମନ ଜିଣି ନେଇଥିଲେ। ବିଦ୍ୟାଳୟର ଉନ୍ନତି ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହିଛି । ନାଚଗୀତର ତାଳେ ତାଳେ ତାଙ୍କୁ ଗ୍ରାମ ପରିକ୍ରମା କରାଯାଇ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଏହି ବିଦ୍ୟାଳୟରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବା ପାଇଁ ପ୍ରୟାସ କରିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ, ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତିଲତା ଲାକ୍ରା, ବିଦ୍ୟାଳୟ ପ୍ରତିଷ୍ଠାତା ଲବୀନ୍ଦ୍ର କୁମାର ବେହେରା, ସରପଞ୍ଚ ସୁକାନ୍ତି ମାଝି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ତମ ଭବିଷ୍ୟତ କାମନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ଶିକ୍ଷକ ଅକ୍ଷୟ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ବାସନ୍ତୀ କାଲୋ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନ୍ଦରଗଡ଼ ସରକାରୀ କଲେଜରେ ଜାତୀୟ ବିଜ୍ଞାନ ଦିବସ ପାଳିତ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ସୁନ୍ଦରଗଡ,୨।୩(ଡି.ଏନ.ଏ.)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ବିଜ୍ଞାନ ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡ .ଲଳିତ ରଞ୍ଜନ ସାହୁ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ବୈଜ୍ଞାନିକ ସିଭି ରମଣଙ୍କ ଜୀବନୀ ଉପରେ ଆଲୋକପାତ କରି ଅଧକ୍ଷ ଡ.ସାହୁ ଭୂଖଣ୍ଡ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡ. ବିଜୟ କୁମାର ମିଶ୍ରଙ୍କ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱକୁ ବିଜ୍ଞାନର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବଲପୁର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ.ସୁନନ୍ଦା ସାହୁ ବିଶ୍ୱ ସ୍ୱାସ୍ଥ୍ୟ ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ରୂପେ ଅଧ୍ୟାପିକା ଡ.ନିରିୟଣ ଏକ୍କା ଯୋଗ ଦେଇଥିଲେ । ପ୍ରାଣୀ ଜଗତ ଉପରେ ବିଜ୍ଞାନର ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ମୋହନ ମୁରାରୁ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପିକା ଡ.କୁମୁଦିନୀ ରାଉତରାୟ, ଅଧ୍ୟାପକ ଆଲୋକ ନାଏକ, ପ୍ରଭାକର ସେଠୀ, ସେବତୀ ପ୍ରଧାନ, ରାଧାନାଥ ମିଶ୍ର, ସୌମ୍ୟା ବାରିକ, ସରୋଜ ପୂଜାରୀ, ଡ.ସୁଶାନ୍ତ ମହନ୍ତ, ସ୍ମିତାରାଣୀ କୁଲୁ, ପ୍ରଜ୍ଞା ପରମିତା ଦାସ, ଡ.ପଦ୍ମିନୀ ସୁନାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ସଦର ଏନ୍‌ଏସି ପକ୍ଷରୁ ସାଇକେଲ ବଣ୍ଟନ



ମନ୍ତ୍ରୀ ସାଇକେଲ ପ୍ରଦାନ କରୁଛନ୍ତି ।

**ନୂଆପଡ଼ା ଅଫିସ,୨।୩**

ନୂଆପଡା ଜିଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗୁରୁବାର ସ୍ଥାନୀୟ ବିଜ୍ଞାପିତ ପରିଷଦର ୩୩ଜଣ କର୍ମଚାରୀଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଏହି ସାଇକେଲ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହି କ୍ରମରେ ରାଜ୍ୟର ପ୍ରାୟ ୧୧୪ଟି ବିଜ୍ଞାପିତ ପରିଷଦ ଓ ମ୍ୟୁନିସିପାଲଟିର ୮ ହଜାର କର୍ମଚାରୀଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ନୂଆପଡାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ନୂଆପଡା ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ସଦର ବିଜ୍ଞାପିତ ଅଞ୍ଚଳ ପରିଷଦର ଆହାର କେନ୍ଦ୍ରରେ କାର୍ଯ୍ୟରତ ୬ଜଣ ସାଥୀ,୨ ଜଣଜଳ ସାଥୀ, ୫ଜଣ ଏମସିସି, ୫ ଜଣ ଏମଆରଏଫ,୭ ଜଣ ସ୍ୱଚ୍ଛସାଥୀ, ୩ଜଣ ସୁପରଭାଇଜର, ୫ଜଣ ଏଫଏସଟିପି ଏହିପରି ମୋଟ ୩୩ଜଣଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ଏହି ସମୟରେ ସିଟି ଅର୍ଗାନାଇଜର ଦୀପିକା ଦ୍ୱିବେଦୀ, ସିଏମଏମୟୁ ପ୍ୟାରି ମୋହନ ମଣ୍ଡଳ, ଗିରିଶ ଜାଲ ପ୍ରମୁଖ ସହଯୋଗ କରିଥିଲେ।

# କଚାରୁ ହାଇସ୍କୁଲରେ ଦୀକ୍ଷାନ୍ତ ସମାରୋହ



ସମାରୋହରେ ଅଧିକାରୀ ଓ ବିଦ୍ୟାର୍ଥୀ ।

**କୁଆଁରମୁଣ୍ଡା,୨।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ କଚାରୁ ହାଇସ୍କୁଲରେ ବୁଧବାର ୧୦ମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଦ୍ୟାର୍ଥୀମାନେ ଭଲ ପାଠ ପଢ଼ି ସ୍କୁଲ ସହ ଅଞ୍ଚଳ ଓ ପରିବାରର ସୁନାମ ବଢ଼ାଇବାକୁ ଅତିଥିମାନେ ମତପୋଷଣ କରିଥିଲେ। ଏହି ସମାରୋହରେ କୁଆଁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପାଣି ଓ ବରିଷ୍ଠ ଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାରୋହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେପରିଚାଳନା କମିଟି ସଭାପତି କାମିନୀ ସିଂ, ଅନୀତା ଖେସ୍, କଚାରୁ ସରପଞ୍ଚ ଝୁବା ଟପ୍ପୋ, ଶିକ୍ଷକ ବସନ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଇଓ ଅଫିସ ଆକାଉଣ୍ଟାଣ୍ଟ ଟଙ୍କା ହଡ଼ପ ଘଟଣା

# ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର ହେଲେ ଶୁଚିସ୍ମିତା

**ଭବାନୀପାଟଣା,୨।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଭବାନୀପାଟଣା ବିଇଓ କାର୍ଯ୍ୟାଳୟର ପୂର୍ବତନ ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆରଙ୍କୁ ହାଜର କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଶ୍ରୀକାନ୍ତ ମିଶ୍ର ଜାମିନ ଆବେଦନର ଶୁଣାଣି କରି ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଜେଲ ହାଜତକୁ ପଠାଇ ଦେଇଛନ୍ତି। ଭିଜିଲାନ୍ସ ପକ୍ଷରୁ ରିମାଣ୍ଡରେ ନେଇ ଆସନ୍ତା ମାର୍ଚ୍ଚ ୧୩ ତାରିଖ ମଧ୍ୟରେ ଜେରା କରିବା ପାଇଁ ଆବେଦନ କରାଯାଇଛି। ପୂର୍ବରୁ ଭବାନୀପାଟଣା ଟାଉନ ଥାନା ପକ୍ଷରୁ ଗୋଟିଏ ଦିନ ପାଇଁ ରିମାଣ୍ଡରେ ଅଣାଯାଇ ମାରାଥନ ଜେରା କରାଯାଇ ପୁଣି ତାଙ୍କୁ ଜେଲକୁ ପଠାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ରିମାଣ୍ଡକୁ ଅପେକ୍ଷା କରାଯାଇଛି। ପୂର୍ବରୁ ଭିଜିଲାନ୍ସ ପକ୍ଷରୁ ସମସ୍ତ ବ୍ୟାଙ୍କ ତଥ୍ୟ, ଜମି ପଟ୍ଟା ଯାଞ୍ଚ ଓ ଆର୍ଥିକ ଅନିୟମିତତା ନେଇ ଯାଞ୍ଚ ହୋଇଥିଲା। ଉଭୟ ପୋଲିସ ଓ ଭିଜିଲାନ୍ସ ପକ୍ଷରୁ ପୃଥକ ଭାବେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଭିଜିଲାନ୍ସ ପକ୍ଷରୁ ଏସ୍‌ଡିଜେଏମ କୋର୍ଟକୁ ଏହି ମାମଲାରେ ସଂଯୁକ୍ତ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏଥିଯୋଗୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶୁଚିସ୍ମିତାଙ୍କୁ ହାଜର କରାଯାଇଥିଲା।



# ସଂରକ୍ଷଣ ପାଇଁ ସହଯୋଗିତା

**ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। କିନ୍ତୁ ମଣିଷର କାର୍ଯ୍ୟକଳାପ ଯୋଗୁ ଏବେ ବନ୍ୟପ୍ରାଣୀ ସଙ୍କଟରେ। ଏମାନଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଆମ ସମସ୍ତଙ୍କ ହାତରେ ରହିଛି। ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ମାର୍ଚ୍ଚ ୩ରେ ପାଳନ ହେଉଛି ବିଶ୍ୱ ବନ୍ୟପ୍ରାଣୀ ଦିବସ। ଚଳିତବର୍ଷ ଏହି ଦିବସ ଲାଗି ଥିମ୍ ରହିଛି, 'ପାର୍ଟନରଶିପ୍ସ ଫର ୱାଇଲ୍ଡ ଲାଇଫ୍ କଞ୍ଜରଭେଶନ' ଅର୍ଥାତ୍ 'ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସହଯୋଗିତା'।**




କୌଣସି ଜନ ବା ପ୍ରାଣୀଙ୍କ ମଙ୍ଗଳ କାମ କରିବାକୁ ଗଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ବିଶେଷକରି ଯେତେବେଳେ ବନ୍ୟପ୍ରାଣୀ ସଂରକ୍ଷଣ କଥା ଉଠେ, ସ୍ଥାନୀୟ ଅଧିବାସୀଙ୍କ ସହଭାଗିତା ଅପରିହାର୍ଯ୍ୟ ହୋଇପଡ଼େ। ବନ୍ୟପ୍ରାଣୀ ମଣିଷଙ୍କ ଖାଦ୍ୟ ଓ ବାସଗୃହ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ମଣିଷ ସେମାନଙ୍କୁ ଶତ୍ରୁ ଆଖିରେ ଦେଖିଥାଏ। ତେଣୁ ଯେ ପର୍ଯ୍ୟନ୍ତ ମଣିଷ ହୃଦୟରେ ବନ୍ୟପ୍ରାଣୀଙ୍କ ପାଇଁ ସ୍ଥାନ ମିଳି ପାରିବ ନାହିଁ, ସେ ପର୍ଯ୍ୟନ୍ତ ମଣିଷ ସେମାନଙ୍କୁ ନିଜ ଆଖ ପାଖରେ ଦେଖିବାକୁ ପସନ୍ଦ କରିବ ନାହିଁ। ଖାସ୍ ଏହି କାରଣ ଯୋଗୁ ମଣିଷ ଓ ବନ୍ୟପ୍ରାଣୀ ମଧ୍ୟରେ ଚାଲିଛି ସଂଘର୍ଷ। ଏଥିଯୋଗୁ ବନ୍ୟପ୍ରାଣୀ ସଂରକ୍ଷଣ ମଧ୍ୟ ବ୍ୟାହତ ହେଉଛି। ମଣିଷ-ବନ୍ୟପ୍ରାଣୀ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ହେଲେ ଜନ ସହଭାଗିତା ନିହାତି ଆବଶ୍ୟକ। ମିଳିତ ସହଯୋଗ ପାଇଁ ଜଣସାଧାରଣଙ୍କ ସହିତ ବନ ବିଭାଗ ଏବଂ ଅନ୍ୟ ପ୍ରଶାସନ ମଧ୍ୟ ହାତ ମିଶେଇବା ଦରକାର। ରାଜ୍ୟରେ ଅନେକ ସ୍ଥାନ ରହିଛି ଯେଉଁଠାରେ ସ୍ଥାନୀୟ ଅଧିବାସୀ, ସଂସ୍ଥା ଏବଂ ବନ ବିଭାଗର ମିଳିତ ସହଭାଗିତାରେ ବନ୍ୟପ୍ରାଣୀ ସଂରକ୍ଷଣ କରାଯାଇପାରୁଛି। ଆଉ କିଛି ସ୍ଥାନ ରହିଛି, ଯେଉଁଠାରେ କେବଳ ସ୍ଥାନୀୟ ଲୋକଙ୍କ ଦ୍ୱାରା ବନ୍ୟପ୍ରାଣୀଙ୍କ ସଂରକ୍ଷଣ କରାଯାଉଛି। ହେଲେ କିଛି ସ୍ଥାନରେ ବନ ବିଭାଗ ଜନସାଧାରଣ କିମ୍ବା ସ୍ୱେଚ୍ଛାସେବୀ ସଂସ୍ଥା, କାହାର ମତ ନ ଲୋଡ଼ି ନିଜେ ସଂରକ୍ଷଣ ଦାୟିତ୍ୱ ନେଇ ବିଫଳ ହେଉଛି। ତେଣୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି ପରିବେଶବିତ୍ ମତ ପ୍ରକାଶ କରିଛନ୍ତି। ବନ୍ୟପ୍ରାଣୀଙ୍କ ସଂରକ୍ଷଣକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା-:

## ପକ୍ଷୀ ସଂରକ୍ଷଣ

ରାଜ୍ୟରେ ସଫଳତମ ଜନ ଭାଗୀଦାରିରେ ବନ୍ୟପ୍ରାଣୀ ସଂରକ୍ଷଣ କଥା ଯଦି କୁହାଯିବ, ତେବେ ପ୍ରଥମରେ ମଙ୍ଗଳାଯୋଡ଼ି ଆସିବ। ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ମଙ୍ଗଳାଯୋଡ଼ି ଗ୍ରାମ ନିକଟରେ ଅନେକ ଜମି ଚିଲିକାର ଲୁଣି ପାଣି ପ୍ଲାବିତ ହୋଇ ଥିବାବେଳେ ଅନେକ ଦେଶୀ ବିଦେଶୀ ଚଢ଼େଇ ଶୀତ ଦିନରେ ଏଠାକୁ ଆସିଥାନ୍ତି। ମଙ୍ଗଳାଯୋଡ଼ି ଏବଂ ତା'ର ଆଖ ପାଖ ଗାଁ ଲୋକେ ବହୁ ପରିମାଣର ପକ୍ଷୀ ଶିକାର କରୁଥିଲେ। ମାତ୍ର ସମୟକ୍ରମେ ସରକାରୀ ପ୍ରୋତ୍ସାହନ, ବନ ବିଭାଗର ଭାଗୀଦାରି ଏବଂ ସ୍ୱେଚ୍ଛାସେବୀ ସଂସ୍ଥାର ସହଯୋଗିତା ଫଳରେ ପକ୍ଷୀ ଶିକାରୀଙ୍କ ମନ ପରିବର୍ତ୍ତନ ହେଲା। ସେମାନେ ଶିକାର ବଦଳରେ ପକ୍ଷୀଙ୍କୁ ସୁରକ୍ଷା ଦେଲେ ଏବଂ ପର୍ଯ୍ୟଟନର ନୂତନ ସୂର୍ଯ୍ୟ ଉଦିତ ହେଲା ମଙ୍ଗଳାଯୋଡ଼ି। ଦେଶ ତଥା ବିଦେଶରୁ ପର୍ଯ୍ୟଟକ ମଙ୍ଗଳାଯୋଡ଼ିକୁ ଆସି ଡଙ୍ଗାରେ ବୁଲିବା ସହିତ ସ୍ଥାନୀୟ ଅଧିବାସୀଙ୍କ କଟେଜରେ ରହିବା ଦ୍ୱାରା ସେମାନଙ୍କ ଆର୍ଥିକ ଅବସ୍ଥାରେ ମଧ୍ୟ ସ୍ୱଚ୍ଛଳତା ଆସି ପାରିଛି।

## ଅଲିଭ୍ ରିଡ୍‌ଲେ

ସ୍ଥାନୀୟ ଅଧିବାସୀଙ୍କ ସହଭାଗିତା ଦ୍ୱାରା ଦ୍ୱିତୀୟ ତଥା ସବୁଠାରୁ ଅଧିକ ସଫଳ ସଂରକ୍ଷଣ ବାର୍ତ୍ତା ବହନ କରୁଛି ଅଲିଭ୍ ରିଡ୍‌ଲେ କଇଁଛ। ଗଞ୍ଜାମ ଜିଲା ଋଷିକୁଲ୍ୟା ନଦୀ ମୁହାଣ ଏବଂ ସମୁଦ୍ର ତଟ ଅଞ୍ଚଳ, ପୁରୀ ଜିଲା ଅସ୍ତରଙ୍ଗର ଦେବୀ ନଦୀ ମୁହାଣ, କେନ୍ଦ୍ରାପଡ଼ା ଜିଲାର ମହାନଦୀ, ବୈତରଣୀ ଓ ଖରସ୍ରୋତା ନଦୀ ମୁହାଣ ଏବଂ ସମୁଦ୍ର ତଟ ଅଞ୍ଚଳରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଫେବୃୟାରୀ - ମାର୍ଚ୍ଚ ବେଳକୁ ଅଣ୍ଡା ଦେବା ପାଇଁ ଆସିଥାନ୍ତି। ବନ ବିଭାଗ ତରଫରୁ ସ୍ଥାନୀୟ ଅଧିବାସୀ, ସ୍ୱେଚ୍ଛାସେବୀ ସଂସ୍ଥାର ସହଭାଗିତାରେ କଇଁଛଙ୍କୁ ସୁରକ୍ଷା ଦେବା ସହିତ ଅଣ୍ଡାଗୁଡ଼ିକୁ ଫୁଟାଇବା ପାଇଁ ଅସ୍ଥାୟୀ ହ୍ୟାଚେରୀ ନିର୍ମାଣ କରାଯାଇଥାଏ। ଅଣ୍ଡା ଫୁଟିବା ପରେ ପୁଣି ସମୁଦ୍ରକୁ ଫେରିବା ବ୍ୟବସ୍ଥା ମଧ୍ୟ କରାଯାଇଥାଏ। ତେଣୁ କଇଁଛଙ୍କ ମିଳନ ଋତୁରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଯିବାକୁ ବାରଣ କରାଯାଇଥାଏ। ଲକ୍ଷ ଲକ୍ଷ ସଂଖ୍ୟାରେ କଇଁଛ ଆସୁଥିବାରୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ମୃତ୍ୟୁ ହୋଇଥାଏ। ତେଣୁ ଅଲିଭ୍ ରିଡ୍‌ଲେଙ୍କ ସଂରକ୍ଷଣ ପାଇଁ ସ୍ଥାନୀୟ ଜନ ସାଧାରଣଙ୍କ ସହଭାଗିତାରେ ଚେଷ୍ଟା ଚାଲିଛି। ବିଶେଷ କରି ଅଲିଭ୍ ରିଡ୍‌ଲେ କଇଁଛଙ୍କ ସଂରକ୍ଷଣ ନିମନ୍ତେ ସଚେତନତା ସୃଷ୍ଟି ପାଇଁ ଓଡ଼ିଶାରେ ଆୟୋଜିତ ହୋଇଥିବା ହକି ବିଶ୍ୱ କପରେ ଅଲିଭ ରିଡ୍‌ଲେ କଇଁଛକୁ ମାସ୍କଟ ଭାବେ ବ୍ୟବହାର କରାଯାଇଛି।

## କୃଷ୍ଣସାର ମୃଗ

ରାଜ୍ୟରେ ସ୍ଥାନୀୟ ବାସିନ୍ଦାଙ୍କ ସହଭାଗିତାରେ ଆଉ ଏକ ସଫଳତମ ବନ୍ୟପ୍ରାଣୀ ସଂରକ୍ଷଣ ହେଉଛି ଗଞ୍ଜାମ ଜିଲାର ଭେଟନଇରେ ଥିବା କୃଷ୍ଣସାର ମୃଗ ବା ବ୍ଲାକ ବକ୍। ଭେଟନଇ - ଧଣ୍ଡିଆ ଅଞ୍ଚଳର ପ୍ରାୟ ୬୦ଟି ଗ୍ରାମ ନିକଟରେ କୃଷ୍ଣସାର ମୃଗ ଦେଖାଯାଆନ୍ତି। ସ୍ଥାନୀୟ ଅଧିବାସୀଙ୍କ ଉଦ୍ୟମ ଫଳରେ ଏମାନଙ୍କ ସଂରକ୍ଷଣ ତଥା ବଂଶ ବୃଦ୍ଧି ହେବା ସମ୍ଭବ ହୋଇପାରିଛି। ସରକାରୀ ସହାୟତା, ପ୍ରୋତ୍ସାହନ ଏବଂ ଜନସାଧାରଣଙ୍କ ସହଭାଗିତାର ଏହା ଏକ ଉଜ୍ଜ୍ୱଳ ଉଦାହରଣ ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।



## ସରକାରୀ ସହଭାଗିତା ଲୋଡ଼ା

ରାଜ୍ୟରେ ଏମିତି ମଧ୍ୟ କିଛି ସ୍ଥାନ ଅଛି, ଯେଉଁଠି ବିନା ସରକାରୀ ପ୍ରୋତ୍ସାହନ ବିନା ସ୍ଥାନୀୟ ଅଧିବାସୀ ଓ ଏନ୍‌ଜିଓ ସହଭାଗିତାରେ ବନ୍ୟପ୍ରାଣୀ ସଂରକ୍ଷଣ କରାଯାଉଛି। ସରକାରୀ ସହାୟତା ମିଳିଲେ ସେମାନେ ଅଧିକ ଭଲ କାମ କରିପାରନ୍ତେ ଏବଂ ସେ ସ୍ଥାନଗୁଡ଼ିକରେ ମଧ୍ୟ ପର୍ଯ୍ୟଟନ ଦୃଷ୍ଟିରୁ ଯଥେଷ୍ଟ ଭବିଷ୍ୟତ ରହିଛି। ଉଦାହରଣ ସ୍ୱରୂପ, କଟକ ଜିଲାର ବାଙ୍କୀ ଅନ୍ତର୍ଗତ ଜାତମୁଣ୍ଡିଆ ନିକଟରେ ଥିବା ଅରାଚଣ୍ଡୀ ପାଟ ବା ଆର୍ଦ୍ରଭୂମି। ମଙ୍ଗଳାଯୋଡ଼ି ପରି ଆୟତନ ହୋଇ ନ ଥିଲେ ମଧ୍ୟ ଅରାଚଣ୍ଡୀ ପାଟକୁ ଶୀତ ଦିନରେ ହଜାର ହଜାର ବିଦେଶାଗତ ପକ୍ଷୀ ଆସିଥାନ୍ତି। ସ୍ଥାନୀୟ ମହିଳା ସମିତିର କର୍ମକର୍ତ୍ତାମାନେ ଜାତୀୟ ପୁରସ୍କାର ପ୍ରାପ୍ତ ବନ୍ୟପ୍ରାଣୀ ଟୁର ଗାଇଡ ତଥା ସ୍ଥାନୀୟ ଏକ ସଂସ୍ଥା ସେଣ୍ଟର୍ ଫର୍ ରୁରାଲ ଟୁରିଜମ୍ ଆଣ୍ଡ ଡେଭେଲପମେଣ୍ଟ ସମ୍ପାଦକ ଲଳିତ ମୋହନ ପଣ୍ଡାଙ୍କ ମାର୍ଗ ଦର୍ଶନରେ ପରିବ୍ରାଜକ ପକ୍ଷୀଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି। ଉପଯୁକ୍ତ ସରକାରୀ ପ୍ରୋତ୍ସାହନ ପାଇଲେ ଅରାଚଣ୍ଡୀ ମଧ୍ୟ ପକ୍ଷୀଙ୍କ ପର୍ଯ୍ୟଟନ ପାଇଁ ଓଡ଼ିଶା ମାନଚିତ୍ରରେ ନିଶ୍ଚୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ। ସେହିପରି ସୁନ୍ଦରଗଡ଼ ଜିଲାର ହେମଗିରି ରେଞ୍ଜ ଅନ୍ତର୍ଗତ କଡବାହାଲ ଗ୍ରାମରେ ସ୍ଥାନୀୟ ବାସିନ୍ଦା ହରିଣଙ୍କ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଖାସ୍ କରି ସେହି ଗ୍ରାମର ଦେହୁରୀ ସାଙ୍ଗିଆ ଧାରି ସମ୍ପ୍ରଦାୟ ହରିଣ ସଂରକ୍ଷଣ ପାଇଁ ନିଜକୁ ସମର୍ପଣ କରିଛନ୍ତି। ଏଠାରେ ଉପଯୁକ୍ତ ସରକାରୀ ପ୍ରୋତ୍ସାହନ, ପର୍ଯ୍ୟଟନ ସ୍ଥଳୀର ବିକାଶ ଆଦି ସହଭାଗିତା ଦ୍ୱାରା ହରିଣ ସଂରକ୍ଷଣ ସମ୍ଭବ ହେବାର ସମସ୍ତ ସୁଯୋଗ ରହିଛି। ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ଏଥି ନିମନ୍ତେ ଜନସାଧାରଣଙ୍କ ସହଭାଗିତା ଉପରେ ମଙ୍ଗଳାଯୋଡ଼ି କଞ୍ଜରଭେସନ୍ ଟ୍ରଷ୍ଟର ଟ୍ରଷ୍ଟି ମଧୁ ବେହେରା କୁହନ୍ତି, ସରକାରୀ ପ୍ରୋତ୍ସାହନ ବ୍ୟବସ୍ଥା ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ। ପ୍ରୋତ୍ସାହନ ପାଇବା ପରେ ବ୍ୟକ୍ତି ବା ସଂସ୍ଥା ଠିକ୍‌ରେ କାମ କଲେ କି ନାହିଁ ତାହା ମଧ୍ୟ କଡ଼ାକଡ଼ି ଭାବରେ ତଦାରଖ ହେବା ଜରୁରୀ।

-ଅସମାପିକା ସାହୁ, ଭୁବନେଶ୍ୱର

## ଅଭୟାରଣ୍ୟରେ ବଢ଼ୁଛି ଭୟ



ଶିମିଳିପାଳ ପ୍ରବେଶ ଦ୍ୱାର

ଦେଶର ସର୍ବବୃହତ୍ ବିଷୁବ ମଣ୍ଡଳୀୟ ଜଙ୍ଗଲ ଭାବେ ପ୍ରସିଦ୍ଧ ଶିମିଳିପାଳ। ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଅମ୍ଳଜାନ କେନ୍ଦ୍ର। ଜାତୀୟ ଉଦ୍ୟାନ,ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ହସ୍ତୀ ଅଭୟାରଣ୍ୟ ଭାବେ ପରିଚିତ ଶିମିଳିପାଳ ଅଭୟାରଣ୍ୟକୁ ୟୁନେସ୍କୋ ପକ୍ଷରୁ ମିଳିଛି ବିଶ୍ୱ ଐତିହ୍ୟ ମାନ୍ୟତା। ମାତ୍ର ଜୀବଜଗତକୁ ବଞ୍ଚାଇ ରଖୁଥିବା ଏହି ଅଭୟାରଣ୍ୟରେ ଏବେ ଭୟ ରାଜୁତି କରୁଛି। ଏଠାରେ ବସବାସ କରୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବନବିଭାଗ ଅବହେଳା ପ୍ରଦର୍ଶନ କରିବାରେ ଲାଗିଛି। କର୍ମଚାରୀ ଓ ଶିକାରୀମାନେ ମିଳିତ ଭାବେ ଶିକାର କରିବା ଦ୍ୱାରା ଧୀରେ ଧୀରେ ବନ୍ୟପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗିଛି। ନିୟମିତ ବ୍ୟବଧାନରେ ହାତୀ ଓ ବାଘ ଶିକାର ଚାଲିଛି। ଗୁଳି ଶବ୍ଦ ଶୁଣି ନିଜକୁ ଅସୁରକ୍ଷିତ ମନେକରୁଥିବା ହିଂସ୍ର ଓ ତୃଣଭୋଜି ଜାତୀୟ ପ୍ରାଣୀମାନେ ଜଙ୍ଗଲ ଛାଡ଼ି ଗାଁ ଓ ସହରମୁହାଁ ହେଉଛନ୍ତି। ସେମାନଙ୍କ ବଂଶବୃଦ୍ଧି ତଥା ସୁରକ୍ଷା କ୍ଷେତ୍ରରେ କୋଟି କୋଟି ଟଙ୍କା ଅନୁଦାନ ଆସୁଥିଲେ ହେଁ ତାହା ଠିକ୍ ଭାବେ ବିନିଯୋଗ ହେଉ ନ ଥିବା ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

୨୭୫୦ବର୍ଗ କି.ମି. ପରିଧି ମଧ୍ୟରେ ରହିଛି ଶିମିଳିପାଳ ଅଭୟାରଣ୍ୟ। ଏହାରି ଭିତରେ ୫୫ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୩୦୪ପ୍ରଜାତିର ପକ୍ଷୀ, ୬୨ପ୍ରକାର ସରୀସୃପ ଓ ୨୦ପ୍ରଜାତିର ଉଭୟଚର ପ୍ରାଣୀ ବସବାସ କରୁଛନ୍ତି। ଏଥିରେ ମହାବଳ, କଳାରଙ୍ଗର ମହାବଳ, କଲରାପତରିଆ ବାଘ, ଜଙ୍ଗଲୀ ବିରାଡ଼ି, ବଳିଆ କୁକୁର, ଗଧିଆ, ହାତୀ, ଭାଲୁ, ଶମ୍ବର, କୁଟୁରା, ହରିଣ, ଚୌଶିଙ୍ଗା, ଗୟଳ, ଗୁରାଣ୍ଡି, ବାର୍‌ହା, ବଜ୍ରକାପ୍ତା, ଝିଙ୍କ, ପାହାଡୀ କଇଁଛ, କୁମ୍ଭୀର ଓ ବିଷଧର ସାପ ଭଳି ସରୀସୃପ ଆଦି ବିଭିନ୍ନ ଜୀବଜନ୍ତୁ ଦେଖିବାକୁ ମିଳେ। ଏହି ବନ୍ୟପ୍ରାଣୀଙ୍କୁ ଦେଖି ପର୍ଯ୍ୟଟକମାନେ ଖୁସି ହେବା ସହ ଏହାର ସୁରକ୍ଷା ପ୍ରତି ଦାବି ଉଠାଇଛନ୍ତି। ଦିନକୁ ଦିନ ବାଘ ଛାଲ ଜବତ ହେବା ଓ ଦନ୍ତାହାତୀ ଶିକାର ଘଟଣା ପ୍ରାଣୀପ୍ରେମୀ ଓ ଆଗନ୍ତୁକମାନଙ୍କୁ କଷ୍ଟ ଦେଉଛି। ମହାବଳ ବାଘ ଓ ହାତୀ ସଂଖ୍ୟା କମୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି।

-ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା

**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT**
**E-mail : ceworldbankprojects@gmail.com**
**Bid Identification No. CE-W.B.P. (O) - 41 / 2022-23**

**No.B-1315:**1.The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :

2. Nature of work : ROB work
3. No. of work : 01 no.
4. Tender cost : Rs.10,000.00 (on-line)
5. Class of Contractor : Special/ Super Class Contractor
6. Available of bid document in the website : From 10.00 AM of 04.03.2023 to 5.00 PM of 20.03.2023
7. Pre - Bid meeting : Dt.10.03.2023
8. Date of opening of Bid : Dt.21.03.2023 at 11.30 AM
9. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer, World Bank Project, Odisha**
**OIPR-34003/11/0078/2223**

**Sambalpur Municipal Corporation**
**Sambalpur**
**E-mail Id:sambalpurm.hud@nic.in**
**'e' Procurement NOTICE**
**Bid Identification No: 32/SMC_SBP/2022-23**

**No.C-2576:**The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt Website i.e. https://tendersodisha.gov.In

1. Number of Civil works: **13_ [Thirteen] numbers**
2. Estimated Costs: **2.53 lakhs to 26.76 lakhs**
3. Period of completion: **As per NIT**
4. Date and time of availability of the bid documents in the portal: **From 03.00 P.M. of 01.03.2023 to 05.00 PM of 15.03.2023**
5. Last Date/ Time for receipt of bids in the portal: **05.00 PM of 15.03.2023**
6. Bids will be opened on: **11.00 AM of Dt. 16.03.2023**
7. Name and address of the officer inviting bid: **Municipal Commissioner, Sambalpur Municipal Corporation, Sambalpur**

**Sd./- Commissioner**
**Sambalpur Municipal Corporation**
**OIPR-13122/11/0106/2223**

**FISHERIES & ANIMAL RESOURCES DEVELOPMENT DEPARTMENT, GOVT. OF ODISHA**
**DIRECTORATE OF FISHERIES, ODISHA, CUTTACK**
**Website: https://odishafisheries.nic.in , https://dahvs.odisha.gov.in**
**Phone:0671-2414061, Email: director.odifish@gmail.com**

**REQUEST FOR PROPOSAL**

**RFP No.3486** **Dated:01.03.2023**

**No.M-88:**Fisheries & Animal Resources Development Department, Odisha Intends to engage a media consulting agency for IEC strategy and creative productions for smooth operationalisation of the IEC activities taken up by the two Directorates i.e. Directorate of Fisheries and Directorate of AH&VS under the F&ARD Deptt. Hence, Director of Fisheries, Odisha, Cuttack of Department of Fisheries & Animal Resources Development. Odisha invites sealed proposal from the eligible bidders having their office in Odisha for "media consulting agency for IEC strategy and creative productions" under the administrative control of Director of Fisheries, Odisha, Cuttack.

The RFP Document containing details of scops of work, professional requirements and other bidding parameters can be accessed and downloaded from the website of Directorate of Fisheries, Directorate of Animal Husbandry & Veterinary Services, Odisha at https://odishafisheries.nic.in, https://dahvs.odisha.gov.in & tendersodisha.gov.in

Important dates for the bidding process:

| SI No. | Critical Events | Time Line |
|---|---|---|
| 1. | Date of Issue of RFP | 03.03.2023 |
| 2. | Last Date and Time for Submission of Bid | 24.03.2023 upto 5.30 PM |
| 3. | Opening of Technical Bid | 27.03.2023 at 11.30AM |
| 4. | Technical Presentation | 31 .03.2023 at 3. 30PM |
| 5. | Opening of Financial Bid | 06.04.2023 at 3.30 PM |

The proposal complete in all respects in a sealed envelope clearly mentioning on the top of it **"Selection of A Media Consulting Agency For IEC Strategy And Creative Productions" must reach the undersigned through Speed Post /Registered Post** or can be dropped in the tender box placed at Directorate of Fisheries, Odisha, Mangalabag, Cuttack latest by 24.03.2023 upto 5.30 PM. The proposals received beyond the scheduled last date and time shall not be considered and will be outrightly rejected. Further, the authority reserves the right to reject any/all proposals without assigning any reason thereof.

**Sd./- Director of Fisheries**
**OIPR-06030/11/0024/2223**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 3105/IND-II-PH-1012 ତାରିଖ 02.03.2023
No. CAD-5005

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଏମଏସପି ସ୍ପଞ୍ଜ ଆଇରନ୍ ଲିମିଟେଡ ଓଡିଶାର କେନ୍ଦୁଝର ଜିଲ୍ଲା, କେନ୍ଦୁଝର ସଦର ତହସିଲ, ପୋଷ୍ଟ ଗୋବର୍ଦ୍ଧନ ଅନ୍ତର୍ଗତ ହଳଦିଆଗୁଣା ଗ୍ରାମରେ ସ୍ଥିତ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ କରି ଚୂଡାନ୍ତ କ୍ଷମତା-ଲୌହ ଖଣିଜ ବେନିଫିସିଏସନ ୨.୦ ଏମ.ଟି.ପି.ଏ. ଲୌହ ଖଣିଜ ଗ୍ରାଇଣ୍ଡିଙ୍ଗ-୧.୫ ଏମ.ଟି.ପି.ଏ., ପେଲେଟ-୧.୮ ଏମ.ଟି.ପି.ଏ., ସ୍ପଞ୍ଜ ଲୌହ ୦.୩୭୨ ଏମ.ଟି.ପି.ଏ. ବିଲେଟ (ଆଇଏଫଏବଂସିସିଏମ) ୦.୪୮୪ ଏମ.ଟି.ପି.ଏ., ହଟ ରୋଲଡ ଉତ୍ପାଦନ- ୦.୪୧ ଏମ.ଟି.ପି.ଏ., କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୪୪ ମେଗାୱାଟ (ଡବ୍ଲ୍ୟୁଏଚଆରବି-୩୦ ମେଗାୱାଟ ଏବଂ ଏଏଫବିସି-୧୪ ମେଗାୱାଟ), (ପ୍ରଡ୍ୟୁସର ଗ୍ୟାସ ପ୍ଲାଣ୍ଟ-୧୭,୧୦୦ ନର୍ମାଲ ଘନମିଟର, ପିସିଆଇ- ଘଣ୍ଟା ପ୍ରତି ୧୩.୧୬ ଟନ, ସ୍ଲାଗ କ୍ରସର- ଘଣ୍ଟା ପ୍ରତି ୧୧.୨୫ ଟନ) ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା.୦୫.୦୪.୨୦୨୩ ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ହଳଦିଆଗୁଣା ମୌଜା (ଖାତା ନଂ.୭୨, ପ୍ଲଟ ନଂ.୧୮୯, ପ୍ରସ୍ତାବିତ ଏକର ୦.୬୮୦ ଡେସିମିଲ, ଗୋଗସ୍ତ କିସମ) ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କେନ୍ଦୁଝର** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**OSPCB-PH-MISC-0080-2022/2023** **OIPR-08012/11/0433/2223** **ସ୍ୱା./-ସଦସ୍ୟ ସଚିବ**

**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**
**ବୁର୍ଗାପାଲ୍ଲୀ, ସମ୍ବଲପୁର - ୭୬୮୦୦୬**

ପତ୍ର ସଂଖ୍ୟା: ୧୪୨୮ ତାରିଖ: ୦୧।୦୩।୨୦୨୩

**ପୋଖରୀ/ବନ୍ଧ/କଟା ନିଲାମ ନୋଟିସ୍**

No. C-2574: ଏତଦ୍ୱାରା ସର୍ବସାଧାରଣ/ଅନୁଷ୍ଠାନ/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୩୩ ପୋଖରୀ/ବନ୍ଧ/କଟାଗୁଡ଼ିକ ଚଳିତ ଆର୍ଥିକବର୍ଷ ୨୦୨୨-୨୦୨୩, ୨୦୨୩-୨୦୨୪, ୨୦୨୪-୨୦୨୫, ୨୦୨୫-୨୦୨୬ ଓ ୨୦୨୬-୨୦୨୭ (ପାଞ୍ଚବର୍ଷ ଅବଧି) ମାଛ ଚାଷ ନିମନ୍ତେ ତା୦୨।୦୩।୨୦୨୩ରିଖଠାରୁ ତା୧୫।୦୩।୨୦୨୩ରିଖ ପର୍ଯ୍ୟନ୍ତ ଅପରାହ୍ନ ଘ୦୫.୦୦ମି. ସୁଦ୍ଧା ଟେଣ୍ଡର ଦରଖାସ୍ତ କେବଳ ଡାକ, କୋରିୟର ଏବଂ ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା୧୬।୦୩।୨୦୨୩ ଅପରାହ୍ନ ଘ.୦୩.୦୦ ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ଫର୍ମ ଖୋଲାଯିବ। ନିଲାମ ନୋଟିସ୍‌ର ସବିଶେଷ ତଥ୍ୟ ୱେବ୍‌ସାଇଟ୍ ସମ୍ବଲପୁର **www.smcsambalpur.nic.in**ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଦତ୍ତ ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍, ସର୍ତ୍ତ, ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ।

**ସ୍ୱା./- ଆୟୁକ୍ତ**
**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**
**OIPR-13122/11/0107/2223**

**TENDER NOTICE**

No. D-334: Sealed quotations are invited from interested parties for supplying 'Goat Meat' to the CID, CB, K-9 Squad, Rasulgarh, Bhubaneswar for the financial year 2023-24 commencing from 01.04.2023 to 31.03.2024. Parties should have valid licence to deal with 'Goat Meat' and a meat shop in Bhubaneswar city. The selected party should supply the goat meat daily by 8.00 A.M. in the kennel, which may vary from 2 Kg. to 3 Kg. depending upon the availability of canines in the kennel. The selected party has to deposit a sum of Rs.2000/- (Rupees two thousand) only as caution money and abide by the conditions that the amount will be forfeited in case of short supply or irregular supply or defect noticed in the quality of goat meat. Quotations specifying the rate per Kilogram, the particulars of licence (with a copy), the location of meat shop, etc. be sent to the undersigned by 20.03.2023 positively. The parties are also required to deposit earnest money of Rs.250/- (Rupees two hundred fifty) only in cash (refundable) at the time of opening of the quotations.

Quotations will be opened on 22.03.2023 at 12.00 Noon in the office of the undersigned in presence of the parties or their representatives. The undersigned reserves the right to accept or reject any or all quotations without assigning any reason. The selected parties shall be required to deposit the caution money of Rs.2000/- within 31.03.2023 thereafter and supply goat meat from 01.04.2023.

**Sd./- Supdt. of Police**
**CID, CB, Odisha, Cuttack**
**OIPR-12050/11/0002/2223**

**TENDER CALL NOTICE**

No. MM-479: Sealed tenders are invited from the intending bidders for disposal of the following confiscated vehicles, seized in commission of forest offence cases in this division as is where is basis, superscribed as tender for Auction Sale of Confiscated Vehicles as furnished below.

**List of Confiscated Vehicles to be Auctioned**

| Sl. No. | Case No. | Vehicle No. | Make/Model | Location where the vehilce is now available for inspection |
|---|---|---|---|---|
| 1 | OR Case No. 22K of 2014-15 | AP-31-C-6141 | Maruti Omini | Naranpur Central Depot, Naranpur, Keonjhar |
| 2 | OR Case No. 25K of 2017-18 | OD-09-E-9579 | Tempo | |
| 3 | OR Case No. 165K of 2017-18 | OD-09-E-7412 | Auto | |
| 4 | UD Case No. 13CH of 2012-13 | JH-05-AA-9221 | Tempo | Champua Range Officer Campus, Champua |
| 5 | OR Case No. 39T of 2015-16 | OR-06-H-8126/8127 | Tractor/Trolley | Telkoi Range Office Campus, Telkoi |
| 6 | OR Case No. 70BJ of 2016-17 | OD-09-E-6558 | Auto | BJP Range Office Campus, BJP |
| 7 | OR Case No. 71BJ of 2016-17 | OD-09-B-9668 | Auto | |

The tender will be received upto 12.00 Noon of Dt.13.03.2023 by Regd. Post or Speed Post in the office of the undersigned with EMD of Rs.1,000/- (Rupees one thousand) only for each vehicle in shape of Demand Draft drawn on any Nationalized Bank payable at Keonjhar in favour of the Divisional Forest Officer, Keonjhar Division. Tenders shall be opened on Dt.15.03.2023 in the Office of the undersigned at 03.00 P.M. in the presence of tenderers or their authorized representatives. Tenders without EMD and beyond the stipulated time shall be rejected. The vehicles can be inspected at the places as mentioned above against each vehicle on any working day from 2.00 P.M. to 5.00 P.M. as where is basis.

Successful bidder has to deposit 25% of the bid amount on the same day and the balance amount within 7 (Seven) days failing which the deposit including EMD shall be forefeited. EMD can be adjusted with the total bid amount at the time of final payment of bid amount. The EMD, shall be returned to the unsuccessful bidder, in shape, as deposited by them at the end of bidding. The bidder must remove the vehicle from the site within 7 (Seven) days from the date of final deposit of the full bid amount failing which ground rent @ 1% of the bid amount shall be charged for each day or part till removal of the vehilce from the site. The custody and safeguard of the vehicle beyond the date of deposit of full bid amount shall be the responsibility of the bidder and no claim or complaint on that account shall be entertained. In case the ground rent so charged exceeds the sale price deposited the bidder shall cease to have any right on the vehicle, the amount deposited by him towards the sale price shall be adjusted towards the ground rent and the vehicle shall become absolute property of Orissa Forest Department free from encumbrances. The authority reserves the right to reject any or all the tenders without assigning any reason thereof. The bidders are requested to mention clearly on the sealed envelope "Tender for Auction Sale of Confiscated Vehicles - 2023" as per the proforma mentioned below.

**Proforma**

| Name and address of bidder (Please submit atleast any 1 (One) I.D. Proof* | Sl. No. of the Vehicle | Vehicle No. | Place in which vehicle is available | Bid Amount (In Rs.) | Details of EMD D.D. No./Date/ Amount |
|---|---|---|---|---|---|
| 1 | 2 | 3 | 4 | 5 | 6 |

**N.B.: (*) I.D. Proof may be Xerox Copy/Attested AADHAAR Card, Xerox copy of Driving Licence/ Any Photo ID issued by the Govt. official.**

**OIPR-08042/11/0016/2223** **Sd./- Divisional Forest Officer, Keonjhar Division**

## ସଂକ୍ଷେପରେ

### ସମନ୍ୱିତ କୃଷି ଉତ୍ପାଦନ ତାଲିମ ଶିବିର

**ଖପ୍ରାଖୋଲ,୨।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ କୃଷି କାର୍ଯ୍ୟାଳୟ ପରିସରରେ ସମନ୍ୱିତ କୃଷି ଉତ୍ପାଦନ ଉପରେ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶିବିରରେ ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇ ଅଧକ୍ଷତା କରିଥିଲେ। ତାଲିମଦାତାଭାବେ ଜିଲା ମୃତ୍ତିକା ରସାୟନବିତ ସୁଜାତା, ଅବସର କୃଷି ଅଧିକାରୀ ତଥା ଖପ୍ରାଖୋଲ ଆତ୍ମା ସଭାପତି ଯଶୋବନ୍ତ ସାହୁ, ସହକାରୀ କୃଷି ଅଧିକାରୀ ରାଜେଶ୍ୱରୀ ଭୋଇ,ଏଫଇଏସ ଏମଟି ଅଭୟ ତ୍ରିପାଠୀ ମାଟି ପରୀକ୍ଷା, ରୋଗପୋକ ନିୟନ୍ତ୍ରଣ, ଫସଲ ପରବର୍ତ୍ତୀ ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ। ତାଲିମ ଶିବିରରେ ଅଗ୍ରଣୀ ମହିଳାପୁରୁଷ ଚାଷୀ ଯୋଗଦେଇଥିଲେ।

### ମାତୃ ଓ ଶିଶୁ ଚିକିତ୍ସାଳୟ ପାଇଁ ଶିଳାନ୍ୟାସ

**ପାଟଣାଗଡ,୨।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡରେ ବହୁ ପ୍ରତୀକ୍ଷିତ ମାତୃ ଓ ଶିଶୁ ଚିକିତ୍ସାଳୟ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ୫୦ ଶଯ୍ୟା ବିଶିଷ୍ଟ ଏହି ଚିକିତ୍ସାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ। ଏଥିପାଇଁ ପିଆଇପି (ଏନଏଚଏମ) ପାଣ୍ଠିରୁ ୧୧ କୋଟି ୬୫ ଲକ୍ଷ ୮୦ ହଜାର ୪୮୯ ଟଙ୍କା ମଞ୍ଜୁର ହୋଇଛି। ପୂର୍ତ୍ତ ବିଭାଗକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଲାଠୋରର ବିଜୟ ଅଗ୍ରୱାଲ ନିର୍ମାଣ ଦାୟିତ୍ୱ ନେଇଛନ୍ତି। ଶିଳାନ୍ୟାସ ସମୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅର୍ଜ୍ଜୁନ ବେହେରା, ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀ ଅରୁଣ ପ୍ରକାଶ ଟେଟେ, କନିଷ୍ଠ ଯନ୍ତ୍ରୀ ଅମିତ ସାମଲ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ନଗର ଭାଜପା ସଭାପତି ସୁଶଶନ୍ତ କୁମାର ମହାନ୍ତି, ମୁନା ଦରୁଆନ, ପ୍ରଦୀପ ବଂଶଲ, ବାବୁଲା ଦାସ, ବିଶ୍ୱଜିତ ହୋତା, ଓମ ପ୍ରକାଶ ଯୋଷୀ, ସନ୍ତୋଷ ମେହେର, ଜ୍ଞାନ ପଟେଲ, ମାଣିକ ସାହୁ, ରାଜୁ ପାଣିଗ୍ରାହୀ, ଶୁଶୀଲ ପଟେଲ, ଜିଲା ପରିଷଦ ସଭ୍ୟା ଅନିମା ଦାସ, ପ୍ରଶାନ୍ତ ଦାସ ଉପସ୍ଥିତ ଥିଲେ। ଏହି ଚିକିତ୍ସାଳୟ ଆଗାମୀ ୨ବର୍ଷ ମଧରେ ଶେଷ ହେବା ଲକ୍ଷ୍ୟ ରଖାଯାଇଛି।

### ଧବଳେଶ୍ୱର ମନ୍ଦିରରୁ ଚୋରି

**ଟିଟିଲାଗଡ଼,୨।୩(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଧବଳେଶ୍ୱର ମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଗେଟର ତାଲା ଭାଙ୍ଗି ଭିତରେ ପଶିବା ପରେ ଥିବା ହୁଣ୍ଡି ଭାଙ୍ଗି ସମସ୍ତ ଦାନ ଟଙ୍କା ନେଇ ଯାଇଛନ୍ତି। ମନ୍ଦିର ସମ୍ମୁଖରେ ଶୋଇଥିବା ଜଣେ ବ୍ୟକ୍ତି ଏ ନେଇ ପ୍ରତିବାଦ କରିବାରୁ ଦୁର୍ବୃତ୍ତ ତାଙ୍କୁ ମାଡ ମାରି ଗୁରୁତର କରିଛନ୍ତି। ଘଟଣା ସମ୍ପର୍କରେ ଟ୍ରଷ୍ଟି ସଞ୍ଜୀବ ପାଢ଼ୀଙ୍କଠାରୁ ଖବର ପାଇ ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଆଇଆଇସି ରଞ୍ଜନ ବରିହା ମନ୍ଦିରରେ ପହଞ୍ଚିଲେ। ପରେ ବଲାଙ୍ଗୀର ରୁ ସାଇଣ୍ଟିଫିକ ଟିମ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ଟିଟିଲାଗଡ଼ ପୋଲିସ ଏ ସଂକ୍ରାନ୍ତ ରେ ଏକମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡ଼ିପିଓ କୁମ୍ଭାର କହିଛନ୍ତି।

### ୧୫ ଗୋଷ୍ଠୀ ସହଭାଗିତାଙ୍କୁ ସାଇକେଲ ବଣ୍ଟନ

**ଗୁଡ଼ଭେଲା,୨।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସିର ୧୫ଜଣ ସହଭାଗିତାଙ୍କୁ ଗୁରୁବାର ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇକେଲ ବଣ୍ଟନ କରିଥିଲେ। ତୁଷୁରା ଏନଏସି ପରିଷଦରେ ଆୟୋଜିତ ଗୋଷ୍ଠୀ ସହଭାଗିତା ଉତ୍ସବରେ ଏନଏସି ଅଧକ୍ଷ ଅଜୟ କୁମାର ଜୟଶ୍ୱାଲ ସଭାପତିତ୍ୱ କରିଥିଲେ। ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲ, ଏନଏସି କାର୍ଯ୍ୟନିର୍ବାହ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଓ ଏନଏସି ଉପାଧକ୍ଷା ମାମି ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବାଳକୃଷ୍ଣ ସାହୁ ଓ ରମେଶ ଚନ୍ଦ୍ର ବଗର୍ତ୍ତୀ ନାମକ ଦୁଇଜଣ ଦିବ୍ୟାଙ୍ଗଙ୍କୁ ନୂତନ ଦୋକାନ ଦୋକାନ ଗୃହର ଏଗ୍ରିମେଣ୍ଟ ପେପର ପ୍ରଦାନ କରାଯାଇଥିଲା। ଜୟ ଶ୍ରୀରାମ ଏସଏଚସି ମହିଳା ଗୋଷ୍ଠୀ ଭଲ ଭାବେ ଜିମ ଚଳାଉଥିବାରୁ ମାନପତ୍ର ଦେଇ ମନ୍ତ୍ରୀ ପୁରସ୍କୃତ କରିଥିଲେ। ସୁଦିପ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ରାଜ୍ୟ ବାହାରକୁ ଚାଲାଣ ହେଉଛି କେନ୍ଦୁଗଣ୍ଡି

■ବଙ୍ଗୋମୁଣ୍ଡାରୁ ୬୩ଟି କେନ୍ଦୁଗଣ୍ଡି ଜବତ
■ଚଢ଼ାଉରେ ସୀମିତ ବନବିଭାଗ କାର୍ଯ୍ୟାନୁଷ୍ଠାନ

**ବଲାଙ୍ଗୀର ଅଫିସ, ୨।୩**


ମହଖଣ୍ଡ ଗ୍ରାମ ନିକଟରୁ ବନବିଭାଗ ହାତରେ ଧରାପଡିଥିବା କେନ୍ଦୁଗଣ୍ଡି।

ବଲାଙ୍ଗୀର ଜିଲାରେ ଜଙ୍ଗଲ ସମ୍ପଦ ଉପରେ ଜଙ୍ଗଲ ମାଫିଆଙ୍କ ବିଷଦୃଷ୍ଟି ପଡିଛି। ଗନ୍ଧମାର୍ଦ୍ଦନ, ମହଖଣ୍ଡ, ଛତରଦାଣ୍ଡି, ବଗବାହାଲ, ବେନ୍ଦେର, ତିଖାଲି, ମହାଦାସନୀ, ଲାଠୋର ଭଳି ଅଞ୍ଚଳରୁ ବର୍ଷ ବର୍ଷ ଧରି ମୂଲ୍ୟବାନ ଗଛ ଓ କାଠଗଣ୍ଡି ରାଜ୍ୟ ଭିତର ତଥା ବାହାରକୁ ଚାଲାଣ ହେଉଛି। ଛତରଦାଣ୍ଡି, ବଗବାହାଲ ଅଞ୍ଚଳର ଶାଗୁଆନ ଓ ଶାଳ କାଠ ଚାଲାଣ ଯୋଗୁଁ ସମ୍ପୂର୍ଣ୍ଣ ଜଙ୍ଗଲ ଉଜୁଡି ଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ବଲାଙ୍ଗୀର ବନବିଭାଗ ସ୍ୱତନ୍ତ୍ର ଟିମ୍ ବଙ୍ଗୋମୁଣ୍ଡା ରେଞ୍ଜ ଅନ୍ତର୍ଗତ ମହଖଣ୍ଡ ଗ୍ରାମ ନିକଟରୁ ଗତ ୨୬ ତାରିଖ ଦିନ ୬୩ଟି କେନ୍ଦୁଗଣ୍ଡି ଜବତ କରିଥିଲା। ଏକ ଗଛତଳେ ପାଳ ଢ଼ଙ୍କାଯାଇ ଏହାକୁ ରଖାଯାଇଥିଲା। ଏଠାରୁ ନିୟମିତ ଭାବେ ରାଜ୍ୟ ବାହାରକୁ କେନ୍ଦୁଗଣ୍ଡି ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ମିଳିଥିଲା। ସେଠାରୁ ୭୩ ସିଏଫ୍‌ଟି ମାପର ୬୩ଟି କେନ୍ଦୁ ଗଣ୍ଡିକୁ ଜବତ କରିଥିଲେ। ଜବତ ସାମଗ୍ରୀକୁ ଅଧିକ ଅନୁସନ୍ଧାନ ପାଇଁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଛି। ରେଞ୍ଜ ଅଫିସର ଜନାର୍ଦ୍ଦନ ଠାକୁରଙ୍କ ତତ୍ତ୍ୱବଧାନରେ ଫରେଷ୍ଟର ଶ୍ରୀକାନ୍ତ ସାହୁ, କୀର୍ତ୍ତି ଚନ୍ଦ୍ର ସୁଆର, ଦିବସ ମାଝି, ଭୋଜରାଜ ଭୋଇ, ହିମାଂଶୁ ପଣ୍ଡା, ବଙ୍ଗୋମୁଣ୍ଡା ରେଞ୍ଜ ପାରା ଷ୍ଟାଫ୍ ଲହି ଚଢ଼ାଉରେ ସାମିଲ ହୋଇଥିଲେ। ବନବିଭାଗ ପକ୍ଷରୁ ଚଢ଼ାଉ କରି କାଠ ଜବତ କରାଯାଉଥିଲେ ମଧ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ଧରାପଡିବା ପରେ ମଧ ଏହି କାଠ ଚୋରାଚାଲାଣ କାର୍ଯ୍ୟରେ ସକ୍ରିୟ ରହୁଛନ୍ତି। ଯେଉଁଭଳି ଭାବେ ବଲାଙ୍ଗୀର ଜିଲାରୁ ଜଙ୍ଗଲ ସମ୍ପଦ ଚୋରା ଚାଲାଣ ହେଉଛି କମ ଦିନ ଭିତରେ ଜିଲାରୁ ବଡ ଗଛ ସଫା ହେବ ବୋଲି ପରିବେଶ କର୍ମୀମାନେ ଚିନ୍ତା ପ୍ରକଟ କରିଛନ୍ତି।

## ଆଦିବାସୀ ମେଳାରେ ଲୋକ କଳାକାର କୁମୁଦ ପୂଝାରୀ ସମ୍ମାନିତ


କଳାକାରଙ୍କୁ ସମ୍ମାନିତ କରାଯାଉଛି।

**କୋକସରା,୨।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଗ୍ରାମର କୁମୁଦ ଚନ୍ଦ୍ର ପୂଝାରୀଙ୍କୁ ବୁଧବାର ଭୁବନେଶ୍ୱର ଆଦିବାସୀ ମେଳାର ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ କରାଯାଇଛି। ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଆଦିବାସୀ ପ୍ରତିଭା ସମ୍ମାନ ୨୦୨୩ ପାଇଁ ସମ୍ମାନିତ କରିଥିଲେ। କୁମୁଦ ଜଣେ ଲୋକ କଳାକାର ତଥା ସାମାଜିକ କର୍ମୀ ଭାବେ କଳାହାଣ୍ଡି ଜିଲାରେ ପରିଚିତ। ତାଙ୍କ ନିର୍ଦ୍ଦେଶନାରେ ୨୦୦୬ରେ ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ 'କୁରେଇଫୁଲ' ଲୋକ ନୃତ୍ୟ ରାଜ୍ୟ ତଥା ରାଜ୍ୟ ବାହାରେ ଜନାଦୃତ ଲାଭ କରି ପାରିଛି। ଲୁପ୍ତପ୍ରାୟ ଘୋଡେଲ (ରଣପା) ନୃତ୍ୟର ସଂରକ୍ଷଣରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ଗୀତ ରଚନା କରିବା, ଅଭିନୟ ସହିତ ନିର୍ଦ୍ଦେଶନା ଦେବାରେ ତାଙ୍କର ଅନେକ ପାରିଦର୍ଶିତା ରହିଛି। ପିଲାଦିନରୁ ତାଙ୍କର ଅଭିନୟ ସହ ଲୋକକଳା, ନାଟକରେ ଅଭିନୟ କରି ଲୋକଙ୍କ ହୃଦୟକୁ ଜିଣିପାରିଛନ୍ତି। ବ୍ୟଙ୍ଗ କବିତା ରଚନା କରି ପୁରସ୍କୃତ ପାଇଛନ୍ତି। ସେ ରଚନା କରିଥିବା ଅନେକ ଲୋକଗୀତ କଳାହାଣ୍ଡି ଭବାନୀପାଟଣା ରେଡିଓ ଷ୍ଟେଶନରେ ଅନେକ ସମୟରେ ଶୁଣିବାକୁ ମିଳେ। ଆଦିବାସୀ ମେଳାରେ କଳାହାଣ୍ଡି ଜିଲାର ୫ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି।

## ଗୋଷ୍ଠୀ ସହଭାଗିତାଙ୍କୁ ସାଇକେଲ ବଣ୍ଟନ


ଜଣେ ମା'ଙ୍କୁ ମନ୍ତ୍ରୀ ଟୁକୁନୀ ସାହୁ ସାଇକେଲ ପ୍ରଦାନ କରୁଛନ୍ତି।

**ଟିଟିଲାଗଡ଼,୨।୩(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ସହଭାଗିତାଙ୍କୁ ସାଇକଲ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ ପରେ ଟିଟିଲାଗଡ଼ରେ ସାଇକଲ ବଣ୍ଟନ ଆରମ୍ଭ ହୋଇଥିଲା। ପୌରନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥି, ପୌର ପରିଷଦ ଅଧକ୍ଷା ମମତା ଜୈନ, ଉପାଧକ୍ଷା ପୁଷ୍ପ ମଞ୍ଜରୀ ଜାଲ, ଉପ ଜିଲାପାଳ ଦୟାମୟ ପାଢ଼ୀ, ଡ଼ ଲଳିତ ବାଗ, ସହାୟକ ଜିଲାପାଳ ଚନ୍ଦ୍ର ପ୍ରକାଶ ଦେହୁରୀ, ସମସ୍ତ କାଉନସିଲର, ରାଜ୍ୟ ସଭା, ଲୋକ ସଭା ଏମ୍‌ପିଙ୍କ ପ୍ରତିନିଧି ଓ ମା'ମାନେ ଉପସ୍ଥିତ ଥିଲେ। ସଭା ପରେ ଜଳସାଥୀ, ଆହାର କର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜରଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା।

## ଯୁବତୀ ଆଣିଲେ ବଳାତ୍କାର ଅଭିଯୋଗ

**ବଲାଙ୍ଗୀର ଅଫିସ, ୨।୩**

ବଲାଙ୍ଗୀର ଟାଉନ୍ ଥାନାରେ ଅନୁସୂଚିତ ଜାତିର ଜଣେ ଯୁବତୀ ତାଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ଆଣିଛନ୍ତି। ଅଭିଯୋଗ କରିଥିବା ଯୁବତୀ ଏବଂ ଅଭିଯୁକ୍ତ ଯୁବକ ଉଭୟେ ଖପ୍ରାଖୋଲ ଅଞ୍ଚଳର ବୋଲି ଜଣାପଡିଛି। ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା କୁହାଯାଇଛି। ଉଭୟଙ୍କ ମଧ୍ୟରେ ପ୍ରାୟ ଦୁଇବର୍ଷ ଧରି ସମ୍ପର୍କ ରହି ଆସିଥିଲା। ସେମାନେ ବଲାଙ୍ଗୀର ସହରରେ ରହୁଥିଲେ। ତେବେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ଶୋଷଣ କରିବା ପରେ ଯୁବକ ଜଣକ କୁଆଡେ ଫେରାର ହୋଇଯାଇଥିବା ଜଣାପଡିଛି। ଏନେଇ ଯୁବତୀ ଜଣକ ଗୁରୁବାର ଟାଉନ୍ ଥାନାକୁ ଆସି ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଟାଉନ୍ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ନେଇ ବିଜେଡିର ପ୍ରସ୍ତୁତି

**ଜୁନାଗଡ଼,୨।୩(ଡି.ଏନ.ଏ.)**

ଆସନ୍ତା ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲା ଗସ୍ତରେ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ବିଜେଡି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ଜୁନାଗଡ଼ ସହର ସପ୍ତାହିକ ବଜାର ନିକଟରେ ବିଜେଡିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ କିପରି ସଫଳ ରୂପାୟନ କରିହେବେ ସେ ନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ଜିଲା ଉପସଭାପତି ଦିଗାମ୍ବର ନାଏକ, ଦିନେଶ ବଗର୍ତ୍ତୀ, ମଳୟ ରଞ୍ଜନ ଆଚାର୍ଜ, କାମାକ୍ଷା ପ୍ରସାଦ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରରୁ ଆରମ୍ଭ ହେବ ଆନ୍ଦୋଳନ

**କଣ୍ଟାବାଞ୍ଜି, ୨।୩(ଡି.ଏନ.ଏ.)**

**କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ**
■ଜିଲା ସଂଘର୍ଷ ସମିତିର ଖବରଦାତା ସମ୍ମିଳନୀ

କଣ୍ଟାବାଞ୍ଜିକୁ ଏକ ସ୍ୱତନ୍ତ୍ର ଜିଲା ଦାବିକୁ ଅଧିକ ଜୋରଦାର କରିବାକୁ ଅଣ୍ଟା ଭିଡିଛି ଜିଲା ସଂଘର୍ଷ ସମିତି। ସ୍ଥାନୀୟ ହେମାଲ ସଂଘ ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସଂଘ ପକ୍ଷରୁ ସବିଶେଷ ସୂଚନା ଦିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ୧୯୯୭ ମସିହାରୁ ଜିଲା ଗଠନ ନେଇ ଦାବି ହୋଇ ଆସୁଛି। ଭୌଗୋଳିକ ଅବସ୍ଥିତି, ରାଜସ୍ୱ ଏବଂ ଗମନ ଗମନା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଦୃଷ୍ଟିରୁ କଣ୍ଟାବାଞ୍ଜି ଏକ ସ୍ୱତନ୍ତ୍ର ରାଜସ୍ୱ ଜିଲା ହେବାର ସମସ୍ତ ଭିତ୍ତିଭୂମି ରହିଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ଆଦି ୩ବ୍ଲକ ସହ କଣ୍ଟାବାଞ୍ଜି ଏନଏସି ଗତ ଚାରିଦଶନ୍ଧି ଧରି ପଛୁଆ ଅଞ୍ଚଳଭାବେ ପରିଗଣିତ ହୋଇ ରହିଛି। ସେହିପରି ବଙ୍ଗୋମୁଣ୍ଡା ବ୍ଲକର ଜାମଖୁଣ୍ଟା, ଗର୍ନ୍ଧଲା, ଭୁଷଲାଡ ଭଳି ପଞ୍ଚାୟତ ଜିଲା ସଦର ମହକୁମାଠାରୁ ୧୨୦କିମିରୁ ଅଧିକ ଦୂରତାରେ ଅଛନ୍ତି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତିନିଟି ବ୍ଲକରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବା ବେଳେ ଅତିରିକ୍ତ ଜିଲା ଦୌରାଜଜ୍, ସବ୍ ଜଜ୍ ଏବଂ ଜେଏମଏଫସି ସାଙ୍ଗକୁ ପୋଲିସ ଉପଖଣ୍ଡ କାର୍ଯ୍ୟାଳୟ ରହିଛି। ଏପରିକି ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ରହିଛି ଯାହା ସରକାରଙ୍କ ଜିଲା ଗଠନ ହେବାରେ କୌଣସି ପ୍ରକାର ପ୍ରଶାସନିକ ଅସୁବିଧା ରହିବ ନାହିଁ। ଖବରଦାତା ସମ୍ମିଳନୀରେ ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ହେମାଲ ସଂଘ ସମ୍ପାଦକ ବିଦେଶୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମେଳା ପଡିଆ ସଫା କଲେ ପୌର କର୍ମଚାରୀ

**ଟିଟିଲାଗଡ଼,୨।୩(ଡ଼ି.ଏନ.ଏ.)**

ବଲାଙ୍ଗୀର ଜଲା ଟିଟିଲାଗଡ଼ରେ ଶିବରାତ୍ରୀ ମେଳା ଫେବୃୟାରୀ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କୁମୁଡା ପାହାଡ଼ ପାଦଦେଶରେ ଅନୁଷ୍ଠିତ ମେଳା ପଡିଆରେ ଦୋକାନୀ ମାନେ ବିଭିନ୍ନ ଦୋକାନ କରି ସାମଗ୍ରୀ ବିକ୍ରି ସମୟରେ ଜରି, କାଗଜ ସେଠାରେ ଫିଙ୍ଗି ଦେଇ ଚାଲି ଯାଇଥିଲେ। ଏହାଦ୍ୱାରା ମନ୍ଦିର ପରିସର ଦୂଷିତ କରୁଥିଲା। ଏହାକୁ ଦୃଷ୍ଟିରେ ରଖି ପୌରପରିଷଦ ତରଫରୁ ସଫେଇ ଅଭିଯାନ ଆରମ୍ଭ ହୋଇଛି। ସଫେଇ କର୍ମଚାରୀମାନେ ଦୁଇ ବେଳା ଏହି କାମରେ ନିୟୋଜିତ ହୋଇ ମେଳା ପଡିଆ ଓ ମନ୍ଦିର ପରିସରକୁ ସଫା କରିବାରେ ଲାଗିଛନ୍ତି।

## ଗର୍ଜନପାଣି ଗ୍ରାମବାସୀଙ୍କୁ ସୁରକ୍ଷା ଦିଆଯିବ: ଏସ୍‌ପି

**ଖଡ଼ିଆଲ,୨।୩(ଡି.ଏନ.ଏ.)**

**ମାଓବାଦୀଙ୍କ ଧମକପୂର୍ଣ୍ଣ ପୋଷ୍ଟର ମାରିବା ଘଟଣା**

ନୂଆପଡା ଜିଲା ବୋଡେନ ଥାନା ପାଟଦରା ସଂରକ୍ଷିତ ମଧ୍ୟରେ ଥିବା ଗର୍ଜନପାଣି ଗାଁରେ ମାଓବାଦୀଙ୍କ ଧମକପୂର୍ଣ୍ଣ ପୋଷ୍ଟରକୁ ନେଇ ଭୟର ବାତାବରଣ ଦେଖାଦେଇଛି। ଉକ୍ତ ଗାଁର ବୁଦ୍ଧୁରାମ ଗୌଡ ଏବଂ ହଜାରୀବଚ୍ଛା ନାମକ ୨ଜଣଙ୍କୁ ପୋଲିସ ଇନଫର୍ମରରୁ ନିବୃତ୍ତ ନ ରହିଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଏହାପରଠୁ ବୁଦ୍ଧୁରାମ ଏବଂ ହଜାରୀ ଗାଁ ଛାଡି ତଳକୁ ପଳାଇ ଆସିଥିବା ବେଳେ ବର୍ତ୍ତମାନ ଗାଁରେ ଭୟର ବାତାବରଣ ଦେଖିବାକୁ ମିଳିଛି। ବୁଧବାର ରାତିରେ ୨୦ରୁ ୩୦ ସଶସ୍ତ୍ର ମାଓବାଦୀ ଗାଁକୁ ଆସି ଗାଁର ସ୍ଥାନେ ସ୍ଥାନେ ପୋଷ୍ଟର ମାରିଥିବା ବେଳେ ଉକ୍ତ ପୋଷ୍ଟରେ ଚିରିଲେ ହାତଗୋଡ କାଟିଦେବାକୁ ଧମକ ଦେଇଥିଲେ। ଉକ୍ତ ଘଟଣା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହେବା ପରେ ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି ନୂଆପଡା ଏସ୍‌ପି ଆର ଗୁଣ୍ଡାଲା ରେଡ୍ଡୀ। ପ୍ରକୃତରେ ପୋଷ୍ଟର ମାଓବାଦୀ ସଙ୍ଗଠନ ପକ୍ଷରୁ ମରାଯାଇଛି ନା ଅନ୍ୟ କିଏ ମାରିଛି ତଦନ୍ତ ଚାଲିଛି। ଗର୍ଜନପାଣି ଗାଁ ପଡୋଶୀ ଛତିଶଗଡ ସୀମାରେ ଥିବା ଯୋଗୁ ଛତିଶଗଡ ଏବଂ ଓଡିଶା ପୋଲିସ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନକୁ ଜୋରଦାର୍ କରାଯାଇଛି। ଗାଁ ଲୋକଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ଖଡ଼ିଆଲ ଥାନା ପରିଦର୍ଶନରେ ଆସିଥିବା ବେଳେ ଏସ୍‌ପି ରେଡ୍ଡୀ ପ୍ରକାଶ କରିଛନ୍ତି। ଏହି ଅବସରରେ ଏସ୍‌ଡିପିଓ ଓ ଅରୂପ ଅଭିଷେକ ବେହେରା, ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ଜିପିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା


ବଲାଙ୍ଗୀର ସଦର ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

**ବଲାଙ୍ଗୀର ଅଫିସ,୨।୩**

ବଲାଙ୍ଗୀର ସଦର ବ୍ଲକ କାର୍ଯ୍ୟାଳୟ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଇଓ) ଦାମୋଦର ଦାସଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବିଦାୟକାଳୀନ ସଭାରେ ପଞ୍ଚାୟତ ସମିତି ଅଧକ୍ଷା ସରିତ ବାଗ, ଦେଓଗାଁ ପଞ୍ଚାୟତ ସମିତ ଅଧକ୍ଷ ଦୟାନିଧି ଖମାରୀ, ପୂର୍ବତନ ପଞ୍ଚାୟତ ସମିତ ଅଧକ୍ଷ ଗୋଲାପ ବାଗ, ଘାସିରାମ ବେହେରା ଓ ସୁଶାନ୍ତ ପାଣିଗ୍ରାହୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା. ଇପସିତା ପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ପ୍ରମୋଦ କୁମାର ମିଶ୍ର, ପୂର୍ବତନ ଜିଲା ପଞ୍ଚାୟତ ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ସମସ୍ତ ବ୍ଲକ୍ କର୍ମଚାରୀ ସହ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ସଭାରେ ଅବସରପ୍ରାପ୍ତ ସମ୍ପ୍ରସାରଣ ଅଧିକାରୀ ଦାସଙ୍କ କାର୍ଯ୍ୟଦକ୍ଷତାକୁ ସମସ୍ତେ ପ୍ରଶଂସା କରିଥିଲେ। ବଲାଙ୍ଗୀର ଜିଲାର ମୁରିବାହାଲ, ଗୁଡଭେଲା, ପୁଇଁତଲା, ଖପ୍ରାଖୋଲ ଏବଂ ବଲାଙ୍ଗୀର ବ୍ଲକ୍‌ରେ ଏସିଓ ଓ ପିଏ ଭାବରେ ସେ କାମ କରିଥିଲେ। ୨୦୨୦ ମସିହାରେ ସେ ଜିପିଓ ପଦକୁ ପଦୋନ୍ନତି ପାଇ ଟିଟିଲାଗଡ ଓ ପରେ ୨୦୨୧-୨୩ ମସିହା ପର୍ଯ୍ୟନ୍ତ ବଲାଙ୍ଗୀର ବ୍ଲକରେ କାର୍ଯ୍ୟ କରିଥିଲେ।

## ନିଖୋଜ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ପାଟଣାଗଡ, ୨।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲରମ୍ଭା ଥାନା ରେଙ୍ଗାଲୟୁରୀ ଗ୍ରାମରୁ ଗତ ଶନିବାରଠାରୁ ନିଖୋଜ ଜଣେ ମହିଳାଙ୍କ ମୃତଦେହ ଗ୍ରାମ ନିକଟ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରିଛି। ମୃତା ଗ୍ରାମର ଭାରତୀ ମଲ୍ଲିକ ବୋଲି ଚିହ୍ନଟ କରାଯାଇଛି। ଶନିବାର କୌଣସି କାରଣକୁ ନେଇ ବଚସା ପରେ ଭାରତୀ ଘରୁ ପଳାଇ ଯାଇଥିଲେ। ଭାରତୀଙ୍କ ସ୍ୱାମୀ ସନ୍ତୋଷ ଥାନାରେ ସ୍ତ୍ରୀଙ୍କ ନିଖୋଜ ନେଇ ଜଣାଇଥିଲେ। ଗୁରୁବାର ଭାରତୀଙ୍କ ମୃତଦେହ ଜଙ୍ଗଲର ଏକ ଗଛରେ ଝୁଲୁଥିବା ଜଣାପଡିଥିଲା। ଅନ୍ୟପକ୍ଷରେ ମୃତଙ୍କ ଭାଇ ତାଙ୍କ ଭଉଣୀଙ୍କୁ ମାରି ଦିଆଯାଇ ଆତ୍ମହତ୍ୟାର ରୂପ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ସ୍ୱାମୀ ପିଟାମରା କରୁଥିବାରୁ ଭାରତୀ ଘରକୁ ପଳାଇ ଆସିଥିଲେ। ସନ୍ତୋଷ ବୁଝାସୁଝା କରି ଭାରତୀଙ୍କୁ ନେଇଥିଲେ। ତେଣୁ ଏହା ଏକ ସୁନିୟୋଜିତ ହତ୍ୟାକାଣ୍ଡ ବୋଲି ସେ କହିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି।

## ରଏତି ଜମିରେ ରାସ୍ତା ନିର୍ମାଣ

**ମୁରିବାହାଲ, ୨।୩(ଡି.ଏନ.ଏ.)**

**ବିଡିଓଙ୍କୁ ଫେରାଦ ହେଲେ ଜମି ମାଲିକ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଟୁପାଉଡାର ପଞ୍ଚାୟତର ବଡଉଡ଼ାର ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ତେବେ ରୟତ ଜମିରେ ଏହି ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ କରି ଗ୍ରାମର କେତେକ ବ୍ୟକ୍ତି ଗୁରୁବାର ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ବଡ଼ଉଡାର ମୌଜା ୧୫୧ ଖାତା ଅନୁସାରେ ୮ ଜଣଙ୍କ ନାମରେ ଇଜମାଲି ସମ୍ପତି ଭାବେ ଉକ୍ତ ପ୍ଲଟ ନାମିତ ଅଛି। ଏହି ପରିସ୍ଥିତିରେ ୨୮ ନଂ ଜିଲା ପରିଷଦ ସଭ୍ୟଙ୍କ ଅନୁମୋଦନକ୍ରମେ ପଞ୍ଚମ ଅର୍ଥ କମିଶନ ଜିଲା ପରିଷଦ ପାଣ୍ଠି ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବଡ଼ଉଡ଼ାର ଗ୍ରାମ ବୁରେଇପଡାରେ ରାସ୍ତା ନିର୍ମାଣ ଚାଲିଛି। ଏପରିକି ନିର୍ମାଣ ନିମ୍ନମାନର କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏହକୁ ନେଇ ଗତ ୨୬ତାରିଖରେ ଜମି ମାଲିକ ଗ୍ରାମର ୨ ୱାଡ଼ସଭ୍ୟ ଲୀଳାବତୀ ଲୁହା ଓ ଚନ୍ଦ୍ରକାନ୍ତି ରଣାଙ୍କୁ ଆବଗତ କରାଇଥିଲେ। କାର୍ଯ୍ୟ କରୁଥିବା ଠିକାଦାରଙ୍କ ସହ ଆଲୋଚନା କରିଥିଲେ ହେଁ କୌଣସି ସୁଫଳ ମିଳି ନଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ବିଡିଓ ପୁଟେଲଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। କନିଷ୍ଠ ଯନ୍ତ୍ରୀ ଦେବାନନ୍ଦ ମେହେରଙ୍କୁ ପଚାରିବାରୁ ମତେ ନ ପଚାରି କାର୍ଯ୍ୟ କରାଯାଉଥିବା କହିଛନ୍ତି। ବିଡିଓଙ୍କୁ ଦାବିପତ୍ର ଦେବା ଅବସରରେ ଗୋବର୍ଦ୍ଧନ ଗହିର,ଶୁକ୍ରୁ ଗହୀର, ଜଳନ୍ଧର ଗହୀର, ସାନସୁରୁ ଗହୀର, ଡୋଳାମଣି ଗହୀର, ନବୀନ ଗହୀର, ଯୁଧିଷ୍ଠିର ଗହୀର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୨୩ ସହଭାଗୀଙ୍କୁ ମିଳିଲା ସାଇକେଲ

**ବରଗଡ଼ ଅଫିସ୍, ୨।୩ :** ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଳସାଥୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜରଙ୍କୁ ସାଇକେଲ ପ୍ରଦାନ କରିଛନ୍ତି। ଏହି କ୍ରମରେ ବରଗଡ଼ ପୌର ପରିଷଦ ଅଧୀନରେ କାର୍ଯ୍ୟରତ ଏଭଳି ୧୨୩ ସହଭାଗୀଙ୍କୁ ସାଇକେଲ ମିଳିଛି। ସେହିପରି ବାର୍ଦ୍ଧକ୍ୟ, ବିଧବା ଭତ୍ତା ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

### ୭ଲକ୍ଷ ଟଙ୍କା ଚୋରି ଅଭିଯୋଗ

**ବରଗଡ଼ ଅଫିସ୍, ୨।୩:** ବରଗଡ଼ ସଦର ଥାନା ଅନ୍ତର୍ଗତ ଡୁମ୍ଫେରପାଲି ଗ୍ରାମର ଧନପତି ଜାଲଙ୍କ ଘରୁ ନଗଦ ୭ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଧନପତି ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଧନପତି ଏକାମ୍ର ଛକ ନିକଟ ବିହନ ନିଗମରେ ଗେଟ୍ କିପର କାର୍ଯ୍ୟ କରୁଥିଲେ। ଅବସର ପରେ ମିଳିଥିବା ଟଙ୍କାକୁ ତାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ସେ ଜମାଟଙ୍କାରୁ ବିଭିନ୍ନ କିସ୍ତିରେ ମୋଟ୍ ୧୫ଲକ୍ଷ ୭୨ହଜାର ୭ଶହ ଟଙ୍କା କାଢ଼ିଥିଲେ ଏବଂ ପରିବାର ସଦସ୍ୟଙ୍କ ମଧ୍ୟରେ ଭାଗବଣ୍ଟା କରିବା ପାଇଁ ଘରେ ରଖିଥିଲେ। ସେଥିରୁ ୭ଲକ୍ଷ ଟଙ୍କା ଚୋରି ହୋଇ ଯାଇଥିବା ସେ ଅଭିଯୋଗ କରିଛନ୍ତି । ଏ ନେଇ ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବି. ବାଗ କହିଛନ୍ତି ।

### ଅସହାୟ ବୃଦ୍ଧାଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

**ବରଗଡ଼ ଅଫିସ, ୨।୩ :** ବରଗଡ଼ ଜିଲା ଭଟଲି ବ୍ଲକ ନୂଆପଲି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଗ୍ରାମର ସିନ୍ଧୁ ବନଛୋର(୭୫) ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁବରଣ କରିଥିଲେ। ତାଙ୍କର କେହି ନିଜ ଲୋକ ନ ଥିବାରୁ ତାଙ୍କ ବାସଭବନରେ ଦୀର୍ଘ ସମୟ ଧରି ମୃତଦେହ ପଡିରହିଥିଲା। ପରେ ତାଙ୍କର ବଡ଼ଭାଇ ରେଙ୍ଗାଲପାଲି ଗ୍ରାମର ବଳରାମ ବଗର୍ତ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ । କିନ୍ତୁ ଏକାକୀ ମୃତଦେହ ସତ୍କାର କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା। ଖବର ପାଇ ସଂକଳ୍ପ ପରିବାର ସଦସ୍ୟମାନେ ମୃତଦେହକୁ ନେଇ ପିପଲମୁଣ୍ଡା ସ୍ଥିତ ସ୍ୱର୍ଗଦ୍ୱାରରେ ସତ୍କାର କରିଥିଲେ। ଅନୁଷ୍ଠାନର ବିକାଶ ଅଗ୍ରୱାଲ, ଶେଷଦେବ ପଧାନ, ଜି. ରମେଶ, ଟୁକୁର୍ଲା ଗ୍ରାମର ଶାନ୍ତନୁ ମେହେର ଓ ନୂଆପାଲିର ଟିଟୁ ତାଣ୍ଡି ସହଯୋଗ କରିଥିଲେ ।

### ମହାମାୟୀ ମନ୍ଦିରର ରତ୍ନମୁଦ ସ୍ଥାପନ

**ଉଲୁଣ୍ଡା, ୨।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲଣ୍ଡା ବ୍ଲକ କୋଟସମଲାଇଠାରେ ମହାମାୟୀ ମନ୍ଦିରର ରତ୍ନମୁଦ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂଜକ ବଦ୍ରିନାରାୟଣ ଶତପଥୀ ରୀତିନୀତି ଅନୁସାରେ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତାଭାବେ ଲଳିତ ମେଣ୍ଡିଲି ସପତ୍ନୀକ କାର୍ଯ୍ୟ ତୁଲାଇଥିଲେ। ପରେ ମହାମାୟୀ ମନ୍ଦିରର ରତ୍ନମୁଦ ସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରହଲ୍ଲାଦ ସମରଥ, ଦିଗପାଳ ମେଣ୍ଡିଲି, ଗିରିଜା ଶଙ୍କର ମେଣ୍ଡିଲି, ସୁଦର୍ଶନ ସମରଥ ପ୍ରମୁଖ ସହଯୋଗ କରିଥିଲେ।

### ଧବଳେଶ୍ୱର ମନ୍ଦିରରୁ ଚୋରି

**ଟିଟିଲାଗଡ଼, ୨।୩(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଧବଳେଶ୍ୱର ମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଗେଟର ତାଲା ଭାଙ୍ଗି ଭିତରେ ପଶିବା ପରେ ଥିବା ହୁଣ୍ଡି ଭାଙ୍ଗି ସମସ୍ତ ଦାନ ଟଙ୍କା ନେଇ ଯାଇଛନ୍ତି। ମନ୍ଦିର ସମ୍ମୁଖରେ ଶୋଇଥିବା ଜଣେ ବ୍ୟକ୍ତି ଏ ନେଇ ପ୍ରତିବାଦ କରିବାରୁ ଦୁର୍ବୃତ୍ତ ତାଙ୍କୁ ମାଡ ମାରି ଗୁରୁତର କରିଛନ୍ତି। ଘଟଣା ସମ୍ପର୍କରେ ଟ୍ରଷ୍ଟି ସଞ୍ଜୀବ ପାଢ଼ୀଙ୍କଠାରୁ ଖବର ପାଇ ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଆଇଆଇସି ରଞ୍ଜନ ବରିହା ମନ୍ଦିରରେ ପହଞ୍ଚିଲେ। ପରେ ବଲାଙ୍ଗୀର ରୁ ସାଇଣ୍ଟିଫିକ ଟିମ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ଟିଟିଲାଗଡ଼ ପୋଲିସ ଏ ସଂକ୍ରାନ୍ତରେ ଏକମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଦୁଗ୍ଧ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ

**ବରଗଡ଼ ଅଫିସ/ଅମ୍ବାଭୋନା, ୨।୩**


କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାବୃନ୍ଦ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କପାସିରା ଦୁଗ୍ଧ ଉତ୍ପାଦନ ସମବାୟ ସମିତିରେ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘ ପକ୍ଷରୁ ଗୁରୁବାର ଦୁଗ୍ଧ ଚାଷୀଙ୍କ ପାଇଁ ଦିନଟିଏ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଗ୍ଧ ସଂଘ ସଭାପତି ବିଦ୍ୟାଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୋପାଳନ କ୍ଷେତ୍ରରେ ନିୟୋଜିତ ହୋଇ ପରିବାର ଆୟବୃଦ୍ଧିରେ ସହାୟକ ହୋଇପାରିଛି। ବରଗଡ ଜିଲାର ଦୁଗ୍ଧ ଚାଷୀ ସବୁଠାରୁ ଅଧିକ ପରିମାଣରେ ଦୁଗ୍ଧ ଉତ୍ପାଦନ କରୁଥିବାରୁ ଅନ୍ୟ ଜିଲା ପାଇଁ ଏକ ନୂଆ ପରିଚୟ ଓ ଉଦାହରଣ ପାଲଟିଛନ୍ତି ବୋଲି ଜିଲାପାଳ ବାନାର୍ଜୀ ପ୍ରକାଶ କରିଥିଲେ। ଏହାସହିତ ଦୁଗ୍ଧ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସଂଘର ସାଧାରଣ ପରିଚାଳକ ଡଃ ସରୋଜ କୁମାର ସାହୁ କହିଥିଲେ, ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ମିଶନ ଶକ୍ତିର ପ୍ରମୁଖ ଭୂମିକା ରହିଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗାଈ ଋଣ ଓ ଗୁହାଳ ଘର ଯୋଗାଇବା, ଜିଲାର ଦୁଗ୍ଧ ସମିତିମାନଙ୍କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ନୂତନ ଦୁଗ୍ଧ ପରୀକ୍ଷା ଯନ୍ତ୍ର, ଗାଈ ବାଛୁରୀ ପରିଚାଳନା ଯୋଜନା, ଗୋ ବନ୍ଧ୍ୟାକରଣ ଶିବିର ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବା ନିମନ୍ତେ ଆର୍ଥିକ ସହଯୋଗ ପାଇଁ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସେହିପରି ସମଲେଶରୀ ଦୁଗ୍ଧ ଉତ୍ପାଦନ ସଂଘ ସଭାପତି ବିଦ୍ୟାଧର ପ୍ରଧାନ ନିଜ ବକ୍ତବ୍ୟରେ କହିଥିଲେ, ନାରୀ ସମାଜର ବିକାଶ ହୋଇପାରିଲେ ଦୁଗ୍ଧ ଉତ୍ପାଦନରେ ଅଭିବୃଦ୍ଧି ହୋଇପାରିବ। ମିଶନ ଶକ୍ତି ମାଧ୍ୟମରେ ଗୋପାଳକମାନଙ୍କୁ ଗାଈ ଋଣ ତଥା ତାଲିମ ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସେ ମତପୋଷଣ ରଖିଥିଲେ। ବରଗଡ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନୀଳମଣି ଦୀପ ଦକ୍ଷତା ବିକାଶ ଉପରେ ତାଲିମ ତଥା ଋଣ ବ୍ୟବସ୍ଥା ଉପରେ ସୂଚନା ଦେଇଥିଲେ। ଜଣେ ଗୋପାଳକ କିପରି ନିଜକୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବ ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାପାଳ କପାସିରା ଦୁଗ୍ଧ ଉତ୍ପାଦନ ସମବାୟ ସମିତିର ନୂତନ ଯନ୍ତ୍ରପାତି ପରିଦର୍ଶନ କରିଥିଲେ। ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘର କନିଷ୍ଠ ପରିଚାଳକ ଡଃ ସଞ୍ଜୀବ କୁମାର ଶତପଥି ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କପାସିରା ଦୁଗ୍ଧ ସମବାୟ ସମିତିର ସଦସ୍ୟ ହୃଷୀକେଶ ପ୍ରଧାନ ଓ ମନୋହର ନାଏକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ସଂଘର ବୋର୍ଡ ଅଫ୍ ଡାଇରେକ୍ଟର ଦୟାନନ୍ଦ ଛନ୍ଦ, ଆନନ୍ଦ ସାହୁଙ୍କ ସମେତ ବରପାଲି ସମିତିର କର୍ମକର୍ତ୍ତା, ଅମ୍ବାଭୋନା ବ୍ଲକର ବିଭିନ୍ନ ଗ୍ରାମର ମହିଳା ଏସ୍‌ଏଚ୍‌ଜି ଏବଂ ବହୁ ଦୁଗ୍ଧ ଚାଷୀ ଯୋଗ ଦେଇଥିଲେ। ଭୁକ୍ତା ବୀର ହନୁମାନ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସମ୍ପାଦକ ରାମଲାଲ ପଟେଲ ଓ ସଦସ୍ୟ ପ୍ରଦୀପ ନାଏକ, କପାସିରା ଦୁଗ୍ଧ ସମିତି ସମ୍ପାଦକ ବୁଦ୍ଧଦେବ ପ୍ରଧାନ, ବରଗଡ ୟୁନିଟ ଇନ୍‌ଚାର୍ଜ ସୁଶାନ୍ତ ମହାକୁର, ସରୋଜିନୀ ବାରିକ, ସହଦେବ ଶତପଥି, ସବିତା ପଧାନ, ସନ୍ଧ୍ୟାରାଣୀ ପ୍ରଧାନ, ଭରତ ବେହେରା, ଦେବେନ୍ଦ୍ର ଦାସ, ପ୍ରମୋଦ କୁମାର ସାହୁ ଓ ସୁଦାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୱାର୍ଡ ସଭ୍ୟାସଭ୍ୟଙ୍କ ତାଲିମ ଶିବିର ଉଦ୍‌ଯାପିତ

**ବରଗଡ଼ ଅଫିସ/ସୋହେଲା, ୨।୩**

ବରଗଡ ଜିଲା ସୋହେଲା ବ୍ଲକରେ ଚାଲିଥିବା ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ପର୍ଯ୍ୟାୟରେ ବିଜାପାଲି, ଛୁରିଆପାଲି, ପଣ୍ଡକିପାଲି ଓ ଟୁଙ୍ଗିବନ୍ଧଲି ଗ୍ରାମପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ତାଲିମ ନେଇଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓ ବରଗଡ ଜିଲା ପରିଷଦର ସହାୟତା ଏବଂ ମହାଶକ୍ତି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ତାଲିମଦାତା ଭାବେ ଜୀବର୍ଦ୍ଧନ ଖେତି ଓ ଅରୂପ ନନ୍ଦ ତାଲିମ ପ୍ରଦାନ କରିଥିଲେ। ଅନ୍ତିମ ଦିନରେ ଅଂଶଗ୍ରହଣ କରିଥିବା ପ୍ରତିନିଧିମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ମହାଶକ୍ତି ଫାଉଣ୍ଡେଶନ ଉପସଭାନେତ୍ରୀ ରୋଜାଲିନ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସସ୍ମିତା ବିଶ୍ୱାଳ, ଦୁର୍ଗାପ୍ରସାଦ ଦାସ, ଚୁନ୍ନିଲାଲ ଦ୍ୱାରି ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ କୈବଲ୍ୟ ରତ୍ନବେଦୀ ସମ୍ମାନ


ଶିକ୍ଷୟିତ୍ରୀ ଅନସୂୟା ଦେବତାଙ୍କୁ ସମ୍ମାନିତ କରାଯାଉଛି।

**ଅତାବିରା, ୨।୩(ଡି.ଏନ.ଏ.)**

କଟକ କଳା ବିକାଶ କେନ୍ଦ୍ରରେ କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କିମ୍ବଦନ୍ତୀ କଥନ ଓ ଆଧ୍ୟାତ୍ମିକ ଆଲୋଚନା ମହାସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହାସଭାରେ ଅଲେଖ ଚନ୍ଦ୍ର ପଢ଼ିଆରି ମୁଖ୍ୟ ଅତିଥି, ନ୍ୟାୟମୂର୍ତ୍ତି ରତିକାନ୍ତ ମହାପାତ୍ର ସମ୍ମାନିତ ଅତିଥି ଏବଂ ପ୍ରାଧ୍ୟାପିକା ବିଦ୍ୟୁତ୍‌ପ୍ରଭା ମିଶ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବରଗଡ଼ ଜିଲା ଅତାବିରା ବ୍ଲକ ଟୋପ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ, ପ୍ରକୃତିବନ୍ଧୁ, କବୟିତ୍ରୀ ତଥା ଲେଖିକା ଅନସୂୟା ଦେବତାଙ୍କୁ କୈବଲ୍ୟ ରତ୍ନବେଦୀ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଅନେକ କବି, କବୟିତ୍ରୀ ଓ ସାରସ୍ୱତ ସ୍ରଷ୍ଟାମାନଙ୍କୁ ସମ୍ମାନିତ କରାଯାଇଥିଲା।

# ଛାତ୍ରୀଛାତ୍ର ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ

**ଜୁନିୟର ରେଡକ୍ରସ ଅଧ୍ୟୟନ, ତାଲିମ ଶିବିର ଉଦ୍‌ଘାଟିତ**

**ଅମ୍ବାଭୋନା, ୨।୩(ଡିଏନଏ)**



ଜିଲାସ୍ତରୀୟ ରେଡ୍‌କ୍ରସ୍ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଗୁଚିଦା ସ୍ଥିତ ପୁରୁଷୋତ୍ତମ ଉଚ୍ଚବିଦ୍ୟାଳୟରେ ତିନିଦିନିଆ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଅଧ୍ୟୟନ ଓ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଚନ୍ଦ୍ର ଦୁଆନ ଏହାକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଦୁଆନ ମାନବ ସେବାରେ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନଙ୍କୁ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଅମ୍ବାଭୋନା ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜ କୁମାର ଭୁଏ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲମୋହନ ସିଂହ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ପଧାନ, ଜିଲା ଜୁନିୟର ରେଡକ୍ରସ ସଂଯୋଜକ ମହେନ୍ଦ୍ର ଆଚାର୍ଯ୍ୟ, ଗୁଚିଦା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ମେହେର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ନିତ୍ୟାନନ୍ଦ ଭୋଇ, ଗୁଚିଦା ସରପଞ୍ଚ ଚନ୍ଦ୍ରକଳା ଦେହେରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଧେଶ୍ୟାମ ବାରିକ ଓ ମନସୀ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ହିନ୍ଦି ଶିକ୍ଷକ ସୁବୋଧ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ନୃତ୍ୟଗୀତର ଆସର ଜମିଥିଲା। ଶିବିରରେ ଜିଲାର ୧୨ ବ୍ଲକର ୨୯ଜଣ କାଉନସେଲର, ୬ଜଣ ସାଧନ କେନ୍ଦ୍ର ସଂଯୋଜକ ଓ ଶତାଧିକ ଜୁନିୟର ରେଡକ୍ରସ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି।

## ଦେଶୀ ମଦ ପିଇ ଗୁରୁତର ଶିଶୁ ସୁସ୍ଥ ହେଲେ

**ଡୁଙ୍ଗୁରିପାଲି, ୨।୩ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଛିଟକେଲବନ୍ଦଲି ଗାଁରେ ବୁଧବାର ପାଳଗଦାରେ ଲୁଚାଇ ରଖାଯାଇଥିବା ଦେଶୀ ମଦ ପିଇ ଜଣେ ଶିଶୁ ଗୁରୁତର ହୋଇ ପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଶିଶୁ ସୁସ୍ଥ ହେବା ପରେ ଗୁରୁବାର ଡାକ୍ତରଖାନାରୁ ଘରକୁ ଫେରିଛନ୍ତି । ଛିଟକେଲବନ୍ଦଲି ଗାଁରେ ଚୋରା ଦେଶୀ ମଦ ଖୁଲମଖୁଲା ବିକ୍ରି ହେଉଥିଲା । ଲୋକେ ମଦ ପିଉଥିବା ଛୋଟ ପିଲା ଦେଖୁଥିଲେ ।ପାଳ ଗଦାରେ ମଦ ପାଉଚ ଲୁଚା ଯାଇଥିବା ବେଳେ ସେଠାରେ ଖେଳୁଥିବା ଶିଶୁମାନେ ଏହାକୁ ଅଜାଣତରେ ପିଇ ଦେଇଥିଲେ । ଗାଁର ୪ରୁ ୫ ବର୍ଷର ୫ଜଣ ଶିଶୁ ମଦ ପିଇଥିଲେ। ସେମାନଙ୍କ ମଧ୍ୟରୁ ଅଙ୍ଗନୱାଡିରେ ପଢୁଥିବା ଜଣେ ପାଞ୍ଚ ବର୍ଷର ଶିଶୁ ଗୁରୁତର ହୋଇ ପଡ଼ିଥିଲେ। ଡୁଙ୍ଗୁରିପାଲି ଅଞ୍ଚଳରେ ସରକାରୀ ଓ ଚୋରା ମଦ କରବାର ବୃଦ୍ଧି ପାଇଛି। ଏହାର କୁ ପ୍ରଭାବ କୋମଳମତି ଶିଶୁଙ୍କ ଉପରେ ପଡୁଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ସମ୍ପନ୍ନ


ଯଜ୍ଞରେ ସମବେତ ସାଧୁସନ୍ଥଗଣ।

**ପଦ୍ମପୁର, ୨।୩(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ବନଦୁର୍ଗା ମନ୍ଦିର ଛକରେ ଥିବା ଅଲେଖ ମହିମା ମଠ ପରିସରରେ ତୃତୀୟ ବାର୍ଷିକୋତ୍ସବ ତଥା ବିଶ୍ୱ କଲ୍ୟାଣ ପାଇଁ ଅଲେଖ ମହିମା ସାଧୁସନ୍ଥଙ୍କ ଦ୍ୱାରା ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉଦ୍‌ଯାପିତ ହୋଇଛି। ମହିମା ମଠର ଅଧିଷ୍ଠାତା ସାଧୁ ବଳରାମ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞରେ ବୁକୁରାମୁଣ୍ଡା ମହିମା ମଠର ଅଧିଷ୍ଠାତା ସାଧୁ ଗିରିଜାଶଙ୍କର ଦାସ ମୁଖ୍ୟ ଭାବେ ଯୋଗଦାନ କରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଶତାଧିକ ମହିଳା, ସାଧୁସନ୍ଥ, ମହିମା ପ୍ରେମୀ ଅଙ୍ଗ ନଦୀରୁ ଜଳପୂର୍ଣ୍ଣ କଳସ ଏକ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଆଣିଥିଲେ। ସୁବୋଧ ତ୍ୟାଗୀ ସହଯୋଗ କରିଥିଲେ। ବାଳକୃଷ୍ଣ ନାଏକ, ଉପାସୀ ନାଏକ ଓ ଅଶୋକ ବେହେରା, ଗନ୍ଧର୍ବୀ ବେହେରା ଦମ୍ପତି ମୁଖ୍ୟକର୍ତ୍ତା ରହିଥିଲେ। ସର୍ଗିଜୁରୀ, ମହୁଲପାଲି ସଂକୀର୍ତ୍ତନ ମଣ୍ଡଳୀ, ସଲଡିହି, ଖୁର୍ସାପାଲି, ଜାମପାଲି ଭଜନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ। ସେହିପରି ଅଲେଖ ମହିମା ନାଟକ ପରିବେଷଣ କରାଯାଇଥିଲା। ଡୋଲାମଣି ପଟେଲ, ମୀନକେତନ ମରେଇ, ନରୋତ୍ତମ ପ୍ରଧାନ, ବିନୋଦ ପ୍ରଧାନ, ନେତ୍ରାନନ୍ଦ ବେହେରା, ଆନନ୍ଦ ନାଏକ, ପାନାଲାଲ ନାଏକ, ଜୟରାମ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଶିବିରରେ ୧୩୦ ଶିଶୁଙ୍କ ଚକ୍ଷୁ ପରୀକ୍ଷା

**ବରଗଡ଼ ଅଫିସ, ୨।୩**



ଶିବିରରେ ଆୟୋଜକବୃନ୍ଦ।

ତ୍ରିଲୋଚନ ନେତ୍ରାଳୟ ଓ ବରଗଡ ଶିଶୁ ମଙ୍ଗଳ ସମିତିର ମିଳିତ ଉଦ୍ୟମରେ ପାଇକମାଳର କସ୍ତୁରବା ଗାନ୍ଧୀ ମାତୃ ନିକେତନଠାରେ ଗୁରୁବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ଗୋପବନ୍ଧୁ ସେବା ସଦନ , ଗାଇସିଲେଟ ଓ ଆଶ୍ରମ ସ୍କୁଲ ଝିଟିକିର ଶିଶୁମାନଙ୍କ ଚକ୍ଷୁ ଚିକିତ୍ସା ମଧ୍ୟ କରାଯାଇଥିଲା । ଶିବିରରେ ୧୩୦ ଜଣ ଶିଶୁଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦିନେଶ ଅଗ୍ରୱାଲ ଓ ସମିତିର ସଭ୍ୟମାନେ ଉପସ୍ଥିତ ଥିବାବେଳେ ତ୍ରିଲୋଚନ ନେତ୍ରାଳୟ ଚକ୍ଷୁ ବିଶେଷଜ୍ଞ ଚକ୍ଷୁ ପରୀକ୍ଷା କରିଥିଲେ।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା କଳାକାର ମହାସଂଘ


କଳାକାର ମହାସଂଘ ପ୍ରତିନିଧି ମୁଖ୍ୟ ଶାସନ ସଚିବଙ୍କୁ ଭେଟୁଛନ୍ତି।

**ବରଗଡ଼ ଅଫିସ, ୨।୩**

ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ପ୍ରଦୀପ ଜେନା ଦାୟିତ୍ୱ ଗ୍ରହଣ କରିବା ପରେ ପଶ୍ଚିମ ଓଡିଶା କଳାକାର ମହାସଂଘର ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ତାଙ୍କୁ ସାକ୍ଷାତ କରିଛନ୍ତି। ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ଯାଇଥିବା କଳାକାର ପ୍ରତିନିଧି ଦଳ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଜେନାଙ୍କୁ ଭେଟି ପଶ୍ଚିମ ଓଡିଶାର ବିଭିନ୍ନ ବର୍ଗର କଳାକାରଙ୍କ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହିତ କଳାକାରଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ରାଜ୍ୟ କଳାକାର ମହାସଂଘ ସମ୍ପାଦକ ସମରେନ୍ଦ୍ର ପଣ୍ଡା, ସଙ୍ଗଠନ ମନ୍ତ୍ରୀ ଅରୁଣ ନାଏକ, ସଂଯୋଜକ ପ୍ରମୋଦ ଦାଶ, ପଶ୍ଚିମାଞ୍ଚଳ ମିଳିତ କଳାକାର ମଞ୍ଚର ସଂଯୋଜକ ପଞ୍ଚାନନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବକେୟା ବିଦ୍ୟୁତ୍ ଦେୟ ଛାଡ଼ ଦାବିକଲେ ଚାଷୀ

**ଅମ୍ବାଭୋନା, ୨।୩(ଡି.ଏନ.ଏ.)**


ବକେୟା ବିଦ୍ୟୁତ୍ ବିଲ୍ ଛାଡ ଦାବି ନେଇ ତ୍ରିପାକ୍ଷିକ ଆଲୋଚନା।

୬ ଦଫା ଦାବି ପୂରଣ ନେଇ ଅମ୍ବାଭୋନା ତହସିଲ କାର୍ଯ୍ୟାଳୟ ପରିସରରେ ବୁଧବାର ଚାଷୀ, ବିଦ୍ୟୁତ୍ ବିଭାଗ ଓ ପ୍ରଶାସନ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଯାଇଛି। ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାବେଳେ ଚାଷୀମାନେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ୩ ଦିନର ମହଲତ ଦେଇଛନ୍ତି। ଶନିବାର ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଦେଇଛନ୍ତି ।

ବକେୟା ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ, ବିଦ୍ୟୁତ୍ ବିଲ୍ ଜୁଲୁମ ବନ୍ଦ, ଲୋଭୋଲଟେଜ ସମସ୍ୟାର ସମାଧାନ, ବୋରୱେଲ ଚାଷୀମାନଙ୍କୁ ୟୁନିଟ ପରିବର୍ତ୍ତେ ଜଳକର ଭଳି ଏକର ପିଛା କର ଆକାରରେ ବିଲ୍ ଅସୁଲି , ୨୪ଘଣ୍ଟିଆ ନିରନ୍ତର ବିଦ୍ୟୁତ ଯୋଗାଣ ଏବଂ ଘରୋଇ ଉପଭୋକ୍ତାଙ୍କୁ ୩ଶହ ୟୁନିଟ ପର୍ଯ୍ୟନ୍ତ ସର୍ବନିମ୍ନ ୫୦ଟଙ୍କାରୁ ସର୍ବାଧିକ ୩୦୦ ଟଙ୍କା ପର୍ଯ୍ୟନ୍ତ ବିଲ୍ ପାଇଁ ଚାଷୀମାନେ ଅଡି ବସିଥିଲେ। ୩ଦିନ ମଧ୍ୟରେ ଚାଷୀମାନଙ୍କ ଦାବିକୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇ ସମସ୍ୟାର ସମାଧାନ ପାଇଁ ଭୁକ୍ତା ସେକ୍ସନ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ନିଜ ଜିଦ୍‌ରୁ ଓହରିଥିଲେ। ଏହି ଆଲୋଚନାରେ ଅମ୍ବାଭୋନା ତହସିଲଦାର ପରୀକ୍ଷିତ ସାହୁ, ଭୁକ୍ତା ସେକ୍ସନ ଅଧିକାରୀ ଗଜେନ୍ଦ୍ର ରାଉତ ଓ ଚାଷୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅମ୍ବାଭୋନା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବାରପାହାଡ କୃଷକ ସଙ୍ଗଠନ ସଭାପତି ଇଷାନ ଚନ୍ଦ୍ର ଭୋଇ, ଉପସଭାପତି ଅଭିମନ୍ୟୁ ପଧାନ, ଲାଲ୍ ବାହାଦୁର ଶାସ୍ତ୍ରୀ କୃଷକ ସଙ୍ଗଠନ ସଭାପତି ଠାକୁରରାମ ପଟେଲ, ସମ୍ପାଦକ ଶଙ୍କର ଖମାରୀ, ଚାଷୀ ନେତା ଇମାନୁଏଲ ରଣବୀର, ଡୋଲାମଣି ସା, ରାଜେନ୍ଦ୍ର ଦେହେରୀ, ଶଶୀଭୂଷଣ ପଧାନଙ୍କ ସମେତ ୨୫୦ରୁ ଊର୍ଦ୍ଧ୍ୱ ଚାଷୀ ଆଲୋଚନାରେ ଭାଗ ନେଇଥିଲେ।

## ସ୍କୁଟିରୁ ପଡ଼ି ଛାତ୍ରଙ୍କ ମୃତ୍ୟୁ

**ବେଲପାହାଡ଼ (ଡି.ଏନ.ଏ.):** ବେଲପାହାଡ ଥାନା ଜୁନାଡ଼ିହି ଅଞ୍ଚଳରେ ଗୁରୁବାର ସ୍କୁଟିରୁ ପଡି ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜୁନାଡିହିର ଆଶିଷ ଭୋଇ (୧୫)। ଆଶିଷ ନିଜ ସାଙ୍ଗ ସହ ସ୍କୁଟିରେ ବେଲପାହାଡ ଥାନା ଲିଆଖାଇକୁ ଯାଉଥିବାବେଳେ ବୁଲାଣିରେ ଭାରସାମ୍ୟ ହରାଇ ତଳେ ପଡିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବେଲପାହାଡ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଭାସ୍କର ପ୍ଲାଣ୍ଟରେ ଦୁର୍ଘଟଣା : ଗ୍ୟାସ ପାଇପ ଫାଟି ଜଣେ ଗୁରୁତର

**ଲହୁଣୀପଡା,୨।୩(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ବଡତୁମକଳାଠାରେ ଥିବା ଭାସ୍କର ପ୍ଲାଣ୍ଟରେ ଗୁରୁବାର ଦୁର୍ଘଟଣା ଘଟି ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଗୁରୁବାର ସକାଳ ପ୍ରାୟ ସାଢେ ୮ଟା ବେଳେ ଭାସ୍କର ପ୍ଲାଣ୍ଟର କାଷ୍ଟିଙ୍ଗ କାର୍ଯ୍ୟରେ ନିୟୋଜିତ ଥିବା ସିଫ୍ଟ ଇନଚାର୍ଜ ବିନ୍ଦୁ ସାଗର ନାୟକ (୪୦) କାର୍ଯ୍ୟ କରୁଥିବା ସମୟରେ ଅକ୍ସିଜେନ ପାଇପ ଫାଟି ଯାଇଥିଲା। ପାଇପଟି ଫାଟି ଯିବାରୁ ତାର ସବୁ ତାଙ୍କ ବାମ ହାତରେ ଗଳିଯାଇ ମାଂସ ବାହାରି ଆସିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ରେଳଧାରଣାରେ କଟି ଯୁବକ ମୃତ

**ରାଜଗାଙ୍ଗପୁର,୨।୩(ଡି.ଏନ.ଏ.):** ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଟ୍ରାକସନ କଲୋନୀ ନିକଟ ରେଳଧାରଣାରେ କଟିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ । ଯୁବକ ଜଣକ ବ୍ଲୁ ରଙ୍ଗର ଜିନ୍ସ ପ୍ୟାଣ୍ଟ ଓ ହଳଦିଆ ରଙ୍ଗର ଗଞ୍ଜି ପିନ୍ଧିଥିବା ଦେଖିବାକୁ ମିଳିଛି । ରାଜଗାଙ୍ଗପୁର ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

### ବରିଷ୍ଠ ଖବରଦାତାଙ୍କ ବିୟୋଗରେ ଶୋକସଭା

**ବ୍ରଜରାଜନଗର,୨।୩(ଡି.ଏନ.ଏ.):** ବ୍ରଜରାଜନଗର ଶିବ ମନ୍ଦିର ପରିସରରେ ବରିଷ୍ଠ ଖବରଦାତା ଗଜେନ୍ଦ୍ର ମହାନ୍ତିଙ୍କ ପରଲୋକରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ସାମ୍ବାଦିକ ସଂଘ ସଭାପତି ପ୍ରତାପ କେଶରୀ ସିଂ ଅଧକ୍ଷତା କରି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ଝାରସୁଗୁଡା ଜିଲାରେ ସେ ବିଭିନ୍ନ ଖବରକାଗଜରେ ଦୀର୍ଘ ୬୦ବର୍ଷ ଧରି କାମ କରିଥିଲେ। ଖବରଦାତା ବ୍ୟାସାସେ ପଣ୍ଡା, ଉପନ ସାହୁ, ଶେଖର ବିଶି, ସଞ୍ଜୀବ ପତଯୋଶୀ, ଶ୍ୟାମସୁନ୍ଦର ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ।

### ଛାତରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଲହୁଣୀପଡା,୨।୩(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ବାସୁବାହାଲ ଗ୍ରାମର ଦେବରାଜ ମୁଣ୍ଡା(୩୫)ଙ୍କ ଛାତରୁ ପଡି ମୃତ୍ୟୁ ଘଟିଛି । ପ୍ରକାଶ ଯେ, କୌଣସି କାମରେ ଦେବରାଜ ଓ ତାଙ୍କ ସ୍ତ୍ରୀ ନିଜ ଘର ଛାତ ଉପରେ ଥିଲେ । ଅସାବଧାନତା ଯୋଗୁ ଦେବରାଜ ଛାତ ଉପରୁ ତଳକୁ ଖସି ପଡ଼ି ଆହତ ହୋଇଥିଲେ। ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲେ ହେଁ ସେ ଡାକ୍ତରଖାନା ନ ଯାଇ ଘରେ ଥିଲେ। ଗୁରୁବାର ସକାଳୁ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବା ସହ ଦେବରାଜଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସ୍ତ୍ରୀ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# ଝିରପାଣିରେ ହାତୀ ଭାଙ୍ଗିଲା ପାଚେରି

**ରାଉରକେଲା ଅଫିସ,୨।୩**

ସୁନ୍ଦରଗଡ଼ ଜିଲା ବିଶ୍ରା ଜଙ୍ଗଲରୁ ଏକ ଦନ୍ତା ହାତୀ ବୁଧବାର ଭୋର ସମୟରେ ଆସି ରାଉରକେଲା ଉପକଣ୍ଠରେ ଉପଦ୍ରବ କରିଛି। ଏହି ହାତୀ ଝିରପାଣି, ଜଗଦା ସମେତ ଏନ୍ଆଇଟି ପାର୍ଶ୍ୱାଞ୍ଚଳସ୍ଥ ରାଧାକୃଷ୍ଣ ମନ୍ଦିର, ବିଏସ୍ଏନ୍ଏଲ, ବିବାହ ସାମଗ୍ରୀ ବିକ୍ରୟ ଦୋକାନ, ଝିରପାଣି ଅଞ୍ଚଳର ୬ଜଣ ବାସିନ୍ଦାଙ୍କ ଘର ପାଚେରି ଭାଙ୍ଗି ଦେଇଛି। ଦନ୍ତା ଯୋଗୁ ଦିନତମାମ ଝିରପାଣି ଓ ଜଗଦା ଅଞ୍ଚଳବାସୀ ଭୟଭୀତ ଥିବା ଦେଖିବାକୁ ମିଳିଥିଲ। ଅନ୍ୟପଟେ ପାନପୋଷ



ଝିରପାଣିର ହାତୀ ଭାଙ୍ଗିଥିବା ପାଚେରି।

ରେଞ୍ଜର ଜ୍ଞାନେନ୍ଦ୍ର ଲିମା ଦନ୍ତା ହାତୀ ଝିରପାଣି ଅଞ୍ଚଳରେ ଥିବା ସୂଚନା ପାଇ ଗୁରୁବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ୨ଜଣ ଫରେଷ୍ଟର, ୪ଜଣ ଗାର୍ଡ ଏବଂ ୧୬ଜଣ ସ୍କ୍ୱାର୍ଡ ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ତେବେ ରାତ୍ରି ୭ଟା ଯାଏ ଉକ୍ତ ହାତୀକୁ ଘଉଡାଇବା ସମ୍ଭବ ହୋଇ ନ ଥିଲା। ଖବର ଲେଖାଯିବା ଯାଏ (ରାତି ସାଢେ ୮ଟା) ହାତୀ ଆର୍ଏସ୍ କଲୋନୀ ପାହାଡରେ ରହିଥିଲା। ଏ ନେଇ ପାନପୋଷ ରେଞ୍ଜର ଲିମାଙ୍କୁ ପଚାରିବାରୁ ସକାଳୁ ହାତୀ ଘଉଡାଇବା କାର୍ଯ୍ୟ ଚାଲିଛି। ହାତୀ ୬ଜଣଙ୍କ ପାଚେରି ଭାଙ୍ଗିଛି। ମାତ୍ର କାହାର ଘରଦ୍ୱାର ଭାଙ୍ଗିନାହିଁ। ହାତୀକୁ ନଦୀ ପାରି କରି ବିଶ୍ରା ଜଙ୍ଗଲକୁ ଘଉଡାଇବା ପାଇଁ ଚେଷ୍ଟା କରାଯାଉଛି ବୋଲି ସେ କହିଥିଲେ।

# ଦକ୍ଷ କୁଶଳ କାରିଗରିରେ ଆର୍ଏସ୍‌ପିର ଜଟିଳ ଯନ୍ତ୍ରପାତି ମରାମତି

**ରାଉରକେଲା ଅଫିସ,୨।୩**

ରାଉରକେଲା ଇସ୍ପାତ କାରଖାନା ରିପେୟାର ସପ୍ (ମେକାନିକାଲ) ବିଭାଗ ଦକ୍ଷକୁଶଳ କାରିଗରି ପ୍ରୟୋଗ କରି ବରସୁଆ ଲୌହଖଣିର ଇଣ୍ଡକ୍ସନ ମୋଟର ରୋଟର ଆସେମ୍ବ୍ଲିର ମରାମତି କାର୍ଯ୍ୟ ସମ୍ପନ୍ନ କରିଛି। ବରସୁଆ ଲୌହଖଣିରେ ବ୍ୟବହୃତ ଇଣ୍ଡକ୍ସନ ମୋଟରର ସାଫ୍ଟ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ୟୁନିଟ୍ ଉତ୍ପାଦନରେ ବାଧା ସୃଷ୍ଟି ହୋଇଥିଲା। ମୂଳ ଯନ୍ତ୍ରପାତି ଉତ୍ପାଦକଠାରୁ କ୍ଷତିଗ୍ରସ୍ତ ଅଂଶ କ୍ରୟ କରିବାର ପ୍ରୟାସ ଫଳପ୍ରଦ ହୋଇପାରିଲାନାହିଁ। ତେଣୁ ବରିଷ୍ଠ ଅଧିକାରୀମାନେ ତୁରନ୍ତ ସାଫ୍ଟ ମରାମତି ପାଇଁ ଆର୍ଏସ୍‌ପିର ସପ୍‌ସ ସାମୂହିକଙ୍କ ସହାୟତା ଲୋଡିଥିଲେ। ଆର୍ଏସ୍ଏମ୍ ସାମୂହିକ ପାଇଁ ଏହା ସମଧରଣର ପ୍ରଥମଥର ପାଇଁ କାର୍ଯ୍ୟ ଥିଲା। ଏହାର ଡ୍ରଇଂ ଉପଲବ୍ଧ ନ ଥିବା ତଥା ମୋଟର ସାଫ୍ଟକୁ ନିଷ୍କାସନ ଏବଂ ଏକତ୍ର କରିବାର କୌଣସି ଧାର୍ଯ୍ୟ କୌଶଳ ଉପଲବ୍ଧ ନ ଥିବା ଆହ୍ୱାନ ରୂପେ ଉଭା ହୋଇଥିଲା। କ୍ଷତିଗ୍ରସ୍ତ ମୋଟର ସାଫ୍ଟକୁ ଖୋଲିବା ଓ ଏକତ୍ର କରିବା ପାଇଁ ଉପଯୁକ୍ତ ଫିକ୍ସ୍‌ଚର ଓ ପ୍ଲେଟ ବିକଶିତ କରାଗଲା। ଭଙ୍ଗା ନମୁନାରୁ ଡିଜାଇନ ଦଳ ଦ୍ୱାରା ଏକ ବିସ୍ତୃତ ଡ୍ରଇଂ ପ୍ରସ୍ତୁତ ହେଲା ଓ ସମସ୍ତ ପରିମାପ ଯାଞ୍ଚ କରାଯାଇଥିଲା। ଆର୍ଏସ୍ଏମ୍ ଦଳର କଠିନ ପରିଶ୍ରମ, ଉତ୍ସର୍ଗୀକୃତତା, କୌଶଳ ଏବଂ ପାରଦର୍ଶିତା ଦ୍ୱାରା ନିଜସ୍ୱ ସମ୍ବଳଗୁଡିକର ବ୍ୟବହାର କରି ଠିକ୍ ପରିମାପର ନୂତନ ସାଫ୍ଟର ସଫଳ ବିକାଶ ସମ୍ଭବପର ହୋଇ ପାରିଥିଲା। ଯନ୍ତ୍ରପାତି ସେବା ଗୁଡିକର ଗୁଣବତ୍ତା ନିଶ୍ଚିତ କରିବା ପାଇଁ ଆର୍ଏଣ୍ଡସି ଲାବ୍ ସାହାଯ୍ୟରେ ଡ୍ରାଇ ପେନେଟ୍ରେଶନ ଏବଂ ଅଲଟ୍ରାସୋନିକ ପରୀକ୍ଷା ସମ୍ପନ୍ନ କରାଗଲା। ଶେଷରେ ମରାମତି ଯୋଜନା ଅନୁଯାୟୀ ଆସେମ୍ବ୍ଲି ହେଲା ଏବଂ ମୋଟର ସାଇକେଲ ବାଲାନ୍ସିଂ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିଲା।

# ସାନ୍ତାଳିଙ୍କୁ ଲୋକକଳା ବାଦ୍ୟଯନ୍ତ୍ର ବିତରଣ



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଆଦିବାସୀ ମହିଳା।

**ରାଉରକେଲା ଅଫିସ,୨।୩**

ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଗୁରୁବାର ଉଦିତନଗର ସ୍ଥିତ ଆଇଟିଡିଏ ହଲ୍‌ରେ ସାନ୍ତାଳି ଆଦିବାସୀ ଲୋକକଳା ସାମଗ୍ରୀ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଦିବାସୀ କଳା ଓ ସଂସ୍କୃତି ହେଉଛି ସର୍ବପୁରାତନ। ଏହା କିଭଳି ଆଗାମୀ ଦିନରେ ବଞ୍ଚିରହିବ ସେ ନେଇ ଉଦ୍ୟମ କରିବାକୁ ମୁଖ୍ୟ ଅତିଥି ମାଝୀ ଆହ୍ୱାନ ଦେଇଥିଲେ। ଏସ୍‌ଡିସି ଚେୟାରମ୍ୟାନ ବିନୟ ଟପ୍ପୋ, ଭାଇସ ଚେୟାରମ୍ୟାନ ସୁଶୀଳା ଟପ୍ପୋ ଓ ଆଇଟିଡିଏ ଅଫିସର ପରମାନନ୍ଦ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଲାଠିକଟା, ନୂଆଗାଁ, ବିଶ୍ରା ଓ କୁଆଁରମୁଣ୍ଡା ବ୍ଲକର ଶତାଧିକ ସାନ୍ତାଳି, ଓରାମ, କିଷାନ, ଖଡିଆ ସମ୍ପ୍ରଦାୟର ୧୦ଟି ଗ୍ରୁପ୍‌କୁ ବାଦ୍ୟଯନ୍ତ୍ର ବିତରଣ କରାଯାଇଥିଲା। ସଞ୍ଜୟ ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହିମାଂଶୁ ପଣ୍ଡା, ରାଜେଶ ହାସଁଦା, ସୋମନାଥ ରାହା, ରାଜୁ ମହାନ୍ତ, ମହେଶ ନାଗ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ଚେୟାରମ୍ୟାନ ମକଲୁ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ପୌରାଞ୍ଚଳରେ ୧୧ ସିଏସ୍ଆର୍ ପ୍ରକଳ୍ପ ଅନୁମୋଦିତ

**ବେଲପାହାଡ଼, ୨।୩(ଡି.ଏନ.ଏ.)**

ବେଲପାହାଡ ପୌରାଞ୍ଚଳରେ ଏମ୍‌ସିଏଲ୍‌ର ଦୁଇଟି କୋଇଲା ଖଣି କ୍ଷେତ୍ର ରହିଛି। କୋଇଲା ପରିବହନ ପାଇଁ ବେଲପାହାଡ଼ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଏମ୍‌ସିଏଲ୍ ଅର୍ଥ ପ୍ରଦାନ କରିଥିଲେ ବି ୩ବର୍ଷ ହେବ ଏହି ରାସ୍ତା ହୋଇ ପାରୁନାହିଁ। ଏପରିସ୍ଥଳେ ପୌରାଞ୍ଚଳରେ ୧୧ ପ୍ରକଳ୍ପ କରିବାକୁ ଏମ୍‌ସିଏଲ୍ ରାଜି ହେବା ସହିତ ଅନୁମୋଦନ କରିଥିବା ଜଣାପଡିଛି। ନଗରପାଳ ନିମାଇଁ ପଣ୍ଡାଙ୍କ ଦ୍ୱାରା ଏହି ପ୍ରକଳ୍ପ ଅନୁମୋଦିତ ହେବା ସହ ଏନ୍‌ଓସି ପ୍ରଦାନ କରାଯାଇଛି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ସମଡା ପ୍ରାଥମିକ ସ୍କୁଲ ଖାଇବା ଘର, ଜାମକାନୀ ସ୍କୁଲର ଅତିରିକ୍ତ କ୍ଲାସରୁମ, ଗୁମାଡେରା କଟାର ନବୀକରଣ, ସଫେଇ ଓ ପଥର ପ୍ୟାକିଂ, ଧଉରାମୁ କମ୍ୟୁନିଟି ଟଏଲେଟ ନିର୍ମାଣ ଆଦି ରହିଛି। ପ୍ରକଳ୍ପଗୁଡିକୁ ଏମ୍‌ସିଏଲ୍ ଲଖନପୁର ଖଣି କ୍ଷେତ୍ର ଅନୁମୋଦନ କରିଛି। ଜିଲାପାଳ ଏମ୍‌ସିଏଲ୍‌କୁ ବୁଧବାର ଚିଠି ନଂ.୧୮୯୨ରେ ସୁପାରିସ କରିଥିବା ଜଣାପଡିଛି।

# ଶ୍ୟାମ ଫାଲଗୁନ ମହୋତ୍ସବ ଆରମ୍ଭ



ମହୋତ୍ସବରେ ଉପସ୍ଥିତ ମହିଳାମାନେ।

**ରାଉରକେଲା ଅଫିସ,୨।୩**

ରାଉରକେଲା ଶ୍ୟାମ ମନ୍ଦିରରେ ତ୍ରିଦିବସୀୟ ୪୧ତମ ଶ୍ୟାମ ଫାଲଗୁନ ମହୋତ୍ସବ ଗୁରୁବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏ ଅଖଣ୍ଡ ଜ୍ୟୋତି ପାଠ କରାଯାଇଥିଲା। ଏଥିରେ ୧୫୧ଜଣ ମହିଳା ଲାଲ ବସ୍ତ୍ର ପରିଧାନ କରି ଶ୍ୟାମଙ୍କ ମଙ୍ଗଳପାଠ କରିଥିଲେ। ମହୋତ୍ସବରେ ରାଉରକେଲା ସମେତ ବୀରମିତ୍ରପୁର, ରାଜଗାଙ୍ଗପୁର, ବିଶ୍ରା ଆଦି ଅଞ୍ଚଳର ଶତାଧିକ ମହିଳା ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଝାଡ଼ଖଣ୍ଡ ଚକ୍ରଧରପୁରର ଧର୍ମେନ୍ଦ୍ର କେଜରିୱାଲ ଜ୍ୟୋତିପାଠରେ ପେସରୋହିତ୍ୟ କରିଥିଲେ।

# ଆଗକୁ ହୋଲି, ଖୋଲିଲା ରଙ୍ଗ ପସରା

**ରାଉରକେଲା ଅଫିସ,୨।୩**

ଆଉ ଛଅ ଦିନ ପରେ ରଙ୍ଗର ଖେଳ ହୋଲି ପାଳନ ହେବ। ଏହାକୁ ନେଇ ରାଉରକେଲା ସହରରେ ଉତ୍ସାହ ଦେଖାଦେଇଛି। କରୋନାର ଦୁଇ ବର୍ଷ ପରେ ରଙ୍ଗର ପର୍ବ ହୋଲିକୁ ପାଳନ କରିବା ପାଇଁ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ସେହିପରି ହୋଲି ପାଇଁ ବଜାରରେ ରଙ୍ଗ ପସରା ଖୋଲିଲାଣି। ସହର ମଧ୍ୟରେ ଶହେରୁ ଊର୍ଦ୍ଧ୍ୱ ରଙ୍ଗ ଦୋକାନ ରହିଥିବାବେଳେ ଡେଲିମାର୍କେଟ, ବାସନ୍ତୀ କଲୋନୀ, ଟ୍ରାଫିକ୍ ଗେଟ, ଆମ୍ରଗାନ, ଛେଣ୍ଡ ବଜାରରେ ହୋଲି ପାଇଁ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି । ବିଭିନ୍ନ ରଙ୍ଗର ଅବିର, ମୁଣ୍ଡଫଟା ରଙ୍ଗ, ବାର୍ନିସ ସାଙ୍ଗକୁ ଖୋଲିଛି ଅନେକ ପ୍ରକାର ରଙ୍ଗର ପସରା। ଲୋକେ ମଧ ରଙ୍ଗ ନେବାକୁ ଦୋକାନରେ ଭିଡ ଜମାଇଲେଣି।

ଚଳିତବର୍ଷ ବ୍ୟବସାୟୀମାନେ ପଡୋଶୀ ଝାଡ଼ଖଣ୍ଡ ଓ କୋଲକତାରୁ ରାଉରକେଲାକୁ ରଙ୍ଗ ଆଣି ବିକୁଛନ୍ତି। ସହରର ବିଭିନ୍ନ କ୍ଲବରେ ମଧ୍ୟ ଏହି ରଙ୍ଗର ପର୍ବ ପାଳନ କରିବା ପାଇଁ ଯୋଜନା ରହିଛି। ବଜାରରେ ଲୋକମାନଙ୍କ ପସନ୍ଦକୁ ଆଖି



ରାଉରକେଲା ସହରରେ ଖୋଲିଥିବା ରଙ୍ଗ ପସରା।

ଆଗରେ ରଖି ବ୍ୟବସାୟୀମାନେ ରଙ୍ଗର ଦାମ୍ ରଖିଛନ୍ତି। ବିଭିନ୍ନ ଦୋକାନରେ ବାସନାଯୁକ୍ତ ଅବିର ମୂଲ୍ୟ କିଲୋ ପିଛା ୨ଶହ ଟଙ୍କା ଥିବାବେଳେ ବାର୍ନିସ ରଙ୍ଗ ବୋତଲ ପିଛା ୨୦ରୁ ୫୦ ଟଙ୍କାରେ ବିକ୍ରି କରାଯାଉଛି । ସେହିପରି ମୁଣ୍ଡଫଟା ରଙ୍ଗ ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଛି। ଏଥିସହ ସହରର କିଛି ବସ୍ତି ତଳି ଅଞ୍ଚଳରେ କେମିକାଲ ମିଶା ରଙ୍ଗ ପ୍ରସ୍ତୁତି ହେଉଥିବା ଅଭିଯୋଗ ହେଉଛି। ମଧୁସୂଦନପାଲି, ନାଲାରୋଡ, ଲୁହାକେରା, ମାଲଗୋଦାମ, ଫଟାପାଇପ କଲୋନୀରେ କିଛି ବ୍ୟବସାୟୀ ରଙ୍ଗ ଓଜନ ଅଧିକ ବଢ଼ାଇବା ପାଇଁ ଅବିରରେ କରତଗୁଣ୍ଡ, ବାଲି ଓ ଧଳା ଚୂନ ମିଶାଉଥିବାବେଳେ ବାର୍ନିସ ରଙ୍ଗକୁ ବହଳିଆ କରିବା ପାଇଁ ଟାୟାର ଗୁଣ୍ଡ ଓ ଟିୟୁବ୍‌କୁ ପୋଡି ମିଶାଯାଉଛି। ଫଳରେ ଚର୍ମରୋଗ ହେବାର ଅଧିକ ଆଶଙ୍କା ରହିଛି। ଏହି ସବୁ ମିଶ୍ରଣ ରଙ୍ଗ ସହରରେ କିଲୋ ପିଛା ୫୦ରୁ ୭୦ ଟଙ୍କା ଭିତରେ ମିଳିଯାଉଛି। ଶସ୍ତାରେ ରଙ୍ଗ ବିକ୍ରି ସହ ଅଧିକ ଲାଭ ପାଇଁ ଏପରି ଅପମିଶ୍ରଣ ହେଉଥିବା କୁହାଯାଉଛି। ଷ୍ଟିଲସିଟି ରାଉରକେଲାରେ ବିକ୍ରି ହେଉଥିବା କେମିକାଲ ରଙ୍ଗ ପ୍ରତି ସାବଧାନ ରହି କିଭଳି ହୋଲିକୁ ହସଖୁସିରେ ପାଳନ କରାଯାଇପାରିବ ସେ ନେଇ ରାଧାକୃଷ୍ଣ ସେବା ଟ୍ରଷ୍ଟ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଉଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଲହୁଣୀପଡ଼ା,୨।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ଅନ୍ତେଇଟଲା ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି । ତାଙ୍କ ପରିଚୟ ମିଳି ପାରିନାହିଁ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ମୃତକଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହୋଇଥିବା ପୋଲିସ ଅନୁମାନ କରୁଛି ।

# ଜଳିଗଲା ଟ୍ରକ: ଅଳ୍ପକେ ବର୍ତ୍ତିଲେ ଚାଳକ

**ଲହୁଣୀପଡା,୨।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର ଚୁନାଘାଟିଠାରେ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଏକ ଟ୍ରକ ଭାରସାମ୍ୟ ହରାଇ ଘାଟି ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଟ୍ରକରେ ନିଆଁ ଲାଗି ଜଳି ଯାଇଥିଲେ ହେଁ ଚାଳକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ୧୧ ମହିଳା ପାଇଲେ ସାଇକେଲ




ସାଇକେଲ ପାଇଥିବା ମହିଳାମାନେ।

**ରାଉରକେଲା ଅଫିସ,୨।୩**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲୋକସେବା ଭବନ ସ୍ଥିତ କନ୍‌ଭେନସନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ସହରାଞ୍ଚଳରେ କାମ କରୁଥିବା ମିଶନ ଶକ୍ତି ମହିଳାମାନଙ୍କୁ ସାଇକେଲ ବଣ୍ଟନ କରିଛନ୍ତି। ଏହି କ୍ରମରେ ଗୁରୁବାର ରାଉରକେଲା ନେତାଜୀ ସୁବାଷ ଚନ୍ଦ୍ର ବୋଷ ପାର୍କ ପରିସରରେ ୧୧ଜଣ ମହିଳାଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ମହାନଗର ନିଗମ ଆୟୁକ୍ତ ଡଃ ଶୁଭଙ୍କର ମହାପାତ୍ର, ଉପାୟୁକ୍ତ ସୁଧାଂଶୁ ଭୋଇ, ସୁକାନ୍ତ କୁମାର ବେଉରା, ରୋନିତ କୁମାର ପ୍ରମୁଖ ସାଇକେଲ ବଣ୍ଟନ କରିଥିଲେ। ଆଗାମୀ ଦିନରେ ଅନ୍ୟ ଗୋଷ୍ଠୀ ମହିଳା ସହଭାଗୀଙ୍କୁ ମଧ ସାଇକେଲ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷେ ସାଇକେଲ ପାଇବା ପରେ ଏହି ମହିଳାମାନେଖୁସି ପ୍ରକାଶ କରିଛନ୍ତି। ଖୋଲାପାଦରେ ନିଜ କାମକୁ ଆସୁଥିଲୁ, ଏବେ ସାଇକେଲରେ କର୍ମକ୍ଷେତ୍ରକୁ ଆସିବୁ ବୋଲି ସେମାନେ କହିଛନ୍ତି ।

# ଟ୍ରକ୍-ହାଇୱା ମୁହାଁମୁହିଁ: ଚାଳକ ଗୁରୁତର

**କୋଲାବିରା,୨।୩ (ଡି.ଏନ.ଏ.)**



କୋଲାବିରା ଥାନା ଅନତି ଦୂର ଏନ୍ଏଚ୍ ୪୯ ଗ୍ୟାସ୍ ଡିପୋ ସାମ୍ନାରେ ଗୁରୁବାର ଏକ କୋଇଲା ବୋଝେଇ ଟ୍ରକ୍ ସହ ହାଇୱା ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡିର ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଳଚେର ଅଞ୍ଚଳରୁ କୋଇଲା ବୋଝେଇ ଟ୍ରକ୍ (ଓଡି୧୯କ୍ୟୁ-୧୬୦୮) ରାୟଗଡକୁ ଯାଉଥିବା ବେଳେ ଝାରସୁଗୁଡା ପଟୁ ଆସୁଥିବା ହାଇୱା (ଓଡି୨୩ଏନ-୭୯୪୫) ସହ ଧକ୍କା ଦେଇଥିଲା। ଫଳରେ ହାଇୱା ସମ୍ମୁଖ ଭାଗ ଚୁରମାର ହେବା ସହିତ କ୍ୟାବିନ ଭିତରେ ଚାଳକ ପ୍ରେମଚାନ୍ଦ ଧୁରୁଆ ଚାପିହୋଇ ରହିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପଠାଯାଇଥିଲା। ସେହିପରି ଟ୍ରକ୍ ଚାଳକ ଛେଣ୍ଡିପଦାର ରିଙ୍କୁ ସେଠୀ ଆହତ ହୋଇଥିବାରୁ ତାଙ୍କୁ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ଯୋଗୁ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କୋଲାବିରା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ଗାଡି ଜବତ କରି ତଦନ୍ତ ଜାରି ରଖିଛି।

# ବିଦ୍ୟାର୍ଥୀଙ୍କୁ ୧୪.୭ ଲକ୍ଷ ବୃତ୍ତିରାଶି ଦେଲା ଆର୍ଏସ୍‌ପି

**ରାଉରକେଲା ଅଫିସ,୨।୩**

ରାଉରକେଲା ଇସ୍ପାତ କାରଖାନାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶସ୍ୱରୂପ ବୃତ୍ତିଗତ ଶିକ୍ଷାଲାଭ ପାଇଁ ସୁନ୍ଦରଗଡ ଜିଲା ଆଦର୍ଶ ଇସ୍ପାତ ଗ୍ରାମ ପୁନର୍ବସତି କଲୋନୀର ୪୯ଜଣ ଅନୁସୂଚିତ ଜାତି, ଜନଜାତି ଏବଂ ଗରିବ ବର୍ଗର ଛାତ୍ରୀଛାତ୍ରଙ୍କୁ ୧୪.୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ସିଏସ୍ଆର ବିଭାଗ ସିଜିଏମ୍ ଏ. କେ. ନାୟକ ମୁଖ୍ୟଅତିଥି, ସହର ପ୍ରଶାସନ ବିଭାଗ ସିଜିଏମ୍ ପି. କେ. ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍ଆର୍ ବିଭାଗର ମହାପ୍ରବନ୍ଧକ




ଅତିଥିମାନଙ୍କ ଗହଣରେ ବୃତ୍ତିରାଶି ଗ୍ରହଣ କରିଥିବା ଛାତ୍ରୀଛାତ୍ରଗଣ।

ସୁଶ୍ରୀ ମୁନମୁନ୍ ମିତ୍ରା, ଏଜିଏମ୍ ଟି. ବି. ଟପ୍ପୋ ଏବଂ ସିଏସ୍ଆର ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ବେନେଡିକ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବାର୍ଷିକ ୩୦ହଜାର ଟଙ୍କା ହାରରେ ପ୍ରତି ବିଦ୍ୟାର୍ଥୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଇଞ୍ଜିନିୟରିଂ ଭଳି ୪ବର୍ଷିୟା ସ୍ନାତକ ପାଠ୍ୟକ୍ରମ ପାଇଁ ୧ଲକ୍ଷ ୨୦ହଜାର ଟଙ୍କା, ୫ବର୍ଷିୟା ଏମ୍‌ବିବିଏସ୍ ଡାକ୍ତର ଡିଗ୍ରୀ ନିମନ୍ତେ ୧ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଗଲା। ଯୋଜାନା ମୁତାବକ ପ୍ରତ୍ୟେକ ବର୍ଷ ବୃତ୍ତିଗତ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ୨୦ଜଣ ବିଦ୍ୟାର୍ଥୀ (୧୦ଛାତ୍ରୀ ଓ୧୦ଛାତ୍ର) ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଥିବା ୧୦ବିଦ୍ୟାର୍ଥୀ (୫ଛାତ୍ରୀ ଓ ୫ଛାତ୍ର)ଙ୍କୁ ବୃତ୍ତି ନିମନ୍ତେ ଚୟନ କରାଯାଇଛି। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କୁ କିସ୍ତିରେ ପ୍ରତ୍ୟେକ ବର୍ଷ ଉକ୍ତ ବୃତ୍ତି ଅର୍ଥରାଶି ସେମାନଙ୍କ ଅଧ୍ୟୟନର ବାର୍ଷିକ ପ୍ରଦର୍ଶନ ଏବଂ ପାଠ୍ୟକ୍ରମ ଜାରି ସମ୍ବନ୍ଧୀୟ ପ୍ରମାଣପତ୍ର ଆଧାରରେ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ବିକ୍ଷୋଭ ନାମରେ ଭାଜପା ଯୁବମୋର୍ଚ୍ଚାର ଅରାଜକତା

**ସମ୍ବଲପୁର,୨।୩(ବ୍ୟୁରୋ):** ଭାଜପା ଯୁବମୋର୍ଚ୍ଚା କର୍ମୀ ବିକ୍ଷୋଭ ନାମରେ ଅରାଜକତା କରୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଭାଜପା ଯୁବମୋର୍ଚ୍ଚାର କର୍ମୀଙ୍କ ଆନ୍ଦୋଳନ ତଥା ପୋଲିସ ପ୍ରତି ଆଚରଣକୁ ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଦୃଢ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ରହିଛି। ମାତ୍ର ପ୍ରତିବାଦ ନାମରେ ଅରାଜକତା ଗ୍ରହଣୀୟ ନୁହେଁ।

### ପୋଲିସ ଆଇଜିଙ୍କୁ ଦାବିପତ୍ର ଦେଲେ ଗଣମାଧ୍ୟମ ପ୍ରତିନିଧି

**ସମ୍ବଲପୁର,୨।୩ (ବ୍ୟୁରୋ):** ବରଗଡ଼ ଜିଲା ବୁଢ଼ାମାଲ ଗ୍ରାମରେ କାର୍ଯ୍ୟରତ ୨ ଜଣ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ଗୁରୁବାର ପୋଲିସ ଆଇଜି କାର୍ଯ୍ୟାଳୟରେ ସମ୍ବଲପୁରର ଗଣମାଧମ ପ୍ରତିନିଧିମାନେ ଆଇଜି ଡ଼. ଦୀପକ କୁମାର ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ବୁଢ଼ାମାଲଠାରେ ଖବର ସଂଗ୍ରହ କରି ଫେରୁଥିବା ସମୟରେ ୨ ଜଣ ଖବରଦାତାଙ୍କୁ କେତେଜଣ ଅସାମାଜିକ ଲୋକ ଆକ୍ରମଣ କରିବାରୁ ସେମାନେ ଆହତ ହୋଇଛନ୍ତି। ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ତେବେ ପୋଲିସ ଆଇଜି ଦୀପକ କୁମାର ଏହି ଘଟଣାରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଉଚ୍ଚବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

**ନାକଟିଦେଉଳ,୨।୩(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ବଳମ ଉଚ୍ଚବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଲୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ବ୍ଲକ ଯୁବ ବିଜେଡି ସଭାପତି ଧୀରେନ କୁମାର ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧାପକ ଡ. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ବଳମ ସରପଞ୍ଚ ଅନୁପମା ଗଡ଼ନାୟକ, ସମିତିସଭ୍ୟା ଭାରତୀ ନାଏକ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ବିପିନ ବିହାରୀ ପ୍ରଧାନ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଶିକ୍ଷକ ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବୃଦ୍ଧାଶ୍ରମରେ ହୋଲି କାର୍ଯ୍ୟକ୍ରମ

**ସମ୍ବଲପୁର,୨।୩(ବ୍ୟୁରୋ):** ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଫୁଲଝରଣସ୍ଥିତ ବୃଦ୍ଧାଶ୍ରମ ଓ ବାଳଶ୍ରମରେ ହୋଲି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହିଳା ମଣ୍ଡଳ ଅଧକ୍ଷା ପଦ୍ମଜା ସିଂଙ୍କ ନେତୃତ୍ୱରେ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ଆଶ୍ରମର ୨୪ ବୃଦ୍ଧ ଓ ୮୪ ଜଣ ପିଲାଙ୍କ ସହ ମହିଳା ମଣ୍ଡଳ କର୍ମକର୍ତ୍ତା ସାମିଲ ହୋଇଥିଲେ। ବୃଦ୍ଧାମାନଙ୍କୁ ଉପହାର ସ୍ୱରୂପ ଶାଢ଼ି ଓ ପିଲାମାନଙ୍କୁ ପାଠ୍ୟ ଉପକରଣ ଦିଆଯାଇଥିଲା।

# ବିଏସ୍‌କେୱାଇରେ ସାମିଲ ହେବେ ୧୨,୩୯୮ କେନ୍ଦୁପତ୍ର ତୋଳାଳି

## ଜିଲା ପ୍ରଶାସନ ସହ ସଂଘର ଆଲୋଚନା



ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ସଂଘ କର୍ମକର୍ତ୍ତା।

**ସମ୍ବଲପୁର,୨।୩(ବ୍ୟୁରୋ)**

ସମ୍ବଲପୁର ଜିଲାର ବିଭିନ୍ନ ଡିଭିଜନରେ କେନ୍ଦୁପତ୍ର ତୋଳାଳି ଏବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସାମିଲ ହୋଇ ଚିକିତ୍ସା ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅନୁମୋଦନ କ୍ରମେ ଜିଲାରେ କିଭଳି ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହେବ ସେ ନେଇ କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଜିଲାପାଳ ଅନନ୍ୟା ଦାସ ଓ ସିଡିଏମ୍‌ଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ଭେଟି ଆଲୋଚନା କରିଛନ୍ତି। ୨୦୨୨ ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯିବା ପାଇଁ ଘୋଷଣା କରିଥିଲେ। ଘୋଷଣା ପୂର୍ବରୁ ରାଶନ କାର୍ଡକୁ ଆଧାର କରି କାର୍ଡ ପ୍ରଦାନ କରାଯାଇଥିବାରୁ ଜିଲାର ବହୁ କେନ୍ଦୁପତ୍ର ତୋଳାଳି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି। ସେଥିମଧ୍ୟରେ ସମ୍ବଲପୁର କେନ୍ଦୁପତ୍ର ଡିଭିଜନରେ ଥିବା ୨୯୦୨୩ ତୋଳାଳି ମଧ୍ୟରୁ ୪୯୯୬, ରେଢ଼ାଖୋଲ ଡିଭିଜନର ୨୭୨୬୧ରୁ ୩୯୩୩, କୁଚିଣ୍ଡା ଡିଭିଜନର ୩୯୮୭୯ରୁ ୩୪୬୯ ମୋଟ ୧୨୩୯୮ଜଣ ତୋଳାଳି ରହିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ରାଶନକାର୍ଡ ବାଧ୍ୟତାମୂଳକ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ନିୟମକୁ କୋହଳ କରାଯାଇଥିବାରୁ ଏମାନେ ସାମିଲ ହୋଇପାରିବେ ବୋଲି ଆଶା ଉଜ୍ଜୀବିତ ହୋଇଛି। କେନ୍ଦୁପତ୍ର ପରିଚୟପତ୍ର ଥିବା ପରିବାର ମଧ୍ୟ ଏହି ଯୋଜନାରେ ସାମିଲ ହୋଇପାରିବେ। ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନ ଥିବା ତୋଳାଳିଙ୍କ କେନ୍ଦୁପତ୍ର ପରିଚୟ ପତ୍ରକୁ ଆଧାର କରି ବିଏସ୍‌କେୱାଇ କାର୍ଡ ପ୍ରଦାନ କରିବା ନିଷ୍ପତ୍ତି ଦ୍ୱାରା ଓଡ଼ିଶାର ପ୍ରାୟ ଦେଢ ଲକ୍ଷ ତୋଳାଳି ଲାଭବାନ ହେବେ ବୋଲି ମହାନ୍ତି କହିଛନ୍ତି।

## ମିଶନ ଶକ୍ତି ମହିଳାଙ୍କୁ ସାଇକେଲ ବଣ୍ଟନ

**ଦେବଗଡ,୨।୩(ଡି.ଏନ.ଏ.)**

ଗୋଷ୍ଠୀ ସହଭାଗିତାରେ ସାମିଲ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ୬୦ଜଣ ସଦସ୍ୟାଙ୍କୁ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସାଇକେଲ ବଣ୍ଟନ କରାଯାଇଛି। ପୌର ପରିଷଦ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ପୌର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ପୌରାଞ୍ଚଳରେ କାର୍ଯ୍ୟରତ ଜଳସାଥୀ, ଆହାର କେନ୍ଦ୍ରରେ କାର୍ଯ୍ୟରତ କର୍ମୀ, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ଭାବେ କାର୍ଯ୍ୟରତ ମିଶନ ଶକ୍ତି ମହିଳା ସଦସ୍ୟାଙ୍କୁ ସାଇକେଲ ବଣ୍ଟନ କରିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଜିଲାପାଳ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ଅନ୍ୟମାନେ।

**ଦେବଗଡ଼,୨।୩(ଡି.ଏନ.ଏ.)**

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରି ମହିଳାମାନେ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ ହେବା ସହିତ ସେମାନଙ୍କ ଅଧିକାର ଏବଂ ସମାଜ ପ୍ରତି ଥିବା ଦାୟିତ୍ୱ ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ମହିଳାମାନଙ୍କ ସୁରକ୍ଷା ଏବଂ ଶାରୀରିକ ତଥା ମାନସିକ ବିକାଶ ନିମନ୍ତେ କାର୍ଯ୍ୟକାରୀ କରାଯାଉଥିବା ସୁସ୍ଥ ମା' ସୁସ୍ଥ ଶିଶୁ ଉପରେ ସେ ଆଲୋକପାତ କରିଥିଲେ। ବାଲ୍ୟବିବାହ ରୋକିବା ଏବଂ କନ୍ୟା ସନ୍ତାନର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ମାର୍ଚ୍ଚ ୮ରେ ପଡୁଥିବାରୁ ହୋଲି ପାଇଁ ୬ ତାରିଖରେ ବଡ଼ବଗିଚାଠାରେ ପାଳନ କରାଯିବ ବୋଲି ସୂଚନା ଦିଆଯାଇଥିଲା। କର୍ମଶାଳାରେ ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଧନଞ୍ଜୟ ମହାନ୍ତ, ଜିଲା ସମାଜ କଲ୍ୟାଣ ଅଧିକାରୀ ନରହରି ସିଂହ, ପରାମର୍ଶଦାତା ପିଙ୍କିରାଣୀ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଜିଲା ସଂଯୋଜକ ପୀତବାସ ବେହେରା, ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଦେବଗଡ଼,୨।୩(ଡି.ଏନ.ଏ.)**

ଦେବଗଡ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ତିଲେଇବଣି ବ୍ଲକ ସୁଗୁଡା ସ୍ଥିତ ଅପୂର୍ବ ସରକାରୀ ଉଚ୍ଚବିଦ୍ୟାଳୟରେ ମୋଟ ୧୦୦ ଛାତ୍ରୀଙ୍କୁ ନେଇ ଚାଲିଥିବା ରାଣୀ ଲକ୍ଷ୍ମୀବାଈ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ରାମେଶ୍ୱର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସରପଞ୍ଚ କୁନୁ ବେହେରା ମୁଖ୍ୟଅତିଥି, ଜିଲା କ୍ରୀଡ଼ା ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ବରିଷ୍ଠ ଶିକ୍ଷୟିତ୍ରୀ ଅରୁଣା କୁମାରୀ ନାଥ ଓ ସିଆରସିସି ପ୍ରାଣବନ୍ଧୁ ଘଡେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କ ମଧ୍ୟରୁ ପ୍ରୀତିପ୍ରଜ୍ଞା ସାହୁ, ଦୀପିକା ପ୍ରିୟଦର୍ଶିନୀ ସାହୁ ଓ ଅମ୍ରିତା ପ୍ରଧାନ ପ୍ରମୁଖ ନିଜ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଶେଷରେ ତାଲିମ ନେଇଥିବା ଛାତ୍ରୀମାନଙ୍କ ଦ୍ୱାରା ଆତ୍ମରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶିତ ହୋଇଥିଲା। ମାଷ୍ଟର ଟ୍ରେନର କ୍ରୀଡା ଶିକ୍ଷୟିତ୍ରୀ କିରନ ଟପ୍ପୋ ଓ ହାନସା ହେନେଜ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ଦୀପିକା ମଞ୍ଜି, ରଶ୍ମିତା ପ୍ରଧାନ ଓ ପରମେଶ୍ୱର ସିଂ ସହଯୋଗ କରିଥିଲେ।

# ଜିଲାର ୪୮୧ଜଣଙ୍କୁ ସାଇକେଲ ବଣ୍ଟନ



କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

**ସମ୍ବଲପୁର,୨।୩(ବ୍ୟୁରୋ)**

### ଗୋଷ୍ଠୀ ସହଭାଗିତା କାର୍ଯ୍ୟକ୍ରମ

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଆୟୋଜିତ ଗୋଷ୍ଠୀ ସହଭାଗିତା କାର୍ଯ୍ୟକ୍ରମରେ ରାଜ୍ୟର ୧୧୫ଟି ସହରାଞ୍ଚଳର ୮ହଜାର ସହଭାଗୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଇକେଲ ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରରେ ୪୮୧ ଜଣଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅନନ୍ୟା ଦାସ ଯୋଗଦେଇ ସାଇକେଲ ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଡେପୁଟି କମିଶନର ଶଙ୍କର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ରଙ୍କ ସମେତ ମହାନଗର ନିଗମ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟ କରିବାରେ ସୁବିଧା ନିମନ୍ତେ ସହରାଞ୍ଚଳରେ କାର୍ଯ୍ୟରତ ଜଳ ସାଥୀ, ଆହାର କର୍ମୀ, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜରମାନଙ୍କୁ ମୁଖ୍ୟମନ୍ତ୍ରୀ ସାଇକେଲ ବଣ୍ଟନ କରିଛନ୍ତି।

# ଧାରଣାରେ ବସିଲେ ସରପଞ୍ଚ, ଗ୍ରାମବାସୀ

## ବ୍ଲକ ପ୍ରଶାସନର ମନମୁଖି କାର୍ଯ୍ୟର ପ୍ରତିବାଦ

**ରିଆମାଳ,୨।୩(ଡି.ଏନ.ଏ.)**



ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି।

ଦେବଗଡ଼ ଜିଲା ରିଆମାଳ ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଟୁହିଲାମାଳ ସରପଞ୍ଚ ଜଳି ନାୟକ ସମସ୍ତ ୱାର୍ଡ ମେମ୍ବରଙ୍କ ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣାରେ ବସିଛନ୍ତି। ସରପଞ୍ଚ ଭାବେ ନିର୍ବାଚିତ ହେବାର ବର୍ଷେ ପରେ ମଧ୍ୟ ବ୍ଲକ ପ୍ରଶାସନର କିଛି ଅଧିକାରୀ ପଞ୍ଚାୟତକୁ ସହଯୋଗ କରୁନାହାନ୍ତି ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି। ଫଳରେ ଜନସାଧାରଣ ଜଳ, ରାସ୍ତା, ଆବାସ ତଥା ଅନ୍ୟାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏପରିକି ପଞ୍ଚାୟତ କାର୍ଯ୍ୟରେ ବାଧା ସୃଷ୍ଟି କରି ସରପଞ୍ଚଙ୍କୁ ଅପାରଗ ପ୍ରମାଣ କରିବାକୁ ଚେଷ୍ଟା କରାଯାଉଥିବା ସରପଞ୍ଚ ନାୟକ କହିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ବହୁବାର ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଫଳରେ ଏହାର ପ୍ରତିବାଦରେ ସରପଞ୍ଚ ନାୟକ, ସମସ୍ତ ୱାର୍ଡସଭ୍ୟ ଏବଂ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

**ସମ୍ବଲପୁର,୨।୩(ବ୍ୟୁରୋ)**

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଗୁରୁବାର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୋମାଲୋଇ ପଞ୍ଚାୟତର ଶତାଧିକ ଜନସାଧାରଣ କଳସ ଯାତ୍ରାରେ ନଗର ପରିକ୍ରମା କରିଥିଲେ। ଉପସଭାପତି ଓ ମାନବ ସମ୍ବଳ ବିଭାଗୀୟ ମୁଖ୍ୟ ଡା. ବିବେକାନନ୍ଦ ମିଶ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଶ୍ୱେତା ଉପାଧ୍ୟାୟ, ଭବାନୀ ମହାପାତ୍ର, ସୌମ୍ୟା ମହାନ୍ତି, ମନୋରଞ୍ଜନ ବେହେରା, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବୋମାଲୋଇ ସରପଞ୍ଚ ସରସ୍ୱତୀ ପଧାନ, ମନ୍ଦିର ପରିଚାଳନା କମିଟି ସଦସ୍ୟ ଶେଷଦେବ ପଧାନ ଯୋଗଦାନ କରିଥିଲେ।

# କୋଲ୍ ଇଣ୍ଡିଆ ପୁରସ୍କୃତ



କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ନିର୍ଦ୍ଦେଶକ ପୁରସ୍କାର ଗ୍ରହଣ କରୁଛନ୍ତି।

**ସମ୍ବଲପୁର,୨।୩(ବ୍ୟୁରୋ)**

ଆଇଆଇଏସ୍‌ଡବ୍ଲ୍ୟୁବିଏମ୍ ଡେବ ଅଲରିଚ ଏଚ୍‌ଆର୍ ଏକ୍ସଲେନ୍ସ ଆୱାର୍ଡରେ କୋଲ୍ ଇଣ୍ଡିଆ ପୁରସ୍କୃତ ହୋଇଛି। କୋଲକାତାଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସମ୍ମିଳନୀରେ କାର୍ଯ୍ୟକ୍ଷେତ୍ର-୨୦୨୩ ସକାଶେ କୋଇଲା ଇଣ୍ଡିଆ ଲିମିଟେଡ (ସିଆଇଏଲ୍)କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କୋଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ନିର୍ଦ୍ଦେଶକ (ପି ଆଣ୍ଡ ଆଇଆର୍) ବିନୟ ରଞ୍ଜନ ଯୋଗଦେଇ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ବ୍ୟବସାୟିକ ସଫଳତାର ଏକ ଅଂଶ ଭାବରେ ଅନ୍ତର୍ଭୁକ୍ତିକୁ ଗୁରୁତ୍ୱ ଦେଇଥିବାରୁ କୋଇଲା ଇଣ୍ଡିଆ ଲିମିଟେଡ ପୁରସ୍କୃତ ହୋଇଛି। ଏହି ପୁରସ୍କାର କୋଇଲା ଇଣ୍ଡିଆ ଦ୍ୱାରା ବିବିଧତା ଓ ବ୍ୟକ୍ତିଗତକରଣକୁ ଦିଆଯାଇଥିବା ଗୁରୁତ୍ୱକୁ ସ୍ୱୀକୃତି ଦେଇଥାଏ ବୋଲି ମହାନଦୀ କୋଇଲା କମ୍ପାନୀ ପ୍ରେସ ବିବୃତିରେ ସୂଚିତ କରିଛି।

# ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ପରିଦର୍ଶନ କଲେ ନିଟ୍ ଛାତ୍ରୀଛାତ୍ର

**ରେଙ୍ଗାଲି,୨।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ପରିଦର୍ଶନ କରିଛନ୍ତି ନିଟ୍ ଛାତ୍ରୀଛାତ୍ର। ଭାରତ ସରକାରଙ୍କ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅନୁଯାୟୀ ଗୁରୁବାର ରାଉରକେଲା ସଂଯୋଜକଙ୍କ ତତ୍ତ୍ୱାବଧାନରେ ସିକିମର ନିଟ୍ ଛାତ୍ରୀଛାତ୍ର ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ପରିଦର୍ଶନ କରିଥିଲେ। ସୁରେନ୍ଦ୍ର ସାଏ ସ୍ମୃତି ସଂସଦ ଓ ମାତୃଭୂମି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଛାତ୍ରୀଛାତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁରେନ୍ଦ୍ର ସାଏ ସ୍ମୃତି ସଂସଦର ସନ୍ତୋଷ ବିଶ୍ୱାଳ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ, ସଂଗ୍ରାମ ଓ ବଳିଦାନ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମାତୃଭୂମି ସ୍ୱେଚ୍ଛାସେବୀ ସଂଗଠନର ହେମନ୍ତ କୁମାର ପାଣ୍ଡେ ପ୍ରତ୍ୟେକଙ୍କୁ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ପୁସ୍ତିକା ପ୍ରଦାନ କରିଥିଲେ।



ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ତଳେ ଛାତ୍ରୀଛାତ୍ର।

# ମାର୍ଚ୍ଚ ୧୬ରେ ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

- ସାମିଲ ହେବେ ୮ ଜିଲାର ୯୭୦ ଯାତ୍ରୀ, ୩୦ ଅଫିସର

**ସମ୍ବଲପୁର,୨।୩(ବ୍ୟୁରୋ)**



ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

ଓଡିଶା ପର୍ଯ୍ୟଟନ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ମାର୍ଚ୍ଚ ୧୬ରେ ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ଆରମ୍ଭ ହେବ। ଏହା ୨୨ ମାର୍ଚ୍ଚ ପର୍ଯ୍ୟନ୍ତ ରହିଛି। ଏହି ଯାତ୍ରାରେ ସମ୍ବଲପୁର ଜିଲାର ୧୧୨, ବରଗଡର ୧୫୯, ଦେବଗଡର ୩୩, ଝାରସୁଗୁଡ଼ାର ୬୨, ସୁନ୍ଦରଗଡ଼ର ୨୨୫, ବଲାଙ୍ଗୀରର ୧୭୭, ସୁବର୍ଣ୍ଣପୁରର ୬୫ ଓ ଅନୁଗୋଳ ଜିଲାର ୧୩୭ଜଣ ମୋଟ ୯୭୦ ବରିଷ୍ଠ ନାଗରିକ ସାମିଲ ହେବେ। ପୂର୍ବ ନିର୍ଦ୍ଧାରିତ ଅନୁସାରେ ସାଥିରେ ୩୦ ଜଣ ଅଫିସରଙ୍କୁ ମିଶାଇ ମୋଟ ୧୦୦୦ଜଣ ଯାତ୍ରା କରିବେ ବୋଲି ଜିଲାପାଳ ଅନନ୍ୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଥିଲା। ତୀର୍ଥଯାତ୍ରୀମାନେ ଶିରିଡି ଓ ନାସିକ ଦର୍ଶନ ପାଇଁ ସ୍ୱତନ୍ତ୍ର ଟ୍ରେନ୍‌ରେ ଯାତ୍ରା କରିବେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୂର୍ଣ୍ଣଚନ୍ଦ୍ର ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗ (ଉତ୍ତରାଞ୍ଚଳ) ଉପନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ଏସ୍‌ଏମ୍‌ସି ଡେପୁଟି କମିଶନର ଶଙ୍କର ସାହୁ, ଡିଏସ୍‌ପି ଡିଆଇବି ଜେମେସ ସମଦ, ଜିଲା କ୍ରୀଡ଼ା ଅଧିକାରୀ ଲୋପାମୁଦ୍ରା କାଲୋ, ଓଏସ୍‌ଡି ପର୍ଯ୍ୟଟନ ହେମନ୍ତ କୁମାର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଅତିରିକ୍ତ ଆର୍‌ଟିଓ ଟିପୁ ସିଂ, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ମନୋନୀତ ବରିଷ୍ଠ ନାଗରିକ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ଜିଲାରୁ ସମ୍ବଲପୁର ଆସିବେ ଓ ସେଠାରୁ ଟ୍ରେନ ଯୋଗେ ଯାତ୍ରା କରିବେ। ସମ୍ବଲପୁରରେ ସେମାନଙ୍କ ପାଇଁ ଅସ୍ଥାୟୀ ରହଣି, ଖାଦ୍ୟପେୟ ବ୍ୟବସ୍ଥା, ପହଞ୍ଚିବା ପରେ ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ଯାତ୍ରା ଆରମ୍ଭରୁ ଫେରି ଘରେ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ସୁବିଧା କରାଯିବା ପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ଆଇଡବ୍ଲ୍ୟୁଏଲ୍ ଟାଇଟଲ ଲକ୍ଷ୍ୟରେ ଶ୍ରଦ୍ଧାଞ୍ଜଳି

**ଦୃଢ଼ ଇଚ୍ଛା ଓ ଅଧ୍ୟବସାୟ ବଳରେ ସବୁକିଛି ସମ୍ଭବ ବୋଲି ପ୍ରମାଣିତ କରିଛନ୍ତି ଶ୍ରଦ୍ଧାଞ୍ଜଳି ପଣ୍ଡା। କେନ୍ଦ୍ରାପଡ଼ା ଆଳିରୁ ଆସିଥିବା ଏହି ୨୪ ବର୍ଷୀୟା ମହିଳା ଫୁଟ୍‌ବଲର ଅନେକ ବାଧାବିଘ୍ନ ଅତିକ୍ରମ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।**

ପ୍ର–ଫୁଟ୍‌ବଲ ପ୍ରତି କିଭଳି ଆକର୍ଷିତ ହେଲେ ?

ଉ: ସ୍କୁଲରେ ପଢ଼ିବା ସମୟରୁ ଖେଳକୁଦ ଭଲ ଲାଗୁଥିଲା। ନବମ ଶ୍ରେଣୀ ପର୍ଯ୍ୟନ୍ତ ଫୁଟ୍‌ବଲ ସମ୍ପର୍କରେ କୌଣସି ଜ୍ଞାନ ନ ଥିଲା। ତେବେ ସାଙ୍ଗମାନଙ୍କୁ ଦେଖି ଫୁଟ୍‌ବଲ ଖେଳିବା ଆରମ୍ଭ କରିଥିଲି।

ପ୍ର–ନିଜ ସମ୍ପର୍କରେ କିଛି କୁହନ୍ତୁ ?

ଉ:ମୁଁ କେନ୍ଦ୍ରାପଡ଼ା ଆଳିର ବାସିନ୍ଦା। ପିତା କରୁଣାକର ପଣ୍ଡା ଜଣେ ରୋଷେୟା ଏବଂ ମା' ପ୍ରମିଳା ପଣ୍ଡା ଗୃହିଣୀ। ନବମ ଶ୍ରେଣୀରୁ ଫୁଟ୍‌ବଲ ଖେଳିବା ଆରମ୍ଭ କରିଥିଲି। ୨୦୧୫ରେ ଆନ୍ତଃସ୍କୁଲ ଜାତୀୟ ଫୁଟ୍‌ବଲ ପାଇଁ ଓଡ଼ିଶା ଦଳ ପକ୍ଷରୁ ମନୋନୀତ ହୋଇଥିଲି। ଏହା ପରଠାରୁ ଆଉ ପଛକୁ ଫେରି ଚାହିଁନି।

ପ୍ର–ଫୁଟ୍‌ବଲ ଆରମ୍ଭରେ କିଛି ଅସୁବିଧା ରହିଥିଲା କି ?

ଉ:ହଁ, ଏକ ସାଧାରଣ ପରିବାରରୁ ଆସିଥିବା ଜଣେ ଝିଅକୁ ଫୁଟ୍‌ବଲ ଖେଳିବାକୁ ଆରମ୍ଭରୁ ବିରୋଧ କରାଯାଇଥିଲା। ଫୁଟ୍‌ବଲ ପ୍ରତି ଥିବା ଭଲପାଇବା କାରଣରୁ ପ୍ରଥମେ ଲୁଚି ଲୁଚି ଖେଳୁଥିଲି। ତେବେ ପ୍ରଥମଥର ପାଇଁ ଓଡ଼ିଶା ଦଳ ଟ୍ରାଏଲରେ ସିଲେକ୍ସନ ହେବା ପରେ ପରିବାର ଲୋକଙ୍କ ଧାରଣା ବଦଳି ଯାଇଥିଲା।

ପ୍ର–ଫୁଟ୍‌ବଲର ଭାବେ ଆପଣଙ୍କ ଆଦର୍ଶ କିଏ ?

ଉ:ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବଂ ପ୍ୟାରୀ ଖାଖାଙ୍କୁ ମୁଁ ମୋର ଆଦର୍ଶ ଭାବରେ ମାନି ଫୁଟ୍‌ବଲର ଯାତ୍ରା ଆରମ୍ଭ କରିଥିଲି। ସୌଭାଗ୍ୟବଶତଃ ଉଭୟଙ୍କ ସହିତ ଖେଳିବାର ସୁଯୋଗ ମଧ୍ୟ ମିଳିଛି। ନନ୍ଦକିଶୋର ସାର୍‌ଙ୍କ ଏକାଡେମୀରେ ଅଭ୍ୟାସ କରିବା ସମୟରେ ଶ୍ରଦ୍ଧାଞ୍ଜଳି ମାଡାମ ଆମର କୋଚ୍ ଥିଲେ। ସେହିପରି ଓଡ଼ିଶା ଏଫ୍‌ସିରେ ପ୍ୟାରୀ ଖାଖାଙ୍କ ନେତୃତ୍ୱରେ ଖେଳିବାର ସୁଯୋଗ ମିଳିଛି।

ପ୍ର–ଚଳିତ ସିଜନରେ ବାଲା ଦେବୀ ଓଏଫ୍‌ସିରେ ଯୋଗଦେଉଛନ୍ତି,




ତାଙ୍କଠାରୁ କ'ଣ ଆଶା ରଖିଛନ୍ତି ?

ଉ:ଭାରତୀୟ ମହିଳା ଦଳର ଅଧିନାୟିକା ଭାବେ ସେ ଆମ ପାଇଁ ପ୍ରେରଣା। ଜଣେ ଫରୱାର୍ଡ ଖେଳାଳି ଭାବରେ ବାଲା ଦେବୀ ବେଶ୍ ପ୍ରସିଦ୍ଧ। ତାଙ୍କ ନିକଟରେ ରହିଥିବା ଅଭିଜ୍ଞତାରୁ ଫାଇଦା ନେବାକୁ ପ୍ରୟାସ କରିବି। ସେ ପ୍ରତିପକ୍ଷ ଡିଫେନ୍ସ ଭେଦ କରିବାକୁ କିଭଳି ଯୋଜନା କରନ୍ତି ତାହା ଜାଣିବାକୁ ଚେଷ୍ଟା କରିବି। ମୁଁ ଜଣେ ଡିଫେଣ୍ଡର ହୋଇଥିବାରୁ ଏହା ସହାୟକ ହେବ।

ପ୍ର–ଓଏଫ୍‌ସିରେ ଆପଣଙ୍କ ଅଭିଜ୍ଞତା କିଭଳି ରହିଛି ?

ଉ:ଓଏଫ୍‌ସିରେ ମୁଁ ନଭେମ୍ବର ୯, ୨୦୨୨ରେ ଯୋଗଦେଇଥିଲି। ଏହି ଦଳରେ ପ୍ୟାରୀ ଖାଖା ଓ ଜୁଲି କିଶାନଙ୍କ ପରି ଅନ୍ତର୍ଜାତୀୟ ଅଭିଜ୍ଞତା ରଖିଥିବା ଖେଳାଳି ଅଛନ୍ତି। କ୍ରିସ୍ପିନ୍ ଛେତ୍ରୀ ମୁଖ୍ୟ କୋଚ୍ ଭାବେ ରହିଥିବା ବେଳେ ଗାୟତ୍ରୀ ମଲ୍ଲିକ ସହକାରୀ କୋଚ୍। କୋଚିଂ ଷ୍ଟାଫ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ପକ୍ଷରୁ ସହଯୋଗ ମିଳୁଥିବାରୁ ଦଳର ମାହୋଲ ବେଶ୍ ବଢ଼ିଆ ରହିଛି।

ପ୍ର–ଓଏଫ୍‌ସି ଓଡ଼ିଶା ଓମେନ୍ସ ଲିଗ୍ ବିଜୟୀ ହୋଇଥିବା ବେଳେ ଇଣ୍ଡିଆନ ଓମେନ୍ସ ଲିଗ୍ ପାଇଁ କ'ଣ ଯୋଜନା ରହିଛି ?

ଉ:ଅପରାଜେୟ ଭାବେ ଆମେ ଇଣ୍ଡିଆନ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ହାସଲ କରିଛୁ। ବାଲା ଦେବୀଙ୍କ ଟିମ୍‌ରେ ଯୋଗଦେଇଥିବାରୁ ଆମେ ଅଧିକ ଶକ୍ତିଶାଳୀ ହୋଇଛୁ। ତେଣୁ ଓଏଫ୍‌ସି ଚାମ୍ପିୟନ ହେବାର ଲକ୍ଷ୍ୟ ରହିଛି।

ପ୍ର–ଏହା ଆପଣଙ୍କର ତୃତୀୟ ଓମେନ୍ସ ଲିଗ୍। ଏ ସମ୍ପର୍କରେ କିଛି କୁହନ୍ତୁ ?

ଉ:୨୦୧୮ରେ ରାଇଜିଂ ଷ୍ଟୁଡେଣ୍ଟ ଏବଂ ୨୦୨୧ରେ ଅହମ୍ମଦାବାଦର ଆରା ଏଫ୍‌ସି ପାଇଁ ଦୁଇ ଦୁଇଥର ଖେଳିସାରିଛି। ତୃତୀୟଥର ଓଏଫ୍‌ସିର ପ୍ରତିନିଧିତ୍ୱ କରୁଥିବାରୁ ବେଶ୍ ଖୁସି ଲାଗୁଛି।

ପ୍ର–କେନ୍ଦ୍ରାପଡ଼ା ଆଳିରୁ ଓଡ଼ିଶା ଏଫ୍‌ସି ପର୍ଯ୍ୟନ୍ତ ଆପଣଙ୍କର ଯାତ୍ରା ସମ୍ପର୍କରେ କିଛି କୁହନ୍ତୁ ?

ଉ:କେନ୍ଦ୍ରାପଡ଼ାର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ। ଫୁଟ୍‌ବଲରେ କ୍ୟାରିୟର ଆରମ୍ଭ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା। ୨୦୧୫-୧୭ ଯାଏ ସ୍ପୋର୍ଟସ ହଷ୍ଟେଲ ଏବଂ ୨୦୧୮ରେ ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଖେଳିଥିଲି। ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ନନ୍ଦକିଶୋର ପଟ୍ଟନାୟକଙ୍କ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲି। ଏହି ସମୟରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ଅଧୀନରେ ଅଭ୍ୟାସ କରିବାର ସୁଯୋଗ ମଧ୍ୟ ମିଳିଥିଲା। ୨୦୨୧ରେ ଆରା ଏଫ୍‌ସି ପାଇଁ ୩ ମାସ ଓ କେରଳର ଲର୍ଡସ୍ ଏଫ୍‌ସି ପାଇଁ ୨ ମାସ ଖେଳିଛି। କ୍ୟାରିୟରର ଉତ୍ଥାନରେ ଅନେକ ସଂଘର୍ଷ ରହିଥିଲେ ମଧ୍ୟ କୋଚ୍‌ମାନଙ୍କ ସହଯୋଗ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଛି।

ପ୍ର–ଆଗାମୀ ଦିନ ପାଇଁ କ'ଣ ଯୋଜନା ରହିଛି ?

ଉ:ରାଜ୍ୟ ତଥା ଦେଶ ପାଇଁ ପଦକ ଜିତିବା ମୋର ଏକମାତ୍ର ଲକ୍ଷ୍ୟ। ଆଗାମୀ ଦିନରେ ଓଡ଼ିଶା ଲାଗି ପଦକ ଜିତିବା ସହ ପ୍ୟାରୀଦିଦିଙ୍କ ପରି ଜାତୀୟ ଦଳରେ ସ୍ଥାନ ହାସଲ କରିବା ମୋର ଅଭିଳାଷ ରହିଛି।

–ପ୍ରସ୍ତୁତି: ସରୋଜ କୁମାର ଜେନା



ରଣଜୀ ଚାମ୍ପିୟନ ସୌରାଷ୍ଟ୍ର ଦଳ।



ନିର୍ମଳ କୁମାର ମିଶ୍ର

# ସୌରାଷ୍ଟ୍ରର ରଣଜୀ ସଫଳତା

**ସୌରାଷ୍ଟ୍ର ଦ୍ୱିତୀୟ ଥର ପାଇଁ ରଣଜୀ ଟ୍ରଫି ଚାମ୍ପିୟନ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ଦଳ ୨ ଥର ଯାକ ଫାଇନାଲରେ ବେଙ୍ଗଲକୁ ପରାସ୍ତ କରିଛି। ୨୦୨୦ରେ ଏହି ଦଳ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଚାମ୍ପିୟନ ହୋଇଥିବାବେଳେ ଏଥର ୯ ଉଇକେଟରେ ବିଜୟୀ ହୋଇ ଟାଇଟଲ ହାସଲ କରିଛି...**

ଘରୋଇ କ୍ରିକେଟ ଟୁର୍ନାମେଣ୍ଟର ଶ୍ରେଷ୍ଠ ଫର୍ମାଟ୍ ହେଉଛି ରଣଜୀ ଟ୍ରଫି। ନିକଟରେ ଗତ ସିଜନ ଶେଷ ହୋଇଛି। ଡିସେମ୍ବର ୧୩ରୁ ଆରମ୍ଭ ହୋଇ ଫେବୃୟାରୀ ୨୦ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯାଇଥିବା ବେଳେ ସୌରାଷ୍ଟ୍ରକୁ ଦ୍ୱିତୀୟ ଟାଇଟଲ ମିଳିଛି। ୨ ବର୍ଷର ଅନ୍ତରରେ ଏହି ପ୍ରିମିୟର ଘରୋଇ ଟୁର୍ନାମେଣ୍ଟ ଫୁଲ୍ ଫର୍ମାଟ୍‌ରେ ଖେଳାଯାଇଥିଲା। ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିବା ବେଳେ ପ୍ଲେଟ ଗ୍ରୁପ୍‌ରେ ଅରୁଣାଚଳ ପ୍ରଦେଶ, ସିକିମ୍, ମଣିପୁର, ମିଜୋରାମ, ମେଘାଳୟ ଓ ବିହାର ରହିଥିଲେ। ଗ୍ରୁପ ପର୍ଯ୍ୟାୟ ପରେ ନକ୍ ଆଉଟ୍ ମ୍ୟାଚ ଖେଳାଯାଇଥିଲା। କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲକୁ ମିଶାଇ ମୋଟ ୧୩୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗ୍ରୁପ ପର୍ଯ୍ୟାୟ ମ୍ୟାଚଗୁଡିକ ୪ ଦିନ ବିଶିଷ୍ଟ ହୋଇଥିବା ବେଳେ ନକ୍‌ଆଉଟ୍ ପର୍ଯ୍ୟାୟ ୫ ଦିନିଆ ଖେଳାଯାଇଥିଲା। ଏଲିଟ୍ ଗ୍ରୁପ୍ -ଏ ରେ ସ୍ଥାନ ପାଇଥିବା ବେଙ୍ଗଲ ଏବଂ ଏଲିଟ୍ ଗ୍ରୁପ୍ -ବି ଦଳ ସୌରାଷ୍ଟ୍ର ମଧ୍ୟରେ କୋଲକାତାର ଇଡେନ ଗାର୍ଡେନ୍ସଠାରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ମଧ୍ୟପ୍ରଦେଶ, କର୍ଣ୍ଣାଟକ, ସୌରାଷ୍ଟ୍ର ଏବଂ ବେଙ୍ଗଲ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ।

ସୌରାଷ୍ଟ୍ର-କର୍ଣ୍ଣାଟକ ସେମିଫାଇନାଲ ଲଢେଇରେ ସୌରାଷ୍ଟ୍ର ୪ ଉଇକେଟରେ ବିଜୟୀ ହୋଇଥିଲା। ସେହିପରି ବେଙ୍ଗଲ ଓ ମଧ୍ୟପ୍ରଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ବେଙ୍ଗଲ ଦଳ ୩୦୬ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିଲା। ରୋମାଞ୍ଚଭରା ଫାଇନାଲରେ ସୌରାଷ୍ଟ୍ର ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି କରିଥିଲା। ଜୟଦେବ ଉନାଟକଟ ଚମତ୍କାର ବୋଲିଂ କରି ବେଙ୍ଗଲ ପାଇଁ ବିପଦ ଆଣିଥିଲେ। ସୂଚନା ଯୋଗ୍ୟ ଯେ, ଉଭୟ ଦଳ ୨୦୨୦ ରଣଜୀ ଟ୍ରଫି ଫାଇନାଲରେ ମୁହାଁମୁହିଁ ହୋଇଥିବା ବେଳେ ଚଳିତ ବର୍ଷ ଏହାର ଆକ୍ସନ ରିପ୍ଲେ ଦେଖିବାକୁ ମିଳିଥିଲା। ୨୦୨୦ରେ ସୌରାଷ୍ଟ୍ର ଟିମ୍ ପ୍ରଥମ ଇନିଂସ ଭିତ୍ତିରେ ଚାମ୍ପିୟନ ହୋଇଥିଲା। ଏଥର କିନ୍ତୁ ସୌରାଷ୍ଟ୍ର ୯ ଉଇକେଟରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା।

ଗତ ୮୭ତମ ସଂସ୍କରଣର ଲିଗ୍ ପର୍ଯ୍ୟାୟରେ ବେଙ୍ଗଲ ଦଳ ଏଲିଟ୍ ଗ୍ରୁପ୍ -ଏ ରେ ୭ଟି ମ୍ୟାଚରୁ ୪ ବିଜୟ, ୧ ପରାଜୟ ଏବଂ ୨ଟି ଅମୀମାଂସିତ ମ୍ୟାଚରୁ ମୋଟ ୩୨ ପଏଣ୍ଟ ପାଇଥିଲା। ଅନ୍ୟପକ୍ଷରେ ସୌରାଷ୍ଟ୍ର ଦଳ ବି- ଗ୍ରୁପ୍‌ରେ ୭ଟି ମ୍ୟାଚ ଖେଳି ୩ ବିଜୟ ୨ ପରାଜୟ ଏବଂ ୨ଟି ଅମୀମାଂସିତ ମ୍ୟାଚରୁ ମୋଟ ୨୬ ପଏଣ୍ଟ ପାଇଥିଲା। ତେଣୁ ଫାଇନାଲ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଥିଲା ମାତ୍ର ଏକତରଫା ଫାଇନାଲରେ ସୌରାଷ୍ଟ୍ର ୪ର୍ଥ ଦିନରେ ୯ଉଇକେଟ୍‌ରେ ବେଙ୍ଗଲକୁ ପରାସ୍ତ କରିଥିଲା।

ଗତ ସିଜନ୍‌ରେ ବ୍ୟାଟରମାନେ ଅନେକ ଆକର୍ଷଣୀୟ ଇନିଂସ ଖେଳିଥିଲେ। ସେହିପରି ଯୁବ ଓ ଅଭିଜ୍ଞ ବୋଲରମାନେ ଭଲ ବୋଲିଂ ମଧ୍ୟ କରିଥିଲେ। କର୍ଣ୍ଣାଟକ ଅଧିନାୟକ ମୟଙ୍କ ଅଗ୍ରୱାଲ, କେରଳର କାଜଲ ସାକ୍ସେନା ଏବଂ ମୁମ୍ବାଇର ପୃଥ୍ୱୀ ଶ' ପ୍ରଭାବୀ ବ୍ୟାଟିଂ କରି ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ମୟଙ୍କ ଅଗ୍ରୱାଲ ୧୩ ଇନିଂସରୁ ୯୯୦ ଏବଂ ସୌରାଷ୍ଟ୍ର ବ୍ୟାଟର ଅର୍ପିତ ଭାସଭାଡା ୧୫ ଇନିଂସରୁ ୯୦୭ ରନ୍ ସଂଗ୍ରହ କରିଥିଲେ। ଆସାମ ବିପକ୍ଷରେ ପୃଥ୍ୱୀ ଶ'ଙ୍କ ବ୍ୟକ୍ତିଗତ ସର୍ବାଧିକ ୩୭୯ ରନ୍ ବଳରେ ମୁମ୍ବାଇ ଟିମ୍ ୬୮୭ ରନ୍ କରିଥିଲା। ସେହି ଆସାମ ବିପକ୍ଷରେ ମୁମ୍ବାଇର ଷ୍ଟାର ବ୍ୟାଟର ଅଜିଙ୍କ୍ୟ ରାହାନେ ଏବଂ ପୃଥ୍ୱୀ ଶ' ବଡ ପାର୍ଟନରଶିପ୍ (୪୦୧ ରନ୍) କରିଥିଲେ। ଟୁର୍ନାମେଣ୍ଟରେ ସର୍ବନିମ୍ନ ସ୍କୋର କରିଥିଲା ନାଗାଲାଣ୍ଡ। ଏହି ଦଳ ଉତ୍ତରାଖଣ୍ଡ ବିପକ୍ଷରେ ୨୫ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ହିମାଚଳ ପ୍ରଦେଶର ପ୍ରଶାନ୍ତ ଚୋପ୍ରା ସର୍ବାଧିକ ୫ଟି ଶତକର ଅଧିକାରୀ ହୋଇଥିଲେ। ସେହିପରି ମିଜୋରାମର ଶ୍ରୀବତ୍ସ ଗୋସ୍ୱାମୀ ସର୍ବାଧିକ ୬ଟି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ବିହାର ଦଳର ବ୍ୟାଟର ବିପିନ୍ ସୌରଭ ସର୍ବାଧିକ ୨୬ଟି ଛକା ମାରି ଆଗରେ ରହିଥିଲେ। ଦିଲ୍ଲୀର ଆକ୍ରମଣାତ୍ମକ ଯୁବ ବ୍ୟାଟର ଧ୍ରୁବ ସୋରେ ସର୍ବାଧିକ ବ୍ୟକ୍ତିଗତ ୧୧୬ଟି ଚୌକା ମାରିଥିଲେ। କେରଳର ପ୍ରତିଭାସମ୍ପନ୍ନ ଯୁବ ବୋଲର କାଜଲ ସାକ୍ସେନା ୭ଟି ମ୍ୟାଚରୁ ସର୍ବାଧିକ ୫୦ଟି ଉଇକେଟ ନେଇଥିଲେ। କାଜଲ ସାକ୍ସେନା ୬ ଥର ୫ ଉଇକେଟ ନେଇ ଚର୍ଚ୍ଚାରେ ରହିଥିଲେ। ଗୁଜରାଟର ସିଦ୍ଧାର୍ଥ ଦେଶାଇ ଜମ୍ମୁ ଓ କଶ୍ମୀର ବିପକ୍ଷରେ ଗୋଟିଏ ମ୍ୟାଚରେ ୧୦୪ ରନ୍ ଦେଇ ୧୪ଟି ଉଇକେଟ ନେଇଥିଲେ। ବେଙ୍ଗଲର ଉଇକେଟ କିପର ଅଭିଷେକ ପୋରେଲ ଉଇକେଟ ପଛରେ ସର୍ବାଧିକ ୪୦ଟି ଡିସ୍‌ମିସାଲ କରିଥିଲେ।

ମୁମ୍ବାଇ ଓ ଦିଲ୍ଲୀ ପରି ଶକ୍ତିଶାଳୀ ଦଳ ରଣଜୀ ଟ୍ରଫିରେ ଗତ କିଛିବର୍ଷ ହେବ ଭଲ ପ୍ରଦର୍ଶନ କରିପାରୁ ନାହାନ୍ତି। କ୍ରମାଗତ ୧୫ଥର ଏବଂ ଓଭରଅଲ୍ ୪୧ଥର ରଣଜୀ ଚାମ୍ପିୟନ ମୁମ୍ବାଇର ପ୍ରଦର୍ଶନ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଶା ଦଳର ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିଛି। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳର ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଚଳିତ ସଂସ୍କରଣରେ ପୂର୍ବ ପ୍ରଦର୍ଶନ ଆଧାରରେ ଏଲିଟ୍ ଗ୍ରୁପ-ଏ ରେ ଓଡ଼ିଶା ସହିତ ବେଙ୍ଗଲ, ବରୋଦା, ହରିୟାଣା, ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ନାଗାଲାଣ୍ଡ ରହିଥିଲେ। ଗ୍ରୁପ ପର୍ଯ୍ୟାୟରେ ୭ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ୨ଟି ପରାଜୟ ଏବଂ ୪ଟି ଡ୍ର ମ୍ୟାଚ ସହ ମୋଟ ୧୪ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ଓଡ଼ିଶା ରହିଥିଲା। ଓଡ଼ିଶା ଏହାର ଶେଷ ମ୍ୟାଚରେ ରନରଅପ୍ ବେଙ୍ଗଲକୁ ୭ ଉଇକେଟରେ ପରାସ୍ତ କରି ଏକମାତ୍ର ବିଜୟ ହାସଲ କରିଥିଲା। ବରୋଦା, ଉତ୍ତରପ୍ରଦେଶ, ନାଗାଲାଣ୍ଡ ଏବଂ ହରିୟାଣା ସହ ମ୍ୟାଚ ଡ୍ର ରଖିଥିବାବେଳେ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡଠାରୁ ହାର ମାନିଥିଲା। ଶାନ୍ତନୁ ମିଶ୍ର ୭ ମ୍ୟାଚ ଖେଳି ୧୨ଟି ଇନିଂସରେ ୫୨ ଆଭରେଜରେ ୫୮୧ ରନ୍ କରିଥିଲେ। ନାଗାଲାଣ୍ଡ ବିପକ୍ଷରେ ଦ୍ୱିଶତକ ମଧ୍ୟ ହାସଲ କରିଥିଲେ। ସେହିପରି ଶୁଭ୍ରାଂଶୁ ସେନାପତି ମଧ୍ୟ ବ୍ୟାଟିଂ ସଫଳତା ପାଇଥିଲେ। ସେ ୭ଟି ମ୍ୟାଚରେ ୧୨ ଇନିଂସରୁ ୪୯୮ରନ୍ ସଂଗ୍ରହ କରିଥିଲେ। ତାଙ୍କର ସର୍ବାଧିକ ରନ୍ ୧୪୫ ରନ୍ ରହିଥିଲା। ଅନୁରାଗ ଷଡଙ୍ଗୀ ଏବଂ ବିପ୍ଳବ ସାମନ୍ତରାୟ କିଛି ମାତ୍ରାରେ ମଧ୍ୟ ବ୍ୟାଟିଂ ସଫଳତା ପାଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୦୭ରୁ ରଣଜୀ ଟ୍ରଫି ଖେଳିଆସିଥିବା ଭେଟେରାନ୍ ୩୭ ବର୍ଷୀୟ ଷ୍ଟାର ବୋଲର ବସନ୍ତ ମହାନ୍ତି ହିମାଚଳ ପ୍ରଦେଶ ବିପକ୍ଷରେ ୪ଶହ ଉଇକେଟ ପୂରଣ କରିଥିଲେ। ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତିଙ୍କ ପରେ ସେ ୨ୟ ବୋଲର ଭାବେ ଏହି ସଫଳତା ପାଇଥିଲେ। ବେଙ୍ଗଲ ବିପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ବସନ୍ତ ସେହି ବେଙ୍ଗଲ ବିପକ୍ଷରେ ମ୍ୟାଚ ଖେଳି ଅବସର ଘୋଷଣା କରିଥିଲେ। ସେ ତାଙ୍କ କ୍ୟାରିୟରରେ ମୋଟ ୨୩ଥର ୫ ଉଇକେଟ ଏବଂ ୩ଥର ୧୦ରୁ ଅଧିକ ଉଇକେଟ ନେଇଥିଲେ। ତେବେ ରଣଜୀ ଟ୍ରଫିରେ ଓଡ଼ିଶା ଆଶାନୁରୂପ ସଫଳତା ନ ପାଇବା ଚିନ୍ତାର ବିଷୟ ହୋଇଛି।



ପ୍ରଫୁଲ୍ଲ କୁମାର ମିଶ୍ର

# ସନ୍ତୋଷ ଟ୍ରଫି ଫୁଟ୍‌ବଲ

**ଘରୋଇ ଫୁଟ୍‌ବଲର ମର୍ଯ୍ୟାଦାଜନକ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫି ୨୦୨୨-୨୩ ସିଜନର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଏଥର ପ୍ରତିଯୋଗିତାର ନକ୍‌ଆଉଟ ମ୍ୟାଚଗୁଡ଼ିକ ସାଉଦି ଆରବର କିଙ୍ଗ୍ ଫହଦ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ପ୍ରଥମ ସେମିଫାଇନାଲରେ ପଞ୍ଜାବକୁ ହରାଇ ମେଘାଳୟ ଏବଂ ଦ୍ୱିତୀୟ ସେମିରେ ସର୍ଭିସେସ୍‌କୁ ପରାସ୍ତ କରି କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିଛି...**

ଘରୋଇ ଫୁଟବଲର ମର୍ଯ୍ୟାଦାଜନକ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫି ୨୦୨୨-୨୩ ସିଜନର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଏଥର ପ୍ରତିଯୋଗିତାର ନକ୍‌ଆଉଟ ମ୍ୟାଚଗୁଡ଼ିକ ସାଉଦି ଆରବର କିଙ୍ଗ୍ ଫହଦ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ପ୍ରଥମ ସେମିଫାଇନାଲରେ ପଞ୍ଜାବକୁ ହରାଇ ମେଘାଳୟ ଏବଂ ଦ୍ୱିତୀୟ ସେମିରେ ସର୍ଭିସେସ୍‌କୁ ପରାସ୍ତ କରି କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ଶନିବାର ଫାଇନାଲ ଅନୁଷ୍ଠିତ ହେବ। ମେଘାଳୟ ପ୍ରଥମଥରପାଇଁ ଟାଇଟଲ ପର୍ଯ୍ୟାୟରେ ପହଞ୍ଚି ଇତିହାସ ରଚିଛି।

ପ୍ରତିଯୋଗିତାର ଅନ୍ତିମ ରାଉଣ୍ଡ ପର୍ଯ୍ୟାୟ ଭୁବନେଶ୍ୱରର ୩ଟି ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଫ୍ରାଞ୍ଚାଇଜ୍‌ଭିତ୍ତିକ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସିର ମ୍ୟାଚଗୁଡ଼ିକ ପରି ଏଥର ସନ୍ତୋଷ ଟ୍ରଫି ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା। ସନ୍ତୋଷ ଟ୍ରଫି ଭାରତରେ ୧୯୪୧ରୁ ଆରମ୍ଭ ହୋଇଥିଲା। ମହାରାଜା ସାର୍ ମନ୍ମଥ ନାଥ ରାୟ ଚୌଧୁରୀଙ୍କ ନାମ ଅନୁସାରେ ଏହାର ନାମକରଣ ହୋଇଥିଲା। ରନରଅପ୍ ଟ୍ରଫିର ନାମ କମଳା ଗୁପ୍ତା ରଖାଯାଇଛି। ସନ୍ତୋଷ ଟ୍ରଫିରେ ବେଙ୍ଗଲ ୩୧ଥର, ପଞ୍ଜାବ ୮ ଥର, କେରଳ ଓ ଗୋଆ ୫ ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି।

ଏଥରକୁ ମିଶାଇ ଓଡ଼ିଶାରେ ମୋଟ ୪ର୍ଥ ଥରପାଇଁ ସନ୍ତୋଷ ଟ୍ରଫି ଆୟୋଜିତ ହୋଇଛି। ପୂର୍ବରୁ ୩ ଥର କଟକର ବାରବାଟୀ ଷ୍ଟାଡିୟମରେ ଏହା ୧୯୬୭, ୧୯୮୦ ଓ ୧୯୯୪ରେ ଅନୁଷ୍ଠିତ ହୋଇଥିଲା। ଆଇଏସ୍‌ଏଲ୍ ଏବଂ ଆଇ-ଲିଗ୍ ଆରମ୍ଭ ହେବାପରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ ପକ୍ଷରୁ ସନ୍ତୋଷ ଟ୍ରଫିର ନିୟମରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ବାରବାଟୀରେ ଅନୁଷ୍ଠିତ ମ୍ୟାଚଗୁଡ଼ିକରେ ଭାରତର ନାମଜାଦା ଖେଳାଳିମାନେ ଅଂଶଗ୍ରହଣ କରୁଥିଲେ। ମାତ୍ର ଆଇଏସ୍‌ଏଲ୍ ଏବଂ ଆଇ-ଲିଗ୍‌ର ପ୍ରଚଳନ ପରେ ସନ୍ତୋଷ ଟ୍ରଫିରେ ଆଉ ନାମୀ ଖେଳାଳିଙ୍କ ଅଂଶଗ୍ରହଣ ଦେଖିବାକୁ ମିଳୁନାହିଁ।

ସନ୍ତୋଷ ଟ୍ରଫିକୁ ଅଧିକ ଆକର୍ଷଣୀୟ କରିବାପାଇଁ ଏଆଇଏଫ୍‌ଏଫ୍ ସଭାପତି ତଥା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି କଲ୍ୟାଣ ଚୌବେ ଏଥର ନକ୍‌ଆଉଟ୍ ମ୍ୟାଚଗୁଡ଼ିକୁ ବିଦେଶରେ କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହି ଅନୁସାରେ ଏବେ ସାଉଦି ଆରବରେ ମ୍ୟାଚ ଖେଳାଯାଉଛି। ଖେଳାଳିଙ୍କ ପାଇଁ ଏହା ନିଶ୍ଚିତ ଉତ୍ସାହଜନକ ପଦକ୍ଷେପ। ଓଡ଼ିଶା ଦଳ ଯୋଗ୍ୟତା ହାସଲ ଟୁର୍ନାମେଣ୍ଟ ଏବଂ ଲିଗ୍‌ର ଅନ୍ତିମ ପର୍ଯ୍ୟାୟରେ ଭଲ ଖେଳିଥିଲା। ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ସହିତ ମ୍ୟାଚ ଡ୍ର ରଖି ଗୋଆକୁ ପରାସ୍ତ କରିଥିଲା। ଦୁର୍ଭାଗ୍ୟଜନକଭାବେ କେରଳ ଓ ପଞ୍ଜାବ ନିକଟରୁ ହାରିଯିବାରୁ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲା। ସନ୍ତୋଷ ଟ୍ରଫି ପାଇଁ ପ୍ରଚାର ଓ ପ୍ରସାର କମ୍ ରହିଥିବା ପରି ମନେ ହୋଇଥିଲା। ଫୁଟବଲ ଏକ ଲୋକପ୍ରିୟ ଖେଳ ହୋଇଥିବାରୁ ଷ୍ଟାଡିୟମରେ ଦର୍ଶକ ରହିଥିଲେ ଓଡ଼ିଶା ଦଳ ନିଶ୍ଚିତ ଆହୁରି ଭଲ ପ୍ରଦର୍ଶନ କରି ପାରିଥାନ୍ତା। ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସିକୁ ଯେପରି ପ୍ରୋତ୍ସାହନ ଦିଆଯାଉଛି ରାଜ୍ୟ ସରକାର ସେପରି ସୁବିଧା ସୁଯୋଗ ଦେଲେ ସନ୍ତୋଷ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦଳ ନିଶ୍ଚିତ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରିପାରିବ ଏବଂ ଫାଇନାଲକୁ ଯାଇପାରିବ।




## ଶ୍ରେଷ୍ଠ

ଏମ୍‌ବାପେଙ୍କୁ ପୁଣି ପଛରେ ପକାଇ
ଶ୍ରେଷ୍ଠ ଲିଓନେଲ ମେସି
ଫିଫାର ଏ ବେଷ୍ଟ ପୁରସ୍କାର ପାଇଁ
ଖୁସି ଆର୍ଜେଣ୍ଟିନା ବାସୀ
ମୋର୍ଗାନ, ମିଡ୍‌ଙ୍କୁ ନାସି
ସ୍ପେନର ଆଲେକ୍ସ ପୁଟେଲାସ
କ୍ରମାଗତ ଶ୍ରେଷ୍ଠ ପୁଷି।



କ୍ରିକେଟ ତାରକା ତେନ୍ଦୁଲକରଙ୍କ
ଗଢ଼ାହେବ ପ୍ରତିମୂର୍ତ୍ତି
ୱାଙ୍ଖେଡେ ଷ୍ଟାଡିୟମ ଚିହ୍ନଟ କହଇ
ଏମ୍‌ସିଏ ସଭାପତି
ବିଚିତ୍ର କ୍ରିକେଟ ନୀତି
ବୀର ଶହୀଦଙ୍କ ଷ୍ଟାଚ୍ୟୁ ଗଢ଼ିଥିଲେ
ଶ୍ରେଷ୍ଠ ହୋଇଥାନ୍ତା ଜାତି।

ଇଜିପ୍ଟ ପାରା ଟେବୁଲ ଟେନିସରେ
ଗୋଲ୍ଡେନ ପଦକ ପାଇ
ସିଜନର ଶ୍ରେଷ୍ଠ ଖେଳାଳି ହୋଇଛି
ଭାବିନା ପଟେଲ ତେଣୁ
ଶ୍ରେଷ୍ଠ ଲୋକ ହୁଏ ସେଇ
ବ୍ୟକ୍ତିଗତଭାବେ ରାଷ୍ଟ୍ର ପାଇଁ କିଛି
ସାକ୍ରିଫାଇସ୍ କଲେ ଭାଇ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩/୨୦୨୩ Bhubaneswar, Friday, March 3/ 2023

# ଅଷ୍ଟ୍ରେଲିଆ ଆଗରେ ୭୬ ରନ୍‌ର ଲକ୍ଷ୍ୟ

ଇନ୍ଦୋର,୨।୩(ପି.ଟି.)

ଇନ୍ଦୋରର ହୋଲକାର ଷ୍ଟାଡିୟମରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ସିରିଜ୍‌ର ତୃତୀୟ ଟେଷ୍ଟ ରୋଚକ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଇନିଂସରେ ୮୮ ରନରେ ପଛୁଆ ରହିବା ପରେ ଭାରତର ଦ୍ୱିତୀୟ ଇନିଂସ ୧୬୩ ରନରେ ସୀମିତ ରହିଛି। ଅଷ୍ଟ୍ରେଲିଆକୁ ବିଜୟ ପାଇଁ ୭୬ ରନ୍ ଆବଶ୍ୟକ ଥିବା ବେଳେ ସ୍ପିନ୍ ସହାୟକ ପିଚ୍‌ରେ ଭାରତ ନିକଟରେ ବିଜୟର ସୁଯୋଗ ରହିଛି। ଭାରତୀୟ ଇନିଂସରେ ନାଥାନ ଲିୟନ୍ ୮ ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିବା ବେଳେ ଚେତେଶ୍ୱର ପୂଜାରା ଲଢୁଆ ୫୯ ରନ୍ କରିଥିଲେ।



ଭାରତୀୟ ବ୍ୟାଟର ଉମେଶ ଯାଦବଙ୍କ ବିପକ୍ଷରେ ଏକ ଅପିଲ କରୁଛନ୍ତି ଅଷ୍ଟ୍ରେଲୀୟ ବୋଲର ନାଥାନ ଲିୟନ।

## ୩୪ ବଲରେ ୬ ଉଇକେଟ

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୫୬/୪ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ପୁଣି ଥରେ ଭାରତୀୟ ବୋଲରଙ୍କ ଆଗରେ ସ୍କୋର କରିବାରେ ବିଫଳ ହୋଇଥିଲା। ରବିଚନ୍ଦ୍ରନ ଅଶ୍ୱିନ ଓ ଉମେଶ ଯାଦବ ବଲକା ୬ ଉଇକେଟ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ କାମେରୁନ୍ ଗ୍ରୀନ୍ ଓ ପିଟର ହ୍ୟାଣ୍ଡସ୍କମ୍ବ ଗୁରୁବାର ସକାଳୁ ୩୦ ରନ୍ ଯୋଡିବା ସହିତ ଏକ ବୃହତ୍ତର ଅଗ୍ରଣୀ ଆଡକୁ ଅଗ୍ରସର ହେଉଥିଲେ। ୭୧ ତମ ଓଭରର ଅନ୍ତିମ ବଲରେ ପିଟର ହ୍ୟାଣ୍ଡସ୍କମ୍ବଙ୍କୁ ନିଜ ସ୍ପିନ ଜାଲରେ ଫସାଇଥିଲେ ଅଶ୍ୱିନ। ଦଳୀୟ ସ୍କୋର ୧୮୬ ରନ୍‌ରେ ୧୯ ରନ୍ କରି ହ୍ୟାଣ୍ଡସ୍କମ୍ବ ଶ୍ରେୟସ ଆୟରଙ୍କ ହାତରେ

## ଲିୟନଙ୍କୁ ୮ ଉଇକେଟ

କ୍ୟାଚ୍ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଉମେଶ ଯାଦବ ଓ ଆର. ଅଶ୍ୱିନ୍ ଅଗ୍ନିବର୍ଷୀ ବୋଲିଂ କରିଥିଲେ। ଉଭୟ ୩ଟି ଲେଖାଏ ଉଇକେଟ ନେବାରୁ ଅଷ୍ଟ୍ରେଲିଆ ୫.୪ ଓଭର ମଧ୍ୟରେ ୧୧ ରନରେ ୬ ଉଇକେଟ ହରାଇଥିଲା। ଅଶ୍ୱିନ୍ ନିଜ ଅଫ୍ ସ୍ପିନ୍‌ରେ ପିଟର ହ୍ୟାଣ୍ଡସ୍କମ୍ବ(୧୯), ଆଲେକ୍ସ କେରୀ(୩) ଓ ନାଥାନ ଲିୟନ(୫)ଙ୍କୁ ଆଉଟ କରିଥିଲେ। ୭୬.୩ ଓଭରରେ ଅଷ୍ଟ୍ରେଲିଆ ୧୯୭ ରନରେ ସମସ୍ତ ଉଇକେଟ ହରାଇବା ସହିତ ୮୮ ରନ୍‌ରେ ଆଗୁଆ ରହିଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪, ଉମେଶ ଯାଦବ ଓ ଅଶ୍ୱିନ ୩ଟି ଲେଖାଏ ଉଇକେଟ ନେଇଥିଲେ।

## ପୂଜାରାଙ୍କ ଲଢୁଆ ଅର୍ଦ୍ଧଶତକ

ଭାରତୀୟ ଟେଷ୍ଟ ବ୍ୟାଟିଂର ମେରୁଦଣ୍ଡ ଚେତେଶ୍ୱର ପୂଜାରା ଗୁରୁବାର ଏକ ଲଢୁଆ ଇନିଂସ ଖେଳିଥିଲେ। ସ୍ପିନ୍ ସହାୟକ ଏହି ଟ୍ରାକ୍‌ରେ ସେ ୨୨୧ ମିନିଟ ଧରି ବ୍ୟାଟିଂ କରି ୧୪୨ ବଲ୍ ଖେଳି ୫୯ ରନ୍ କରିଥିଲେ। ଏହି ଇନିଂସରେ ୫ ଚୌକା ଓ ୧ ଛକା ସାମିଲ ଥିଲା। ତେବେ ପୂଜାରାଙ୍କୁ ଅନ୍ୟ ବ୍ୟାଟରଙ୍କ ପକ୍ଷରୁ ଉପଯୁକ୍ତ ସହାୟତା ନ ମିଳିବା କାରଣରୁ ଭାରତ ମାତ୍ର ୧୬୩ ରନ୍‌ରେ ଅଲ୍‌ଆଉଟ ହୋଇଛି। ୮୮ ରନ୍ ପଛୁଆ ଥିବା ଭାରତର ଦ୍ୱିତୀୟ ଇନିଂସ ପ୍ରଥମ ଇନିଂସର ଆକ୍ସନ ରିପ୍ଲେ ପରି ଲାଗୁଥିଲା। ଶୁବମାନ ଗିଲ୍(୫), ରୋହିତ ଶର୍ମା(୧୨), ବିରାଟ କୋହଲି(୧୩) ଓ ରବୀନ୍ଦ୍ର ଜାଡେଜା(୭) ଶସ୍ତାରେ ଆଉଟ ହୋଇଥିବା ବେଳେ ଚା'ପାନ ବିରତି ବେଳକୁ ୭୯ ରନ୍‌ରେ ଟପ୍-୪ ବ୍ୟାଟରଙ୍କୁ ହରାଇଥିଲା ଭାରତ। ତେବେ ଚେତେଶ୍ୱର ପୂଜାରାଙ୍କ ସହିତ ଯୋଗ ଦେଇ ଶ୍ରେୟସ ଆୟାର କାଉଣ୍ଟର ଆଟାକ କରିଥିଲେ। ସ୍ପିନ୍‌କୁ ବଢିଆ ଖେଳୁଥିବା ଶ୍ରେୟସ ୨୭ ବଲ୍ ଖେଳି ୨୬ ରନ୍ କରିଥିଲେ। ଭାରତୀୟ ସ୍କୋର ୧୧୩ ରନ୍ ଥିବା ବେଳେ ମିଚେଲ ଷ୍ଟାର୍କଙ୍କ ବଲରେ ଉସ୍‌ମାନ ଖ୍ୱାଜା ଏକ ଚମତ୍କାର କ୍ୟାଚ୍ ନେଇ ଆୟରଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଶ୍ରୀକର ଭରତ(୩) ଆଉ ଥରେ ବିଫଳ ହୋଇଥିବା ବେଳେ ନିମ୍ନ କ୍ରମରେ ଅଶ୍ୱିନ(୧୬)ଙ୍କୁ ସାଥୀ କରି ପୂଜାରା ୨୨ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୧୫୫ ରନ୍‌ରେ ପୂଜାରା ଲିୟନଙ୍କ ବଲରେ ଷ୍ଟିଭ୍ ସ୍ମିଥ୍‌ଙ୍କ ହାତରେ କ୍ୟାଚ୍ ଆଉଟ ହୋଇଥିଲେ। ଉମେଶ ଯାଦବ ଓ ମହମ୍ମଦ ସିରାଜ ଖାତା ଖୋଲିବାରେ ବିଫଳ ହୋଇଥିଲେ। ଅକ୍ଷର ପଟେଲ ଶେଷ ଯାଏ ୧୫ ରନ୍ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥାନ ଲିୟନ ୬୪ ରନ୍ ଦେଇ ୮ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ଓ ମାଥ୍ୟୁ କନେମନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ:୧୦୯/୧୦ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୭୬.୩ ଓଭରରେ ୧୯୭/୧୦(ଉସ୍‌ମାନ ଖ୍ୱାଜା-୬୦, ମାର୍ନସ ଲାବୁଶେନ୍-୩୧, ଷ୍ଟିଭେନ୍ ସ୍ମିଥ୍-୨୬, ରବୀନ୍ଦ୍ର ଜାଡେଜା-୪/୭୮, ଆର. ଅଶ୍ୱିନ୍-୩/୪୪, ଉମେଶ ଯାଦବ-୩/୧୨)। ଭାରତ ଦ୍ୱିତୀୟ ଇନିଂସ- ୬୦.୩ ଓଭରରେ ୧୬୩/୧୦ (ଚେତେଶ୍ୱର ପୂଜାରା-୫୯, ଶ୍ରେୟସ ଆୟର-୨୬, ଆର. ଅଶ୍ୱିନ-୧୬, ନାଥାନ ଲିୟନ-୮/୬୪, ମିଚେଲ ଷ୍ଟାର୍କ-୧/୧୪, ମାଥ୍ୟୁ କନେମନ୍-୧/୬୦)।

## କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଲେ ଲିୟନ

ଚଳିତ ବର୍ଡର ଗାଭାସ୍କର ସିରିଜରେ ଭାରତୀୟ କିମ୍ବଦନ୍ତୀ ଅନିଲ କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଛନ୍ତି ନାଥାନ ଲିୟନ। ଭାରତ-ଅଷ୍ଟ୍ରେଲିଆ ସିରିଜରେ ସର୍ବାଧିକ ଉଇକେଟ ହାସଲକାରୀ ଭାବରେ ସେ କୁମ୍ବଲେଙ୍କୁ ପଛରେ ପକାଇଛନ୍ତି। କୁମ୍ବଲେ ଅଷ୍ଟ୍ରେଲିଆ ବିପକ୍ଷରେ ୧୧୧ ଉଇକେଟ ନେଇଥିବା ବେଳେ ଲିୟନ ୧୧୩ ଉଇକେଟ ନେଇଛନ୍ତି। ଗୁରୁବାର ମ୍ୟାଚର ୫୭ ତମ ଓଭରରେ ୩ ବଲ ବ୍ୟବଧାନରେ ସେ ଚେତେଶ୍ୱର ପୂଜାରା ଓ ଉମେଶ ଯାଦବଙ୍କୁ ଆଉଟ କରିଥିଲେ। ସେ ଉମେଶ ଯାଦବଙ୍କୁ ଆଉଟ କରି ୧୧୨ ତମ ଉଇକେଟ ନେଇଥିଲେ। ବର୍ଡର ଗାଭାସ୍କର ସିରିଜରେ ଆର. ଅଶ୍ୱିନ ୧୦୬ ଉଇକେଟ ସହ ତୃତୀୟ ସ୍ଥାନରେ ରହିଥିବା ବେଳେ ହରଭଜନ ସିଂ ୯୫ ଓ ରବୀନ୍ଦ୍ର ଜାଡେଜା ୮୪ ଉଇକେଟ ସହିତ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ଅଛନ୍ତି।

## ଇନ୍ଦୋର ଟେଷ୍ଟ ଦ୍ୱିତୀୟ ଦିନ ଖେଳ ମୁଖ୍ୟାଂଶ

- ପଞ୍ଚମ ଭାରତୀୟ ପେସର ଭାବେ ଘରୋଇ ମାଟିରେ ଉମେଶ ଯାଦବଙ୍କୁ ୧୦୦ ଉଇକେଟ
- ମୁଥିଆ ମୁରଲୀଧରନଙ୍କୁ ଅତିକ୍ରମ କରି ଭାରତ ବିପକ୍ଷରେ ସର୍ବାଧିକ ଉଇକେଟ ହାସଲର ରେକର୍ଡ ନିଜ ନାମରେ କରିଛନ୍ତି ନାଥାନ ଲିୟନ୍।
- ୧୩ ଥର ପାଇଁ ପୂଜାରାଙ୍କୁ ଆଉଟ କଲେ ଲିୟନ। କୌଣସି ବୋଲରଙ୍କ ବିପକ୍ଷରେ ପୂଜାରାଙ୍କ ଏହା ସବୁଠୁ ଖରାପ ପ୍ରଦର୍ଶନ।
- ଭାରତ ବିପକ୍ଷରେ ଭାରତରେ ୫ଥର ୫ ଉଇକେଟ ସଫଳତା ହାସଲ କରିବା ସହ ରିଚି ବିନଡଙ୍କ ରେକର୍ଡର ସମକକ୍ଷ ହେଲେ ଲିୟନ।
- ଜାନୁୟାରୀ ୨୦୧୯ ପରଠାରୁ କୌଣସି ଟେଷ୍ଟର ଉଭୟ ଇନିଂସରେ ଜାଡେଜା ଏକ ଅଙ୍କ ବିଶିଷ୍ଟ ସ୍କୋରରେ ଆଉଟ ହେଲେ।
- ୧୯୭୮ ପରଠାରୁ ପ୍ରଥମ ଥର ପାଇଁ ଭାରତ ଉଭୟ ଇନିଂସରେ ୨୦୦ ରନ ଅତିକ୍ରମ କରିବାରେ ବିଫଳ।
- ୯୩.୫ ଓଭରରେ ଭାରତର ଉଭୟ ଇନିଂସ ସମାପ୍ତ ହୋଇଛି। ଏହା ଭାରତର ଦ୍ୱିତୀୟ ଖରାପ ପ୍ରଦର୍ଶନ।

# ଗୁକେଶ ପ୍ଲେୟର ଅଫ୍ ଦି ଇୟର

ଆବୁଧାବି, ୨।୩ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଏସିଆନ ଚେସ୍ ଫେଡେରେଶନ (ଏସିଏଫ୍) ଦ୍ୱାରା ପ୍ଲେୟର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଗତବର୍ଷ ମହାବଳିପୁରମରେ ଅନୁଷ୍ଠିତ ୪୪ତମ ଚେସ୍ ଅଲିମ୍ପିଆଡ୍‌ରେ ରେକର୍ଡ ବ୍ରେକିଙ୍ଗ ୯/୧୧ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଛି। ଗତବର୍ଷ ମାର୍ଚ୍ଚରେ ଗୁକେଶ ୬ଷ୍ଠ ଭାରତୀୟ ଭାବେ ୨୭୦୦ ୟେଲୋ ରେଟିଙ୍ଗ ଅଙ୍କ ହାସଲ କରିଥିଲେ। ଦେଶର ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ଭାବେ ସେ ୨୭୦୦ ରେଟିଂ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) 'ମୋଷ୍ଟ ଆକ୍ଟିଭ ଫେଡେରେଶନ' ପୁରସ୍କାର ଲାଭ କରିଛି। ଏଠାରେ ଏସିଏଫ୍‌ର ବାର୍ଷିକ ସମ୍ମିଳନୀ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଗତ ବର୍ଷ ମାତ୍ର ୪ ମାସ ମଧ୍ୟରେ ଅଗଷ୍ଟରେ ସଫଳତାର ସହ ଫିଡେ ଚେସ୍ ଅଲିମ୍ପିଆଡ୍ ଆୟୋଜନ କରିପାରିଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ମ୍ୟାନ ଅଫ୍ ଦି ଇୟର ପୁରସ୍କାର ମିଳିଛି। କୋନେରୁ ହମ୍ପି, ଡି. ହାରିକା, ଆର୍. ବୈଶାଳୀ, ଟାନିଆ ସଚଦେବ ଓ ଭକ୍ତି କୁଲକର୍ଣ୍ଣୀଙ୍କୁ ନେଇ ଭାରତୀୟ ମହିଳା ଦଳର ବ୍ରୋଞ୍ଜ ପଦକ ସଫଳତା ପାଇଁ ବର୍ଷର ଶ୍ରେଷ୍ଠ ମହିଳା ଦଳ ପୁରସ୍କାର ଲାଭ କରିଛି। ଗ୍ରାଣ୍ଡମାଷ୍ଟର ଆର୍.ବି. ରମେଶ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ଏବଂ ଗ୍ରାଣ୍ଡମାଷ୍ଟର ଅଭିଜିତ କୁନ୍ତେ ବର୍ଷର ଶ୍ରେଷ୍ଠ ମହିଳା କୋଚ୍ ବିବେଚିତ ହୋଇଛନ୍ତି।



ଡି. ଗୁକେଶ

# ଡବ୍ଲ୍ୟୁପିଏଲ୍ ପରେ ମହିଳା ପ୍ରୋ କବାଡ଼ି ଲିଗ୍ ଯୋଜନା

**ନୂଆଦିଲ୍ଲୀ,୨।୩(ପି.ଟି.):** ପୁରୁଷ ଇଭେଣ୍ଟ ସଫଳ ହେବା ପରେ ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍) ଆୟୋଜକ ବର୍ତ୍ତମାନ ଦେଶରେ ଫ୍ରାଞ୍ଚାଇଜ୍ ଭିତ୍ତିକ ମହିଳା ଟୁର୍ନାମେଣ୍ଟ ଆୟୋଜନ କରିବ ଲାଗି ଯୋଜନା କରୁଛି। ମାର୍ଶାଲ ସ୍ପୋର୍ଟ୍ସ ୧୦ ବର୍ଷ ହେଲା ପିକେଏଲ୍ ଆୟୋଜନ କରି ଆସୁଛି। ଆମେଚର କବାଡ଼ି ଫେଡେରେଶନ ଅଫ୍ ଇଣ୍ଡିଆ ଓ ଇଣ୍ଟରନ୍ୟାଶନାଲ କବାଡ଼ି ଫେଡେରେଶନ (ଆଇକେଏଫ୍)ର ସହଯୋଗରେ ଏହି ଲିଗ୍‌ର ଆୟୋଜନ କରିବା ଲାଗି ଯୋଜନା କରିଛି। କ୍ରିକେଟର ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)କୁ ଅନୁସରଣ କରି ପିକେଏଲ୍ ମହିଳା ଲିଗ୍ ଯୋଜନା କରାଯାଇଥିବା ମାର୍ଶାଲ ସ୍ପୋର୍ଟ୍ସ ସିଇଓ ତଥା ପିକେଏଲ୍ କମିଶନର ଅନୁପମ ଗୋସ୍ୱାମୀ ଏକ ବିବୃତିରେ ପ୍ରକାଶ କରିଛନ୍ତି। ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ଭି. ତେଜସ୍ୱିନୀ ବାଇ ମହିଳା ପ୍ରଫେସନାଲ କବାଡ଼ି ଲିଗ୍ ଆୟୋଜନ ହୋଇପାରିଲେ ତାଙ୍କର ବହୁଦିନର ଏକ ସ୍ୱପ୍ନ ସାକାର ହେବ।

# ଦକ୍ଷିଣ ଆଫ୍ରିକା ୮୭ ରନରେ ବିଜୟୀ



କାଗିସୋ ରାବାଡା

**ସେଞ୍ଚୁରିଅନ୍, ୨।୩ :** ସ୍ଥାନୀୟ ସୁପର ସ୍ପୋର୍ଟ ପାର୍କରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୮୭ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଦ୍ୱିତୀୟ ଇନିଂସରେ ୧୧୬ରେ ଅଲଆଉଟ କରିଦେବା ପରେ ୱେଷ୍ଟଇଣ୍ଡିଜ ଆଗରେ ୨୪୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦଳ କିନ୍ତୁ ୪୧ଓଭରରେ ୧୫୯ ରନ କରି ଅଲଆଉଟ ହୋଇଯାଇଥିଲା। ଜର୍ମେନ ବ୍ଲାକ୍‌ଉଡ୍ ୭୯ରନ କରିଥିଲେ। ୱେଷ୍ଟଇଣ୍ଡିଜ ଦଳର ବିପର୍ଯ୍ୟୟରେ କାଗିସୋ ରାବଡା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ୫୦ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟତମ ବୋଲର ମାର୍କୋ ଜାନ୍‌ସେନ ୨ଟି ଉଇକେଟ ନେଇଥିଲେ। ୩ ଦିନରେ ଶେଷ ହୋଇଥିବା ଏହି ମ୍ୟାଚରେ ଏଡେନ ମାରକ୍ରାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ପ୍ରଥମ ଇନିଂସରେ ମହତ୍ତ୍ୱପୂର୍ଣ୍ଣ ୧୧୫ ରନ ଏବଂ ଦ୍ୱିତୀୟ ଇନିଂସରେ ୪୭ ରନ ସଂଗ୍ରହ କରିଥିଲେ। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ଦଳ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚ ଜୋହାନ୍ସବର୍ଗର ୱାଣ୍ଡରର୍ସ ଷ୍ଟାଡିୟମରେ ମାର୍ଚ୍ଚ ୮ରୁ ଖେଳାଯିବ।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣଆଫ୍ରିକାପ୍ରଥମଇନିଂସ:୩୪୨ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୧୨ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୧୬ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୫୯ (ଜର୍ମେନ ବ୍ଲାକ୍‌ଉଡ୍-୭୯ ; କାଗିସୋ ରାବାଡା-୬/୫୦, ମାର୍କୋ ଜାନ୍‌ସେନ୍-୨/୩୩)।

# ମେଗ୍ ଲାନିଂ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା



ଓମେନ୍ସ ପ୍ରିମିୟର ଲିଗ୍‌ର ଦିଲ୍ଲୀ କ୍ୟାପିଟାଲ୍ସ ଦଳ।

ମୁମ୍ବାଇ, ୨।୩ (ପି.ଟି.)

ଉଦ୍‌ଘାଟନୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟୀ ଅଧିନାୟିକା ମେଗ୍ ଲାନିଂ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତର ଷ୍ଟାର ବ୍ୟାଟର ଜେମିମା ରୋଡ୍ରିଗୁଏଜ୍ ତାଙ୍କ ଡେପୁଟି ଭାବେ ଦାୟିତ୍ୱ ତୁଲାଇବେ। ଅଷ୍ଟ୍ରେଲିଆ ନିକଟରେ ୩୦ ବର୍ଷୀୟା ଲାନିଂଙ୍କ ନେତୃତ୍ୱରେ ରେକର୍ଡ ୬ଷ୍ଠ ଥର ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଜିତିଥିଲା। ଟାଇଟଲ ମୁକାବିଲାରେ ସେମାନେ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲେ। ଲାନିଂ ତୃତୀୟ ଅଷ୍ଟ୍ରେଲୀୟ କ୍ରିକେଟର ଭାବେ ଡବ୍ଲ୍ୟୁପିଏଲ୍ ଦଳରେ ଅଧିନାୟିକା ମନୋନୀତ ହୋଇଛନ୍ତି। ପୂର୍ବରୁ ବେଥ ମୁନି ଗୁଜରାଟ ଜାଏଣ୍ଟ୍ସ ଏବଂ ଏଲିସା ହିଲି ୟୁପି ୱାରିଅର୍ଜ ଦଳର ଅଧିନାୟିକା ମନୋନୀତ ହୋଇ ସାରିଛନ୍ତି। ମୁମ୍ବାଇରେ ଏକ ସ୍ୱତନ୍ତ୍ର ଉତ୍ସବରେ ଲାନିଂଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ଘୋଷଣା କରାଗଲା ବେଳେ ଏହା ମୋ ପାଇଁ ଏକ ଗୌରବର ମୁହୂର୍ତ୍ତ ବୋଲି କହିଥିଲେ। ଅଷ୍ଟ୍ରେଲିଆ ତରଫରୁ ଲାନିଂ ୧୩୨ ଅନ୍ତର୍ଜାତୀୟ ଟି୨୦ ଖେଳି ୩୪୦୫ ରନ ସଂଗ୍ରହ କରିଛନ୍ତି। ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହେଉଥିବା ବେଳେ ସେ ଗୁରୁବାର ସକାଳେ ଆସି ଏଠାରେ ପହଞ୍ଚିଛନ୍ତି। ପ୍ରତିଯୋଗିତାରେ ଦିଲ୍ଲୀ କ୍ୟାପିଟାଲ୍ସ ରବିବାର ଏହାର ପ୍ରଥମ ମ୍ୟାଚ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ବିପକ୍ଷରେ ବ୍ରାବୋର୍ନ ଷ୍ଟାଡିୟମରେ ଖେଳିବ। ଅନ୍ୟପକ୍ଷରେ ଗତ ଟି୨୦ ବିଶ୍ୱକପ୍‌ରେ ୨୨ବର୍ଷୀୟା ଜେମିମା ଭାରତ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭାରତ ସେମିଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ଭାରତ ଓପନର ଶେଫାଳି ବର୍ମା ମଧ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସ୍ଥାନ ପାଇଛନ୍ତି। 'ଦି ହଣ୍ଡ୍ରେଡ୍'ର ଦୁଇଥର ଟାଇଟଲ ବିଜେତା ଜୋନାଥନ ବାଟି ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍ ଦାୟିତ୍ୱରେ ରହିଥିବା ବେଳେ ଇଂଲଣ୍ଡ ମୁଖ୍ୟ କୋଚ୍ ଲିସା ନାଇଟ୍‌ଲି ଓ ପୂର୍ବତନ ଭାରତ ଖେଳାଳି ଓ ଚୟନକର୍ତ୍ତା ହେମଲତା କାଲା ସହକାରୀ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଭାରତୀୟ ମହିଳା ଦଳ ସହ କାର୍ଯ୍ୟ କରିଥିବା ବିଜୁ ଜର୍ଜ ଫିଲ୍ଡିଂ କୋଚ୍ ମନୋନୀତ ହୋଇଛନ୍ତି।

# ୩୭୨ ରନ ପଛରେ ମଧ୍ୟପ୍ରଦେଶ

ଗ୍ୱାଲିୟର,୨।୩

ଗ୍ୱାଲିୟରର କ୍ୟାପଟେନ୍ ରୁପ୍ ସିଂ ଷ୍ଟାଡିୟମରେ ଖେଳା ଯାଇଥିବା ଇରାନୀ କପ୍ ମୁକାବିଲାରେ ଅବଶିଷ୍ଟ ଭାରତ ଦୃଢ଼ ସ୍ଥିତିରେ ରହିଛି। ୨୦୨୧-୨୨ ସିଜନର ରଣଜୀ ଟ୍ରଫି ଚାମ୍ପିୟନ ମଧ୍ୟପ୍ରଦେଶ ଓ ଅବଶିଷ୍ଟ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଦ୍ୱିତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ମଧ୍ୟପ୍ରଦେଶ ୩ ଉଇକେଟରେ ୧୧୨ ରନ୍ କରିବା ସହିତ ୩୭୨ ରନ୍ ପଛରେ ରହିଛି। ଅବଶିଷ୍ଟ ଭାରତ

**ଇରାନୀ କପ୍**

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୮୧/୩ରୁ ଖେଳ ଆରମ୍ଭ କରି ୪୮୪ ରନରେ ସମସ୍ତ ଉଇକେଟ ହରାଇଥିଲା। ୟଶ୍ ଧୁଲ୍ ୫୫ ରନ୍ ଓ ବାବା ଇନ୍ଦ୍ରଜିତ ୧୯ ରନ୍ କରିଥିବା ବେଳେ ଅବଶିଷ୍ଟ ଭାରତ ୪୮୪ରେ ପହଞ୍ଚିଥିଲା। ମଧ୍ୟପ୍ରଦେଶ ପକ୍ଷରୁ ଆଭେଶ ଖାନ୍ ୪, ଅନୁଭବ ଅଗ୍ରୱାଲ ଓ କୁମାର କାର୍ତ୍ତିକେୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ମଧ୍ୟପ୍ରଦେଶର ଆରମ୍ଭ ଅତ୍ୟନ୍ତ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ନବଦୀପ ସୈନି ଓ ମୁକେଶ କୁମାରଙ୍କ ଘାତକ ବୋଲିଂ କାରଣରୁ ମଧ୍ୟପ୍ରଦେଶ ୧୫ ରନ୍‌ରେ ୩ ଉଇକେଟ ହରାଇଥିଲା। ଅଧିନାୟକ ହିମାଂଶୁ ମନ୍ତ୍ରୀ(୧), ଅରହମ୍ ଆକ୍ୱିଲ(୦) ଓ ଶୁଭମ ଶର୍ମା(୪) ପ୍ୟାଭିଲିୟନ୍ ଫେରିଥିଲେ। ୟଶ ଦୁବେ(୫୩*) ଓ ହରିଶ ଗାୱ୍ଲି(୪୭*) ଚତୁର୍ଥ ଉଇକେଟରେ ଅବିଭାଜିତ ୯୭ ରନ୍ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ୟଶ ୧୧୦ ବଲ୍ ଖେଳି ୧୧ ଚୌକା ମାରିଥିବା ବେଳେ ହରିଶ ୧୨୫ ବଲ୍ ଖେଳି ୮ ଚୌକା ସହ ବ୍ୟାଟିଂ କରୁଛନ୍ତି।



ଅର୍ଦ୍ଧଶତକ ହାସଲ କରିବା ପରେ ୟଶ ଧୂଲ।

### ସଂକ୍ଷିପ୍ତ ସ୍କୋର

ଅବଶିଷ୍ଟ ଭାରତ ପ୍ରଥମ ଇନିଂସ - ୪୮୪ (ୟଶସ୍ୱୀ ଜୟସ୍ୱାଲ-୨୧୩, ଅଭିମନ୍ୟୁ ଈଶ୍ୱରନ୍-୧୫୪, ୟଶ ଧୂଲ-୫୫, ଆଭେଶ୍ ଖାନ୍-୪/୭୪। ମଧ୍ୟପ୍ରଦେଶ ପ୍ରଥମ ଇନିଂସ-୧୧୨/୩ (ୟଶ ଦୁବେ-୫୩*, ହରିଶ ଗାୱ୍ଲି-୪୭*, ନବଦୀପ ସୈନି-୨/୧୫, ମୁକେଶ କୁମାର-୧/୨୭)।

# ସର୍ବଭାରତୀୟ ଭବିଷ୍ୟନିଧି ଆଥ୍‌ଲେଟିକ, ଇନ୍‌ଡୋର କ୍ରୀଡ଼ା ଉଦ୍‌ଘାଟିତ

ଭୁବନେଶ୍ୱର, ୨।୩
(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଗୁରୁବାର କର୍ମଚାରୀ ଭବିଷ୍ୟନିଧି ସଂଗଠନର ସର୍ବଭାରତୀୟ ଆଥ୍‌ଲେଟିକ ଓ ଇନ୍‌ଡୋର କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳକୁ ମିଶାଇ ଦେଶର ବିଭିନ୍ନ ରାଜ୍ୟରୁ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ରାଜ୍ୟ ଭବିଷ୍ୟନିଧି ସଂଗଠନର ମୁଖ୍ୟ ଅତିରିକ୍ତ ଭବିଷ୍ୟନିଧି ଆୟୁକ୍ତ ପି. ବୀରଭଦ୍ର ସ୍ୱାମୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସଂହତି ଓ ପରସ୍ପର ମଧ୍ୟରେ ଭାବ ବିନିମୟରେ କ୍ରୀଡ଼ା ଏକ ମାଧ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତ ଗୌରବ ମହାନ୍ତି, ସହକାରୀ ଭବିଷ୍ୟନିଧି ଆୟୁକ୍ତ ସଞ୍ଜୟ କୁମାର ରଥ, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ବିକ୍ରମ ସିଂ ତୋମାର ପ୍ରମୁଖ ଉପସ୍ଥିତ ଥିଲେ। ଭବିଷ୍ୟନିଧି ସଂଗଠନର ପତାକା ଉତ୍ତୋଳନ କରାଯିବା ପରେ ଓଡ଼ିଶାର ଦେବୀ ପ୍ରସାଦ ପୁହାଣ ଖେଳାଳିଙ୍କ ପକ୍ଷରୁ ଶପଥ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କିସ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ କରାଯାଇଥିଲା। କ୍ରମାନୁସାରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଓ ମ୍ୟାନେଜର ଉକ୍ତ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଶାନ୍ତିର ବାର୍ତ୍ତା ପ୍ରଦାନ ନିମନ୍ତେ କପୋତ ଉଡାଣ କରାଯାଇଥିଲା। ଭୁବନେଶ୍ୱରର ଆଞ୍ଚଳିକ କ୍ରୀଡ଼ା ପ୍ରୋତ୍ସାହକ ପରିଷଦ (ଆରଏସ୍‌ପିବି) ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ପରିଚାଳନାରେ ଅରବିନ୍ଦ ପ୍ରଧାନ, ମୌସୁମିଲତା ପାଢ଼ୀ, ସୁବ୍ରତ ବିଶ୍ୱାସ, ସହକାରୀ ଭବିଷ୍ୟନିଧି ଆୟୁକ୍ତ ପ୍ରମୁଖ ସହଯୋଗ କରିଥିଲେ। ପ୍ରବର୍ତ୍ତନ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ ଓ ମିନତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଚିତ୍ତରଞ୍ଜନ ସ୍ୱାଇଁ, ମିହିର କୁମାର ସାହୁ, ମନୋରଞ୍ଜନ ମହାପାତ୍ର, ବିଭୁଦତ୍ତ ରଥ, ରଞ୍ଜନ କୁମାର ପଣ୍ଡା, ସୁବାସ ଚନ୍ଦ୍ର ବଟ ପ୍ରମୁଖ ବରିଷ୍ଠ ପ୍ରବର୍ତ୍ତନ ଅଧିକାରୀମାନେ ସହଯୋଗ କରିଥିଲେ। ଉନ୍ନତ ମାନର କ୍ରୀଡ଼ା ଭିତ୍ତିଭୂମି ଯୋଗାଇ ଦେଇଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ଭାଇସ ଚାନ୍ସେଲର ସସ୍ମିତା ସାମନ୍ତ ଓ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ଇପିଏଫ୍‌ଓ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ